ଧରିତ୍ରୀ 52 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୮/୨୦୨୬ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 28/2026 Page 16 ₹ 7.00
୫୨ଶ ଭାଗ ୧୨୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 122 ମୂଲ୍ୟ₹୭/-



## ହାର୍ଦ୍ଦିକଙ୍କୁ ହକି ଇଣ୍ଡିଆ ପୁରସ୍କାର
ହକି ଇଣ୍ଡିଆ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଜିତିଛନ୍ତି ଭାରତର ଷ୍ଟାର ମିଡ୍‌ଫିଲ୍ଡର ହାର୍ଦ୍ଦିକ ସିଂ।

୧୬

୦୨

## ପ୍ରଶଂସକଙ୍କୁ ରାମ ଚରଣଙ୍କ ଉପହାର
ରାମ ନବମୀରେ ସୁପରଷ୍ଟାର ରାମ ଚରଣଙ୍କ ଅଭିନୀତ ବିଗ୍ ବଜେଟ ଫିଲ୍ମ 'ପେଡ୍ଡି ପହଲୱାନ'ର ପ୍ରଥମ ଝଲକ ରିଲିଜ ହୋଇଛି।






ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟରମାନଙ୍କୁ ସଚେତନ କରିବା ପାଇଁ ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ଶୁକ୍ରବାର ହାଓଡା ବ୍ରିଜ୍‌ରେ ଆୟୋଜିତ ସାଇକେଲ ଶୋଭାଯାତ୍ରାରେ ଛାତ୍ରୀମାନେ ଭାଗନେଇଛନ୍ତି।

# ୧ ଡଲାର=୯୪.୮୨ ଟଙ୍କା

**ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ଯୁଦ୍ଧ ସ୍ଥିତି ଯୋଗୁ ଅଶୋଧିତ ତୈଳ ମୂଲ୍ୟ ବଢ଼ିବାରେ ଲାଗିଛି। ଭାରତ ପ୍ରାୟ ୯୦ ପ୍ରତିଶତ ଅଶୋଧିତ ତୈଳ ଆମଦାନୀ କରୁଛି। ଅନ୍ୟପକ୍ଷରେ ରପ୍ତାନି ବଢ଼ୁ ନ ଥିବାରୁ ଭାରତରେ ବାଣିଜ୍ୟ ନିଅଣ୍ଟ ଦେଖାଦେଉଛି। ବର୍ତ୍ତମାନର ଭୂରାଜନୈତିକ ସ୍ଥିତି ଅସ୍ଥିର ଥିବାରୁ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଘରୋଇ ପୁଞ୍ଜିବଜାରରୁ ଅର୍ଥ ଉଠାଣ କରିଚାଲିଛନ୍ତି। ଫଳରେ ଭାରତୀୟ ମୁଦ୍ରା ଦୁର୍ବଳ ହେବାରେ ଲାଗିଛି। ଶୁକ୍ରବାର ଇଣ୍ଟରବ୍ୟାଙ୍କ ଫରେକ୍ସ ଏକ୍ସଚେଞ୍ଜରେ କାରବାର ବେଳେ ଟଙ୍କା ଡଲାର ତୁଳନାରେ ଏକସଙ୍ଗେ ୮୬ ପଇସା ଦୁର୍ବଳ ହୋଇଛି। ଫଳରେ ଡଲାର ତୁଳନାରେ ଏହାର ବିନିମୟ ମୂଲ୍ୟ ୯୪ ଟଙ୍କା ୮୨ ପଇସାରେ ପହଞ୍ଚି ସର୍ବକାଳୀନ ନିମ୍ନସ୍ତରକୁ ଆସିଯାଇଛି।**

### ଆହୁରି ୮୬ ପଇସା ଦୁର୍ବଳ ହେଲା

**ମୁମ୍ବାଇ,୨୭।୩(ପି.ଟି.)**

ପଶ୍ଚିମ ଏସିଆ ସଂଘର୍ଷକୁ ନେଇ ଅଶୋଧିତ ତୈଳ ଦର ବୃଦ୍ଧି ସହ ଭୂରାଜନୈତିକ ଅନିଶ୍ଚିତତା ଆମେରିକୀୟ ଡଲାରକୁ ମଜଭୁତ କରିଥିବାବେଳେ ଏହା ତୁଳନାରେ ଭାରତୀୟ ମୁଦ୍ରା ଅଧିକରୁ ଅଧିକ ଦୁର୍ବଳ ହେବାରେ ଲାଗିଛି। ଇଣ୍ଟରବ୍ୟାଙ୍କ ଫରେକ୍ସ ଏକ୍ସଚେଞ୍ଜରେ ଶୁକ୍ରବାର କାରବାରବେଳେ ଟଙ୍କା ୮୬ ପଇସା ଦୁର୍ବଳ ହୋଇଛି। ଡଲାର ତୁଳନାରେ ଏହାର ବିନିମୟ ମୂଲ୍ୟ ୯୪.୮୨ ପଇସା ରହିଛି।

ଘରୋଇ ଶେୟାର ବଜାର ଶୁକ୍ରବାର ପୁଣି କ୍ରାଶ୍ କରିଛି। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ମାନେ ବଜାରରୁ ମୁହଁ ଫେରାଇ ପୁଞ୍ଜି ପ୍ରତ୍ୟାହାର କରିବାରେ ଲାଗିଥିବାରୁ ଶେୟାର ମାର୍କେଟ ସମେତ ସ୍ଥାନୀୟ ମୁଦ୍ରା ଚାପଗ୍ରସ୍ତ ହୋଇଛି ବୋଲି ଫରେକ୍ସ ଟ୍ରେଡର୍ସ ମତ ଦେଇଛନ୍ତି।

ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଟଙ୍କା ୯୪.୧୮ରେ ଖୋଲିବା ପରେ ପ୍ରଥମ ଥର ୯୪.୫୦କୁ ଖସିଥିଲା। କାରବାର ଶେଷ ବେଳକୁ ଏହା ୯୪.୮୨ରେ ବନ୍ଦ ହୋଇଥିଲା, ଯାହାକି ପୂର୍ବ କ୍ଲୋଜ୍ ତୁଳନାରେ ୮୬ ପଇସା ଦୁର୍ବଳ। ବୁଧବାର ସେସନ୍‌ରେ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୯୩.୯୬ ଟଙ୍କା ରହିଥିଲା। ଗୁରୁବାର ରାମନବମୀ ଥିବାରୁ ଶେୟାର ମାର୍କେଟ ଓ କମୋଡିଟି ମାର୍କେଟ ବନ୍ଦ ରହିଥିଲା। ସମ୍ପ୍ରତି ଅନ୍ତର୍ଜାତୀୟ ତୈଳ ବଜାରରେ ବ୍ରେଣ୍ଟ କ୍ରୁଡ୍ ବ୍ୟାରେଲ ପିଛା ୧୦୯.୮ ଆମେରିକୀୟ ଡଲାର ରହିଛି। ସେନ୍‌ସେକ୍ସ ୧,୬୯୦.୨୩ ପଏଣ୍ଟ (୨.୨୫%) ହ୍ରାସ ପାଇ ୭୩,୫୮୩.୨୨କୁ ଖସିଛି। ସେହିପରି ନିଫ୍ଟି ୪୮୬.୮୫ ପଏଣ୍ଟ (୨.୦୯%) ହ୍ରାସ ସହ ୨୨,୮୧୯.୬୦କୁ ଖସିଯାଇଛି। ବୁଧବାର ସେସନ୍‌ରେ ଏଫ୍‌ଆଇଆଇ ୧,୮୦୫.୩୭ କୋଟି ଟଙ୍କାର ଇକ୍ୱିଟି ବିକ୍ରି କରିଥିବା ଏକ୍ସଚେଞ୍ଜ ତଥ୍ୟରୁ ଜଣାପଡ଼ିଛି।

# ଆଜିଠୁ ଆଇପିଏଲ୍

## ଆର୍‌ସିବି-ସନ୍‌ରାଇଜର୍ସ ଉଦ୍‌ଘାଟନୀ ମ୍ୟାଚ୍

**ବେଙ୍ଗାଲୁରୁ, ୨୭।୩**

ଅନ୍ତର୍ଜାତୀୟ ଟି୨୦ରେ ସବୁଠାରୁ ବ୍ୟୟବହୁଳ ଲିଗ୍ ଆଇପିଏଲ୍ (ଇଣ୍ଡିଆନ ପ୍ରିମିୟର ଲିଗ୍)ର ୧୯ଶ ସଂସ୍କରଣ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହା ମେ' ୩୧ ପର୍ଯ୍ୟନ୍ତ ଚାଲିବ। ଅଂଶଗ୍ରହଣକାରୀ ୧୦ଟି ଦଳକୁ ନେଇ ମୋଟ ୭୪ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଫ୍ରାଞ୍ଚାଇଜ୍‌ଭିତ୍ତିକ ଏହି ଲିଗ୍‌ର ମ୍ୟାଚ୍‌ଗୁଡ଼ିକ ବେଙ୍ଗାଲୁରୁ, ଅହମଦାବାଦ, ଚେନ୍ନାଇ, ଦିଲ୍ଲୀ, ଧର୍ମଶାଳା, ଗୁଆହାଟୀ, ହାଇଦ୍ରାବାଦ, ଜୟପୁର, କୋଲକାତା, ଲକ୍ଷ୍ନୌ, ମୁଲାନପୁର, ମୁମ୍ବାଇ ଓ ରାୟପୁର ଆଦି ୧୩ ଭେନ୍ୟୁରେ ଅନୁଷ୍ଠିତ ହେବ। ଡିଫେଣ୍ଡିଂ ଚାମ୍ପିୟନ ରୟାଲ




ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ୨୦୧୬ ଚାମ୍ପିୟନ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହେବ। ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ନେତାଙ୍କୁ ଅନୁସରଣ

# ସମନ୍ୱୟ ରଖି ସଙ୍କଟ ମୁକାବିଲା ପାଇଁ ଆହ୍ୱାନ

## ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା

**ନୂଆଦିଲ୍ଲୀ,୨୭।୩**

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ସୃଷ୍ଟି ହୋଇଥିବା ଇନ୍ଧନ ସଙ୍କଟର ମୁକାବିଲା ପାଇଁ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ସରକାର ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଆହ୍ୱାନ ଜଣାଇଛନ୍ତି। ଯୁଦ୍ଧ ଯୋଗୁ ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଇନ୍ଧନ ପରିବହନ ବାଧାପ୍ରାପ୍ତ ହୋଇଥିବାରୁ ଭାରତରେ ଉର୍ଜା କ୍ଷେତ୍ରର ସୁରକ୍ଷା ଏବଂ ଯୋଗାଣ ଶୃଙ୍ଖଳକୁ ନେଇ ସମସ୍ୟା ଦେଖାଯାଇଛି। ତେବେ ଏହି ସମସ୍ୟାର ସମାଧାନ ପାଇଁ ଆମକୁ 'ଟିମ୍ ଇଣ୍ଡିଆ' ସଙ୍କଳ୍ପ ନେଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମୋଦି କହିଛନ୍ତି। ଶୁକ୍ରବାର ଆଭାସି ମାଧ୍ୟମରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଉପରାଜ୍ୟପାଳଙ୍କ ସହ ମୋଦି ଆଲୋଚନା କରି କହିଛନ୍ତି, କରୋନା କାଳରେ ମହାମାରୀ ବେଳେ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟ ସମନ୍ୱୟ ରଖି କାର୍ଯ୍ୟ କରି ଘୋର ବିପତ୍ତିକୁ ମୁକାବିଲା କରିଥିଲେ। ଏବେ ମଧ୍ୟ ସେହି ଢାଞ୍ଚାରେ କାର୍ଯ୍ୟ କରିବାକୁ ପଡ଼ିବ। ସାମ୍ପ୍ରତିକ ସ୍ଥିତିରେ ଇନ୍ଧନ ଯୋଗାଣକୁ ନିଶ୍ଚିତ କରିବାକୁ କେନ୍ଦ୍ର ସରକାର ସବୁ ଦିଗକୁ ଦୃଷ୍ଟି ଦେଇ କାର୍ଯ୍ୟ କରୁଛନ୍ତି। ତେବେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟ କେନ୍ଦ୍ର ସରକାରଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରିବା ଉଚିତ। ପେଟ୍ରୋଲିୟମଜାତ ସାମଗ୍ରୀର ଉଚିତ ବ୍ୟବହାରକୁ ଗୁରୁତ୍ୱ ଦେବା ସହ କୌଣସି ସ୍ତରରେ ଭୁଲ୍ ତଥ୍ୟ କିମ୍ବା ଗୁଜବ ପ୍ରଚାରକୁ ଦୃଢ଼ହସ୍ତରେ ଦମନ କରିବାକୁ ପଡ଼ିବ। ସେହିପରି କଳାବଜାର ପ୍ରତି ମଧ୍ୟ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିବ। କେନ୍ଦ୍ର ☞ପୃଷ୍ଠା-୪

### ମୋଦିଙ୍କ ନେତୃତ୍ୱରେ ବୈଶ୍ୱିକ ଆହ୍ୱାନର ମୁକାବିଲା ଲାଗି ଦେଶ ସକ୍ଷମ: ମୋହନ

**ଭୁବନେଶ୍ୱର,୨୭।୩ (ରବିନାରାୟଣ ଜେନା)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଅଧୀନରେ ଭାରତ ଆତ୍ମବିଶ୍ୱାସ ଓ ସ୍ୱଷ୍ଟତାର ଅଭୂତପୂର୍ବ ବୈଶ୍ୱିକ ଆହ୍ୱାନଗୁଡ଼ିକର ମୁକାବିଲା କରିବାରେ ସକ୍ଷମ ବୋଲି ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଶଂସା କରିଛନ୍ତି। ପଶ୍ଚିମ ଏସିଆ ସଂଘର୍ଷ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦି ମୁଖ୍ୟମନ୍ତ୍ରୀମାନଙ୍କ ସହ ଭାବ ବିନିମୟ କରିବା ସହିତ ସ୍ଥିତି ସମୀକ୍ଷା କରିଛନ୍ତି। ☞ପୃଷ୍ଠା-୪

# ୪ ରାଜ୍ୟରେ ଖୋଲିବ ନୂଆ ଓଡ଼ିଶା ଭବନ

**ଭୁବନେଶ୍ୱର,୨୭।୩(ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ୪ଟି ରାଜ୍ୟରେ ନୂତନ ଓଡ଼ିଶା ଭବନ ଖୋଲିବାର ପ୍ରସ୍ତାବ ରହିଛି। ଏନେଇ ଗୃହ ବିଭାଗ ପକ୍ଷରୁ ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ତେଲଙ୍ଗାନା ଓ ଗୁଜରାଟ ସରକାରଙ୍କୁ ପତ୍ର ଲେଖି ଅନୁରୋଧ କରାଯାଇଛି ବୋଲି ଗୃହବିଭାଗର ବାର୍ଷିକ ରିପୋର୍ଟରେ କୁହାଯାଇଛି। ରିପୋର୍ଟ ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା, ଉତ୍ତରପ୍ରଦେଶର ଅଯୋଧ୍ୟ କିମ୍ବା ପ୍ରୟାଗରାଜ, ତେଲଙ୍ଗାନାର ହାଇଦ୍ରାବାଦ୍ ଏବଂ ଗୁଜରାଟର ସୁରଟଠାରେ ଓଡ଼ିଶା ଭବନ ଖୋଲିବା ପାଇଁ ଜମି ଯୋଗାଇବାକୁ ଅନୁରୋଧ କରାଯାଇଛି। ଏହାବ୍ୟତୀତ ମୁମ୍ବାଇରେ ଦ୍ୱିତୀୟ ଓଡ଼ିଶା ଭବନ ନିର୍ମାଣ ପାଇଁ ଜମି ଯୋଗାଇବାକୁ ମହାରାଷ୍ଟ୍ର ସରକାରଙ୍କୁ ମଧ୍ୟ ଅନୁରୋଧ କରାଯାଇଛି। ସେହିପରି କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ ବେଙ୍ଗାଲୁରୁଠାରେ ଓଡ଼ିଶା ଭବନ ନିର୍ମାଣ ପାଇଁ ସାମ୍ପିକେହଲ୍ଲୀର ଅର୍କବତୀ ଲେ-ଆଉଟ୍‌ର ତୃତୀୟ ବ୍ଲକରେ ୩,୭୪୮.୫୦ ବର୍ଗମିଟର ଜମି ରାଜ୍ୟ ସରକାରଙ୍କୁ ଲିଜ୍ ସୂତ୍ରରେ ମିଳିଛି। ଏହାର ଅବଧି ୩୦ବର୍ଷ ପାଇଁ ରହିଛି। ଏହି ଭବନର ଜମି କ୍ରୟ ବାବଦକୁ ୩କୋଟି ୯୮ଲକ୍ଷ ୧୦ହଜାର ୯୪ଟଙ୍କା ସରକାର ପ୍ରଦାନ କରିଛନ୍ତି। ଭବନ ନିର୍ମାଣ ପାଇଁ ୨୭କୋଟି ୬୨ଲକ୍ଷ ୩୨ହଜାର ୯୯୭ଟଙ୍କାର ପ୍ରଶାସନିକ ଅନୁମୋଦନ ରାଜ୍ୟ ସରକାର ଦେଇଛନ୍ତି। ଏହାର ନିର୍ମାଣ କାର୍ଯ୍ୟ ଓଡ଼ିଶା ପୋଲିସ ହାଉସିଂ କର୍ପୋରେଶନ କରିବ। ରିପୋର୍ଟ ଅନୁଯାୟୀ, ଦିଲ୍ଲୀ, ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇଠାରେ ଓଡ଼ିଶା ଭବନ ରହିଛି। ଏହି ଭବନରେ ଗୁଣବତ୍ତା ବୃଦ୍ଧି ଲାଗି ଇ-ଭବନ ପୋର୍ଟାଲ ଆପ୍ ଖୋଲାଯାଇ ଅତିଥିମାନଙ୍କଠାରୁ ମତାମତ ସଂଗ୍ରହ କରାଯାଉଛି। ରାଜ୍ୟ ଅତିଥି ଭବନରେ ୯୫ଟି ଡବଲ୍ ବେଡ୍ ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠ ରହିଛି। ଏହାବାଦ୍ ପୁରୁଣା କମ୍ପ୍ଲେକ୍ସ କୋଠାରେ ଗୋଟିଏ ଭିଭିଆଇପି ପ୍ରକୋଷ୍ଠ, ୧୦ଟି ଭିଆଇପି ପ୍ରକୋଷ୍ଠ ଏବଂ ୨୮ଟି ଡିଲକ୍ସ ପ୍ରକୋଷ୍ଠ ରହିଛି। ଏହାସହିତ ନୂତନ ଆନେକ୍ସ ବିଲ୍ଡିଂରେ ୧୫ଟି ଭିଆଇପି ଓ ୪୧ଟି ଡିଲକ୍ସ ରୁମ୍ ରହିଥିବା ରିପୋର୍ଟରୁ ଜଣାଯାଇଛି।

SIKSHA 'O' ANUSANDHAN
SAAT-2026
Empowering students for a brighter future
LAW PROGRAMMES
■ B.A. LL.B. (H) - Integrated
■ BBA LL.B. (H) - Integrated
■ LL.B. (H) - 3 Years
■ LL.M. - 1 Year
APPROVAL & RECOGNITIONS
■ Approved by UGC and BCI
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
NIRF INDIA RANKINGS 2025
■ 10th Best in Law Category
■ 15th Best in University Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in

# ବିବାହିତ ପୁରୁଷ, ସହମତ ମହିଳାଙ୍କ ଲିଭ୍-ଇନ୍ ସମ୍ପର୍କ ଅପରାଧ ନୁହେଁ: ହାଇକୋର୍ଟ

**ପ୍ରୟାଗରାଜ,୨୭।୩(ପି.ଟି.)**

ଜଣେ ବିବାହିତ ପୁରୁଷ ଓ ଜଣେ ପ୍ରାପ୍ତ ବୟସ୍କା ମହିଳା ସହମତି ଭିତ୍ତିରେ ଲିଭ୍-ଇନ୍ ସମ୍ପର୍କରେ ରହିଲେ ତାହା ଆଇନ ଅନୁଯାୟୀ ଅପରାଧ ପଦବାଚ୍ୟ ହେବନାହିଁ ବୋଲି ଆଲ୍ଲାହାବାଦ ହାଇକୋର୍ଟ ଶୁକ୍ରବାର ରାୟ ଦେଇଛନ୍ତି। ଆଲୋଚ୍ୟ ମାମଲାରେ ଜଷ୍ଟିସ୍ ଜେ.ଜେ. ମୁନିର ଏବଂ ତରୁଣ ସକ୍ସେନାଙ୍କ ଖଣ୍ଡପୀଠ ୨ ଜଣ ଆବେଦନକାରୀଙ୍କୁ ଗିରଫଦାରିରୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ବିବାହିତ ପୁରୁଷ ଜଣକ ପ୍ରାପ୍ତବୟସ୍କା ମହିଳାଙ୍କ ସହମତି



ନେଇ ତାଙ୍କ ସହ ଲିଭ୍-ଇନ୍ ସମ୍ପର୍କ ରଖିଥିବାରୁ ସେମାନଙ୍କୁ ଗିରଫ କରାଯାଇପାରିବ ନାହିଁ। ନୈତିକତା ଓ ଆଇନକୁ ପୃଥକ୍ ରଖାଯିବା ଆବଶ୍ୟକ। ଆଇନ ଅନୁସାରେ ଯଦି କୌଣସି କାର୍ଯ୍ୟ ଅପରାଧ ନୁହେଁ ତେବେ ସାମାଜିକ ମତାମତ ଓ ନୈତିକତା କୋର୍ଟଙ୍କୁ ପଥପ୍ରଦର୍ଶନ କରିପାରିବ ନାହିଁ। ଏହି ମାମଲାରେ ମହିଳାଙ୍କ ମା' ଏଫ୍‌ଆଇଆର୍‌ରେ ଉଲ୍ଲେଖ କରିଥିଲେ, ତାଙ୍କ ୧୮ ବର୍ଷୀୟା ଝିଅଙ୍କୁ ଜଣେ ପୁରୁଷ ନେଇଯାଇଛନ୍ତି। ତେବେ ଉତ୍ତର ପ୍ରଦେଶର ଶାହଜାହାନପୁର ଏସ୍‌ପିଙ୍କ ନିକଟରେ ମହିଳା ଜଣକ ଦାଖଲ କରିଥିବା ଆବେଦନ ଅନୁସାରେ ସେ ଜଣେ ପ୍ରାପ୍ତବୟସ୍କା ଏବଂ ସମ୍ପୃକ୍ତ ପୁରୁଷଙ୍କ ସହ ସେ ସ୍ୱଇଚ୍ଛାରେ ଲିଭ୍-ଇନ୍ ସମ୍ପର୍କରେ ରହୁଛନ୍ତି। ଏଥିରେ ସେ ଆହୁରି ଅଭିଯୋଗ ଆଣିଥିଲେ ଯେ ତାଙ୍କ ପରିବାର ଲୋକେ ଏହି ସମ୍ପର୍କକୁ ବିରୋଧ କରି ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି। ସେ ଅନର କିଲିଂର ଶିକାର ହେବା ଆଶଙ୍କା କରୁଥିବାବେଳେ ତାଙ୍କ ଅଭିଯୋଗ ଉପରେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଖଣ୍ଡପୀଠ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଜବାବୀ ସତ୍ୟପାଠ ଦାଖଲ କରିବାକୁ ୨ ସପ୍ତାହ ସମୟ ଦେଇଛନ୍ତି। ଆସନ୍ତା ୮ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ। ଅନ୍ୟାଦେଶ ଜାରି ହେବା ପର୍ଯ୍ୟନ୍ତ ଆବେଦନକାରୀ ଦ୍ୱୟଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।



ଶ୍ରୀନଗର-ଲେହ୍ ଜାତୀୟ ରାଜପଥରେ ଶୁକ୍ରବାର ହିମସ୍ଖଳନ ଘଟି ରାସ୍ତା ବନ୍ଦ ହୋଇଯାଇଥିବାରୁ ବରଫ ସଫେଇ କାର୍ଯ୍ୟ ଚାଲିଛି।

# ହିମସ୍ଖଳନରେ ୭ ମୃତ, ୫ ଆହତ

**ଶ୍ରୀନଗର,୨୭।୩**

ଶ୍ରୀନଗର ଓ ଲେହ ଜାତୀୟ ରାଜପଥରେ ଶୁକ୍ରବାର ହିମସ୍ଖଳନ ହେବା ଯୋଗୁ ୭ ଜଣଙ୍କ ମୃତ୍ୟୁ ହେବା ସହ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଏହାଛଡ଼ା ଏହି ରାଜପଥ ଦେଇ ଯାଉଥିବା ୧୫ରୁ ଅଧିକ ଗାଡି ବରଫ ତଳେ ପୋତି ହୋଇଯାଇଛି। ଏହି ରାଜପଥର ଜୋଜିଲା ନିକଟସ୍ଥ ଜିରୋ ପଏଣ୍ଟ ଏବଂ ମିନିମାର୍ଗ ମଧ୍ୟରେ ଶୁକ୍ରବାର ଅଚାନକ ହିମସ୍ଖଳନ ହେବାରୁ ଅନେକ ଗାଡି ବରଫ ତଳେ ପୋତି ହୋଇଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ କାର୍ଗିଲ ଏସ୍‌ଏସ୍‌ପି ଓ ଡିସି ଉଦ୍ଧାରକାରୀ ଦଳ ସହ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଲାଦାଖ ଲିୟୁଟ୍‌ନାଣ୍ଟ ଗଭର୍ନର ଭି.କେ. ସାକ୍ସେନା ଘଟଣାର ତଦାରଖ କରିବା ସହ ସମ୍ପୃକ୍ତ ଅଞ୍ଚଳରେ ସରକାରୀ ଅଧିକାରୀ ଏବଂ ବିଆର୍‌ଓକୁ ସତର୍କ କରି ଦିଆଯାଇଥିବା କୁହାଯାଇଛି। ହିମସ୍ଖଳନ ଯୋଗୁ ଏବେ ଶ୍ରୀନଗର-ଲେହ ଜାତୀୟ ରାଜପଥ ନଂ୧ରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଉଭୟ ପଟେ ଅନେକ ସଂଖ୍ୟାରେ ଗାଡି ଅଟକି ରହିଛି। ସ୍ଥିତି ସ୍ୱାଭାବିକ କରିବା ଲାଗି ସ୍ଥାନୀୟ ପ୍ରଶାସନ ପକ୍ଷରୁ ରାସ୍ତାରୁ ବରଫ ହଟାଇବା କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି।

# ସରକାରୀ କୋଠା ମାଡ଼ିବସିଥିଲେ ୪୦ ଗୁଣା ଲାଇସେନ୍ସ ଫି

**ନୂଆଦିଲ୍ଲୀ,୨୭।୩(ପି.ଟି.)**

**ଲୋକ ସଭାରେ ଜନ ବିଶ୍ୱାସ ବିଲ୍ ଆଗତ**

ଲୋକ ସଭାରେ ଶୁକ୍ରବାର ଜନ ବିଶ୍ୱାସ (ନିୟମ ସଂଶୋଧନ) ବିଧେୟକ, ୨୦୨୬ ଆଗତ ହୋଇଛି। ସରକାରୀ କୋଠା ଉପରେ ଅନଧିକୃତ ଦଖଲ କରୁଥିବା ବ୍ୟକ୍ତିଙ୍କଠାରୁ ଉଚ୍ଚ ଜରିମାନା ଆଦାୟ କରାଯିବା ନେଇ ଏଥିରେ ପ୍ରସ୍ତାବ ରହିଛି। ବାଣିଜ୍ୟ ଓ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ ଏହି ବିଲ୍ ଉପସ୍ଥାପନ କରି କହିଛନ୍ତି, ଯଦି କୌଣସି ବ୍ୟକ୍ତି ସରକାରୀ କୋଠାକୁ ବେଆଇନ ଭାବେ ଜବରଦଖଲ କରିଥିବେ ତେବେ ପ୍ରଥମ ମାସରେ ତାଙ୍କୁ ୪୦ ଗୁଣ ପର୍ଯ୍ୟନ୍ତ ଲାଇସେନ୍ସ ଫି ପଇଠ କରିବାକୁ ପଡ଼ିବ। ଆବାସିକ ଉଲ୍ଲଂଘନକାରୀଙ୍କୁ ପରବର୍ତ୍ତୀ ମାସଗୁଡ଼ିକରେ ଅତିରିକ୍ତ ୧୦% ଅର୍ଥାତ୍ ୫୦ ପ୍ରତିଶତ ଜରିମାନା ଦେବାକୁ ପଡ଼ିବ। ଏପରି କି ଅଣଆବାସିକ ସରକାରୀ ଜମିକୁ ବେଦଖଲରେ ରଖିଥିବା ବ୍ୟକ୍ତିଙ୍କୁ ୬ ମାସ ପର୍ଯ୍ୟନ୍ତ ଜେଲ କିମ୍ବା ଜମି ମୂଲ୍ୟର ୫% ଜରିମାନା ପଇଠ କରିବାକୁ ପଡ଼ିବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ବିଧେୟକ ସଂସଦର ଉଭୟ ସଦନ ଲୋକ ସଭା ଓ ରାଜ୍ୟ ସଭାରେ ପାରିତ ହୋଇ ଆଇନରେ ପରିଣତ ହେଲେ ପୂର୍ବରୁ ପ୍ରଚଳିତ ହୋଇଆସୁଥିବା ପବ୍ଲିକ୍ ପ୍ରେମିସେସ୍ (ଏଭିକ୍ସନ ଅଫ୍ ଅନ୍‌ଅଥରାଇଜ୍‌ଡ ଅକୁପାଣ୍ଟ୍ସ) ଆକ୍ଟ, ୧୯୭୧ ସଂଶୋଧିତ ହେବ।

# ଟ୍ରମ୍ପଙ୍କ ପୁଣି ପଛଘୁଞ୍ଚା, ଇରାନ୍‌କୁ ଏପ୍ରିଲ ୬ କଟ୍ଅଫ୍

**ୱାଶିଂଟନ୍ / ତେହରାନ୍ ,୨୭।୩**

ଇରାନକୁ ପୁଣି ୧୦ ଦିନର ମହଲତ ଦେଇଛି ଆମେରିକା। ହର୍ମୁଜ୍ ଷ୍ଟ୍ରେଟ୍‌କୁ ମୁକ୍ତ କରିବା ଲାଗି ପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନକୁ ଦେଇଥିବା ୫ ଦିନିଆ ଅବଧି ଶୁକ୍ରବାର ଶେଷ ହୋଇଛି। ଏହାପରେ ଇରାନ୍ ପ୍ରତି ଆମେରିକା କି ଆଭିମୁଖ୍ୟ ଗ୍ରହଣ କରିବ ତାହାକୁ ନେଇ ଚର୍ଚ୍ଚା ବଢ଼ିଥିଲାବେଳେ ରାଷ୍ଟ୍ରପତି ଟ୍ରମ୍ପ୍ ଏହି ଅବଧିକୁ ଆଉ ୧୦ ଦିନ ବୃଦ୍ଧି କରିଛନ୍ତି। ଅର୍ଥାତ୍ ଏପ୍ରିଲ ୬ ପର୍ଯ୍ୟନ୍ତ ଆମେରିକା ଇରାନ୍‌ର କୌଣସି ପାୱାର୍ ଗ୍ରୀଡ୍ ଉପରେ ଆକ୍ରମଣ କରିବ ନାହିଁ । ତେବେ ଇରାନ୍‌ର ପାୱାର ପ୍ଲାଣ୍ଟଗୁଡିକୁ ବାଦ୍ ଦେଇ ଆମେରିକା ଏବଂ ଇସ୍ରାଏଲ ଏବେ ମଧ୍ୟ ଆକ୍ରମଣ ଜାରି ରଖିଛନ୍ତି। ଇସ୍ରାଏଲ ଶୁକ୍ରବାର ଇରାନ୍‌ର ଇଶଫାନ୍ ସହରର କେତେକ ଆବାସିକସ୍ଥଳ ଉପରେ ଆକ୍ରମଣ କରିବାରୁ ଶିଶୁଙ୍କ ସମେତ ୨୬ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ଆଗକୁ ଆକ୍ରମଣ ଆହୁରି ଜୋର୍‌ଦାର କରିବାକୁ ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ଧମକ ଦେଇଛନ୍ତି। ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନକୁ ପୁଣି କାହିଁକି ୧୦ ଦିନ ସମୟ ଦେଲେ ତାହାକୁ ନେଇ ସାମରିକ ବିଶେଷଜ୍ଞମାନଙ୍କ ମହଲରେ ଚିନ୍ତା ବଢ଼ିଛି। ଉଲ୍ଲେଖଯୋଗ୍ୟ, ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତିକୁ ନେଇ ଏବେ ହର୍ମୁଜ୍ ଷ୍ଟ୍ରେଟ୍ ସବୁଠୁ ଗୁରୁତ୍ୱବହନ କରିବା ସହ ଏକ ଚର୍ଚ୍ଚିତ ପ୍ରସଙ୍ଗ ପାଲଟିଛି। ନିଜର ଶତ୍ରୁ ରାଷ୍ଟ୍ର ଆମେରିକା ଏବଂ ଇସ୍ରାଏଲ ଉପରେ ଚାପ ସୃଷ୍ଟି କରିବା ଲକ୍ଷ୍ୟରେ ଇରାନ୍ ହର୍ମୁଜ୍ ଉପରେ ଲଗାଇଥିବା ପ୍ରତିବନ୍ଧକ ଯୋଗୁ ଇନ୍ଧନ ପରିବହନ ବ୍ୟବସ୍ଥା ବ୍ୟାହତ ହୋଇଥିବାରୁ ଆମେରିକା ଏହାକୁ ମୁକ୍ତ କରିବାକୁ ଚାହୁଁଛି। ଏଥିପାଇଁ ଟ୍ରମ୍ପ୍ ପ୍ରଥମେ ଇରାନ୍‌କୁ ୪୮ ଘଣ୍ଟାର ସମୟ ଦେଇ ଏହାକୁ ମୁକ୍ତ କରିବାକୁ କହିଥିଲେ। ନଚେତ୍ ଇରାନ୍‌ର ପାୱାର ପ୍ଲାଣ୍ଟଗୁଡିକ ଉପରେ ଆକ୍ରମଣ କରାଯାଇ ନଷ୍ଟ କରିଦିଆଯିବ ବୋଲି ଧମକ ଦେଇଥିଲେ। ହେଲେ ଇରାନ୍ ଟ୍ରମ୍ପଙ୍କ ଧମକକୁ ଖାତିର ନ କରି ପାଲଟା ଧମକ ଦେଇଥିଲା। ଏହାପରେ ୪୮ ଘଣ୍ଟାର ଅବଧି ପୂରଣ ହେବାର କିଛି ଘଣ୍ଟା ପୂର୍ବରୁ ଟ୍ରମ୍ପ୍ ଇରାନ୍‌କୁ ଆଉ ୫ ଦିନର ସମୟ ଦେଇଥିଲାବେଳେ ଶୁକ୍ରବାର ଏହା ଶେଷ ହୋଇଛି। କିନ୍ତୁ ଏହି ଅବଧି ଶେଷ ହେବା ପୂର୍ବରୁ ପୁଣି ଏହାକୁ ଆଉ ୧୦ ଦିନ ବୃଦ୍ଧି କରାଯାଇଛି। ଟ୍ରମ୍ପ୍ କାହିଁକି ବାରମ୍ବାର ଇରାନ୍‌କୁ ସମୟ ଦେଇ ଚାଲିଛନ୍ତି ବୋଲି ଅନ୍ତର୍ଜାତୀୟ ସ୍ତରରେ ଆଲୋଚନା ଚାଲିଥିଲାବେଳେ ଏହାପଛରେ ଆମେରିକାର ସୁଚିନ୍ତିତ ଯୋଜନା କାର୍ଯ୍ୟ କରୁଛି ବୋଲି କୁହାଯାଉଛି। ଟ୍ରମ୍ପ୍ ଇରାନ୍ ବିରୋଧରେ 'ଫାଇନାଲ ଏଣ୍ଡ' କରିବା ଲକ୍ଷ୍ୟରେ ସ୍ଥଳସେନା ନିୟୋଜିତ କରିବାକୁ ଚାହୁଁଛନ୍ତି। କିନ୍ତୁ ଏଥିପାଇଁ ସମୟ ଆବଶ୍ୟକ ରହିଥିବାରୁ ଟ୍ରମ୍ପ୍ ସମୟ ଗଡ଼ାଇ ଚାଲିଥିବା କୁହାଯାଉଛି। ବର୍ତ୍ତମାନ ଆରବସାଗରରେ ୟୁଏସ୍‌ଏସ୍ ଆବ୍ରାହମ ଲିଙ୍କନ ସହ ୟୁଏସ୍‌ଏସ୍ ତ୍ରିପୋଲି ମୁତୟନ ହୋଇ ଷ୍ଟ୍ରାଟେଜିକ୍ ପୋଜିଶନ ନେବାକୁ ଆରମ୍ଭ କରିଥିବା କୁହାଯାଉଥିବାବେଳେ କୌଣସି ମୁହୂର୍ତ୍ତରେ ଇରାନ୍ ମଧ୍ୟକୁ ଆମେରିକୀୟ ଡେଲ୍‌ଟା ଫୋର୍ସ ପ୍ରବେଶ କରିପାରନ୍ତି ବୋଲି ସୂଚନା ମିଳୁଛି।



ଇରାନ୍‌ର ଏକ ସହରରେ ଇସ୍ରାଏଲର କ୍ଷେପଣାସ୍ତ୍ର ମାଡ଼ରେ କ୍ଷତିଗ୍ରସ୍ତ ଏକ ଆବାସିକ ସ୍ଥଳ।

## ହର୍ମୁଜ୍‌ରୁ ୩ ଜାହାଜ ଫେରାଇଲା ଇରାନ୍

ଗୋଟିଏ ପଟେ ହର୍ମୁଜ୍ ଷ୍ଟ୍ରେଟ୍‌କୁ ସ୍ୱାଭାବିକ କରିବାକୁ ଆମେରିକା ଉଦ୍ୟମ ଚଳାଇଥିବାବେଳେ ଇରାନ୍ ନିଜ ଜିଦ୍‌ରେ ଅଟଳ ରହିଛି। କେବଳ କେତେକ ନିର୍ଦ୍ଦିଷ୍ଟ ରାଷ୍ଟ୍ରଙ୍କୁ ବାଦ୍ ଦେଇ ଅନ୍ୟ କୌଣସି ଦେଶର ଜାହାଜକୁ ହର୍ମୁଜ୍ ଦେଇ ନ ଛାଡିବାକୁ ଇରାନ୍ ପଣ କରିଛି। ଏହି କ୍ରମରେ ହର୍ମୁଜ୍ ଅତିକ୍ରମ କରିବାକୁ ଥିବା ୩ଟି ଦେଶର ଜାହାଜକୁ ଇରାନ୍‌ର ଆଇଆର୍‌ଜିସି ଅନୁମତି ନ ଦେଇ ଫେରାଇ ଦେଇଛି। ତେବେ ଏହି ୩ଟି ଜାହାଜ କେଉଁ ଦେଶର ତାହା ସ୍ପଷ୍ଟ ହୋଇନାହିଁ। ଏହା ପୂର୍ବରୁ ପାକିସ୍ତାନ ଅଭିମୁଖେ ଯାଉଥିବା ଏକ ତୈଳବାହୀ ଜାହାଜକୁ ଆଇଆର୍‌ଜିସି ବୁଧବାର ହର୍ମୁଜ୍ ଷ୍ଟ୍ରେଟ୍ ନିକଟରୁ ଫେରାଇ ଦେଇଥିଲା।

# ନେପାଳରେ ନୂଆ ପ୍ରଧାନମନ୍ତ୍ରୀ, ଶପଥ ନେଲେ ବାଲେନ୍ଦ୍ର ଶାହା

**କାଠମାଣ୍ଡୁ ,୨୭।୩**

**୨୦୨୨ରୁ ୨୦୨୬ କାଠମାଣ୍ଡୁ ମେୟର ଥିଲେ**

ଇଞ୍ଜିନିୟରିଂ ଏବଂ ସଙ୍ଗୀତ କ୍ଷେତ୍ରରୁ ରାଜନୀତିରେ ପ୍ରବେଶ କରିଥିବା ବାଲେନ୍ଦ୍ର ଶାହା ଶୁକ୍ରବାର ନେପାଳର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ନେପାଳରେ ବାଲେନ୍ ଶାହା ଭାବେ ପରିଚିତ ହୋଇଥିବା ବାଲେନ୍ଦ୍ର ମାତ୍ର ୩୫ ବର୍ଷ ବୟସରେ ୪୦ତମ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇ ଦେଶର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଗୁରୁବାର ସେ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆର୍‌ଏସ୍‌ପି)ର ସଂସଦୀୟ ନେତା ଭାବେ ନିର୍ବାଚିତ ହେବା ପରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ବାଲେନ୍ ୨୦୨୨ରୁ ୨୦୨୬ ପର୍ଯ୍ୟନ୍ତ କାଠମାଣ୍ଡୁର ମେୟର ଭାବେ କାର୍ଯ୍ୟ କରିଥିଲାବେଳେ ୨୦୨୫ରେ ନେପାଳରେ ଜେନ୍ ଜି ଆନ୍ଦୋଳନରେ ତାଙ୍କର ଦୃଢ଼ ନେତୃତ୍ୱକୁ ନେଇ ନେପାଳ ରାଜନୀତିରେ ବଡ଼ ପରିବର୍ତ୍ତନ ଦେଖାଯାଇଥିଲା। ଏହାପରେ ଚଳିତ ବର୍ଷ ସାଧାରଣ ନିର୍ବାଚନରେ ଆର୍‌ଏସ୍‌ପି ୨୭୫ ଆସନ ମଧ୍ୟରୁ ୧୮୨ଟି ଆସନରେ ବିଜୟୀ ହୋଇଥିଲା।



ବାଲେନ୍ ଶାହା

# ପାକ୍ ଦୂତାବାସକୁ ଇସ୍ରାଏଲର ଟାର୍ଗେଟ

**ଇସ୍‌ଲାମାବାଦ/ ତେହରାନ୍ ,୨୭।୩**

ତେହରାନ୍‌ସ୍ଥିତ ପାକିସ୍ତାନ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ଉପରେ ଇସ୍ରାଏଲ ଆକ୍ରମଣ କରିଛି। ଏଥିରେ ଉକ୍ତ ବିଲ୍ଡିଂର କ୍ଷୟକ୍ଷତି ହୋଇଥିଲେ ହେଁ କେହି ମୃତାହତ ହୋଇ ନ ଥିବା କୁହାଯାଇଛି। ହେଲେ ଏହି ଘଟଣାକୁ ନେଇ ପାକିସ୍ତାନ ଇସ୍ରାଏଲକୁ ଚେତାବନୀ ଦେଇ ଏହାକୁ କାତାର ନ ଭାବିବା ଉଚିତ ବୋଲି କହିଛି। ପାକ୍ ସରକାରଙ୍କ ଅଧୀନସ୍ଥ ଏକ ଷ୍ଟ୍ରାଟେଜିକ୍ ଫୋରମ୍ ଇସ୍ରାଏଲକୁ ଧମକ ଦେଇ କହିଛି,କେବଳ ତେହରାନ୍ ନୁହେଁ, ବିଶ୍ୱର ଯେକୌଣସି ଭାଗରେ ଯଦି ଇସ୍ରାଏଲ ପାକ୍ କୂଟନୀତିଜ୍ଞଙ୍କୁ ଟାର୍ଗେଟ କରେ ତେବେ ଆମେ ଠିକଣା ଜବାବ ଦେବୁ। ଇସ୍ରାଏଲ ପାକିସ୍ତାନକୁ କାତାର ବୋଲି ଭାବିବା ଅନୁଚିତ ବୋଲି ଏହି ସଂସ୍ଥା କହିଛି।



## ଇରାନୀୟ କ୍ଷେପଣାସ୍ତ୍ରରେ 'ଥ୍ୟାଙ୍କ୍ ୟୁ ଇଣ୍ଡିଆ ପିପୁଲ୍'

**ମୁମ୍ବାଇ,୨୭।୩**

ଯୁଦ୍ଧ ସ୍ଥିତିରେ ଏକ ଅଭିନବ ଉପାୟରେ ଇରାନ୍ ଭାରତକୁ ଧନ୍ୟବାଦ ଜଣାଇଛି। ଇସ୍ରାଏଲ ଉପରେ ଆକ୍ରମଣବେଳେ ଇରାନ୍ ଛାଡିଥିବା କ୍ଷେପଣାସ୍ତ୍ରରେ 'ଥ୍ୟାଙ୍କ୍ ୟୁ ଇଣ୍ଡିଆ ପିପୁଲ୍' ଲେଖି ପ୍ରତୀକାତ୍ମକ ଭାବେ ଧନ୍ୟବାଦ ଜଣାଇଛି। ଏହି ଲେଖା ଥିବା କ୍ଷେପଣାସ୍ତ୍ରର ଫଟୋ ମୁମ୍ବାଇସ୍ଥିତ ଇରାନୀୟ ବାଣିଜ୍ୟ ଦୂତାବାସ ପକ୍ଷରୁ ଶେୟାର କରାଯାଇଛି। ନିକଟରେ ଭାରତ ସରକାର ଓ କଶ୍ମୀରବାସୀଙ୍କ ପକ୍ଷରୁ ଯୁଦ୍ଧ ପ୍ରପୀଡ଼ିତ ଲୋକଙ୍କ ପାଇଁ ମେଡିକାଲ ସହାୟତା ପଠାଯାଇଥିଲା।

## ୨.୩୮ ଲକ୍ଷ କୋଟିର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୨୭।୩**

ଦେଶର ପ୍ରତିରକ୍ଷା କ୍ଷମତା ବୃଦ୍ଧି କରି ୩ ସେନାର ଆଧୁନିକୀକରଣ ଏବଂ ସେଗୁଡିକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ୨.୩୮ ଲକ୍ଷ କୋଟି ଟଙ୍କାର ସାମଗ୍ରୀ କ୍ରୟକୁ ଡିଫେନ୍ସ ଆକ୍ୱିଜିଶନ କାଉନ୍‌ସିଲ(ଡିଏସି) ଶୁକ୍ରବାର ମଞ୍ଜୁରୀ ଦେଇଛି। ସ୍ଥଳସେନା , ବାୟୁସେନା ଏବଂ ଭାରତୀୟ ତଟରକ୍ଷୀ ବାହିନୀ ପାଇଁ ଆବଶ୍ୟକ ରହିଥିବା ଯୁଦ୍ଧାସ୍ତ୍ର ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ କ୍ରୟ ପାଇଁ ଏହି ପରିମାଣର ଅର୍ଥ ବ୍ୟୟ କରାଯିବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଡିସିଏ ବୈଠକରେ ଏହାକୁ ଅନୁମୋଦନ ଦେଇଛନ୍ତି। ୩ ସେନାକୁ ଆହୁରି ସଶକ୍ତ କରିବା ଲାଗି ଏୟାର ଡିଫେନ୍ସ ସିଷ୍ଟମ୍‌ଠାରୁ ଆରମ୍ଭ କରି ଲଢୁଆ ବିମାନ, ଉଚ୍ଚ କ୍ଷମତାବିଶିଷ୍ଟ ରେଡିଓ ରିଲେ ସିଷ୍ଟମ୍, ଟ୍ୟାଙ୍କ ନିରୋଧୀ ସରଞ୍ଜାମ ଆଦି କ୍ରୟ କରାଯିବ ବୋଲି କୁହାଯାଇଛି। ବାୟୁସେନା ଏବଂ ନୌସେନାର ଆଧୁନିକୀକରଣ ପାଇଁ ଆବଶ୍ୟକ ସରଞ୍ଜାମ ସହ ଅନ୍ୟାନ୍ୟ ଉପକରଣ କ୍ରୟ ପାଇଁ ମଧ୍ୟ ଅନୁମୋଦନ ଦିଆଯାଇଛି।

## ଦେଶରେ ଲକ୍‌ଡାଉନ୍ ଯୋଜନା ନାହିଁ : ନିର୍ମଳା

**ନୂଆଦିଲ୍ଲୀ,୨୭।୩**

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଦେଖାଯାଇଥିବା ପରିବର୍ତ୍ତିତ ସ୍ଥିତି ଉପରେ କେନ୍ଦ୍ର ସରକାର ନଜର ରଖି ତାହାର ମୁକାବିଲା କରିବାକୁ ସକ୍ରିୟ ରହିଛନ୍ତି। କିନ୍ତୁ କେତେଜଣ ରାଜନେତା ସାଧାରଣରେ ଭୟର ବାତାବରଣ ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶୁକ୍ରବାର ରାଜ୍ୟ ସଭାରେ କହିଛନ୍ତି। ପାକିସ୍ତାନ, ବାଂଲାଦେଶ ଭଳି ପଡ଼ୋଶୀ ରାଷ୍ଟ୍ର ଲକ୍ ଡାଉନ୍ ଲାଗୁ କରିଥିଲେ ହେଁ ଭାରତରେ ସେଭଳି ଯୋଜନା ନାହିଁ ବୋଲି ନିର୍ମଳା କହିଛନ୍ତି।

# ପ୍ରତି ଲକ୍ଷେ ଜନ୍ମରେ ୨୪,୭୦୦ ମାତୃମୃତ୍ୟୁ



**ନୂଆଦିଲ୍ଲୀ,୨୭।୩(ପି.ଟି.)**

ଦକ୍ଷିଣ ଏସିଆ ଓ ଅନ୍ୟ ଉପସାହାରୀୟ ଆଫ୍ରିକୀୟ ରାଷ୍ଟ୍ରଗୁଡ଼ିକରେ ମାତୃ ମୃତ୍ୟୁହାର ଅତ୍ୟନ୍ତ ଚିନ୍ତାଜନକ ରହିଛି। ୨୦୨୩ରେ ଭାରତ ସମେତ ଏହି ଅଞ୍ଚଳରେ ପ୍ରତି ୧ ଲକ୍ଷ ଶିଶୁ ଜନ୍ମରେ ୨୪,୭୦୦ ମାତୃମୃତ୍ୟୁ ଘଟିଥିବା ଏକ ନୂଆ ବୈଶ୍ୱିକ ବିଶ୍ଳେଷଣରୁ ଜଣାପଡ଼ିଛି। ଦି ଲାନ୍ସେଟ୍ ଅବ୍‌ଷ୍ଟେଟ୍ରିକ୍ସ, ଗାଇନେକୋଲୋଜି ଆଣ୍ଡ ଓମେନ୍ସ ହେଲ୍‌ଥ ଜର୍ନାଲରେ ପ୍ରକାଶିତ ଅନୁଧ୍ୟାନ ରିପୋର୍ଟ ଅନୁସାରେ ଏହି ସମୟରେ ପାକିସ୍ତାନରେ ପ୍ରତି ୧ ଲକ୍ଷ ଶିଶୁ ଜନ୍ମରେ ୧୦,୩୦୦ ମା'ଙ୍କ ମୃତ୍ୟୁ ଘଟିଥିଲା। ଆଫ୍ରିକୀୟ ଦେଶ ଇଥିଓପିଆ ଓ ନାଇଜେରିଆରେ ଏହି ହାର ଯଥାକ୍ରମେ ୧୧,୯୦୦ ଓ ୩୨,୯୦୦ ରହିଥିଲା।

ଆମେରିକାର ୱାଶିଂଟନ୍ ୟୁନିଭର୍ସିଟିସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ହେଲ୍‌ଥ ମେଟ୍ରିକ୍ସ ଆଣ୍ଡ ଇଭାଲ୍ୟୁଏଶନ୍ (ଆଇଏଚ୍‌ଏମ୍‌ଇ) ଗବେଷକଙ୍କ ନେତୃତ୍ୱରେ କରାଯାଇଥିବା ଏହି ଅଧ୍ୟୟନରୁ ଆହୁରି ଜଣାପଡ଼ିଛି ଯେ, ଗତ ୩ ଦଶନ୍ଧି ମଧ୍ୟରେ ମାତୃ ମୃତ୍ୟୁହାର ହ୍ରାସ ପାଇଛି। କିଛି ବର୍ଷ ହେଲା ଏହି କ୍ଷେତ୍ରରେ ସାମାନ୍ୟ ଉନ୍ନତି ଆସିଥିବାବେଳେ କେତେକ ଅନୁନ୍ନତ ଦେଶରେ ଅବସ୍ଥା ଉଦ୍‌ବେଗଜନକ ରହିଛି। ଗ୍ଲୋବାଲ ବର୍ଡନ ଅଫ୍ ଡିଜିଜ୍ (ଜିବିଡି) ୨୦୨୩ ଗବେଷଣା ବିଶ୍ୱର ୨୦୪ ଦେଶ ଓ ଭୂଖଣ୍ଡରେ ମାତୃ ମୃତ୍ୟୁହାରର ସମ୍ପୂର୍ଣ୍ଣ ଚିତ୍ର ପ୍ରଦାନ କରାଯାଇଛି। ତଦନୁସାରେ ବିଶ୍ୱରେ ୨୦୨୩ରେ ପ୍ରତି ୧ ଲକ୍ଷ ଶିଶୁ ଜନ୍ମରେ ମାତୃ ମୃତ୍ୟୁହାର ୨.୪ ଲକ୍ଷ ରହିଛି। ଅନ୍ୟପକ୍ଷେ ୨୦୪ରୁ ୧୦୪ ଦେଶ ଓ ଭୂଖଣ୍ଡ ଅଦ୍ୟାବଧି ପ୍ରତି ୧ ଲକ୍ଷ ଶିଶୁ ଜନ୍ମରେ ମାତୃ ମୃତ୍ୟୁହାରକୁ ୭୦ରେ ସୀମିତ ରଖିବା ନେଇ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ହାସଲ କରିପାରିନାହାନ୍ତି। ଗର୍ଭାବସ୍ଥାରେ ହାଇପରଟେନ୍‌ସିଭ୍ ଡିଜ୍‌ଅର୍ଡରକୁ ଏହାର ଏକ ବଡ଼ କାରଣ ବୋଲି କୁହାଯାଉଛି। କୋଭିଡ୍-୧୯ ସଂକ୍ରମଣ ବେଳେ ମଧ୍ୟ ମାତୃ ମୃତ୍ୟୁହାର ଅଧିକ ରହିଥିଲା। ୨୦୨୦-୨୧ରେ ମହାମାରୀ ମୁକାବିଲା ପାଇଁ ଭାକ୍ସିନ ଆସିବା ପୂର୍ବରୁ ମାତୃ ମୃତ୍ୟୁହାର ସାମୟିକ ଭାବେ ଅଧିକ ରହିଥିଲା।



ରାମ ଚରଣ

# ପ୍ରଶଂସକଙ୍କୁ ରାମ ଚରଣଙ୍କ ଉପହାର

**ମୁମ୍ବାଇ**

ସୁପରଷ୍ଟାର ରାମ ଚରଣ ପ୍ରଶଂସକଙ୍କୁ ଏକ ଚମତ୍କାର ଉପହାର ଦେଇଛନ୍ତି। ରାମ ନବମୀରେ ତାଙ୍କ ଅଭିନୀତ ଫିଲ୍ମ 'ପେଦ୍ଦି ପହଲୱାନ'ର ପ୍ରଥମ ଝଲକ ରିଲିଜ ହୋଇଛି। ଏହା ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଛି। ଟିଜରରେ ରାମ ଚରଣଙ୍କ ଦୃଢ଼ ଅଭିନୟ ଦେଖିବାକୁ ମିଳିଛି। କୁସ୍ତି ଆଖଡ଼ାର କାଦୁଅରେ ଘୋଡ଼ାଇ ହୋଇଥିବା ରାମ ଚରଣ ଭୟଙ୍କର ପ୍ରଦର୍ଶନକରି ତାଙ୍କ ଶତ୍ରୁଙ୍କୁ ପରାସ୍ତ କରୁଥିବା ଦେଖାଯାଇଛି। ଫିଲ୍ମରେ ତାଙ୍କର ଲୁକ୍ ଏବଂ ବ୍ୟାକ୍‌ଗ୍ରାଉଣ୍ଡରେ ବାଜୁଥିବା 'ପେଦ୍ଦି' ଗୀତ ଅଧିକ ଆକର୍ଷଣୀୟ ହୋଇଛି। ଫିଲ୍ମର ନିର୍ଦ୍ଦେଶକ ବୁଚି ବାବୁ ସାନା ସ୍ପଷ୍ଟ କରିଛନ୍ତି, ରାମ ଚରଣଙ୍କ ପ୍ରଶଂସକମାନେ ଏବେ ଏହି ଆକ୍ସନ ଡ୍ରାମାକୁ ଏପ୍ରିଲ ୨୦ରେ ସିନେମା ହଲ୍‌ରେ ଦେଖିପାରିବେ। 'ପେଦ୍ଦି ପହଲୱାନ' ଏକ ବଡ଼ ବଜେଟ ଫିଲ୍ମ। ମୁଖ୍ୟ ଭୂମିକାରେ ଥିବା ରାମ ଚରଣଙ୍କ ସହିତ ଜାହ୍ନବୀ କପୁର ଅଭିନୟ କରିବେ। ଫିଲ୍ମରେ ବରିଷ୍ଠ ଅଭିନେତା ଶିବ ରାଜକୁମାର, ଜଗପତି ବାବୁ ଏବଂ ଦିବ୍ୟେନ୍ଦୁ ଶର୍ମା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ବିଶେଷକରି କନ୍ନଡ ସୁପରଷ୍ଟାର ଶିବ ରାଜକୁମାରଙ୍କ ଚରିତ୍ର କେବଳ ଏକ କ୍ୟାମିଓ ନୁହେଁ, ବରଂ ଏହା କାହାଣୀର ଏକ ଅବିଚ୍ଛେଦ୍ୟ ଅଂଶ ବୋଲି କୁହାଯାଏ। ବୁଚିବାବୁ ସାନାଙ୍କ ଲିଖିତ ଏବଂ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶକ ସାଜିଛନ୍ତି ଏ.ଆର୍. ରହମାନ।

# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୮/୨୦୨୬ | Bhubaneswar, Saturday, March 28/2026 | ପୃଷ୍ଠା-୩




ରାମ ନବମୀ ଅବସରରେ ଶୁକ୍ରବାର ବଜରଙ୍ଗ ଦଳ ଓ ବିଭିନ୍ନ ହିନ୍ଦୁ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱର ପରିକ୍ରମା କରୁଥିବା ଶ୍ରୀରାମ ମହୋତ୍ସବ ଶୋଭାଯାତ୍ରାକୁ ରାମ ମନ୍ଦିର ସମ୍ମୁଖରେ ସ୍ୱାଗତ କରାଯାଉଛି। ଶୋଭାଯାତ୍ରାରେ ସାମିଲ ଏକ ଜେସିବିରେ ଯୁବକମାନେ ପତାକା ଧରି ଜୟ ଶ୍ରୀରାମ ଧ୍ୱନି ଦେଉଛନ୍ତି। **(ଫଟୋ: ବିକାଶ ନାୟକ) (ରିପୋର୍ଟ: ପୃଷ୍ଠା-୭)**

# ଆଜି ଆର୍ଥ ଆୱାର: ପୃଥିବୀ ପାଇଁ ଘଣ୍ଟାଏ

**ଭୁବନେଶ୍ୱର,୨୭।୩(ସୁଚିସ୍ମିତା ସାହୁ)**

ପୃଥିବୀ ପାଇଁ ଏକ ଘଣ୍ଟା। ଶନିବାର ରାତି ସାଢ଼େ ୮ଟାରୁ ସାଢ଼େ ୯ଟା ପର୍ଯ୍ୟନ୍ତ ଓଡ଼ିଶା ସମେତ ସାରା ବିଶ୍ୱରେ ଆର୍ଥ ଆୱାର ପାଳନ ହେବ। ବିଶ୍ୱବାସୀ ଲାଇଟ୍ ବନ୍ଦ କରି ଏହାକୁ ସମର୍ଥନ ଜଣାଇବେ। ଚଳିତ ବର୍ଷ ଆର୍ଥ ଆୱାର ୨୦ ବର୍ଷ ପୂର୍ତ୍ତି ପାଳନ କରୁଛି। ୨୦୦୭ ମସିହାରେ ଆରମ୍ଭ ହୋଇଥିବା ଏହି ଛୋଟ ଆନ୍ଦୋଳନ ଆଜି ଏକ ବଡ଼ ଆନ୍ଦୋଳନରେ ପରିଣତ ହୋଇଛି। ଗିଭ୍ ଆନ୍ ଆୱାର ଫର୍ ଆର୍ଥ ବା ଲୋକମାନଙ୍କୁ ପୃଥିବୀ ପାଇଁ ଏକ ଘଣ୍ଟା ଦେବାକୁ ଆହ୍ୱାନ ରହିଛି। ଏହି ଅଭିଯାନ ପ୍ରତିବର୍ଷ ୱାର୍ଲ୍ଡ ୱାଇଡ୍ ଫଣ୍ଡ ଫର୍ ନେଚର (ଡବ୍ଲ୍ୟୁଡବ୍ଲ୍ୟୁଏଫ୍) ଦ୍ୱାରା ପରିଚାଳିତ ହେଉଛି। ଏଥିରେ ୧୯୦ରୁ ଅଧିକ ଦେଶର ଲୋକେ ସାମିଲ ହୋଇ ଆର୍ଥ ଆୱାର ପାଳନ କରୁଛନ୍ତି। ଆର୍ଥ ଆୱାର କେବଳ ଲାଇଟ ବନ୍ଦ କରିବା ନୁହେଁ, ବରଂ ଜୀବନ ଶୈଳୀରେ ପରିବର୍ତ୍ତନ ଆଣି କ୍ଲାଇମେଟ ଚେଞ୍ଜ ସହିତ ଲଢ଼ିବା ପାଇଁ ଏକ ଆହ୍ୱାନ। ସମସ୍ତଙ୍କ ସାମୂହିକ ଚେଷ୍ଟା ମାଧ୍ୟମରେ ପୃଥିବୀକୁ ସୁରକ୍ଷା କରିବା ଏହାର ମୂଳ ଲକ୍ଷ୍ୟ। ଭାରତରେ ମଧ୍ୟ ପ୍ରତିବର୍ଷ ଏହି ଅଭିଯାନକୁ ପାଳନ କରାଯାଉଛି। ବିଭିନ୍ନ ପ୍ରସିଦ୍ଧ ସ୍ଥାନ, ସଂସ୍ଥା ଓ ସାଧାରଣ ଲୋକମାନେ ସାମିଲ ହୋଇ ପରିବେଶ ସୁରକ୍ଷା ପାଇଁ ଲାଇଟ ବନ୍ଦ କରିଥାଆନ୍ତି।


**ଅନୁକୂଳ ହେଲା ରଥକାଠ ଟିରଟ** ପୃଷ୍ଠା ୫

**ଓଡ଼ିଶାରେ ୯.୦୫ ଲକ୍ଷ ଭାଗଚାଷୀ: କନକବର୍ଦ୍ଧନ** ପୃଷ୍ଠା ୭


# ଡଲାରରେ ରହିବ ଟ୍ରମ୍ପଙ୍କ ସ୍ୱାକ୍ଷର



ଡୋନାଲ୍ଡ ଟ୍ରମ୍ପ

**ୱାଶିଂଟନ୍,୨୭।୩**

ଆମେରିକୀୟ ଡଲାରରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱାକ୍ଷର ରହିବ। ଏନେଇ ସେଠାକାର ଟ୍ରେଜେରି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଡଲାରରେ ସ୍ୱାକ୍ଷର କରିବାରେ ଟ୍ରମ୍ପ ହେଉଛନ୍ତି ଆମେରିକାର ପ୍ରଥମ ରାଷ୍ଟ୍ରପତି। ୨୦୨୬ ଜୁଲାଇ ୪ରେ ଆମେରିକା ୨୫୦ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଥିବାବେଳେ ଟ୍ରେଜେରି ସେକ୍ରେଟାରି ସ୍କଟ୍ ବେସେଣ୍ଟଙ୍କ ସହ ଟ୍ରମ୍ପଙ୍କ ସ୍ୱାକ୍ଷର ଏଥିରେ ସ୍ଥାନିତ ହେବାକୁ ଯାଉଛି। ଡଲାରରେ ସାଧାରଣତଃ ଟ୍ରେଜେରି ଅଧିକାରୀମାନଙ୍କ ସ୍ୱାକ୍ଷର ରହିଥାଏ। ୧୮୬୧ରୁ ପ୍ରଚଳିତ ଏହି ପରମ୍ପରା ଅନୁସାରେ ବର୍ତ୍ତମାନ ସର୍କ୍ୟୁଲେଶନ୍‌ରେ ଥିବା ବ୍ୟାଙ୍କନୋଟ୍‌ଗୁଡ଼ିକରେ ପୂର୍ବତନ ରାଷ୍ଟ୍ରପତି ☞ପୃଷ୍ଠା-୧୧

# ତୈଳ କମ୍ପାନୀଙ୍କୁ କେନ୍ଦ୍ରର ଶୁଳ୍କ ରିହାତି

## ପେଟ୍ରୋଲ, ଡିଜେଲ ଉପରୁ ୧୦ ଟଙ୍କା ଉତ୍ପାଦ ଶୁଳ୍କ ହ୍ରାସ

ଯୁଦ୍ଧଜନିତ ଅସ୍ୱାଭାବିକତା ଲାଗି ରହିଥିବାରୁ ପେଟ୍ରୋଲିୟମଜାତ ପଦାର୍ଥ ଭାରତରେ ପହଞ୍ଚିବାରେ ଅସୁବିଧା ସୃଷ୍ଟି ହେଉଛି। ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣ କରିବା ପରେ ବିଶ୍ୱର ଏକ ପଞ୍ଚମାଂଶ ତୈଳ ପରିବହନ ହେଉଥିବା ଷ୍ଟ୍ରେଟ୍ ଅଫ୍ ହର୍ମୁଜ ପଥ ଅବରୋଧ ହୋଇରହିଛି। ଭାରତରେ ଉଭୟ ଇନ୍ଧନ ଓ ରନ୍ଧନ ଶକ୍ତିର ସଙ୍କଟ ଦେଖାଦେଇଛି। ଜନସାଧାରଣଙ୍କ ଚାହିଦା ଅନୁଯାୟୀ ଯୋଗାଣ ହେଉ ନ ଥିବାରୁ ପେଟ୍ରୋଲ, ଡିଜେଲ ଓ ଏଲ୍‌ପିଜି ମୂଲ୍ୟ ବୃଦ୍ଧି ପାଇବାର ଆଶଙ୍କା ଉପୁଜିଛି। କମ୍ ଆମଦାନୀ ହେବା ଓ ଅନ୍ୟାନ୍ୟ ପରିବହନଜନିତ କାରଣରୁ ଅନେକ ଦେଶରେ ପେଟ୍ରୋଲିୟମ୍ ସାମଗ୍ରୀ ମୂଲ୍ୟ ବୃଦ୍ଧି ହୋଇଛି। ଭାରତରେ ସମାନ ସ୍ଥିତ ଉପୁଜିଥିଲେ ମଧ୍ୟ କେନ୍ଦ୍ର ସରକାର ଖାଉଟିମାନଙ୍କ ଉପରେ ମୂଲ୍ୟବୃଦ୍ଧି ବୋଝ ନ ଲଦିବା ଉଦ୍ଦେଶ୍ୟରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକର କ୍ଷତି ଭରଣା ପାଇଁ ଉତ୍ପାଦ ଶୁଳ୍କରେ ରିହାତି ଘୋଷଣା କରିଛନ୍ତି। ତୈଳ କମ୍ପାନୀଗୁଡ଼ିକଠାରୁ ସରକାର ଆଦାୟ କରୁଥିବା ଅତିରିକ୍ତ ଉତ୍ପାଦ ଶୁଳ୍କ ମୂଲ୍ୟରେ ୧୦ଟଙ୍କା ହ୍ରାସ କରିଛନ୍ତି। ବର୍ତ୍ତମାନ ପରିବର୍ତ୍ତିତ ଶୁଳ୍କ ଅନୁଯାୟୀ ପ୍ରତି ଲିଟର ପେଟ୍ରୋଲ ଉପରୁ ୧୩ ଟଙ୍କା ବଦଳରେ ୩ ଟଙ୍କା ନେବେ। ଡିଜେଲ ଉପରୁ କୌଣସି ଉତ୍ପାଦ ଶୁଳ୍କ ଲାଗିବ ନାହିଁ। ଏହାଦ୍ୱାରା ଖାଉଟିମାନେ ପ୍ରତ୍ୟକ୍ଷଭାବେ ଲାଭବାନ ହେବେନାହିଁ। କିନ୍ତୁ ପେଟ୍ରୋଲିୟମ୍ ସାମଗ୍ରୀ ମୂଲ୍ୟ ଅପରିବର୍ତ୍ତିତ ରହିବ। ଅନ୍ୟପକ୍ଷରେ କୁହାଯାଉଛି ଯେ, ପୂର୍ବରୁ ଆଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୬୦ରୁ ୭୦ ଡଲାର ଥିବାବେଳେ ତୈଳ ବିପଣନ କମ୍ପାନୀଗୁଡ଼ିକ ଅଭୂତପୂର୍ବ ଲାଭ ଉଠାଇଥିଲେ। ଏବେ କ୍ରୁଡ୍ ଅଏଲ ମୂଲ୍ୟ ବୃଦ୍ଧି ପାଇଥିବାରୁ ସରକାର ସେମାନଙ୍କୁ ରିହାତି ଦେବାକୁ ଆଗେଇ ଆସିଛନ୍ତି। ଯେଉଁ ଆର୍ଥିକ ରିହାତି ଦିଆଯାଉଛି, ତାହା କରଦାତାଙ୍କ ଅର୍ଥ। କାରଣ ସରକାରଙ୍କ କୌଣସି ନିଜସ୍ୱ ପାଣ୍ଠି ନ ଥାଏ। ତେଣୁ ସେହି କମ୍ପାନୀଗୁଡ଼ିକୁ ରିହାତି ଦିଆଯିବା ଦ୍ୱାରା ଖାଉଟିଙ୍କ କୌଣସି ଲାଭ ହେବ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି।

**ନୂଆଦିଲ୍ଲୀ,୨୭।୩**

ପଶ୍ଚିମ ଏସିଆର ଯୁଦ୍ଧ ସ୍ଥିତିକୁ ନେଇ ଇନ୍ଧନ କ୍ଷେତ୍ର ସର୍ବାଧିକ ପ୍ରଭାବିତ ହେବା ସହ ଖାଉଟିଙ୍କ ଠାରୁ ଆରମ୍ଭ କରି ଶିଳ୍ପାନୁଷ୍ଠାନ ଯାଏ ପ୍ରଭାବିତ ହେବାରେ ଲାଗିଛନ୍ତି। ମଧ୍ୟପ୍ରାଚ୍ୟରୁ ଇନ୍ଧନ ଆମଦାନୀରେ ସମସ୍ୟା ଯୋଗୁ ପେଟ୍ରୋଲ,ଡିଜେଲ ଏବଂ ଏଲପିଜି ଆଦିର ଅଭାବ ବେଳକୁ ବେଳ ଉତ୍କଟ ହେବାରେ ଲାଗିଛି। ଏହାକୁ ନେଇ ଏହିସବୁ ସାମଗ୍ରୀର ମୂଲ୍ୟବୃଦ୍ଧି ଆଶଙ୍କା ବଢ଼ିଛି। କାରଣ ଆମଦାନୀ କମ୍ ହେବା ଏବଂ ଅନ୍ୟାନ୍ୟ ପରିବହନଜନିତ କାରଣରୁ ତୈଳ କମ୍ପାନୀଗୁଡ଼ିକ କ୍ଷତି ସହୁଛନ୍ତି। ଏହି କାରଣରୁ ଏବେ ଅନେକ ଦେଶରେ ପେଟ୍ରୋଲିୟମ ସାମଗ୍ରୀ ମୂଲ୍ୟ ବୃଦ୍ଧି ହୋଇଛି। ଭାରତରେ ସମାନ ସ୍ଥିତ ଉପୁଜିଥିଲେ ହେଁ କେନ୍ଦ୍ର ସରକାର ଖାଉଟିମାନଙ୍କ ଉପରେ ମୂଲ୍ୟବୃଦ୍ଧି ବୋଝ ନ ଲଦିବା ଉଦ୍ଦେଶ୍ୟରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକୁ ଉତ୍ପାଦ ଶୁଳ୍କରେ ରିହାତି ଘୋଷଣା କରିଛନ୍ତି। ତୈଳ କମ୍ପାନୀଗୁଡ଼ିକଠାରୁ ସରକାର ଆଦାୟ କରୁଥିବା ଅତିରିକ୍ତ ଉତ୍ପାଦ ଶୁଳ୍କ ମୂଲ୍ୟରେ ୧୦ଟଙ୍କା ହ୍ରାସ କରିଛନ୍ତି।

### ଅପରିବର୍ତ୍ତିତ ରହିବ ଖାଉଟି ଦର

ପ୍ରତି ଲିଟର ପେଟ୍ରୋଲ ଉପରୁ ସରକାର ୧୩ଟଙ୍କା ଅତିରିକ୍ତ ଉତ୍ପାଦ ଶୁଳ୍କ ଲାଗୁ କରିଥିଲାବେଳେ ଏବେ ଏହାକୁ ୩ ଟଙ୍କାକୁ ହ୍ରାସ କରାଯାଇଛି। ସେହିପରି ଡିଜେଲ ଉପରେ ଉତ୍ପାଦ ଶୁଳ୍କ ୧୦ ଟଙ୍କା ରହିଥିଲାବେଳେ ଏବେ ଏହା ଶୁଳ୍କମୁକ୍ତ ହୋଇଛି। ଗୁରୁବାର ପ୍ରକାଶିତ ସରକାରୀ ବିଜ୍ଞପ୍ତି ଅନୁସାରେ ଏହି ପରିବର୍ତ୍ତିତ ଉତ୍ପାଦ ଶୁଳ୍କ ବ୍ୟବସ୍ଥା ତତ୍କାଳ ଲାଗୁ କରାଯାଇଛି ବୋଲି ଅର୍ଥମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଶୁଳ୍କ ହ୍ରାସ ଯୋଗୁ କେନ୍ଦ୍ର ସରକାରଙ୍କ ରାଜସ୍ୱ ଆୟରେ ୧.୩ ଲକ୍ଷ କୋଟି ଟଙ୍କା କ୍ଷତି ହେବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଦେଶରେ ଡିଜେଲ ଏବଂ ବିମାନ ଇନ୍ଧନ(ଏଟିଏଫ୍) ପର୍ଯ୍ୟାପ୍ତ ଉପଲବ୍ଧ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଏଗୁଡିକର ରପ୍ତାନି ହ୍ରାସ କରିବାକୁ ରପ୍ତାନି ଶୁଳ୍କ ପୁନଃ ଲାଗୁ କରିଛନ୍ତି। ପ୍ରତି ଲିଟର ଡିଜେଲ ରପ୍ତାନି ଉପରେ ୨୧.୫୦ ଏବଂ ଏଟିଏଫ୍ ଉପରେ ୨୯.୫୦ ଟଙ୍କା ରପ୍ତାନି ଶୁଳ୍କ ଲାଗୁ ହେବ ବୋଲି କୁହାଯାଇଛି।

# ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୭।୩(ରବିନାରାୟଣ ଜେନା)**

ବିଶ୍ୱରେ ଦେଖାଦେଇଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବଂ ସଂପ୍ରତି ପରିବର୍ତ୍ତନଶୀଳ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ କହିଛନ୍ତି, ପେଟ୍ରୋଲ ଓ ଡିଜେଲ ଉପରେ କେନ୍ଦ୍ରୀୟ ଉତ୍ପାଦିତ ଶୁଳ୍କକୁ ପ୍ରତି ଲିଟର ପିଛା ୧୦ଟଙ୍କା କମେଇବା ଲାଗି ଯେଉଁ ଦୃଢ଼ ସିଦ୍ଧାନ୍ତ ନେଇଛନ୍ତି ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜଣାଉଛି। ପ୍ରଧାନମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଘରୋଇ ପରିବାରଗୁଡ଼ିକୁ ତୁରନ୍ତ ସହାୟତା ଦେବା ସହିତ ବିଶ୍ୱ ମୂଲ୍ୟ ଅସ୍ଥିରତାର ପ୍ରଭାବରୁ ସୁରକ୍ଷା କରିବ। ଇନ୍ଧନ ଓ ଆବଶ୍ୟକ ପଦାର୍ଥର ପର୍ଯ୍ୟାପ୍ତ ଦେଶୀୟ ଉପଲବ୍ଧତା ନିଶ୍ଚିତ କରିବା ପାଇଁ ନିଆଯାଇଥିବା ପଦକ୍ଷେପମାନ ଭାରତ ସରକାରଙ୍କ ସ୍ଥିରତା ଏବଂ ଲୋକକଲ୍ୟାଣ ☞ପୃଷ୍ଠା-୧୧







**ପୂର୍ବତନ ବିଧାୟକଙ୍କ ଘରେ ପଶି ରୋଷେୟାଙ୍କୁ ଆକ୍ରମଣ**

କାଏମା,୨୭।୩(ଶିବପ୍ରସାଦ ମହାନ୍ତି): ଯାଜପୁର ଜିଲା ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଜାରକାସ୍ଥିତ ଘରେ ପଶି କେତେଜଣ ଦୁର୍ବୃତ୍ତ ତାଙ୍କ ରୋଷେୟାଙ୍କୁ ଆକ୍ରମଣ କରିଛନ୍ତି। ଶୁକ୍ରବାର ସନ୍ଧ୍ୟା ୬ଟା୩୦ମିନିଟରେ ଏହି ଘଟଣା ଘଟିଛି। ଗୁରୁତର ଆହତ ରୋଷେୟାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ପ୍ରଣବ ସୂଚନା ଦେଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଧର୍ମଶାଳା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।

**ଆହୁରି ଦୁର୍ବଳ ହେଲା ଟଙ୍କା**




# ଅନୁକୂଳ ହେଲା ରଥକାଠ ଚିରଟ

କଟକ,୨୭।୩
(ଶିକ୍ଷା ପ୍ରିୟଦର୍ଶିନୀ)

ଆସନ୍ତା ଜୁଲାଇ ୧୬ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା। ଅକ୍ଷୟ ତୃତୀୟାରୁ ୩ ରଥ ନିର୍ମାଣ କାମ ଆରମ୍ଭ ହେବାକୁ ଥିବାବେଳେ ଶୁକ୍ରବାର କଟକ ଖପୁରିଆ ସରକାରୀ ସ'ମିଲରେ ରଥକାଠ ଚିରଟ ଅନୁକୂଳ ହୋଇଛି। ମହାପ୍ରଭୁଙ୍କ ରଥ ନିର୍ମାଣର ସ୍ୱତନ୍ତ୍ର ବିଧି ରହିଛି। କେଉଁ ଦିନ ରଥର କ'ଣ ନିର୍ମାଣ ହେବ, ତାହା ବିଧି ମୁତାବକ କରାଯାଇଥାଏ। ସେହି ଅନୁସାରେ ଶ୍ରୀରାମ ନବମୀରେ ରଥକାଠ ଚିରଟ ଅନୁକୂଳ ହେବା ପରମ୍ପରା ରହିଛି। ସେଥିପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବୀନ୍ଦ୍ର ନାଥ ଭୋଇ ପ୍ରମୁଖ ପ୍ରତିନିଧି ଦଳ ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ଶୁକ୍ରବାର ମଧ୍ୟାହ୍ନରେ ଖପୁରିଆ ସ'ମିଲରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ତିନୋଟି ଧଉରା କାଠ ଚିରଟ କରାଯାଇଥିଲା। ରଥ ନିର୍ମାଣ ପାଇଁ ପ୍ରାୟ ୮୬୫ ଖଣ୍ଡ କାଠର ଆବଶ୍ୟକ ରହିଛି। ପ୍ରଥମ ପର୍ଯ୍ୟାୟରେ ନୟାଗଡ, ଦଶପଲ୍ଲା, ଖୋର୍ଦ୍ଧା ବନଖଣ୍ଡରୁ କାଠ ଆସିଛି। ପ୍ରତିଦିନ ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ଏହି କାଠ ଚିରା କାମ ଚାଲିବ। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପାଢ଼ୀ କହିଛନ୍ତି, ଚଳିତବର୍ଷର ଘୋଷଯାତ୍ରା ନିମନ୍ତେ ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ରୀତିନୀତି ଅନୁଯାୟୀ କାଠ ଚିରଟ କରାଯାଇଛି ଏବଂ ଅକ୍ଷୟ ତୃତୀୟାରୁ ରଥ ନିର୍ମାଣ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ, ଜଙ୍ଗଲ ଏବଂ ପରିବେଶ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ସିଏମ୍‌ସି ୱାର୍ଡ ନଂ. ୫୦ର କର୍ପୋରେଟର ସନ୍ତୋଷ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।


କଟକ ଖପୁରିଆ ସରକାରୀ ସ'ମିଲରେ ପୂଜାର୍ଚ୍ଚନା ପରେ ତିନୋଟି ଧଉରା କାଠ ଚିରଟ କରାଯାଉଛି।

# ହାଇକୋର୍ଟ ବାର୍ ଆସୋସିଏଶନର ୫ ସଦସ୍ୟଙ୍କୁ କାରଣ ଦର୍ଶାଅ ନୋଟିସ

## ରାଜ୍ୟ ଆଇନଜୀବୀ ପରିଷଦକୁ ଅସମ୍ମାନ ଅଭିଯୋଗ

କଟକ,୨୭।୩(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର ୫ ସଦସ୍ୟଙ୍କୁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସେମାନେ ହେଲେ ଆଇନଜୀବୀ ଆଖ୍ୟାଂଶୁ ଶେଖର ନନ୍ଦୀ, ଅମିୟ କୁମାର ମହାନ୍ତି, ରମେଶ ଚନ୍ଦ୍ର ବେହେରା, ହୃଦାନନ୍ଦ ମଲ୍ଲ ଓ ଅମୂଲ୍ୟ ରତ୍ନ ଦାଶ। ସେମାନେ ହାଇକୋର୍ଟ ବାର୍ ଆସୋସିଏଶନ ନିର୍ବାଚନ ଅଧିକାରୀଙ୍କୁ ଏକ ପତ୍ର ପ୍ରେରଣ କରି ରାଜ୍ୟ ଆଇନଜୀବୀ ପରିଷଦର ଅସମ୍ମାନ କରିଛନ୍ତି। ଏହି ଘଟଣା ପରିଷଦର ଦୃଷ୍ଟିକୁ ଆସିବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନେ ପ୍ରେରଣ କରିଥିବା ଉକ୍ତ ପତ୍ରରେ ଅନ୍ୟାନ୍ୟ ବିଷୟ ସହିତ ରାଜ୍ୟ ଆଇନଜୀବୀ ପରିଷଦ ଦ୍ୱାରା ଗଠିତ କେନ୍ଦ୍ରୀୟ ନିର୍ବାଚନ କମିଟି ପ୍ରଦତ୍ତ ନିର୍ବାଚନ ସଂକ୍ରାନ୍ତୀୟ ନିର୍ଦ୍ଦେଶକୁ ଆଇନବିରୁଦ୍ଧ, ପକ୍ଷପାତଭିତ୍ତିକ, ସ୍ୱାର୍ଥ ସମ୍ବଳିତ ଏବଂ ହାଇକୋର୍ଟ ନ୍ୟାୟିକ ପୁନର୍ବିଚାର କ୍ଷମତା ପରିସରର ଅତିକ୍ରମଣ ବୋଲି ଦର୍ଶାଇଛନ୍ତି। ରାଜ୍ୟ ଆଇନଜୀବୀ ପରିଷଦର ଜଣେ ସଦସ୍ୟଙ୍କ ନାମ ଉଲ୍ଲେଖ କରି ସେମାନେ ଅଭିଯୋଗ କରିଛନ୍ତି, ଉକ୍ତ ସଦସ୍ୟ ତାଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ଓ ତାଙ୍କ ପଦବୀର ସୁଯୋଗ ନେଇ ବିସିଆଇ ନିର୍ବାଚନ ରୁଲ୍ ଧାରା ୫୨ର ଭୁଲ ତର୍ଜମା ପୂର୍ବକ ବ୍ୟକ୍ତିଗତ ଆକ୍ରୋଶ ଏବଂ ଅସୂୟାର ବଶବର୍ତ୍ତୀ ହୋଇ କାର୍ଯ୍ୟ କରିଛନ୍ତି। ହାଇକୋର୍ଟ ବାର୍ ଆସୋସିଏଶନର ସମ୍ପୃକ୍ତ ନିର୍ବାଚନ ଅଧିକାରୀ କେନ୍ଦ୍ରୀୟ କମିଟିର ଉକ୍ତ ବେଆଇନ ନିର୍ଦ୍ଦେଶର ବଶବର୍ତ୍ତୀ ହୋଇ କାର୍ଯ୍ୟ କରିବା ସହିତ ବିବାଦୀୟ ନିଷ୍ପତ୍ତି ନେଉଛନ୍ତି। ଉପରୋକ୍ତ ଆଇନଜୀବୀମାନଙ୍କ ଏତାଦୃଶ କାର୍ଯ୍ୟ ରାଜ୍ୟ ଆଇନଜୀବୀ ପରିଷଦର ସ୍ୱାୟତ୍ତତା, ଆନୁଷ୍ଠାନିକ ମର୍ଯ୍ୟାଦାର ସମାଲୋଚନା ତଥା ଅବମାନନା କରିବା ସହିତ ଆଇନଜୀବୀ ପରିଷଦର କାର୍ଯ୍ୟଧାରା ପ୍ରତି ଅନଧିକୃତ ଆକ୍ଷେପ ଏବଂ ଅସମ୍ମାନ। କୌଣସି ଆଇନଜୀବୀ ଜାଣିଶୁଣି ଇଚ୍ଛାକୃତ ଭାବରେ ରାଜ୍ୟ ଆଇନଜୀବୀ ପରିଷଦ କିମ୍ବା ଭାରତୀୟ ବିଧିଜ୍ଞ ପରିଷଦର କୌଣସି ପ୍ରସ୍ତାବ କିମ୍ବା ନିର୍ଦ୍ଦେଶକୁ ବିରୋଧ କିମ୍ବା ଅସମ୍ମାନ କରିପାରିବେ ନାହିଁ। ଅନ୍ୟଥା ଉକ୍ତ କାର୍ଯ୍ୟ ବା ଆଚରଣ ଆଡଭୋକେଟ ଆକ୍ଟ ଧାରା ୩୫ ଅନୁଯାୟୀ ଆଚାର ସଂହିତା ଉଲ୍ଲଂଘନ ବୋଲି ବିବେଚନା କରାଯିବ ଏବଂ ଉକ୍ତ ଧାରା ୩୫ ଅନୁଯାୟୀ ଆବଶ୍ୟକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏସବୁକୁ ବିଚାରକୁ ନେଇ ସମ୍ପୃକ୍ତ ୫ଜଣ ଆଇନଜୀବୀଙ୍କ ବିରୋଧରେ ଧାରା ୩୫ ଅନୁସାରେ ଆବଶ୍ୟକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯିବ ନାହିଁ ସେ ନିମନ୍ତେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

# ପୂର୍ବତନ ବିଧାୟକ ତଥା ଏମ୍‌ପି ନାରାୟଣ ସାହୁଙ୍କ ପରଲୋକ

ପରଜଙ୍ଗ,୨୭।୩(ନିଗମାନନ୍ଦ ଦଳବେହେରା)

ପୂର୍ବତନ ବିଧାୟକ ତଥା ଏମ୍‌ପି ନାରାୟଣ ସାହୁଙ୍କର ପରଲୋକ ହୋଇଯାଇଛି। ଶୁକ୍ରବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୮୮ ବର୍ଷ ହୋଇଥିଲା। ସେ ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ମୁଣ୍ଡେଇଲୋ ପଞ୍ଚାୟତ ଗେହ୍ଲେଇକାଟେଣୀ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସ୍ୱର୍ଗତ ସାହୁ ୨ ଥର ବିଧାୟକ ଓ ଥରେ ଲୋକ ସଭା ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ସେ ୧୯୭୧ରୁ ୧୯୭୭ ପର୍ଯ୍ୟନ୍ତ ୨ ଥର ପାଲଲହଡ଼ା ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୭୧ରେ ସେ ଭାରତୀୟ ଜାତୀୟ କଂଗ୍ରେସ ପାର୍ଟି ଟିକେଟ୍‌ରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୮୦ରୁ ୮୪ ପର୍ଯ୍ୟନ୍ତ ସେ ଦେବଗଡ଼ ଲୋକ ସଭା ଆସନରୁ ଏମ୍‌ପି ହୋଇଥିଲେ। ୧୯୮୪ରେ ରାଜନୀତିରୁ ସନ୍ନ୍ୟାସ ନେବା ପରେ ପୁଣିଥରେ ଛାତ୍ର ଜୀବନକୁ ଫେରିଥିଲେ। ୨୦୦୯ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ପିଜି ଏବଂ ୮୧ ବର୍ଷ ବୟସରେ ଦର୍ଶନ ଶାସ୍ତ୍ରରେ ଡକ୍ଟରେଟ୍ ଲାଭ କରିଥିଲେ। ଏପରିକି ସେ ଅନେକ ବହି ଓ ଉପନ୍ୟାସ ମଧ୍ୟ ଲେଖିଛନ୍ତି। ତାଙ୍କ ମୃତ୍ୟୁରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ପରଜଙ୍ଗର ପୂର୍ବତନ ବିଧାୟକ ନୃସିଂହ ଚରଣ ସାହୁ, ପରଜଙ୍ଗ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରାଙ୍କ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ନିଜ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ଅଜା ଅଟନ୍ତି।


ନାରାୟଣ ସାହୁ





ଭାରତୀୟ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

# ରାଜ୍ୟପାଳଙ୍କୁ ଭେଟିଲେ ସ୍ଥଳସେନା ମୁଖ୍ୟ

## ଆଜି ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ

ଭୁବନେଶ୍ୱର,୨୭।୩(ତ୍ରିନାଥ ମହାନ୍ତି)

ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି ଭାରତୀୟ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ। ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସେ କଡ଼ା ସୁରକ୍ଷା ବଳୟରେ ୧୨୦ ବାଟାଲିୟନ ଯାଇଥିଲେ। ସେଠାରେ ମଧ୍ୟାହ୍ନଭୋଜନ କରିବା ସହ କିଛି ସମୟ ବିଶ୍ରାମ ନେଇଥିଲେ। ପରେ ଜେନେରାଲ ଦ୍ୱିବେଦୀ ଲୋକଭବନ ଯାଇ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ତାଙ୍କୁ ସ୍ୱାଗତ କରିବା ସହ କୋରାପୁଟ କଫି ପିଇବାକୁ ଦେଇଥିଲେ। ରାଜ୍ୟପାଳଙ୍କ ସହ କିଛି ସମୟ ଆଲୋଚନା କରି ଜେନେରାଲ ଦ୍ୱିବେଦୀ ପୁଣି ୧୨୦ ବାଟାଲିୟନ ଫେରି ରାତ୍ରି ରହଣି କରିଥିଲେ।

ଶନିବାର ସେ ପୁରୀ ଯାଇ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବା ସହ ସୈନିକ ସଦନରେ ରହଣି କରିବେ। ୨୯ ତାରିଖ ରବିବାର ତାଳବଣିଆ ହେଲିପ୍ୟାଡ୍‌ରୁ ସ୍ୱତନ୍ତ୍ର ବିମାନ ଯୋଗେ ଗୋପାଳପୁର ମିଲିଟାରୀ ଷ୍ଟେଶନ ଯାଇ ଆର୍ମି ଏୟାର ଡିଫେନ୍ସ କଲେଜରେ ସେନା ତାଲିମ ବ୍ୟବସ୍ଥାର ସମୀକ୍ଷା କରିବେ। ଏଥିସହ ସେନା ଅଧିକାରୀ ଓ ପୂର୍ବତନ ସୈନିକଙ୍କ ସହ ଆଲୋଚନା କରିବେ। ଫିଲ୍ଡ ଫାୟାରିଂ ରେଞ୍ଜ୍‌ରେ ଲାଇଭ୍ ଫାୟାରିଂ ପ୍ରଦର୍ଶନ ଦେଖିବେ। ସମସ୍ତ କାର୍ଯ୍ୟକ୍ରମ ସାରି ଉକ୍ତଦିନ ଦିଲ୍ଲୀ ଫେରିଯିବେ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ।

# ଓଇଆର୍‌ସିକୁ ‘ବି’ ଗ୍ରେଡ୍

## ଆୟୋଗଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାୟନ ରିପୋର୍ଟ-୨୦୨୫

ଭୁବନେଶ୍ୱର,୨୭।୩(ରବିନାରାୟଣ ଜେନା)

ବିଦ୍ୟୁତ୍ କ୍ଷେତ୍ରରେ ସଂସ୍କାର, କାର୍ଯ୍ୟଦକ୍ଷତା ଓ ସ୍ୱଚ୍ଛତା ପାଇଁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି)କୁ ଜାତୀୟସ୍ତରରେ ବି’ଗ୍ରେଡ୍ ମାନ୍ୟତା ମିଳିଛି। ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ପ୍ରଥମ ଥର ପାଇଁ ମାର୍ଚ୍ଚ ୨୨ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଶକ୍ତି ସମ୍ମିଳନୀରେ ପ୍ରକାଶ ପାଇଥିବା ‘ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାୟନ ରିପୋର୍ଟ-୨୦୨୫’ ଅନୁଯାୟୀ, ପଞ୍ଜାବ ସର୍ବାଧିକ ୯୭ ନମ୍ବର ରଖି ଗ୍ରେଡ୍-‘ଏ’ରେ (୧୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ)ଶୀର୍ଷ ସ୍ଥାନରେ ରହିଛି। ସେହିପରି ଗ୍ରେଡ୍-‘ବି’ ରେ ଥିବା ୧୦ ରାଜ୍ୟ ଭିତରୁ ଓଡ଼ିଶା ୭୫.୫୦ ନମ୍ବର ରଖି ୧୩ତମ ସ୍ଥାନରେ ରହିଛି।

ରିପୋର୍ଟ ଅନୁଯାୟୀ, ରାଜ୍ୟରେ ଭରସାଯୋଗ୍ୟ ବିଦ୍ୟୁତ୍ ସେବା ପାଇଁ ସମ୍ବଳର ପର୍ଯ୍ୟାପ୍ତ କ୍ଷେତ୍ରରେ ଓଡ଼ିଶା ବିଦ୍ୟୁତ୍ ଆୟୋଗକୁ ସମୁଦାୟ ୩୨ ନମ୍ବରରୁ ୨୯.୫ ମିଳିଛି। ବିତରଣ କମ୍ପାନୀଗୁଡ଼ିକର ଆର୍ଥିକ ସ୍ଥିତି ମଜଭୁତ ପାଇଁ ଟାରିଫ ନିର୍ଣ୍ଣୟ କ୍ଷେତ୍ରରେ ଥିବା ମୋଟ ୨୫ ନମ୍ବରରୁ ଓଇଆର୍‌ସିକୁ ୧୬ ନମ୍ବର ମିଳିଥିବାବେଳେ ସହଜ ଜୀବନଧାରଣ ଓ ବ୍ୟବସାୟ ପାଇଁ ଆବଶ୍ୟକ ଗୁଣାତ୍ମକ ବିଦ୍ୟୁତ୍‌ସେବା କ୍ଷେତ୍ରରେ ମୋଟ ୨୩ ନମ୍ବରରୁ ଓଡ଼ିଶା ଆୟୋଗଙ୍କୁ ୧୭ ନମ୍ବର ମିଳିଛି। ସେହିପରି ଅକ୍ଷୟଶକ୍ତି କ୍ଷେତ୍ରରେ ଥିବା ମୋଟ ୧୫ ନମ୍ବରରୁ ଓଡ଼ିଶାକୁ ମାତ୍ର ୮ ମିଳିଥିବାବେଳେ ନିୟାମକ ଶାସନ କ୍ଷେତ୍ରରେ ମୋଟ ୫ ନମ୍ବରରୁ ପୂର୍ଣ୍ଣ ୫ ନମ୍ବର ମିଳିଛି।

ରାଜ୍ୟ ସରକାରଙ୍କ ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଦୃଷ୍ଟିକୋଣରୁ ‘ଓଇଆର୍‌ସି’ର କାର୍ଯ୍ୟଦକ୍ଷତା ଓ ସ୍ୱଚ୍ଛତା ଆଗାମୀ ଦିନରେ ଅଧିକ ହେବାର ଆବଶ୍ୟକତା ରହିଛି ବୋଲି ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# ଆଜି ନୂଆଦିଲ୍ଲୀ ଗସ୍ତ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୩(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ୨ ଦିନିଆ ନୂଆଦିଲ୍ଲୀ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ତାଙ୍କ ଦିଲ୍ଲୀଗସ୍ତର ନିର୍ଦ୍ଦିଷ୍ଟତା ନେଇ କୌଣସି ସୂଚନା ମିଳି ନ ଥିବାବେଳେ ସେ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ଥିବା ସୂତ୍ରରୁ ଜଣାପଡ଼ିଛି। ନୂଆଦିଲ୍ଲୀରେ ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସେ ଯୋଗଦେବେ ବୋଲି ଜଣେ ଅଧିକାରୀଠାରୁ ସୂଚନା ମିଳିଛି।

# ଉତ୍ସାହରେ ରାମନବମୀ

ଭୁବନେଶ୍ୱର,୨୭।୩(ସୁନିତ୍ ମିଶ୍ର)

ଭୁବନେଶ୍ୱରରେ ରାମ ନବମୀ ବହୁ ଧୁମଧାମରେ ପାଳନ କରାଯାଇଛି। ଏକାଧିକ ଛକରେ କାର୍ ଏବଂ ବାଇକ୍‌ର ଲମ୍ବାଧାଡ଼ି ସହ ଯୁବକମାନେ ବେକରେ ରାମ ଓ ହନୁମାନଙ୍କ ପ୍ରତିଛବି ରହିଥିବା ଉତ୍ତରୀୟ ପକାଇ ରାଲି କରୁଥିବା ଦେଖିବାକୁ ମିଳିଛି। ୟୁନିଟ୍-୮ ଅଞ୍ଚଳର ଏକ ଘରୋଇ ସ୍କୁଲ ନିକଟରୁ ଏକାଧିକ ଯୁବକ ଗୋଟିଏ ବିରାଟ ରାଲି ଓୟୁଏଟି ଗେଷ୍ଟହାଉସ ଆଡ଼କୁ ବାହାର କରିଥିଲେ। ୨ଟି ଡିଜେ ଗାଡ଼ି ଉଚ୍ଚଶବ୍ଦରେ ବାଜୁଥିବା ବିଭିନ୍ନ ହିନ୍ଦୀ, ଓଡ଼ିଆ ଏବଂ ଆଲବମ୍ ଗୀତରେ ଯୁବଗୋଷ୍ଠୀ ନାଚକରି ଯାଉଥାଆନ୍ତି। ଉପସ୍ଥିତ ଯୁବଗୋଷ୍ଠୀଙ୍କ ମଧ୍ୟରେ ଯେପରି ପ୍ରବଳ ଉତ୍ସାହ ରହିଥିଲା। ରାସ୍ତାର ଦୁଇକଡ଼ରେ ବହୁ ସଂଖ୍ୟାରେ ପୋଲିସ କର୍ମଚାରୀ ମଧ୍ୟ ଉପସ୍ଥିତ ଥାଆନ୍ତି। ପୂରା ରାସ୍ତାରେ କେବଳ ରାମନବମୀକୁ ଧୁମଧାମରେ ପାଳନ କରୁଥିବା ଯୁବକମାନେ ହିଁ ରହିଥାଆନ୍ତି। ସେହି ରାସ୍ତା ଦେଇ ଯାଉଥିବା ସାଧାରଣ ଲୋକ ଯୁବକମାନଙ୍କ ଏଭଳି ଉତ୍ସାହ ଦେଖି କିପରି ସେମାନଙ୍କୁ ଅତିକ୍ରମକରି ସେଠାରୁ ତୁରନ୍ତ ଚାଲିଯିବେ ସେଥିଲାଗି ଚିନ୍ତା କରୁଥାଆନ୍ତି। ଯୁବପିଢ଼ିଙ୍କ ଏଭଳି ଆଗ୍ରହ ଏବଂ ଉତ୍ସାହ ଦେଖି ରାଜଧାନୀରେ ଟ୍ରାଫିକ୍ ନିୟମକୁ କୋହଳ କରାଯାଇଥିବା ଭଳି ମନେହେଉଥିଲା। ଅନ୍ୟପଟେ ସ୍ୱତନ୍ତ୍ର ରାମନବମୀ ଲାଗି କେତେଜଣ ଯୁବକ ସରକାର ବ୍ୟାନ୍ କରିଥିବା ବିକଟାଳ ରଡ଼ି କରୁଥିବା ସାଇଲେନ୍ସର ଗାଡ଼ିକୁ ସାଙ୍ଗରେ ଆଣିବା ସହ କାର୍ ଡୋର୍ ଦେବାପରେ ପ୍ରଧାନମନ୍ତ୍ରୀ କିମ୍ବା ଦେଶ ଓ ରାଜ୍ୟର ଅନ୍ୟ କ୍ଷମତାଶାଳୀ ନେତାମାନଙ୍କ ପିଏସ୍‌ଓ(ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ)ମାନେ ଯେଭଳି ଓହଳିକରି ଯାଇଥାଆନ୍ତି ସେମିତି ଦୃଶ୍ୟ ମଧ୍ୟ ରାମନବମୀ ରାଲିଗୁଡିକରେ ଦେଖିବା ପାଇଁ ମିଳିଥିଲା। ଆହୁରି ଅନେକ ସ୍ଥାନରେ ରାଲିରେ ଯାଉଥିବା ଅନେକ କାର୍ ଯାହାର କାଚ ସମ୍ପୂର୍ଣ୍ଣ କଳା ଜରିରେ ଆବଦ୍ଧ ହୋଇ ରହିଥିଲା ଏବଂ ଗାଡ଼ି ପଛରେ ଜୟ ଶ୍ରୀରାମ ମଧ୍ୟ ଲେଖା ରହିଥିଲା। ରାଜଧାନୀରେ ଗଡୁଥିବା ଅଧିକାଂଶ ଗାଡ଼ିରେ ଏଭଳି ଲେଖା ଉଲ୍ଲେଖ ରହିଥିବାର ଦୃଶ୍ୟ ମଧ୍ୟ ଅନେକ ଲୋକ ସେମାନଙ୍କ ଯାତାୟାତ ସମୟରେ ଦେଖିଥିବେ। ରାଲିରେ ଯାଉଥିବା ଆହୁରି ଅନେକ ଛାତ୍ର ଓ ଯୁବକ କାର୍ ଗଡୁଥିବା ସମୟରେ କାଚ ବାଟେ ବାହାରକୁ ବାହାରି ହାତ ହଲାଇ ଅନେକ ଉତ୍ସାହର ସହିତ ନାଚିକରି ଯାଉଥାଆନ୍ତି। ପିଲାମାନଙ୍କ ଏଭଳି ଖୁସି ଦେଖି ସାଧାରଣରେ ମଧ୍ୟ ବହୁ ସାଧାରଣ ଲୋକ ଆନନ୍ଦିତ ହେଉଥିଲେ। ସେହିପରି ପଟିଆ ଅଞ୍ଚଳ, ରସୁଲଗଡ଼ ଛକ, ବାଣୀବିହାର ଛକ, ଜୟଦେବ ବିହାର ଛକ, କଳ୍ପନା ଛକ ଏହିପରି ରାଜଧାନୀର ବହୁସ୍ଥାନରେ ଭିନ୍ନ ଭିନ୍ନ ଗୋଷ୍ଠୀ ସେମାନଙ୍କ ରାମନବମୀ ରାଲି କାଢ଼ି ଯାଉଥାଆନ୍ତି।

# ୨ରେ ଶିଶୁବାଟିକା ପିଲାଙ୍କ ଖଡ଼ିଛୁଆଁ ଉତ୍ସବ

ଭୁବନେଶ୍ୱର,୨୭।୩(ସୁଚିସ୍ମିତା ସାହୁ)

ଶିଶୁବାଟିକା ପିଲାଙ୍କ ପାଇଁ ଏପ୍ରିଲ ୨ରେ ବିଦ୍ୟାଳୟରେ ପ୍ରବେଶ ବା ଖଡ଼ିଛୁଆଁ ଉତ୍ସବ ଅନୁଷ୍ଠିତ ହେବ। ପ୍ରଥମଥର ବିଦ୍ୟାଳୟକୁ ଯାଉଥିବା ଶିଶୁମାନେ ଖଡ଼ି ଛୁଇଁ ପାଠପଢ଼ିବା ଆରମ୍ଭ କରିବେ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶିଶୁଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ଦିଆଯାଇଛି। ସେହିପରି ଏପ୍ରିଲ ୬, ୭ ଓ ୮ରେ ବିଦ୍ୟାଳୟସ୍ତରରେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହେବ। ଆସ ସ୍କୁଲଯିବା ୨.୦ ଅଭିଯାନ ଅନୁଯାୟୀ ଡ୍ରପ୍‌ଆଉଟ୍ ବା ସ୍କୁଲ ଯାଉ ନ ଥିବା ଶିଶୁଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାକୁ ପଦକ୍ଷେପ ନିଆଯାଉଛି। ଏହି ଉତ୍ସବରେ ନିର୍ବାଚିତ ପ୍ରତିନିଧିଙ୍କ ସମେତ ଅଭିଭାବକ, ଅଧିକାରୀ ଏବଂ ସାମାଜିକ କର୍ମକର୍ତ୍ତାମାନେ ଯୋଗଦେଇ ପ୍ରୋତ୍ସାହିତ କରିବେ। ଏନେଇ ଓସେପା ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଅବଗତ କରାଯାଇଛି।

# ଓଡ଼ିଶାରେ ୯.୦୫ ଲକ୍ଷ ଭାଗଚାଷୀ: କନକବର୍ଦ୍ଧନ

ଭୁବନେଶ୍ୱର,୨୭।୩
(ରବିନାରାୟଣ ଜେନା)

ଓଡ଼ିଶାରେ ୯ଲକ୍ଷ ୫ହଜାର ୧୮୪ଜଣ ଭାଗଚାଷୀ ରହିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଛନ୍ତି। ବିଧାୟକ ଗଣେଶ୍ୱର ବେହେରାଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ବିଧାନସଭାକୁ ଦେଇଥିବା ତଥ୍ୟ ଅନୁଯାୟୀ, ୨୦୧୫-୧୬ ଆର୍ଥିକବର୍ଷ କୃଷି ଗଣନାକ୍ରମେ ବାଲେଶ୍ୱରରେ ସର୍ବାଧିକ ୧ଲକ୍ଷ ୮ହଜାର ୮୨୧ଜଣ ଭାଗଚାଷୀ ରହିଛନ୍ତି। ସେହିପରି କେନ୍ଦୁଝରରେ ୮୪,୯୬୭ଜଣ ଭାଗଚାଷୀ ରହିଥିବାବେଳେ ଭଦ୍ରକରେ ୬୫,୯୪୬, ମୟୂରଭଞ୍ଜରେ ୬୦,୬୭୧, କଟକରେ ୫୫,୯୬୯, ଯାଜପୁରରେ ୪୯,୩୬୮, ଜଗତ୍‌ସିଂହପୁରରେ ୪୮,୫୯୩, ପୁରୀରେ ୪୦,୭୯୬ ଭାଗଚାଷୀ ରହିଛନ୍ତି। ସୁବର୍ଣ୍ଣପୁର ଜିଲାରେ ୧୯୩୪ ଭାଗଚାଷୀ ରହିଥିବାବେଳେ ନୂଆପଡ଼ାରେ ୨୯୪୭, ବଲାଙ୍ଗୀରରେ ୨୨୦୩ ରହିଛନ୍ତି। ଏହାବାଦ୍ ଅନ୍ୟାନ୍ୟ ଜିଲାରେ ୫ହଜାରରୁ ୪୦ହଜାର ପର୍ଯ୍ୟନ୍ତ ଭାଗଚାଷୀ ରହିଛନ୍ତି। ବିଧାୟକ ସ୍ୱତନ୍ତ୍ର ଭାବେ କେନ୍ଦ୍ରାପଡ଼ାରେ କେତେ ଭାଗଚାଷୀ ଥିବା ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ୩୦,୯୮୬ଜଣ ରହିଛନ୍ତି। ଆଳି ବ୍ଲକରେ ୩୬୧୫, ଡେରାବିଶରେ ୨୩୫୪, ଗରଦପୁରରେ ୨,୩୩୧, କେନ୍ଦ୍ରାପଡ଼ାରେ ୩,୮୧୨, ମହାକାଳପଡ଼ାରେ ୩,୮୪୨, ମାର୍ଶାଘାଇରେ ୩,୦୬୮, ପଟ୍ଟାମୁଣ୍ଡାଇରେ ୪,୪୧୨, ରାଜକନିକାରେ ୩,୨୧୩ ଏବଂ ରାଜନଗର ବ୍ଲକରେ ୪,୩୩୯ଜଣ ଭାଗଚାଷୀ ରହିଛନ୍ତି।

ବିଧାୟକ କାଡ୍ରାମ ଆପାଲା ସ୍ୱାମୀଙ୍କ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଏବେ ୩୬.୩୭ଲକ୍ଷ ନାମମାତ୍ର ଚାଷୀ ରହିଥିବାବେଳେ ୮.୮୭ଲକ୍ଷ କ୍ଷୁଦ୍ରଚାଷୀ, ୩.୩୮ଲକ୍ଷ ମଧ୍ୟମ ବର୍ଗ ଏବଂ ୦.୦୪ଲକ୍ଷ ବଡ଼ ଚାଷୀ ରହିଛନ୍ତି। ସର୍ବମୋଟ ୪୮.୬୬ଲକ୍ଷ ଚାଷୀ ରାଜ୍ୟରେ ରହିଛନ୍ତି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ଆକଳନ ଅନୁଯାୟୀ, ୨୦୦୨-୦୩ରେ କୃଷକଙ୍କ ଆୟ ମାସିକ ୧ହଜାର ୬୨ଟଙ୍କା ରହିଥିଲା। ୨୦୧୨-୧୩ କୃଷି ଗଣନା ଅନୁଯାୟୀ, ୪,୯୭୬ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ୨୦୧୮-୧୯ ଅନୁଯାୟୀ ଏହା ୫,୧୧୨ଟଙ୍କାକୁ ବଢ଼ିଛି।

# ଲୋକାୟୁକ୍ତ: ୨୦୨୫ରେ ମାମଲା ସମାଧାନ ଶୂନ

## ସାଧାରଣ ପ୍ରଶାସନ ବିଭାଗର ବାର୍ଷିକ ରିପୋର୍ଟ

ଭୁବନେଶ୍ୱର,୨୭।୩
(ରବିନାରାୟଣ ଜେନା)

ରାଜ୍ୟରେ ୨୦୧୯ ମାର୍ଚ୍ଚ ୨୦ରୁ ବିଭିନ୍ନ ସରକାରୀ କର୍ମଚାରୀଙ୍କ ଦୁର୍ନୀତି ଅଭିଯୋଗ ସଂକ୍ରାନ୍ତୀୟ ମାମଲାର ସମାଧାନ ଲାଗି ଲୋକାୟୁକ୍ତ କାର୍ଯ୍ୟକାରୀ ହେଉଛି। ହେଲେ ୨୦୨୫ ବର୍ଷରେ ଲୋକାୟୁକ୍ତଙ୍କ ପକ୍ଷରୁ ଗୋଟିଏ ହେଲେ ବି ମାମଲାର ସମାଧାନ ହୋଇନାହିଁ ବୋଲି ସାଧାରଣ ପ୍ରଶାସନ ବିଭାଗର ବାର୍ଷିକ ରିପୋର୍ଟରୁ ଜଣାଯାଇଛି। ବିଧାନସଭାରେ ଉପସ୍ଥାପିତ ରିପୋର୍ଟ ଅନୁଯାୟୀ, ୨୦୨୫ ଜାନୁଆରୀ ପହିଲାରୁ ୨୦୨୬ ଜାନୁଆରୀ ୫ତାରିଖ ମଧ୍ୟରେ ୯୭ଟି ଦୁର୍ନୀତି ସମ୍ପର୍କିତ ନୂତନ ଅଭିଯୋଗ ପଞ୍ଜୀକୃତ ହୋଇଛି। ଏହାବାଦ୍ ୬୯ଟି ଅଭିଯୋଗ ଲୋକାୟୁକ୍ତଙ୍କୁ ମିଳିଥିଲେ ହେଁ ତାହା ଏପର୍ଯ୍ୟନ୍ତ ପଞ୍ଜୀକରଣ ହୋଇନାହିଁ। ଏହି ସମୟ ମଧ୍ୟରେ ଗୋଟିଏ ବି ମାମଲାର ସମାଧାନ ହୋଇ ନ ଥିବାବେଳେ କୌଣସି ମାମଲାରେ ତଦନ୍ତ ନିର୍ଦ୍ଦେଶ ଲୋକାୟୁକ୍ତଙ୍କ ପକ୍ଷରୁ ଦିଆଯାଇନାହିଁ। ରାଜ୍ୟରେ ଲୋକପାଳ ନ ଥିବାରୁ ପୁରୁଣା ମାମଲା ମଧ୍ୟ ସମାଧାନ ହୋଇପାରୁ ନ ଥିବା ରିପୋର୍ଟରୁ ଜଣାଯାଇଛି।

ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଲୋକଙ୍କ ଅଭିଯୋଗ ଶୁଣାଣିକୁ ଗୁରୁତ୍ୱ ଦେଉଛି। ବର୍ଷକ ମଧ୍ୟରେ ୧ଲକ୍ଷ ୨ହଜାର ୭୩୪ଟି ଅଭିଯୋଗ ସରକାରଙ୍କ ହସ୍ତଗତ ହୋଇଥିବାବେଳେ ସେଥିମଧ୍ୟରୁ ୯୩ହଜାର ୮୨୨ଟିର ଫଇସଲା ହୋଇଛି। ୪ହଜାର ୮୭୮ଟି ଅଭିଯୋଗରେ ସ୍ପଷ୍ଟୀକରଣ ପ୍ରଦାନ କରାଯାଇଛି ଏବଂ ୧ହଜାର ୪୪୩ଟି ଖାରଜ କରାଯାଇଛି। ଏହାବାଦ୍ ୮ହଜାର ୩୮୬ ଅଭିଯୋଗ ପୁନଃ ଆସିଛି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୫ଟି ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କରିଥିବା ରିପୋର୍ଟରୁ ଜଣାଯାଇଛି।

ରିପୋର୍ଟ ଅନୁଯାୟୀ, ଛତିଶଗଡ଼ର ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ଥଇଥାନ ଓ ପୁନରୁଦ୍ଧାର ଲାଗି ମୁଖ୍ୟମନ୍ତ୍ରୀଙ୍କ ସାହାଯ୍ୟ ପାଣ୍ଠିରୁ ୫ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ମାତ୍ର ଓଡ଼ିଶାର ଗରିବ ଓ ଜଟିଳ ରୋଗୀଙ୍କ ଚିକିତ୍ସା ଲାଗି ବର୍ଷକ ମଧ୍ୟରେ ରାଜ୍ୟ ସରକାର ୨୦କୋଟି ୯୫ଲକ୍ଷ ୪୫ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ସେଥିମଧ୍ୟରେ ୪୩୩ ଗୁରୁତର ରୋଗୀଙ୍କ ଚିକିତ୍ସା ଲାଗି ୭କୋଟି ୨୬ଲକ୍ଷ ୪୫ହଜାର ଟଙ୍କା ରହିଥିବାବେଳେ ୪୭ ଡିଏମ୍‌ଡି ରୋଗୀଙ୍କୁ ଏକକାଳୀନ ୧୦ଲକ୍ଷ ଟଙ୍କା ଲେଖାଏ ଚିକିତ୍ସା ବାବଦକୁ ୪କୋଟି ୪୭ଲକ୍ଷ ଏବଂ ସଡ଼କ ଦୁର୍ଘଟଣାରେ ମୃତବ୍ୟକ୍ତିଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ବାବଦକୁ ୧୮୮ଜଣଙ୍କୁ ୮କୋଟି ୯୯ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି।

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. ST-OT-TLSB-SPUR-WORKS-555, ତା.23.03.2026ରିଖ
କାର୍ଯ୍ୟର ନାମ : ସ୍ପର (SPUR) ଏରିଆ ମଧ୍ୟରେ ବ୍ଲକ୍ ସେକ୍ସନର ସମସ୍ତ ସଙ୍କେତ ଏବଂ ଦୂରସଂଚାର ସଂସ୍ଥାପନ ତଥା TLSBର MSDAC ଉପକରଣଗୁଡ଼ିକ ସହିତ ସ୍ପର (SPUR) 1, 2, 3, 4, 5, 6, 7, 8, TLSB-SPUR ସେକ୍ସନର ରକ୍ଷଣାବେକ୍ଷଣ ନିମନ୍ତେ ତିନି ବର୍ଷ ଅବଧି ପାଇଁ ପ୍ରସ୍ତାବିତ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ସଙ୍କେତ ଏବଂ ଦୂରସଂଚାର ଅଟକଳ କରିବା (ଆଉଟ୍‌ସୋର୍ସିଙ୍ଗ ଏବଂ କାର୍ଯ୍ୟ ଅଂଶ)।
ଟେଣ୍ଡର ମୂଲ୍ୟ : ₹ 2,73,60,549.28, EMD : ₹ 2,86,800/-
ବିଡ୍ ଆରମ୍ଭ ହେବା ତାରିଖ : ତା.31.03.2026ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.14.04.2026ରିଖ 1100 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-1273/Q/25-26

WANTED
Marketing Persons Required only Female for a used Car Showroom in Bhubaneswar with Finance Business also attractive salary + incentives.
Mob : 9078695026 / 7381091234

VACANCY
Required ITI/12th pass for a Engineering Servicing Company at Mumbai/ Odisha, email - career.solasmar@gmail.com
Mob. - 9267968727

REQUIRED
POSITION
1. ARCHITECT
Experience in Master Planning and Building design and Multi sector B-Arch.
2. STRUCTURAL ENGINEER
Experience in Building Structural Designing with Stadd Pro and Auto Cad, B-Tech. (Civil)/ Diploma
3. SURVEY ENGINEER/SURVEYOR
Experience in DGPS/Total Station survey and Drafting with good Command in Auto Cad
4. DRAFTSMAN
Experience in Architectural Structural Drafting with Good Command in Auto Cad.
Email : utkalinfra.hr@gmail.com,
Mob : 77353-09675 / 76060-29982
Bhubaneswar, Odisha

WANTED
Krishna Teja Construction
Wanted Civil Engineer with 3 to 5 years Experience.
Languages Must : Telugu, Hindi, English
Call : 9000219239

See Career Appointment on every Wednesday & Saturday

VACANCY
Required Mech./Elec. Degree Engg, pass out before year 2015. Send Biodata - inforaipur2022@gmail.com
Contact : 6261272838

No.34001/226/2526
GOVT. OF ODISHA
GOVERNMENT OF ODISHA, “e” - PROCUREMENT NOTICE
Bid Identification No. S.E. GTN (R&B) - 33/2025-26
No. 3736 dt.17.03.2026
e-mail : eeghatagaon2015@gmail.com

| | | |
|---|---|---|
| 1. | No. of the work | : 02 No. Building Work (Composite) |
| 2. | Estimated cost | : From Rs.83.00 Lakh to Rs.96.00 Lakh |
| 3. | Period of completion | : From 9 (Nine) Calendar Months |
| 4. | Date & Time of availability of bid document in the portal | : From 10.00 Hr 02.04.2026 to 17.00 Hr of 17.04.2026 |
| 5. | Last Date/Time for receipt of bids in the portal | : 17.00 Hr of 17.04.2026 |
| 6. | Date of opening of Bid from Portal | : 10.30 Hr of 18.04.2026 |
| 7. | Name and address of the officer inviting Bid | : Superintending Engineer, Ghatagaon (R&B) Division, Ghatagaon |

Further details can be seen from the e-procurement portal “http://tendersodisha.gov.in”
Sd./- Superintending Engineer
Ghatagaon (R&B) Division
OIPR-34001/34140/1/25-26/0001

No.4001/97/2526
idco | ODISHA NEW OPPORTUNITIES
OFFICE OF THE DIVISIONAL HEAD (ELECTRICAL)-I, IDCO, IDCO TOWER, BHUBANESWAR
Tender Call Notice No.-BBSR/ELECT/E-4848/25-26/822 Dated : 23.03.2026
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
1. Name of the work : Construction of 11 KV Line and 63 KVA DSS for providing power supply to Street Light & Pump house at Bhabadeipur Industrial Estate, Choudwar

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect)-I, IDCO, IDCO Tower, Janpath, Bhubaneswar | Bid ID. No. BBSR/ELECT/ e-154/2025-26 | 31.03.2026 at 17.00 Hrs. | 10.04.2026 at 17.00 Hrs. |

Further details can be seen from the e-procurement portal, www.tendersodisha.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.
Sd./- Divisional Head (Elect)-I
IDCO, Bhubaneswar
OIPR-4001/4075/1/25-26/0031

ରେଳ ମନ୍ତ୍ରଣାଳୟ
(ଦକ୍ଷିଣ ପୂର୍ବ ରେଳପଥ)
ସଡ଼କ ସୁରକ୍ଷା ପ୍ରକଳ୍ପ ସଂଗଠନ

ଅଧିସୂଚନା
କୋଲକାତା, ୪ ଫେବୃଆରୀ, ୨୦୨୬

ଏସ୍.ଓ.୫୭୪(ଇ)- ରେଳବାଇ ଅଧିନିୟମ, ୧୯୮୯ର ଧାରା ୨ର ଉପଧାରା (୩୭ଏ) ଦ୍ୱାରା ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି, କେନ୍ଦ୍ର ସରକାର ଏତଦ୍ୱାରା ଆନୁଷ୍ଠାନିକ ଗେଜେଟ୍‌ରେ ଏହି ଅଧିସୂଚନା ପ୍ରକାଶିତ ହେବା ତାରିଖଠାରୁ ନିମ୍ନଦର୍ଶିତ ସାରଣୀରେ ସ୍ତମ୍ଭ (୩)ରେ ଦର୍ଶିତ ରାଜ୍ୟର ସ୍ତମ୍ଭ (୨)ରେ ଦର୍ଶାଯାଇଥିବା ଅନୁଯାୟୀ ନିମ୍ନଲିଖିତ ପ୍ରକଳ୍ପଗୁଡ଼ିକୁ ସ୍ୱତନ୍ତ୍ର ରେଳବାଇ ପ୍ରକଳ୍ପ ଭାବେ ଅଧିସୂଚିତ କରୁଛନ୍ତି।

| କ୍ର. ସଂ. | ପ୍ରକଳ୍ପର ନାମ | ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳ |
|---|---|---|
| (୧) | (୨) | (୩) |
| ୧ | ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ଅମର୍ଦ୍ଦା-ବସ୍ତା ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ. ୬୦ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। | ଓଡ଼ିଶା |
| ୨ | ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ବସ୍ତା-ରୂପ୍‌ସା ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ. ୬୧ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। | ଓଡ଼ିଶା |
| ୩ | ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ସୋରୋ-ମାର୍କୋଣା ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ. ୧୦୬ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। | ଓଡ଼ିଶା |
| ୪ | ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ସୋରୋ-ମାର୍କୋଣା ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ. ୧୧୦ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। | ଓଡ଼ିଶା |
| ୫ | ଓଡ଼ିଶାର ଭଦ୍ରକ ଜିଲ୍ଲାରେ ରାଣୀତାଲ-ଭଦ୍ରକ ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ. ୧୧୫ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। | ଓଡ଼ିଶା |
| ୬ | ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାରେ ଟାଙ୍ଗରମୁଣ୍ଡା-ଧୁତ୍ରା ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ. ୨୩୯ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ଏବଂ ବାମରା ୟାର୍ଡରେ ଏଲ୍‌ସି ନଂ. ୨୪୦ଠାରେ ଏଫ୍‌ଓବି ନିର୍ମାଣ। | ଓଡ଼ିଶା |
| ୭ | ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଧୁତ୍ରା-ଝାରସୁଗୁଡ଼ା ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ. ୨୫୬ ବଦଳରେ ୨-ଲେନ୍ ବିଶିଷ୍ଟ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। | ଓଡ଼ିଶା |
| ୮ | ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ବାରିପଦା-ଭଞ୍ଜପୁର ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ.-ଆର୍‌ବି-୩୬ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। | ଓଡ଼ିଶା |

[ଏଫ୍. ନଂ. ଏସ୍‌ଇଆର୍/ସିଓଏନ୍/ଆର୍‌ଏସ୍‌ପି/ଏଚ୍‌କ୍ୟୁ/ଆର୍‌ଓବି/ଲାଣ୍ଡ ଆକ୍ୟୁଜିଶନ୍/ଏସ୍‌ଆର୍‌ପି/୧]
ଅନିଲ କୁମାର, ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ଆର୍‌ଏସ୍‌ପି

ସଡ଼କ ସୁରକ୍ଷା ପ୍ରକଳ୍ପ ସଂଗଠନ
ଅଧିସୂଚନା
କୋଲକାତା, ୧୮ ଫେବୃଆରୀ, ୨୦୨୬

ଏସ୍.ଓ. ୯୩୨(ଇ).- ରେଳବାଇ ଅଧିନିୟମ, ୧୯୮୯ର ଧାରା ୨ର ଉପଧାରା (୩୭ଏ) ଅଧୀନରେ ରୋଡ୍ ଓଭରବ୍ରିଜ୍‌ର ବର୍ଗୀକରଣ ସଂକ୍ରାନ୍ତରେ ନଂ.୫୪୫, ନୂଆଦିଲ୍ଲୀ, ଗୁରୁବାର, ଫେବୃଆରୀ ୫, ୨୦୨୬/ମାଘ ୧୬, ୧୯୪୭ ମାଧ୍ୟମରେ ପ୍ରକାଶିତ ଗେଜେଟ୍ ଅଧିସୂଚନାର ଶୁଦ୍ଧିପତ୍ର।
ଉପରୋକ୍ତ ଅଧିସୂଚନାର କ୍ର.ସଂ. ୬ ଓ ୭ ଅଧୀନରେ ପ୍ରଦତ୍ତ ରୋଡ୍ ଓଭରବ୍ରିଜ୍‌ର ଜିଲ୍ଲା ନାମକୁ ସୁନ୍ଦରଗଡ଼ ଓ ମୟୂରଭଞ୍ଜ ପରିବର୍ତ୍ତେ ସମ୍ବଲପୁର ଓ ଝାରସୁଗୁଡ଼ା ଭାବେ ପଢ଼ାଯିବା ଆବଶ୍ୟକ।
ମୂଳ ଅଧିସୂଚନାର ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।
[ଏଫ୍.ନଂ.ଏସ୍‌ଇଆର୍/ସିଓଏନ୍/ଆର୍‌ଏସ୍‌ପି/ଏଚ୍‌କ୍ୟୁ/ଆର୍‌ଓବିଏସ୍/ଲାଣ୍ଡ ଆକ୍ୟୁଜିଶନ୍/ଏସ୍‌ଆର୍‌ପି/୨]
ଅନିଲ କୁମାର, ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ଆର୍‌ଏସ୍‌ପି

ରେଳପଥ ସୁରକ୍ଷା ପ୍ରକଳ୍ପ ସଂଗଠନ
ଅଧିସୂଚନା
କୋଲକାତା, ୬ ମାର୍ଚ୍ଚ, ୨୦୨୬

ଏସ୍.ଓ.୧୧୮୧(ଇ).- ରେଳବାଇ ଅଧିନିୟମ, ୧୯୮୯ର ଧାରା ୨ର ଉପଧାରା (୭ଏ) ଦ୍ୱାରା ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି କେନ୍ଦ୍ର ସରକାର ଏତଦ୍ୱାରା ଆନୁଷ୍ଠାନିକ ଗେଜେଟ୍‌ରେ ଏହି ଅଧିସୂଚନା ପ୍ରକାଶିତ ହେବା ତାରିଖଠାରୁ ନିମ୍ନପ୍ରଦତ୍ତ ସାରଣୀର ସ୍ତମ୍ଭ (୩)ରେ ଦର୍ଶାଯାଇଥିବା ରାଜ୍ୟରେ ଉକ୍ତ ସାରଣୀର ସ୍ତମ୍ଭ (୪)ରେ ଦର୍ଶାଯାଇଥିବା ରେଳବାଇ ପ୍ରକଳ୍ପ (ସ୍ୱତନ୍ତ୍ର ରେଳବାଇ ପ୍ରକଳ୍ପ)ର ନିର୍ବାହ, ରକ୍ଷଣାବେକ୍ଷଣ, ପ୍ରବନ୍ଧନ ଓ ପରିଚାଳନା ବାବଦୀୟ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଗୁଡ଼ିକୁ ସମ୍ପାଦନ କରିବା ଲାଗି ସାରଣୀର ସ୍ତମ୍ଭ (୨)ରେ ଦର୍ଶିତ ଅଧିକାରୀମାନଙ୍କୁ ଅଧିକୃତ କରୁଛନ୍ତି।

| କ୍ର. ସଂ. | କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ | ରାଜ୍ୟ | ରେଳବାଇ ପ୍ରକଳ୍ପର ନାମ |
|---|---|---|---|
| (୧) | (୨) | (୩) | (୪) |
| ୧. | ତହସିଲଦାର, ବସ୍ତା | ଓଡ଼ିଶା | ଓଡ଼ିଶା ରାଜ୍ୟର ବାଲେଶ୍ୱର ଜିଲ୍ଲାରେ ଅମର୍ଦ୍ଦା-ବସ୍ତା ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ. ୬୦ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। |
| ୨. | ତହସିଲଦାର, ବସ୍ତା | ଓଡ଼ିଶା | ଓଡ଼ିଶା ରାଜ୍ୟର ବାଲେଶ୍ୱର ଜିଲ୍ଲାରେ ବସ୍ତା-ରୂପ୍‌ସା ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ. ୬୧ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। |
| ୩. | ତହସିଲଦାର, ସୋରୋ | ଓଡ଼ିଶା | ଓଡ଼ିଶା ରାଜ୍ୟର ବାଲେଶ୍ୱର ଜିଲ୍ଲାରେ ସୋରୋ-ମାର୍କୋଣା ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ.୧୦୬ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। |
| ୪. | ତହସିଲଦାର, ସିମୁଳିଆ | ଓଡ଼ିଶା | ଓଡ଼ିଶା ରାଜ୍ୟର ବାଲେଶ୍ୱର ଜିଲ୍ଲାରେ ସୋରୋ-ମାର୍କୋଣା ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ. ୧୧୦ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। |
| ୫. | ତହସିଲଦାର, ଭଦ୍ରକ | ଓଡ଼ିଶା | ଓଡ଼ିଶା ରାଜ୍ୟର ଭଦ୍ରକ ଜିଲ୍ଲାରେ ରାଣୀତାଲ-ଭଦ୍ରକ ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ. ୧୧୫ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। |
| ୬. | ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ରାଜସ୍ୱ), ସମ୍ବଲପୁର | ଓଡ଼ିଶା | ଓଡ଼ିଶା ରାଜ୍ୟର ସମ୍ବଲପୁର ଜିଲ୍ଲାରେ ଟାଙ୍ଗରମୁଣ୍ଡା-ଧୁତ୍ରା ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ. ୨୩୯ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ଏବଂ ବାମରା ୟାର୍ଡରେ ଏଲ୍‌ସି ନଂ. ୨୪୦ଠାରେ ଏଫ୍‌ଓବି ନିର୍ମାଣ। |
| ୭. | ଜିଲ୍ଲା ଭୂ-ଅର୍ଜନ ଅଧିକାରୀ, ଝାରସୁଗୁଡ଼ା | ଓଡ଼ିଶା | ଓଡ଼ିଶା ରାଜ୍ୟରେ ଝାରସୁଗୁଡ଼ା ଜିଲ୍ଲାରେ ଧୁତ୍ରା-ଝାରସୁଗୁଡ଼ା ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ.୨୫୬ ବଦଳରେ ୨-ଲେନ୍ ବିଶିଷ୍ଟ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। |
| ୮. | ଜିଲ୍ଲା ଭୂ-ଅର୍ଜନ ଅଧିକାରୀ, ମୟୂରଭଞ୍ଜ | ଓଡ଼ିଶା | ଓଡ଼ିଶା ରାଜ୍ୟରେ ମୟୂରଭଞ୍ଜ ଜିଲ୍ଲାରେ ବାରିପଦା-ଭଞ୍ଜପୁର ଷ୍ଟେଶନ ମଧ୍ୟରେ ଲେଭଲ କ୍ରସିଂ ନଂ.-ଆର୍‌ବି-୩୬ ବଦଳରେ ରୋଡ୍ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ। |

[ଏଫ୍. ନଂ. ଏସ୍‌ଇଆର୍/ସିଓଏନ୍/ଆର୍‌ଏସ୍‌ପି/ଏଚ୍‌କ୍ୟୁ/ଆର୍‌ଓବି/ଏଲ୍‌ଏ/ଓଡି/୧]
(PR-1354) ଅନିଲ କୁମାର, ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ଆର୍‌ଏସ୍‌ପି
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



ମାଉସୀ ମା' ଛକସ୍ଥିତ ରାମେଶ୍ୱର ମନ୍ଦିର ନିକଟରେ ପହଞ୍ଚିଥିବା ରୁକୁଣାରଥ।



ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସହ ଦୋଳଗୋବିନ୍ଦ ଓ ମା ରୁକ୍ମିଣୀଙ୍କୁ ପହଣ୍ଡିରେ ରାମେଶ୍ୱର ମନ୍ଦିର ନିଆଯାଉଛି। (ଫଟୋ-ବିକାଶ ନାୟକ)

## ରାମେଶ୍ୱର ମନ୍ଦିରରେ ଶ୍ରୀଲିଙ୍ଗରାଜ

# ସୂର୍ଯ୍ୟାସ୍ତ ପରେ ହେଲା ରୁକୁଣା ରଥ ଟଣା



ଘରକୁ ଧକ୍କାଦେବା ପରେ ରୁକୁଣାରଥକୁ ରାସ୍ତାକୁ ସଳଖା ଯାଉଛି।



ରାସ୍ତାରେ ଦବି ଯାଇଥିବା ରଥକୁ ଉଠାଯାଉଛି।



ରଥ ନିକଟରେ ଜଣେ କୁନି ଭକ୍ତ।

- ଚକ ଦବିଲା, ୪୦ ମିନିଟ୍ ବିଳମ୍ବରେ ଗଡ଼ିଲା ରଥ
- ଘରକୁ ଧକ୍କାଦେଲା ରଥ

**ପୁରୁଣା ଭୁବନେଶ୍ୱର, ୨୭।୩ (ସୁବାସ ଚନ୍ଦ୍ର ପ୍ରଧାନ)**

ଅଶୋକାଷ୍ଟମୀ ଅବସରରେ ପ୍ରଭୁ ଶ୍ରୀଲିଙ୍ଗରାଜ ରୁକୁଣା ରଥଯାତ୍ରା ଆରମ୍ଭ ହୋଇଛି। ଗୁରୁବାର ରଥ ଉପରେ ପ୍ରଭୁ ବଡ଼ଦାଣ୍ଡ ସାହି ମଝିରେ ଅଟକି ରହିଥିବାବେଳେ ଶୁକ୍ରବାର ଶ୍ରଦ୍ଧାଳୁଙ୍କ ମେଳରେ ମାଉସୀଘର ରାମେଶ୍ୱର ମନ୍ଦିରରେ ପହଞ୍ଚିଛନ୍ତି। ତେବେ ବାଟରେ ରୁକୁଣା ରଥର ଚକ ଦବିବା, ଏକ ଘରକୁ ଧକ୍କା ଦେବା ଓ ରାତିରେ ରଥଟଣା ହେବା ଘଟଣାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

ଅପରାହ୍ନ ୨ଟା ୫୬ରେ ରଥଟଣା ଯାଇଥିଲା। ରଥ ଉପରେ ଭୋଗ ମଣ୍ଡପ ସରିବା ପରେ ସକାଳ ଧୂପରେ ଭୋଗ ହୋଇଥିବା ମୁଆଁକୁ ରଥ ଚକ ତଳେ ଦିଆଯାଇ ରଥ ଟଣାଯାଇଥିଲା। ଖରା ଓ ଗୁଳୁଗୁଳିରେ ପୋଲିସ କର୍ମଚାରୀଙ୍କ ସହ ଭକ୍ତମାନେ ରଥକୁ ଟାଣି ଟାଣି ମାଉସୀମା ମନ୍ଦିର ତଥା ରାମେଶ୍ୱର ମନ୍ଦିର ଅଭିମୁଖେ ନେଇଥିଲେ। ରଥ ଦାଣ୍ଡର ଶୀତଳଷଷ୍ଠୀ ମାର୍ଗଠାରୁ ୬୦ମିଟର ଦୂରରେ ରଥ ଦକ୍ଷିଣକୁ ମାଡ଼ିଯାଇଥିଲା। ପରେ ଚକ ଦିବଯିବାରୁ ଡାହାଣକୁ ହଠାତ୍ ରଥ ମାଡ଼ିଯାଇ ଜଣେ ବ୍ୟକ୍ତିଙ୍କ ଘରକୁ ଧକ୍କାଦେଇଥିଲା। ପରେ ଖରଡ଼ା ସେବାୟତମାନେ ଖରଡ଼ା ପକାଇ ପ୍ରାୟ ୪୦ ମିନିଟ୍ ଧରି ଅକ୍ଲାନ୍ତ ପରିଶ୍ରମ ପରେ ରଥ ଆଗକୁ ଗଡ଼ିଥିଲା। କିଛି ବାଟ ରଥ ଯିବା ପରେ ଅସୁର କିଆରିଠାରେ ଦ୍ୱିପ୍ରହର ଧୂପ ସରିବା ପରେ ଡାହୁକ ପୁଣି ରଥ ଟାଣିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବାରିକ ସାହି ନିକଟରେ ସୂର୍ଯ୍ୟାସ୍ତ ହୋଇଯାଇଥିଲା। ଶନିବାର ରଥରେ ଅନେକ କାର୍ଯ୍ୟ ଏବଂ ମା' ପାର୍ବତୀଙ୍କ ରାମେଶ୍ୱର ମନ୍ଦିର ଯାତ୍ରା ନେଇ ସ୍ୱତନ୍ତ୍ର ବିଧି ରହିଥିବାରୁ ଲାଇଟ୍ ଲଗାଯାଇ ରଥ ଟଣାହୋଇ ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା ବୋଲି ବରିଷ୍ଠ ପୂଜାପଣ୍ଡା ସେବାୟତ ସଚିକାନ୍ତ ପୂଜାପଣ୍ଡା ସୂଚନା ଦେଇଛନ୍ତି। ରଥ ରାମେଶ୍ୱର ମନ୍ଦିର ଆଗରେ ପହଞ୍ଚିବା ପରେ ଠାକୁରଙ୍କ ପହଣ୍ଡି ବିଜେ ହୋଇ ରାମେଶ୍ୱରଙ୍କ ନିକଟରେ ଭେଟ ଆଳତି କରାଯାଇଥିଲା। ଏହାପରେ ଠାକୁରମାନେ ସିଂହାସନରେ ଆସୀନ ହୋଇଥିଲେ। ଏଥିସହ ଠାକୁରଙ୍କ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା।

### ଜବରଦଖଲ ପାଇଁ ରଥଯାତ୍ରାରେ ସମସ୍ୟା

ଲିଙ୍ଗରାଜ ମନ୍ଦିରଠାରୁ ମାଉସୀମା' ତଥା ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ରଥଦାଣ୍ଡର ଉଭୟ ପାର୍ଶ୍ୱ ଜବରଦଖଲ ହୋଇ ରହିଥିବା ଦେଖାଯାଇଛି। ଦୋକାନ ବଜାର ସହ ଅନେକ ଲୋକ ବ୍ୟବସାୟ ପ୍ରତିଷ୍ଠାନ ଓ ଘର ନିର୍ମାଣ କରିବା ଦ୍ୱାରା ରଥଦାଣ୍ଡ ଧୀରେ ଧୀରେ ସଂକୁଚିତ ହୋଇଯାଉଛି। ଯେଉଁଥିପାଇଁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ବିଶେଷକରି ରୁକୁଣା ରଥଯାତ୍ରା ସମୟରେ ଏଭଳି ବହୁ ସମସ୍ୟା ହେଉଥିବା କ୍ଷେତ୍ରବାସୀ ବ୍ରାହ୍ମଣ ନିଯୋଗ ସେବାୟତ ଗୌରୀ ଶଙ୍କର ଶତପଥୀ କହିଛନ୍ତି।

# ହିନ୍ଦୁତ୍ୱ, ସନାତନ ଧର୍ମର ସୁରକ୍ଷା ପାଇଁ ଆହ୍ୱାନ ଦେଲେ ତୋଗାଡ଼ିଆ



ବିଶ୍ୱ ହିନ୍ଦୁ ପରିଷଦ ଅଧ୍ୟକ୍ଷ ପ୍ରବୀଣ ଭାଇ ତୋଗାଡ଼ିଆ ମହୋତ୍ସବର ୨ୟ ସନ୍ଧ୍ୟାକୁ ଉଦ୍‌ଘାଟନ କରୁଛନ୍ତି।

**ପୁରୁଣା ଭୁବନେଶ୍ୱର, ୨୭।୩ (ସୁବାସ ଚନ୍ଦ୍ର ପ୍ରଧାନ)**

### ଲୋକନୃତ୍ୟରେ ଦୁଲୁକିଲା ଲିଙ୍ଗରାଜ ମହୋତ୍ସବ

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପବିତ୍ର ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଚାଲିଥିବା ଲିଙ୍ଗରାଜ ମହୋତ୍ସବର ଶୁକ୍ରବାର ଦ୍ୱିତୀୟ ଦିବସରେ କଳାକାରଙ୍କ ନୃତ୍ୟ ବିମୋହିତ କରିଥିଲା। ପ୍ରଥମେ ନୃତ୍ୟାରଚନା ଅନୁଷ୍ଠାନ ଓ ଓଡ଼ିଶୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଗଞ୍ଜାମର ଆଲୋକ ବିଶୋୟୀଙ୍କ ଲୋକ ନୃତ୍ୟ, କେନ୍ଦୁଝରର ବୀଣାପାଣି କଳାନିକେତନ ପକ୍ଷରୁ ନୃତ୍ୟ, କୋଲକତାର ଆଦିନୃତ୍ୟକଳା ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣକରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଶେଷରେ କେନ୍ଦ୍ରୀୟ ପୂର୍ବାଞ୍ଚଳ ସାଂସ୍କୃତିକ ପରିଷଦ ପକ୍ଷରୁ ଆସାମ ଅଞ୍ଚଳରୁ ଆସିଥିବା କଳାକାରଙ୍କ ବିହୁ ନୃତ୍ୟ ଚିତ୍ତାକର୍ଷକ ହୋଇଥିଲା। ପ୍ରକାଶନୀର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଓ ସାଧାରଣ ସମ୍ପାଦକ ସନତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବକୁ ମୁଖ୍ୟ ଅତିଥି ତଥା ବିଶ୍ୱ ହିନ୍ଦୁ ପରିଷଦ ଅଧ୍ୟକ୍ଷ ପ୍ରବୀଣ ଭାଇ ତୋଗାଡ଼ିଆ ଉଦ୍‌ଘାଟନ କରି ହିନ୍ଦୁଙ୍କ ସୁରକ୍ଷା ଓ ସନାତନ ଧର୍ମ ବିଶେଷତ୍ୱ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ବଦ୍ରିନାଥ ପଟ୍ଟନାୟକ, ଭାଜପା ନେତା ସୁରଥ ବିଶ୍ୱାଳ ଯୋଗଦେଇ କଳାକାରଙ୍କୁ ସମ୍ମାନିତ କରିଥିଲେ। ଶିବାନନ୍ଦ ରାୟ ଧନ୍ୟବାଦ ଦେଇଥବା ବେଳେ ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ମହାନ୍ତି, କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ନାରାୟଣ ମହାପାତ୍ର, ବିଶ୍ୱନାଥ ମହାପାତ୍ର, କେଦାରନାଥ ମହାପାତ୍ର, ଲିଙ୍ଗରାଜ ସାହୁ, ଲଲାଟେନ୍ଦୁ ମହାନ୍ତି, ଗଣେଶ ପାଲ, ସୁଧୀର ରଞ୍ଜନ ଜେନା, ପ୍ରମୋଦ କୁମାର ଦାସ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ବିମାନ ଅପହରଣ ମକ୍‌ଡ୍ରିଲ୍

**ଭୁବନେଶ୍ୱର, ୨୭।୩ (ତ୍ରିନାଥ ମହାନ୍ତି)**

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଶୁକ୍ରବାର ବିମାନ ଅପହରଣ ମକ୍‌ଡ୍ରିଲ କରାଯାଇଛି। ଏନ୍‌ଏସ୍‌ଜି, ଏସ୍‌ଓଜି, ଆଇବି, ସିଆର୍‌ପିଏଫ ସହ ଓଡ଼ିଶା ପୋଲିସ ମିଳିତ ଭାବେ ଆଣ୍ଟି ହାଇଜାକ୍ ଏକ୍ସରସାଇଜ କରିଥିଲେ। ଆତଙ୍କବାଦୀମାନେ ବିମାନକୁ ହାଇଜାକ୍ କରିବା ସମୟରେ କ'ଣ କରିବାକୁ ପଡ଼ିବ, କିପରି ସେମାନଙ୍କ କବଳରୁ ବିମାନ ସହ ଯାତ୍ରୀ ଓ ଅନ୍ୟମାନଙ୍କୁ ସୁରକ୍ଷା ଯୋଗାଇହେବ, ଆତଙ୍କବାଦୀଙ୍କ ଯୋଜନାକୁ କେମିତି ପଣ୍ଡ କରାଯିବ, ସେଥିପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏଥିପାଇଁ କିଛି ସମୟ ଭୁବନେଶ୍ୱର ବିମାନବନ୍ଦରରେ ସତସତିକା ବିମାନ ହାଇଜାକ୍ କରାଯାଇଥିଲା। ଏଥିରେ ଭାଗ ନେଇଥିବା ସୁରକ୍ଷା କର୍ମଚାରୀ ନୂଆ ନୂଆ କୌଶଳ ଶିଖିଥିଲେ। ଆତଙ୍କବାଦୀଙ୍କୁ କିଭଳି ସାବାଡ଼ କରାଯିବ ଏବଂ ହାଇଜାକ୍ ସମୟରେ କିଭଳି କେଉଁଠି ଛକି ରହି ଗୁଳି ମରାଯିବ ତାହାର କୌଶଳ ଶିକ୍ଷା ଦିଆଯାଇଥିଲା। ଏଥିସହ ହାଇଜାକ୍ ସମୟରେ କିଭଳି ଗଣମାଧ୍ୟମକୁ ନିୟନ୍ତ୍ରଣ କରିହେବ ସେନେଇ ମଧ୍ୟ ଶିକ୍ଷା ଦିଆଯାଇଛି। ସଶସ୍ତ୍ର ସୁରକ୍ଷା କର୍ମୀମାନେ ଡେମୋ କରି ଦେଖାଇଥିଲେ ଯେ, ପରିସ୍ଥିତି ଯାହା ହେଉନା କାହିଁକି ସେମାନେ ସବୁବେଳେ ସଜାଗ ଅଛନ୍ତି।

# କାଠଚୁଲା ନିଆଁରୁ ଜଳିଗଲା ରେଷ୍ଟୁରାଣ୍ଟ ରୋଷେଇଶାଳ

**ଭୁବନେଶ୍ୱର, ୨୭।୩ (ତ୍ରିନାଥ ମହାନ୍ତି)**

କାଠଚୁଲାରେ ରୋଷେଇ ଚାଲିଥିବାବେଳେ ନିଆଁଲାଗି ଜଳିଗଲା ରେଷ୍ଟୁରାଣ୍ଟର ରୋଷେଇଶାଳ। ଜାଗମରାସ୍ଥିତ ମାନସ କମ୍ପ୍ଲେକ୍ସରେ ଥିବା କଷ୍ଟି ଚିକେନ୍ ରେଷ୍ଟୁରାଣ୍ଟରେ ଶୁକ୍ରବାର ଭୋର୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡରେ ରେଷ୍ଟୁରାଣ୍ଟର ରୋଷେଇ ଶାଳରେ ଥିବା ପ୍ରାୟ ୧୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସାମଗ୍ରୀ ପୋଡ଼ିଯାଇଛି। ଖବର ପାଇ ତମାଣ୍ଡୋ ଅଗ୍ନିଶମ ବାହିନୀ ଓ ଷ୍ଟ୍ରାଇକିଂ ଫୋର୍ସ ପହଞ୍ଚି ନିଆଁକୁ ଲିଭାଇଥିଲେ। ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଗ୍ୟାସ୍ ମିଳୁ ନ ଥିବାରୁ କଷ୍ଟି ଚିକେନ୍ ରାଷ୍ଟୁରାଣ୍ଟରେ କାଠଚୁଲାରେ ରୋଷେଇ ଚାଲିଛି। ଶୁକ୍ରବାର ସକାଳ ସାଢେ ୬ଟା ବେଳେ ରୋଷେୟା ରୋଷେଇ କରୁଥିଲେ। ତେବେ ଅସାବଧାନତା ବଶତଃ ଚୁଲିରୁ ନିଆଁ ଉଠି ରୋଷେଇ ଘରେ ଲାଗିଯାଇ ଚାରିଆଡକୁ ବ୍ୟାପି ଯାଇଥିଲା। ପ୍ରବଳ ମାତ୍ରାରେ ନିଆଁ ଓ ଧୂଆଁ ହେବାରୁ ରୋଷେୟା ଏବଂ ଅନ୍ୟ କର୍ମଚାରୀ ଭୟରେ ବାହାରକୁ ପଳାଇ ଆସି ଥାନା ଓ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ।

# ପ୍ରବଳ ଖରା ସହ ଆହୁରି ୬ଦିନ ବର୍ଷା

### ୬ ସ୍ଥାନରେ ୩୯ ଡିଗ୍ରୀ ଛୁଇଁଲା ତାପମାତ୍ରା

### ୩୯.୫ ଡିଗ୍ରୀ ସହ ଟିଟିଲାଗଡ଼ ସବୁଠୁ ଉତ୍ତପ୍ତ ସହର

**ଭୁବନେଶ୍ୱର, ୨୭।୩ (ବନ୍ଦନା ସେଠୀ)**

ଓଡ଼ିଶା ଓ ଏହାର ପାଖାପାଖି ଅଞ୍ଚଳରେ ସମୁଦ୍ର ପତ୍ତନଠାରୁ ୦.୯ କି.ମି. ଉଚ୍ଚରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟରେ ଆହୁରି ୬ ଦିନ ଅର୍ଥାତ୍ ଏପ୍ରିଲ ୨ ପର୍ଯ୍ୟନ୍ତ ବଜ୍ରପାତ ସହ ବର୍ଷା ଏବଂ ସ୍ଥାନେ ସ୍ଥାନେ କୁଆପଥର ବର୍ଷାହେବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶନିବାର ବିଶେଷକରି ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ବିଜୁଳି ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏଥିସହ ବର୍ଷା ସମୟରେ ପବନର ବେଗ ୫୦ରୁ ୬୦ କି.ମି. ରହିବ ବୋଲି ଆକଳନ କରାଯାଇ ଏହି ସମୟରେ ଆବଶ୍ୟକ ନ ଥିଲେ ଘରୁ ବାହାରକୁ ବାହାରିବା ପାଇଁ ବାରଣ କରାଯାଇଛି। ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲାକୁ ବର୍ଷା ପବନ ଏବଂ ଘଡ଼ଘଡ଼ି ବିଜୁଳି ପାଇଁ ୟେଲୋ ୱାର୍ନିଂ ଦିଆଯାଇଛି। ସେହିପରି କେନ୍ଦୁଝର ଏବଂ ସୁନ୍ଦରଗଡ଼ ଜିଲାର କାଁ ଭାଁ ସ୍ଥାନରେ ହାଲୁକା ବର୍ଷା ସହ ବାକି ଜିଲାଗୁଡ଼ିକରେ ପାଗ ଶୁଖିଲା ରହିବ। ରବିବାର ମୟୂରଭଞ୍ଜ, କୋରାପୁଟ ଏବଂ ମାଲକାନଗିରିକୁ ଝଡ଼ବର୍ଷା ପାଇଁ ୟେଲୋ ୱାର୍ନିଂ ଦିଆଯାଇଥିବାବେଳେ ଅନ୍ୟ ଜିଲାଗୁଡ଼ିକରେ ପାଗ ପ୍ରାୟତଃ ଶୁଖିଲା ରହିବ ବୋଲି ଆକଳନ କରାଯାଇଛି।

ଅପରପକ୍ଷେ ଘୂର୍ଣ୍ଣିବଳୟ ସତ୍ତ୍ୱେ ରାଜ୍ୟରେ ଦିନ ତାପମାତ୍ରା ଉପରମୁହାଁ ରହୁଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୬ଟି ସ୍ଥାନରେ ପାରଦ ୩୯ ଡିଗ୍ରୀ ଏବଂ ତା'ଠାରୁ ଅଧିକ ରେକର୍ଡ ହୋଇଛି। ୩୯.୫ ଡିଗ୍ରୀ ସହ ଟିଟିଲାଗଡ଼ ରାଜ୍ୟର ସବୁଠାରୁ ଉତ୍ତପ୍ତ ସହରରେ ପରିଣତ ହୋଇଛି। ସେହିପରି ସମ୍ବଲପୁରରେ ୩୯.୩ ଡିଗ୍ରୀ, ଝାରସୁଗୁଡ଼ା ୩୯ ଡିଗ୍ରୀ, ଭବାନୀପାଟଣା ୩୯ ଡିଗ୍ରୀ, ହୀରାକୁଦ ୩୯ ଡିଗ୍ରୀ, ସୋନପୁର ୩୯ ଡିଗ୍ରୀ, ତାଳଚେର ୩୮.୫ ଡିଗ୍ରୀ, ଅନୁଗୋଳ ୩୮.୧ ଡିଗ୍ରୀ, ନବରଙ୍ଗପୁର ୩୮ ଡିଗ୍ରୀ, ଚାନ୍ଦବାଲି ୩୭.୮ ଡିଗ୍ରୀ, ବାରିପଦା ୩୭.୬ ଡିଗ୍ରୀ, ବଲାଙ୍ଗୀର ୩୭.୬ ଡିଗ୍ରୀ, ଭୁବନେଶ୍ୱର ୩୭.୨ ଡିଗ୍ରୀ, ନୂଆପଡା ୩୭ ଡିଗ୍ରୀ, ସୁନ୍ଦରଗଡ଼ ୩୭ ଡିଗ୍ରୀ ଓ ଭଦ୍ରକ ୩୭ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଏଥିସହ ଆଉ ୪ଦିନ ପରେ ଦିନ ତାପମାତ୍ରାରେ ଆହୁରି ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଶଶୀକାନ୍ତ



@ ସରୋଜ



@ ବିଷ୍ଣୁପ୍ରିୟା



@ ଲିଟୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଷଷ୍ଠଦିଗ ଦୈବଜ୍ଞ ବ୍ରାହ୍ମଣଙ୍କ ବନ୍ଧୁମିଳନ

**ପୁରୁଣା ଭୁବନେଶ୍ୱର, ୨୭।୩ (ସୁବାସ ଚନ୍ଦ୍ର ପ୍ରଧାନ)**

ପରମ୍ପରାକ୍ରମେ ଚଳିତବର୍ଷ ବୈତାଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଷଷ୍ଠଦିଗ ଦୈବଜ୍ଞ ବ୍ରାହ୍ମଣ ସମିତିର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ପଣ୍ଡିତ ବିନୋଦ କୁମାର ସେନାପତିଙ୍କ ଅଧ୍ୟକ୍ଷତାରେ ଏକ ସଭାକାର୍ଯ୍ୟ ଆୟୋଜନ କରାଯାଇଥିଲା। ସମ୍ପାଦକ ପଣ୍ଡିତ ପ୍ରେମାନନ୍ଦ ସେନାପତି ପୂର୍ବ ସଭାର ବିବରଣୀ ପାଠ କରିଥିଲେ। ଦୈବଜ୍ଞ ବ୍ରାହ୍ମଣ ପରିବାରଗୁଡ଼ିକର ଆର୍ଥିକ, ସାମାଜିକ ଓ ଶିକ୍ଷାଗତ ଉନ୍ନତି ପାଇଁ ଉପସ୍ଥିତ ସଦସ୍ୟମାନେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ସାମାଜିକ ଓ ଶିକ୍ଷାଗତ ଉନ୍ନତି ପାଇଁ ସଂଘ ଉଚିତ ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତେବେ ଭିନ୍ନ ଭିନ୍ନ ପାଞ୍ଜିରେ ବିଗତ ଦିନର କେତେକ ମତାନ୍ତର ପାଇଁ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହି ଅବସରରେ ବୈତାଳେଶ୍ୱର ମନ୍ଦିରର ମୁଖ୍ୟ ପୂଜକ ଓ ପୂର୍ବତନ କର୍ପୋରେଟର ତଥା ଯୁବ ସାମାଜିକ କର୍ମୀ ପ୍ରମୋଦ କୁମାର ମହାପାତ୍ରଙ୍କୁ ଅସଲି ଖଡ଼ିରତ୍ନ ପଞ୍ଜିକା ଓ ଉପଢୌକନ ସହ ସମ୍ମାନିତ କରାଯାଇଥିଲା। ଏଥିସହ ଦୈବଜ୍ଞ ବ୍ରାହ୍ମଣ ସଂଘ ଖୋର୍ଦ୍ଧା ଜିଲା ସଭାପତି ପଣ୍ଡିତ ପ୍ରଭାତ କୁମାର ନାୟକ, ସମ୍ପାଦକ ପଣ୍ଡିତ ଭରଦ୍ୱାଜ ନାୟକ, ରଘୁନାଥ ନାୟକ, ମନୋରଞ୍ଜନ ନାୟକ, ବିଶିଷ୍ଟ ପାଲାଗାୟକ ଭଜମନ ଗ୍ରହାଚାର୍ଯ୍ୟ, ତାରିଣୀ ମହାପାତ୍ର, ଦେବେନ୍ଦ୍ର ସେନାପତି, ରବୀନ୍ଦ୍ର ନାଥ ନାୟକ, ନୃସିଂହ ନାୟକ, ସୀମାଞ୍ଚଳ ନାୟକ, ପ୍ରମୋଦ ନାୟକ, ଲକ୍ଷ୍ମୀଧର ନାୟକ ପ୍ରମୁଖ ବହୁ ପଣ୍ଡିତ ଉପସ୍ଥିତ ଥିଲେ।



ଦୈବଜ୍ଞ ବ୍ରାହ୍ମଣ ସମିତି ସଭାପତି ପଣ୍ଡିତ ବିନୋଦ କୁମାର ସେନାପତିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ବନ୍ଧୁମିଳନ।

# ଜନ୍ମ ନାରାୟଣ ବେଶରେ ଦର୍ଶନଦେଲେ ଚତୁର୍ଦ୍ଧା ବିଗ୍ରହ

## ୫୫ ବର୍ଷରେ ଗଦାଧରପୁରର ପ୍ରସିଦ୍ଧ ରାମନବମୀ ଉତ୍ସବ

ତିଗିରିଆ, ୨୭।୩ (ଜାଫର ଖାଁ)

ତିଗିରିଆ ବ୍ଲକର ପ୍ରସିଦ୍ଧ ରାମଲୀଳା ପୀଠ ଶ୍ରୀ ରଘୁନାଥଜୀଉଙ୍କ ରାମନବମୀ ଉତ୍ସବ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଚଳିତ ବର୍ଷ ଗଦାଧରପୁର ରାମ ନବମୀକୁ ୫୫ ବର୍ଷ ପୂରଣ ହୋଇଛି। ପୂର୍ବାହ୍ନରେ ପୀଠ ପରମ୍ପରା ଅନୁଯାୟୀ ଗ୍ରାମର ସମସ୍ତ ଦେବଦେବୀଙ୍କ ପୀଠରେ ଧ୍ୱଜା ପ୍ରତିଷ୍ଠା ପରେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ୩୬୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଖଳି ନଦୀ ବାଲିତୁଠରୁ କଳସ ଆଣି ପୀଠରେ ସ୍ଥାପନ କରିବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଛି। ବହୁ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଭିତରେ ଭଜନ କୀର୍ତ୍ତନ ମଧ୍ୟରେ ରାମ ଜନ୍ମ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ କାର୍ଯ୍ୟରେ କର୍ତ୍ତା ରୂପେ ବୈକୁଣ୍ଠ ବିହାରୀ ସ୍ୱାଇଁ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଆଚାର୍ଯ୍ୟ ସନ୍ତୋଷ କୁମାର ଶତପଥୀ ଏବଂ ସେବାୟତ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ବୈଦିକ କର୍ମକାଣ୍ଡ ଏବଂ ପୂଜାବିଧି ଅନୁଷ୍ଠିତ ହେଉଛି । ସନ୍ଧ୍ୟାରେ ପୀଠରେ ବିଜେ ଚତୁର୍ଦ୍ଧା ବିଗ୍ରହ ଶ୍ରୀରାମ, ଲକ୍ଷ୍ମଣ, ମାତା ଜାନକୀ ଏବଂ ହନୁମାନଙ୍କ ଜନ୍ମ ନାରାୟଣ ବେଶ ଅନୁଷ୍ଠିତ ହୋଇଥିଲା। ବହୁ ହଜାର ଶ୍ରଦ୍ଧାଳୁ ଏହି ଦୁର୍ଲଭ ବେଶ ଦର୍ଶନ କରିବା ସହ ସନ୍ଧ୍ୟା ଆଳତି ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଦଶାବତାର ବନ୍ଦନାରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଚଳିତ ବର୍ଷ ପୀଠରେ ୯ ଦିନ ଧରି ରାମ ନବମୀ ଅନୁଷ୍ଠିତ ହେଉଥିବା ବେଳେ ରାମାୟଣର ପ୍ରଚାର ଓ ପ୍ରସାର ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଅନେକ ରାମଲୀଳା ସଂଗଠନକୁ ଆମନ୍ତ୍ରଣ କରାଯାଇ ରାମାୟଣର ବହୁ କାଣ୍ଡକୁ ନେଇ ଗୀତିନାଟ୍ୟ ପରିବେଷଣ ପ୍ରତିଯୋଗିତା ଆୟୋଜନ କରାଯାଇଛି। ଗ୍ରାମ ପରିଚାଳନା କମିଟି ସଭାପତି ଧନେଶ୍ୱର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସଦସ୍ୟ ସୁଦାମ ଚରଣ ରାଉତ, ପ୍ରଦୀପ କୁମାର ସ୍ୱାଇଁ, ଧୀରେନ୍ଦ୍ର ସ୍ୱାଇଁ, ରମେଶ କୁମାର ନାୟକ, ରମେଶ ସ୍ୱାଇଁ, ପ୍ରମୁଖ ଏହାକୁ ପରିଚାଳନା କରୁଛନ୍ତି।



ଜନ୍ମନାରାୟଣ ବେଶରେ ରଘୁନାଥ ଜୀଉ ଦର୍ଶନ ଦେଉଛନ୍ତି।

## ବାସନ୍ତିକ ଦୁର୍ଗାପୂଜାର ନବମ ଦିନରେ ମା'ବୁଢ଼ୀ ମଙ୍ଗଳାଙ୍କ ସିଦ୍ଧିଦାତ୍ରୀ ବେଶ



ତିଗିରିଆ, ୨୭।୩ (ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମାର ଆରାଧ୍ୟ ଠାକୁରାଣୀ ମା' ବୁଢ଼ୀ ମଙ୍ଗଳାଙ୍କ ପୀଠରେ ଚାଲିଥିବା ବାସନ୍ତିଙ୍କ ଦୁର୍ଗାପୂଜାର ନବମ ଦିବସରେ ଶୁକ୍ରବାର ମା' ଭକ୍ତଙ୍କୁ ସିଦ୍ଧିଦାତ୍ରୀ ବେଶରେ ଦର୍ଶନ ଦେଇଛନ୍ତି। ରାମ ନବମୀ ଯୋଗୁ ମା'ଙ୍କ ପୀଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା।

## ଶ୍ରୀରାମ ନବମୀ : ଆଠଗଡ଼ ପୁରପଲ୍ଲୀ ଉତ୍ସବମୁଖର



ଶ୍ରୀରାମ ନବମୀ ଉପଲକ୍ଷେ ବିଭିନ୍ନ ଆଲୋକମାଳାରେ ସଜ୍ଜିତ ଆଠଗଡ଼କୁ ସୁସଜ୍ଜିତ କରାଯାଇଛି।

ଆଠଗଡ,୨୭।୩ (ସତ୍ୟ ପ୍ରସାଦ ରଥ)

ଆଠଗଡ଼ ସହର ଓ ପୁରପଲ୍ଲୀ ଶ୍ରୀରାମ ନବମୀ ଉପଲକ୍ଷେ ଉତ୍ସବମୁଖର ହୋଇ ଉଠିଛି। ଆଠଗଡ଼ ଗଡ଼ଜାତର ଅନ୍ୟତମ ପାରମ୍ପରିକ ଗଣପର୍ବରେ ବିଭିନ୍ନ ମନ୍ଦିର ଓ ଗ୍ରାମରେ ରାମଲୀଳା ଆରମ୍ଭ ହୋଇଥିବାବେଳେ ଆଠଗଡ ସହର ଚାନ୍ଦବାଲି ଛକସ୍ଥିତ ହନୁମାନ ମନ୍ଦିରରେ ୯ଦିନ ଧରି ଚାଲିଥିବା ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ଓ ଯଜ୍ଞ ଓ ବିଭିନ୍ନ ଗ୍ରାମରେ ଚାଲିଥିବା ବାସନ୍ତିକ ଦୁର୍ଗାପୂଜା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆଠଗଡ ସହରସ୍ଥିତ ଶ୍ରୀ ରଘୁନାଥଜୀଉ ଶ୍ରୀ ଜଗନ୍ନାଥ ଜୀଉ ରାମଲୀଳା ନାଟ୍ୟ ସଂଘ ପକ୍ଷରୁ ଶ୍ରୀରାମ ଲୀଳା ଶୁଭାରମ୍ଭ ହୋଇଛି। ସେହିପରି ବିଭିନ୍ନ ଗ୍ରାମରେ ମଧ୍ୟ ରାମଲୀଳା ଆରମ୍ଭ ହୋଇଛି। ଆଠଗଡ ଶ୍ରୀ ରଘୁନାଥ ଜୀଉ ମନ୍ଦିରରେ ଦେବୋତ୍ତର ବିଭାଗ ପକ୍ଷରୁ ସୁପରଭାଇଜର୍ ଭବାନୀ ଶଙ୍କର ପଣ୍ଡାଙ୍କ ତତ୍ତ୍ୱାଧାନରେ ରାଜ ପୁରୋହିତ ସୁଶାନ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଶ୍ରୀରାମ ଜନ୍ମ ପୂଜାବିଧି ସମ୍ପନ୍ନ ହୋଇଛି। ଶ୍ରୀ ରଘୁନାଥଜୀଉ ରାମଲୀଳା ନାଟ୍ୟ ସଂଘ ପକ୍ଷରୁ ସ୍ଥାନୀୟ କଳାକାରଙ୍କ ଦ୍ୱାରା ୧୫ ଦିନଧରି ରାମଲୀଳା ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସଭାପତି ପ୍ରଭାକର ପଟ୍ଟନାୟକ ଓ ସମ୍ପାଦକ ପ୍ରତାପ ବେହେରା ସୂଚନା ଦେଇଛନ୍ତି।

## ବିଭିନ୍ନ ଗ୍ରାମରେ ଶ୍ରୀରାମ ନବମୀ, ରାମଲୀଳା

ବାଙ୍କୀ,୨୭।୩ (ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର )

ପବିତ୍ର ରାମନବମୀ ଉପଲକ୍ଷେ ବାଙ୍କୀ ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ବିରାଟ ବାଇକ ଶୋଭାଯାତ୍ରା ସ୍ଥାନୀୟ କଚେରି ପଡ଼ିଆରୁ ଆରମ୍ଭ ହୋଇଛି। ଏହା ବାଙ୍କୀ ବଜାର ପରିକ୍ରମା କରିବା ସହ ଗୋପାଳପୁର, ରଗଡି ଗ୍ରାମ ପରିକ୍ରମା କରି ଶେଷରେ ଗୋଲେଇ ମାର୍କେଟରେ କାର୍ଯ୍ୟକ୍ରମ ଶେଷ ହୋଇଛି। ଏହି କାର୍ଯ୍ୟକ୍ରମ ୧୩ବର୍ଷ ଧରି ଚାଲୁ ରହିଛି। ରାଜେଶ ରଣା, ବାପି ସାମଲ, ସନ୍ତୋଷ ବେହେରା, ଚନ୍ଦନ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ବହୁ କାର୍ଯ୍ୟକର୍ତ୍ତା ଏଥିରେ ଯୋଗଦେଇଥିଲେ। ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ବାଳକୃଷ୍ଣ କହଁର ଏହାର ନେତୃତ୍ୱ ନେଇଥିଲେ। ସେହିପରି କଳାପଥରରେ ଥିବା ଦୋସ୍ତି ଗ୍ରୁପ୍ ତରଫରୁ ରାମନବମୀ ପାଳନ ହୋଇଯାଇଛି। ଗ୍ରୁପ୍‌ର ସଦସ୍ୟମାନେ ସ୍ଥାନୀୟ ରାମମନ୍ଦିର ଠାରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିଥିଲେ। ବିଶ୍ୱଜିତ୍ ବେହେରା, ଲୋକନାଥ ସାହୁ, ଅଶ୍ୱିନୀ କୁମାର ବେହେରା, ସିକୁନ ସେନାପତି, ଦୋଳଗୋବିନ୍ଦ ସାହୁ, ସୌମ୍ୟରଞ୍ଜନ ସାହୁ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ବୈଦ୍ୟେଶ୍ୱର ଥାନା ଅଧିକାରୀ ଦୁର୍ଗେଶ ନନ୍ଦିନୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଥିଲା। ସେହିପରି ବାଙ୍କୀ ଉପଖଣ୍ଡର ଶିଶୁଆ, ଚକାପଦା, ସାହା ପାଥପୁର, ଗୋପାଳପୁର, କେନ୍ଦୁପଲ୍ଲୀ, ଗୋପ ଆଦି ବହୁ ଗ୍ରାମରେ ଶ୍ରୀରାମ ନବମୀ ଓ ରାମଲୀଳା ନାଟକ ୯ ଦିନ ବ୍ୟାପୀ ଅନୁଷ୍ଠିତ ହେଉଛି।



ବିଭିନ୍ନ ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ବାହାରିଥିବା ଭକ୍ତମାନେ।

## ଚୌଦ୍ୱାର-କଟକ କର୍ପୋରେଟରଙ୍କ ସହ ପ୍ରତାପଙ୍କ ବୈଠକକୁ ନେଇ ଚର୍ଚ୍ଚା

କଟକ,୨୭।୩(ଶିଳ୍ପା ପ୍ରିୟଦର୍ଶିନୀ)

ଚୌଦ୍ୱାର-କଟକ ବିଜେଡି ରାଜନୀତି ଧୀରେ ଧୀରେ ବଦଳିବାକୁ ଲାଗିଛି। ଏହି ନିର୍ବାଚନମଣ୍ଡଳୀର ଯେଉଁ କର୍ପୋରେଟରମାନେ ବିଜେଡି ଛାଡ଼ିବାକୁ କହୁଥିଲେ ସେମାନେ ଏବେ ମତ ବଦଳାଇ ଦଳ ଛାଡ଼ିବେ ନାହିଁ ବୋଲି କହିଲେଣି। ଏପରିକି ଦଳରୁ ବହିଷ୍କୃତ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ଦଳୀୟ ନେତାଙ୍କୁ ଆହ୍ୱାନ ଦେଇ ବଳ ଗୋଟାଉ ଥିବାବେଳେ ଏବେ ଓଲଟା ଚିତ୍ର ଦେଖିବାକୁ ମିଳିଲାଣି। ପ୍ରଭାତ କିଛିଦିନ ପୂର୍ବେ କର୍ପୋରେଟରଙ୍କୁ ନେଇ ଏକ ବୈଠକ କରିଥିଲେ। ଏହି ବୈଠକ ପରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ସିଏମ୍‌ସି କର୍ପୋରେଟରଙ୍କ ଏକ ବୈଠକ ୪୪ ନଂ. ୱାର୍ଡ କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆଙ୍କ ବାସଭବନରେ କରାଯାଇଥିଲା। ଏଥିରେ ବିଜେଡି ବରିଷ୍ଠ ନେତା ପ୍ରତାପ ଜେନା, ଜିଲା ସଭାପତି ପ୍ରଫୁଲ୍ଲ ସିଂ ଏବଂ ଜିଲା ସାଧାରଣ ସମ୍ପାଦକ ତାପସ ମହାନ୍ତିଙ୍କ ସମେତ ଏକାଧିକ କର୍ପୋରେଟର ଉପସ୍ଥିତ ଥିଲେ। କର୍ପୋରେଟରମାନେ ଇସ୍ତଫା ଦେବା କଥା କାହିଁକି କହିଥିଲେ, ପ୍ରଭାତ ବିଶ୍ୱାଳଙ୍କ ଘରେ କାହିଁକି ବୈଠକ ହୋଇଥିଲା ଏବଂ ସେଠି କ'ଣ ଆଲୋଚନା ହୋଇଥିଲା ସେ ବିଷୟରେ ପ୍ରତାପ ପଚାରିଥିବା ଜଣାପଡ଼ିଛି। ବୈଠକ ସରିବା ପରେ ଯେଉଁ କର୍ପୋରେଟରମାନେ ବଦଳ ଛାଡ଼ିବା କଥା କହୁଥିଲେ ଏବେ ସେମାନେ ନିଷ୍ପତ୍ତି ବଦଳାଇଥିବା ଜଣାପଡ଼ିଛି। ଉକ୍ତ ନିର୍ବାଚନମଣ୍ଡଳୀରେ ପ୍ରଥମେ ନେତୃତ୍ୱ ନେବାକୁ କର୍ପୋରେଟରମାନେ ପ୍ରସ୍ତାବ ଦେଇଥିଲେ। ବୈଠକରେ ପ୍ରାୟ ୯ଜଣ କର୍ପୋରେଟର ଉପସ୍ଥିତ ଥିବାବେଳେ ୪ଜଣ ଅନୁପସ୍ଥିତ ଥିଲେ। କର୍ପୋରେଟରମାନେ ପ୍ରଭାତଙ୍କ ସପକ୍ଷରେ ଥିବାରୁ ବୈଠକକୁ ତାଙ୍କୁ ଡକାଯାଇ ନ ଥିବା କୁହାଯାଉଛି। ଏହି ବୈଠକ ପରେ ପ୍ରଭାତଙ୍କ ପାଇଁ ଅଡୁଆ ବଢୁଥିବା ନେଇ ସାଧାରଣରେ ବେଶ୍ ଚର୍ଚ୍ଚା ହେଉଛି।

## ସୁଜିତ ମେମୋରିଆଲ କ୍ରିକେଟ : ତୋଟାପଡ଼ା ଚାମ୍ପିୟନ



ଖେଳାଳିମାନଙ୍କ ସହ ଅତିଥି ପରିଚିତ ହେଉଛନ୍ତି।

ତାଳବସ୍ତ,୨୭।୩(ସୁବ୍ରତ କୁମାର ନାୟକ)

ଡମପଡା ବ୍ଲକ ଅନ୍ତର୍ଗତ ତାଳବସ୍ତର ଅଗ୍ରଣୀ କ୍ରିକେଟ କ୍ଲବ ଭାଇଭାଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚତୁର୍ଥ ବାର୍ଷିକୀ ସୁଜିତ୍ ମେମୋରିଆଲ ଅହୋରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ତାଳବସ୍ତ ସ୍କୁଲପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତୋଟାପଡା ଚାମ୍ପିୟନ ହୋଇଛି।

ଟୁର୍ଣ୍ଣାମେଣ୍ଟରେ ୮ ଗ୍ରାମାଞ୍ଚଳ ଦଳ ଆୟୋଜକ ତାଳବସ୍ତ, ଯାତମୁଣ୍ଡିଆ, ବେଙ୍କୁଡ଼ିଆ, ତୋଟାପଡା, ସାନପୁର, ହଳଦିଆ, ଟାଙ୍ଗିଆପଡା ଏବଂ ପାଥପୁର ଭାଗ ନେଇଥିଲେ। ଫାଇନାଲ ଖେଳ ହଳଦିଆ ଏବଂ ତୋଟାପଡା ଭିତରେ ଅନୁଷ୍ଠିତ ହୋଇଥିଲା। ତୋଟାପଡା ଦଳ ପ୍ରଥମେ ଟସ୍ ଜିତି ୬ ଓଭରରେ ୪ ଉଇକେଟ ହରାଇ ୮୮ ରନ୍ ସଂଗ୍ରହ କରିଥିଲା ବେଳେ ଜବାବରେ ହଳଦିଆ ଦଳ ୬ ଓଭରରେ ୩ ଉଇକେଟ ହରାଇ ମାତ୍ର ୫୯ ରନ କରିବାକୁ ସକ୍ଷମ ହୋଇଥିଲା। ତୋଟାପଡା ବିଜେତା ଦଳକୁ ୧୦ ହଜାର ସହ ଟ୍ରଫି ଏବଂ ଉପ ବିଜେତା ଦଳ କୁସୁପଙ୍ଗୀକୁ ୬ ହଜାର ସହ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରା ଯାଇଥିଲା। ସେବା ସମବାୟ ସମିତିର ସଭାପତି ଅକ୍ଷୟ କୁମାର ବେହେରାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବାଙ୍କୀ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ସମ୍ମାନିତ ଅତିଥିଭାବେ ୩୮ନଂ.ଜୋନ୍ ଜିଲା ପରିଷଦ ସଭ୍ୟ ଆଶିଷ କୁମାର ସାହୁ, ଡମପଡା ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ପାତ୍ର, ପୂର୍ବତନ ସରପଞ୍ଚ ଦିନବନ୍ଧୁ ସାହୁ, ସାମାଜିକ କର୍ମୀ ସୁଶାନ୍ତ କୁମାର ମହାରଣା, ପ୍ରଦ୍ୟୁମ୍ନ କୁମାର ପାଲ, ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଯୁବ ସଂଗଠକ ଅକ୍ଷୟ କୁମାର ସାମଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ତୋଟାପଡା କ୍ରିକେଟ ଦଳର ଯୁବ ଖେଳାଳି ଅଲିମ ଖାଁଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍‌ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଡ୍ୟାନସିଂ ଅମ୍ପାୟାର ଡୋ କୋନ ବାବୁଙ୍କ ଚମତ୍କାର ଖେଳ ନିୟନ୍ତ୍ରଣକୁ ଉପସ୍ଥିତ ଦର୍ଶକ ଉପଭୋଗ କରିଥିଲେ। ଉକ୍ତ ଖେଳକୁ ବିଶ୍ୱ ରଞ୍ଜନ ସ୍ୱାଇଁ, ରୁଦ୍ରନାରାୟଣ ଦାସ, କିଶୋର ଚନ୍ଦ୍ର ପ୍ରଧାନ, ତୃପ୍ତି ପ୍ରସାଦ ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ।



@ ସରୋଜ



@ ଲିଟୁ



@ ଶଶିକାନ୍ତ



@ ବିଷ୍ଣୁପ୍ରିୟା

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଈଶ୍ୱରଙ୍କ ସତ୍ତା ପାଇବାକୁ ସମର୍ପଣ ମନୋଭାବ ଦରକାର

ବଡମ୍ବା ୨୭।୩ (ମାୟାଧର ମଲ୍ଲିକ)

ବଡ଼ମ୍ବା ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ (ସୁଖ ଧାମ)ରେ ମୁଖ୍ୟ ପ୍ରଶାସିକ ଜାନକୀ ଦାଦିଙ୍କ ଷଷ୍ଠତମ ସ୍ମୃତି ଦିବସ ପାଳିତ ହୋଇଯାଇଛି। ବଡ଼ମ୍ବା ଶାଖା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ମୁଖ୍ୟ ବ୍ରହ୍ମକୁମାରୀ ପୁଷ୍ପ ଭଉଣୀ ଏଥିରେ ପୌରୋହିତ୍ୟ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁରଲୀ ପଠନ, ସ୍ମୃତିଦିବସ ବିଷୟରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥିଭାବେ ପ୍ରାଣ ଯୋଗ ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତି, ସମ୍ମାନିତ ଅତିଥି ଭାବେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ସଂସ୍କୃତ ବିଭାଗ ମୁଖ୍ୟ ଡ. ପୁଷ୍ପଲତା ପାଣିଗ୍ରାହୀ, ବିଶିଷ୍ଟ ଅତିଥିଭାବେ ପ୍ରାଣଯୋଗ ପ୍ରତିଷ୍ଠାନ ର କାର୍ଯ୍ୟକାରୀ ଅଧ୍ୟକ୍ଷା ପ୍ରବୀଣା ମହାନ୍ତି ପ୍ରମୁଖ ଯୋଗଦେଇ ଈଶ୍ୱରଙ୍କ ସତା ପାଇବାକୁ ହେଲେ ସମର୍ପଣ ମନୋଭାବ ଦରକାର ବୋଲି କହିଥିଲେ। କୁମାର ବିଦ୍ୟାଧର ଭାଇ ଦାଦୀଙ୍କ ଜୀବନୀ ଉପରେ ବକ୍ତବ୍ୟ ଦେଇଥିଲେ। କୁମାର ପ୍ରବୋଧ ଭାଇ ସଭା ସଂଯୋଜନା କରିଥିଲେ।

## ପଶୁପକ୍ଷୀଙ୍କୁ ସୁରକ୍ଷା, ଜଳପାନ ସମ୍ପର୍କିତ ଆଲୋଚନା

ବାଙ୍କୀ,୨୭।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ଡମପଡ଼ା ବ୍ଲକ ଅନ୍ତର୍ଗତ ବାଙ୍କୀ ଆର୍ଯ୍ୟ ସମାଜ ପକ୍ଷରୁ ତୁଳସୀପୁରସ୍ଥିତ ଆର୍ଯ୍ୟ ସମାଜ କାର୍ଯ୍ୟାଳୟ ରେ ପଶୁପକ୍ଷୀଙ୍କୁ କିପରି ସୁରକ୍ଷା ପ୍ରଦାନ କରିବା ସହ ଖରାଦିନେ ଜଳପାନ ବ୍ୟବସ୍ଥା ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ବରିଷ୍ଠ ସଦସ୍ୟ ଧନଞ୍ଜୟ ମହାପାତ୍ର ସଭାପତିତ୍ୱ କରିବା ସହ ସମ୍ୟକ ସୂଚନା ଦେଇଥିଲେ। ମୁଖ୍ୟ ଅତିଥିଭାବେ ବାଙ୍କୀ କଲେଜର ପୂର୍ବତନ ପ୍ରାଣୀବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ପଶୁପକ୍ଷୀ ହେଉଛନ୍ତି ମଣିଷ ସମାଜର ବନ୍ଧୁ ଓ ଏମାନଙ୍କର ସୁରକ୍ଷା ହୋଇପାରିଲେ ପରିବେଶ ସନ୍ତୁଳନ ହୋଇ ପାରିବ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତ ଜନସାଧାରଣ ବାଡିବଗିଚା ଓ ଛାତ ଉପରେ ଖରାଦିନେ ଜଳକୁଣ୍ଡ ସ୍ଥାପନ କରିବାକୁ ପ୍ରାଧ୍ୟାପକ ମହାପାତ୍ର ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦ୍ରୌପଦୀ ରାଉତ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନମିତା ନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବାନାମ୍ବର ସାହୁ, ସଂଯୁକ୍ତା ସାହୁ, ଟିଙ୍କି ସାହୁ, ରବୀନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଭାନୁମତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରୀଛାତ୍ରଙ୍କୁ ସଂସ୍କାର, ନୈତିକ ଶିକ୍ଷା ଦେବାକୁ ଗୁରୁତ୍ୱ

ବାଙ୍କୀ,୨୭।୩ (ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ବ୍ଲକ ଅଧୀନ ବନ୍ଦାଳ ପଞ୍ଚାୟତ ଇଂଲିଶ ମିଡିଅମ ଶ୍ରେଷ୍ଠମ ସ୍କୁଲର ଚତୁର୍ଥ ତମ ବାର୍ଷିକ ଉତ୍ସବ ବନ୍ଦଳେ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡା. ଅଭୟ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଅଂଶୁପା ଡିଗ୍ରୀ କଲେଜ ଅଧ୍ୟକ୍ଷ ଧରଣୀଧର ଜେନା, ବାଙ୍କୀ ବ୍ଲକ ପ୍ରତିନିଧି ଜୟନ୍ତ କୁମାର ବେଉରା, ବିଶିଷ୍ଟ ବେଦ ପାଠକ ନାରାୟଣ ଦାଶ, ସାମାଜିକ ଓ ସାଂସ୍କୃତିକ ସଂଗଠକ ଆବାହକ ବିକ୍ରମ ସାମନ୍ତ ସିଂହାର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଂସ୍କାର ଓ ନୈତିକ ଶିକ୍ଷା ଦେବା ଉପରେ ଅଲୋଚନା କରିଥିଲେ। ସ୍କୁଲ ଅଧ୍ୟକ୍ଷ ରତ୍ନାକର ଦାଶ ସଭାପତିତ୍ୱ କରିଥିବା ବେଳେ ପ୍ରିନ୍ସିପାଲ ନର୍ମଦା ରାଉତ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ।

## କାମଳ ରୋଗ କବ୍‌ଜାରେ ବିଷ୍ଣୁପୁର ଗ୍ରାମ

- ଆକ୍ରାନ୍ତଙ୍କ ପାଖରେ ପହଞ୍ଚିଲା ସ୍ୱାସ୍ଥ୍ୟ ଟିମ୍
- ପରୀକ୍ଷା ପାଇଁ ନେଲା ରକ୍ତ, ପାଣି

ଖୁଣ୍ଟୁଣୀ,୨୭।୩ (ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ କଖଡ଼ି ପଞ୍ଚାୟତର ବିଷ୍ଣୁପୁର ଗ୍ରାମରେ ଅଢ଼େଇ ମାସ ହେଲା କାମଳ ରୋଗ ଦେଖାଦେଲାଣି। ଆକ୍ରାନ୍ତମାନେ ସ୍ଥାନୀୟ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଚିକିତ୍ସିତ ହୋଇଛନ୍ତି। ଏତେ ଦିନ ଧରି କେଉଁ କାରଣରୁ ଏଠାରେ ଏହି ରୋଗ ବ୍ୟାପୁଛି ତାହା ଜଣାପଡ଼ି ନାହିଁ। ସ୍ୱାସ୍ଥ୍ୟ ବିଭାଗର ଅବହେଳା ଫଳରେ ଗାଁ ମଧ୍ୟରେ ଏହି ରୋଗ ଏତେ ପରିମାଣରେ ବଢ଼ିଯାଇଛି ଯେ, ଆକ୍ରାନ୍ତମାନେ ଆତଙ୍କିତ ହୋଇ ଝଡ଼ାଫୁଙ୍କା ପାଇଁ ବାଧ୍ୟ ହେଉଛନ୍ତି। ଗୁରୁବାର ବିଷ୍ଣୁପୁର ଗ୍ରାମରେ କାମଳ ଆକ୍ରାନ୍ତଙ୍କୁ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡା. ସ୍ୱାଗତ ଦାସ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଟିମକୁ ବିଷ୍ଣୁପୁର ଗ୍ରାମକୁ ପଠାଇଥିଲେ। ସ୍ୱାସ୍ଥ୍ୟ କର୍ମୀମାନେ ଘର ଘର ବୁଲି ଆକ୍ରାନ୍ତଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବାରେ ଏଠାରେ ଦୁଇ ମାସ ହେବ କାମଳ ରୋଗ ଆରମ୍ଭ ହୋଇଥିବା ଜାଣିଥିଲେ। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାୟ ୧୫ଜଣ ଆକ୍ରାନ୍ତ ଚିକିତ୍ସା ହୋଇଥିଲେ। ମାତ୍ର କିଛି ଆକ୍ରାନ୍ତ ସୁସ୍ଥ ହୋଇ ଥିବାବେଳେ ଏବେ ସୁଦ୍ଧା ୧୦ରୁ ଅଧିକ ଆକ୍ରାନ୍ତ ରହିଛନ୍ତି। ସ୍ୱାସ୍ଥ୍ୟ ଟିମ ସମସ୍ତ ଆକ୍ରାନ୍ତ ଓ ତାଙ୍କ ପରିବାର ସଦସ୍ୟଙ୍କ ରକ୍ତ ପରୀକ୍ଷା ପାଇଁ ସଂଗୃହୀତ କରି ଫେରି ଯାଇଛନ୍ତି।



ଡାକ୍ତର ଜଣେ ପିଲାର ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

## ଆଠଗଡ଼ରେ ଖୋଲିଲା ହସ୍ତତନ୍ତ ଉତ୍ପାଦିତ ବିକ୍ରୟ କେନ୍ଦ୍ର

ଆଠଗଡ,୨୭।୩ (ସତ୍ୟ ପ୍ରସାଦ ରଥ)

ଆଠଗଡ ସହରରେ ବର୍ଦ୍ଧନ ହାଣ୍ଡଲୁମ ନାମରେ ଏକ ନୂତନ ବିକ୍ରୟ କେନ୍ଦ୍ରର ଶୁଭାରମ୍ଭ ହୋଇଛି। ବୟନିକା ନିର୍ଦ୍ଦେଶକ କିଶୋର ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ବିକ୍ରୟ କେନ୍ଦ୍ରର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ହସ୍ତତନ୍ତ ନିରୀକ୍ଷକ ଅଶୋକ କୁମାର ପ୍ରଧାନ ଓ ସଞ୍ଜୟ କୁମାର କର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ବିକ୍ରୟ କେନ୍ଦ୍ରରେ ପ୍ରସିଦ୍ଧ ନୂଆପାଟଣା ହାତବୁଣା ସୁତା ଶାଢ଼ି, ଖଣ୍ଡୁଆ ପାଟ ଶାଢ଼ୀ, ସାର୍ଟ କପଡା, ସଲୱାର୍ ସୁଟ, ଯୋଡ଼ ଓ ସମ୍ବଲପୁରୀ ଶାଢ଼ୀ ଉପଲବ୍ଧ ହେବ। ବିକ୍ରୟ କେନ୍ଦ୍ରର ସ୍ୱାଧିକାରୀ ବିଜୟ କୁମାର ବର୍ଦ୍ଧନ ଓ ସଞ୍ଜୀବ ବର୍ଦ୍ଧନ ଉପସ୍ଥିତ ରହି ଅତିଥି ସତ୍କାର କରିଥିଲେ।

# ଗୁଣ୍ଡିଚା ମନ୍ଦିରରେ ବିରାଜିଲେ ଶ୍ରୀକପିଳେଶ୍ୱର, ଶ୍ରୀଗ୍ରାମେଶ୍ୱର ଦେବ

## ବିଜୟା ରଥଯାତ୍ରା

ନିରାକାରପୁର,୨୭।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ଶ୍ରୀକପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା ପାଇଁ ନିରାକାରପୁର ଅଞ୍ଚଳ ଉତ୍ସବମୁଖର ହୋଇଛି। ଅଶୋକାଷ୍ଟମୀ ଠାରୁ ବିଜୟା ରଥରେ ଆସି ବେଦବାଡ଼ିରେ ରଥ ଉପରେ ବିଶ୍ରାମ ନେଇଥିବା ଶ୍ରୀକପିଳେଶ୍ୱର, ମାତା ପାର୍ବତୀ, ଶ୍ରୀଗ୍ରାମେଶ୍ୱର ଦେବ ଓ ମାତା ଗ୍ରାମେଶ୍ୱରୀ ଦେବୀ ଶୁକ୍ରବାର ସନ୍ଧ୍ୟାରେ ରଥରୁ ପାଟପଟୁଆରରେ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଛନ୍ତି। ସେଥିପାଇଁ ପରିଚାଳନା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିଲା।


ଶ୍ରୀକପିଳେଶ୍ୱର ଏବଂ ଶ୍ରୀଗ୍ରାମେଶ୍ୱର ଦେବଙ୍କୁ ଗୁଣ୍ଡିଚା ମନ୍ଦିରକୁ ବିଜେ କରାଯାଉଛି।

ସେଠାରେ ପାରମ୍ପରିକ ପୂଜାର୍ଚ୍ଚନା ପରେ ଏକ ବିରାଟ ପଟୁଆରରେ ଶ୍ରୀଜୀଉମାନଙ୍କୁ ରଥ ଉପରୁ ଗୁଣ୍ଡିଚା ମନ୍ଦିରକୁ ପାଛୋଟି ଅଣାଯାଇଥିଲା। ଘଣ୍ଟ, ମର୍ଦ୍ଦଳର ଶବ୍ଦ ସାଙ୍ଗକୁ ହରିବୋଲ, ହୁଳହୁଳିରେ ପଣା କିଆରି ଉତ୍ସବ ମୁଖର ହୋଇପଡ଼ିଥିଲା। ସୂଚନାଯୋଗ୍ୟ, ଶ୍ରୀକପିଳେଶ୍ୱର ଦେବ, ମାତା ପାର୍ବତୀ ଓ ତାଙ୍କ ବଡ଼ଭାଇ ଗ୍ରାମେଶ୍ୱରଦେବ ଓ ମାତା ଗ୍ରାମେଶ୍ୱରୀ ଗହୀର ଜମିରେ ରଥଯାତ୍ରା କରି ଗୁରୁବାରଠାରୁ ପଣା କିଆରିରେ ପହଞ୍ଚି ବିଶ୍ରାମ ନେଇଥିଲେ। ରୀତିନୀତି ଅନୁଯାୟୀ ଶୁକ୍ରବାର ନବମୀ ତିଥିରେ ସମସ୍ତ ପୂଜାର୍ଚ୍ଚନା ପରେ ଡିଆଗ୍ରାମସ୍ଥିତ ଗୁଣ୍ଡିଚା ମନ୍ଦିରକୁ ଶ୍ରୀଜୀଉଙ୍କୁ ନିଆଯାଇଛି। ଶୁକ୍ରବାରଠାରୁ ଶ୍ରୀଜୀଉମାନେ ତିନିଦିନ ଧରି ଗୁଣ୍ଡିଚା ମନ୍ଦିରରେ ରହି ପୂଜା ପାଇବେ। ଆସନ୍ତା ଦ୍ୱାଦଶୀ ତିଥି ମଧ୍ୟରାତ୍ରରେ ବାହୁଡ଼ାଯାତ୍ରା ସମ୍ପନ୍ନ ହେବ ବୋଲି ପରିଚାଳନା କମିଟି ସଭାପତି କିଶୋର କୁମାର ଦାଶ, ସଦସ୍ୟ ମାନସ ଚନ୍ଦ୍ର ପଟ୍ଟନାୟକ, ସାରଙ୍ଗଧର ମହାପାତ୍ର ପ୍ରମୁଖ କର୍ମକର୍ତ୍ତା ସୂଚନା ଦେଇଛନ୍ତି।

# ରାମ ମନ୍ଦିରରେ ପୂଜାର୍ଚ୍ଚନା

କୃଷ୍ଣପ୍ରସାଦ,୨୭।୩.(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ତାଳତୋଳା ଗ୍ରାମର ରଘୁନାଥ ମନ୍ଦିରରେ ଶୁକ୍ରବାର ରାମ ନବମୀ ପାଳିତ ହୋଇଯାଇଛି। ଏହି ଅବସରରେ ୩୭ତମ ପାରାୟଣ ଆରମ୍ଭ ହୋଇଛି। ଏହା ୮ଦିନ ଧରି ଚାଲିବ। ବିଭିନ୍ନ ଗ୍ରାମରୁ ଶ୍ରଦ୍ଧାଳୁମାନେ ଭୋରରୁ ରାମଙ୍କୁ ଦର୍ଶନ କରି ଭୋଗ ପୂଜା ସାରି ଫେରିଥିଲେ। ଭୋରରୁ କଳସ ଯାତ୍ରା ହୋଇଥିଲା। ଗ୍ରାମ ସଭାପତି ଭ୍ରମରବର ପ୍ରଧାନ, ସମ୍ପାଦକ ସୁକାନ୍ତ କୁମାର ଜେନା, ଉଲ୍ଲାସ ପ୍ରଧାନ, ପ୍ରମୋଦ ପ୍ରଧାନ, ଦୁର୍ଯ୍ୟୋଧନ ତରେଇ, ଧନେଶ୍ୱର ଜେନା, ସିମାଞ୍ଚଳ ଜେନା, ପ୍ରସନ୍ନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଗଛ ମଣିଷ ଭାବେ ପରିଚିତ ଅମିତା ତରେଇ, ମୀନାରାଣୀ ସାହୁ, କେଳୁ ଚରଣ ପଲେଇ, ବିଦ୍ୟାଧର ପଲେଇ, ଦୁଃଶାସନ ତରେଇ, ସୁକାନ୍ତ ବିଶ୍ୱାଳ, ମହେଶ୍ୱର ସେଠୀ ପ୍ରମୁଖ ଶତାଧିକ ଭକ୍ତ ରାମ ରାଜ୍ୟ ପ୍ରତିଷ୍ଠା ଲକ୍ଷ୍ୟରେ ବିଭିନ୍ନ ସ୍ଲୋଗାନ ଦେଇ ମୋଟର ସାଇକେଲ ରାଲି କରିଥିଲେ। ସେମାନେ ରଘୁନାଥଙ୍କଠାରୁ ଝଣ୍ଡାମାଳ ଧରି ମାଲୁଦ ପଞ୍ଚମୁଖୀ ମନ୍ଦିର, ଅଣୁଆ ରଘୁନାଥ ମନ୍ଦିର, କାମଳସିଂହ ରଘୁନାଥ ମନ୍ଦିର ଯାଏଁ ୪୦ କିଲୋମିଟର ଯାଇଥିଲେ। ସେହିଭଳି ପଞ୍ଚମୁଖୀ ସେବାଦଳ ପ୍ରୟାଗିଠାରୁ ଏକ ଶୋଭାଯାତ୍ରାରେ କମଲେଶ୍ୱରଙ୍କ ପୀଠ ଯାଏ ଯାଇଥିଲେ। ଅଣୁଆ ରଘୁନାଥ ମନ୍ଦିର, ମାଲୁଦ ପଞ୍ଚମୁଖୀ ମନ୍ଦିର, କମଳାସିଂହ ରଘୁନାଥ ମନ୍ଦିର, ମାଲୁଦ ଚିନାମାଳି ମନ୍ଦିର ଚଳ ଚଞ୍ଚଳ ହୋଇଉଠିଥିଲା।



ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସରୋଜ


@ ଲିଟୁ


@ ଶଶିକାନ୍ତ


@ ବିଷ୍ଣୁପ୍ରିୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗ୍ରୀଷ୍ମକାଳୀନ ଜାତୀୟ ସେବା ଶିବିର

କୃଷ୍ଣପ୍ରସାଦ,୨୭।୩
(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସାତପଡ଼ା ପଞ୍ଚାୟତ ସ୍ନାତକ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟର ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଆରମ୍ଭ ହୋଇଛି। ଏହାକୁ ଅଧ୍ୟକ୍ଷ ଡ. ପ୍ରକାଶ କୁମାର ଜେନା ଉଦଘାଟନ କରିଥିଲେ। ଏଥିରେ ୫୦ ଜଣ ବାଳିକା ଏବଂ ୫୦ ଜଣ ବାଳକ ଭାଗ ନେଇଛନ୍ତି। ଅଧ୍ୟକ୍ଷ ଜେନା ସ୍ୱେଚ୍ଛାସେବୀମାନଙ୍କୁ ସମାଜ ସେବା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଏହି ଶିବିର ୭ ଦିନ ଯାଏ ଚାଲିବ। ଏଥିରେ ସମାଜ ସେବା, ସ୍ୱଚ୍ଛତା, ବୃକ୍ଷସରୋପଣ, ଜଳଦାନ ଉପରେ ତାଲିମ ଦିଆଯାଇଛ। ଶିକ୍ଷାର୍ଥୀମାନଙ୍କ ଦ୍ୱାରା ସ୍ୱଚ୍ଛତା କାର୍ଯ୍ୟକ୍ରମ ମଧ୍ୟ କରାଯିବା ସହ ଜନସାଧାରଣଙ୍କୁ ସଚେତନ କରାଯାଉଛି। ବାଳକ ବିଭାଗ ଯୋଜନା ଅଧିକାରୀ ପ୍ରସନ୍ନ କୁମାର ସାହୁ ଏବଂ ବାଳିକା ବିଭାଗ ଯୋଜନା ଅଧିକାରୀ ପ୍ରତାପ ଚନ୍ଦ୍ର ଦଳେଇ ଶିବିର ପରିଚାଳନା କରିଥିଲେ। ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

# ବାବା ଚନ୍ଦ୍ରଶେଖର ଦେବଙ୍କ ପାଣିତୋଳା ଉତ୍ସବ


ପାଣିତୋଳା ଉତ୍ସବ ଅବସରରେ ପରିବେଷିତ ନାଟକରେ ଭାଗନେଇଥିବା କଳାକାର।

ବେଗୁନିଆ,୨୭।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ସିକୋସ୍ଥିତ ବାବା ଚନ୍ଦ୍ରଶେଖର ଦେବଙ୍କ ନୀତିକାନ୍ତି ଅନୁଯାୟୀ ନୂଆପୋଖରୀରେ ଚୋରା ପାଣିତୋଳା ଉତ୍ସବ ଆରମ୍ଭ ହୋଇଛି । ପାଣିତୋଳା ପରେ ପଞ୍ଚ ମହାଦେବଙ୍କ ମନ୍ଦିର ପରିକ୍ରମା କରି ବାବା ଚନ୍ଦ୍ରଶେଖର ନିଜ ମନ୍ଦିରକୁ ଫେରିଥିଲେ। ଅପରାହ୍ନରେ ଠାକୁର ବାହାରି ପାଟ ଅଗଣାରେ ଭକ୍ତାମାନେ ଖେଳି ନନ୍ଦ ସାଗରକୁ ଗାଧୋଇବା ପାଇଁ ଯାଇଥିଲେ। ରାତ୍ରରେ ଚନ୍ଦ୍ରଶେଖରଙ୍କ କୃପାରୁ ଦାଶରଥୀ ମିଶ୍ରଙ୍କ ରଚିତ ଲିଙ୍ଗପୁରାଣ ନାଟକ ପରିବେଷଣ ହୋଇଥିଲା। ଅଭିନୟରେ ୪୦ରୁ ଉର୍ଦ୍ଧ୍ୱ କଳାକାର ଅଭିନୟ କରିଥିଲେ। ଦାଶରଥୀ ମିଶ୍ରଙ୍କ ନାତି ପଣ୍ଡିତ ଜଗନ୍ନାଥ ମିଶ୍ର ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଆଡ଼ବନ୍ଧ ସାହିର ବୈକୁଣ୍ଠ ସାମନ୍ତରାୟଙ୍କ ଦୁଆରେ ନାଟକ ପରିବେଷଣ ହୋଇଥିଲା। ଲିଙ୍ଗ ପୁରାଣ ଗ୍ରାମର ମାନସିକ ବ୍ରତଧାରୀଙ୍କ ଅନୁଯାୟୀ ସେମାନଙ୍କ ଦୁଆରେ ୧୯ଦିନ ଧରି ଚାଲିବ। ସୀତାରାମ ବାରିକ, ସହଦେବ ସାହୁ, ଭାସ୍କର ସ୍ୱାଇଁ, ପଦ୍ମଚରଣ ବାହୁବଳେନ୍ଦ୍ର ନାଟକର ନିର୍ଦ୍ଦେଶନା ଦେଇଥିଲେ। ଦୁଃଖିଶ୍ୟାମ ବଳିୟାରସିଂହ ସହଯୋଗ ଏବଂ ରବୀନ୍ଦ୍ର ସେଠୀ ଓ ଟୁଟୁ ମହାରଣା ସାଜସଜ୍ଜା କରିଥିଲେ।

# ପୋଖରୀ ଦଖଲମୁକ୍ତ, ଭିଜିଲାନ୍ସ ତଦନ୍ତ ଦାବି

ଖୋର୍ଦ୍ଧା,୨୭।୩(ପ୍ରଭାତ ପାଣିଗ୍ରାହୀ)

ଟାଙ୍ଗୀ ବ୍ଲକ ଅଧୀନସ୍ଥ ଡିଆ ପଞ୍ଚାୟତର ଡିଆ ବଡପୋଖରୀକୁ ନେଇ ଅନିୟମିତତା ଅଭିଯୋଗ ଉଠିଛି। ପ୍ରାୟ ୧୦ ଏକରରୁ ଅଧିକ ପରିସର ଥିବା ଏହି ପୋଖରୀ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ରହିଥିବା ସତ୍ତ୍ୱେ ବର୍ତ୍ତମାନ ଅବୈଧ ଦଖଲ ଓ ପ୍ରଶାସନିକ ଅବହେଳାର ଶିକାର ହୋଇପଡ଼ିଛି। ପୋଖରୀ ଜବରଦଖଲ ମୁକ୍ତ ଲାଗି ସ୍ଥାନୀୟ କେତେଜଣ ଗ୍ରାମବାସୀଙ୍କ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଉଚ୍ଚସ୍ତରୀୟ ତଦନ୍ତ, ଅବୈଧ ଦଖଲ ହଟାଇବା ଓ ଦୁର୍ନୀତିରେ ଜଡିତ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି।

# ମୁଣ୍ଡମୁହାଣରେ ରାମନବମୀ

## ୮୧ ବର୍ଷ ଧରି ପରିବେଷଣ ହେଉଛି ରାମ ନାଟକ

ଯାଁଳା, ୨୭।୩(ବୁଲା ବାରିକ)

ଜଟଣୀ ବ୍ଲକ୍ ମୁଣ୍ଡମୁହାଣ ଗ୍ରାମର ରଘୁନାଥ ମନ୍ଦିର ପରିସରରେ ଶୁକ୍ରବାର ପ୍ରଭୁ ଶ୍ରୀରାମଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଭୋର ପ୍ରାୟ ୪ଟାରେ ପ୍ରଭୁ ଶ୍ରୀରଘୁନାଥ ଦେବଙ୍କ ପହଡ଼ ଖୋଲିବା ପରେ ବିଧି ଅନୁଯାୟୀ ସକାଳ ସାଢେ ୫ଟା ସୁଦ୍ଧା ସମସ୍ତ ନୀତିକାନ୍ତି ସରିଥିଲା। ପରେ ରାମଲୀଳା ନାଟକ ପାଇଁ ବ୍ରତଧାରୀଙ୍କୁ ସଂକଳ୍ପ କରାଯାଇ ବ୍ରତ ଧାରଣ କରାଯାଇଥିଲା। ରଘୁନାଥ ଦେବଙ୍କ ପୂଜାର୍ଚ୍ଚନା ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ମୁଣ୍ଡମୁହାଣ, ଯାଁଳା, ଓଗାଳପଡ଼ା, ଗୋପାଳପୁର, କାଶୀପୁର, ଅରିସଲ, ଗାଙ୍ଗପଡ଼ା, ଛେଳଦା ଆଦି ଅଞ୍ଚଳରୁ ଭକ୍ତଙ୍କ ସମାଗମ ହୋଇଥିଲା। ରଘୁନାଥ ଦେବଙ୍କ ଚଳନ୍ତି ପ୍ରତିମାକୁ ବାଜା, ବାଣ, ରୋଷଣି କରି ପାରମ୍ପରିକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ସେହିପରି ଆଜକୁ ୮୧ ବର୍ଷ ଧରି କ୍ରମାଗତ ଭାବେ ପ୍ରଦର୍ଶିତ ହେଉଥିବା ସ୍ୱର୍ଗତ ପ୍ରଭାକର ମହାପାତ୍ରଙ୍କ ବିରଚିତ ଲୀମଲୀଳା ନାଟକ ଶ୍ରୀ ଶ୍ରୀ ରଘୁନାଥ ଦେବ ନାଟ୍ୟ ପରିଷଦର କୁଶଳୀ କଳାକାରମାନଙ୍କ ଅଭିନୟକୁ ଆଧାର କରି ରାମ ନାଟକ ଦୀର୍ଘ ୧୪ ଦିନ ବ୍ୟାପି ପରିବେଷଣ କରାଯିବ। ଶୁକ୍ରବାର ପ୍ରଥମ ରଜନୀରେ ଶ୍ରୀହନୁମାନ ଜନ୍ମ ଓ ଶ୍ରୀପୁରୁଷୋତ୍ତମ ରଘୁନାଥ ଜୀଉଙ୍କ ଜନ୍ମୋତ୍ସବର ଦୃଶ୍ୟକୁ କଳାକାରମାନେ ସୁନ୍ଦର ଭାବେ ପ୍ରଦର୍ଶନ କରିଥିବାବେଳେ ଶ୍ରଦ୍ଧାଳୁମାନେ ଦେଖି ବିମୋହିତ ହୋଇଥିଲେ। ନାଟକରେ ଦାଶରଥି ସ୍ୱାଇଁ, ସ୍ୱସଞ୍ଜୟ ପରିଡ଼ା, ପ୍ରମୋଦ ମହାପାତ୍ର, ପ୍ରସନ୍ନ ପରିଡ଼ା, ରବିନ୍ଦ୍ର ବାରିକ୍, କୁନା ପ୍ରଧାନ, ରବିନ୍ଦ୍ର ପ୍ରଧାନ, ବେଣୁଧର ପ୍ରଧାନଙ୍କ ନିଖୁଣ କଳା ପ୍ରଦର୍ଶନ ଦର୍ଶକଙ୍କୁ ଅଭିଭୂତ କରିଥିଲା।

# ଇନ୍ଦ୍ରଧନୁ ଥିଏଟର ପକ୍ଷରୁ ସାଂସ୍କୃତିକ ପଦଯାତ୍ରା



ବିଶ୍ୱ ନାଟ୍ୟ ଦିବସ ଅବସରରେ ଇନ୍ଦ୍ରଧନୁ ଥିଏଟର ପକ୍ଷରୁ ଆୟୋଜିତ ସାଂସ୍କୃତିକ ପଦଯାତ୍ରା ।

ଯାଁଳା:୨୭।୩(ବୁଲା ବାରିକ)

ବିଶ୍ୱ ନାଟ୍ୟ ଦିବସ ଅବସରରେ ଶୁକ୍ରବାର ଇନ୍ଦ୍ରଧନୁ ଥିଏଟର ପକ୍ଷରୁ ଏହାର କଳାକାରଙ୍କୁ ନେଇ ଏକ ସାଂସ୍କୃତିକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଇନ୍ଦ୍ରଧନୁ ଥିଏଟର ପ୍ରାଙ୍ଗଣରେରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ପୁଷ୍ପମାଲ୍ୟ ଅର୍ପଣ କରି ଏହି ପଦଯାତ୍ରାକୁ ସମାଜସେବୀ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ପୂର୍ବତନ ସରପଞ୍ଚ ପ୍ରଦୋଷ ଜେନା ଏବଂ ଅନୁଷ୍ଠାନର ସଦସ୍ୟ ଜ୍ଞାନେନ୍ଦ୍ର କୁମାର ସେନାପତି, କିରିଟୀ ସାମନ୍ତରାୟ, ବରିଷ୍ଠ କଳାକାର ରବି ରାୟ, ମହେନ୍ଦ୍ର ପଟ୍ଟନାୟକ, ଇନ୍ଦ୍ରଧନୁର ପ୍ରତିଷ୍ଠାତା ନାଟ୍ୟକାର ତଥା ନିର୍ଦ୍ଦେଶକ ଶ୍ରୀବସ୍ତ ମହାନ୍ତି ଉଦଘାଟନ କରିଥିଲେ। କଳାକାରମାନେ ବିଶ୍ୱ ନାଟ୍ୟ ଦିବସର ପ୍ଲା କାର୍ଡ ଏବଂ ବ୍ୟାନର୍ ଧରି ବିଭିନ୍ନ ପ୍ରକାର ବେଶରେ ସୁସଜ୍ଜିତ ହୋଇ ସାଂସ୍କୃତିକ ପଦଯାତ୍ରା କରି ଥିଏଟର, ମଞ୍ଚ ନାଟକ ସମ୍ବନ୍ଧରେ ଲୋକଙ୍କୁ ସଚେତନ କରିଥିଲେ। ପୁନର୍ବାର କିଭଳି ଦର୍ଶକମାନେ ଟିକେଟ କାଟି ମଞ୍ଚନାଟକ ତଥା ଥିଏଟର ମନସ୍କ ହେବେ ସେଥିପାଇଁ ସେମାନେ ନିବେଦନ କରିଥିଲେ।

# ପୋଖରୀରେ ବୁଡ଼ି ଶିଶୁ ମୃତ, ସାଥୀ ଉଦ୍ଧାର

ବାଲୁଗାଁ, ୨୭।୩(ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅନ୍ତର୍ଗତ ପାଇକ କୁଶଡିହ ଗ୍ରାମରେ ଶୁକ୍ରବାର ସକାଳେ ପୋଖରୀରେ ବୁଡ଼ି ଜଣେ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ତେବେ ତାଙ୍କ ସାଥୀଙ୍କୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୯ଟାରେ ଉକ୍ତ ଗ୍ରାମର ରାଜୁ ସୁନ୍ଦରାୟଙ୍କ ପୁଅ ମହେଶ (୧୦) ସାଙ୍ଗ ସହ ମିଶି ଗାଁ ପୋଖରୀ ନିକଟରେ ଖେଳୁଥିଲେ। ତେବେ କୌଣସି କାରଣବଶତଃ ଦୁହେଁ ହାତ ଧରାଧରି ହୋଇ ପୋଖରୀ ମଧ୍ୟକୁ ଖସିପଡ଼ିଥିଲେ। ଦୁହେଁ ବୁଡ଼ିଯାଉଥିବାବେଳେ ଉକ୍ତ ରାସ୍ତା ଦେଇ ଯାଉଥିବା ଜଣେ ବ୍ୟକ୍ତି ଦେଖି ଉଦ୍ଧାର ପାଇଁ ପୋଖରୀକୁ ଡେଇଁପଡ଼ିଥିଲେ। ତେବେ ସେ ଜଣଙ୍କୁ ଉଦ୍ଧାର କରିପାରିଥିବାବେଳେ ମହେଶଙ୍କୁ ଗଭୀର ଜଳରେ ଖୋଜି ପାଇ ନ ଥିଲେ। ପରେ ଗ୍ରାମବାସୀଙ୍କ ସହାୟତାରେ ମହେଶଙ୍କୁ ଉଦ୍ଧାର କରାଯାଇ ବାଲୁଗାଁ ଡାକ୍ତରଖାନାକୁ ଅଣାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲୁଗାଁ ପୋଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ. ୫/୨୬ ) ରୁଜୁ କରି ତଦନ୍ତ ଜାରି ରଖିଛି।

# ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହେଲା ଜଟଣୀ

ଜଟଣୀ,୨୭।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ସହର ଓ ଏହାର ପାଖଆଖ ଅଞ୍ଚଳରେ ଶୁକ୍ରବାର ଆଧ୍ୟାତ୍ମିକ ପରିବେଶରେ ଶ୍ରୀରାମଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। ସକାଳୁ ବିଭିନ୍ନ ମଠ ମନ୍ଦିରରେ ସମସ୍ତ ରୀତିନୀତିରେ ରାମଲଲାଙ୍କ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରାଯାଇଥିଲା। ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ବିଶ୍ୱ ହିନ୍ଦୁ ପରିଷଦ ଜଟଣୀ ପ୍ରଖଣ୍ଡ ପକ୍ଷରୁ ଏକ ବିଶାଳ ମୋଟସାଇକେଲ ଶୋଭାଯାତ୍ରା ଗୋପବନ୍ଧୁ ବଜାର ଛକଠାରୁ ବାହାରି ସହର ପରିକ୍ରମା କରିଥିଲା। ରମେଶ ଦାସଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାରେ ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତା ଓ ସମର୍ଥକ ସାମିଲ ହୋଇଥିଲେ। ସେହିପରି ହିନ୍ଦୁ ଜାଗରଣ ମଞ୍ଚ ଓଡ଼ିଶା (ପୂର୍ବ) ପକ୍ଷରୁ ଏକ ବିଶାଳ ମୋଟରସାଇକେଲ ଶୋଭାଯାତ୍ରା


ବିଶ୍ୱ ହିନ୍ଦୁ ପରିଷଦ ଜଟଣୀ ଶାଖା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ବେଲପଡା ବାଟ ମହାବୀର ମନ୍ଦିର ଠାରୁ ବାହାରି ଜଟଣୀ ସହର ପରିକ୍ରମା କରି ଲୋକକଲୋନୀସ୍ଥ ଶ୍ରୀରାମ ମନ୍ଦିରଠାରେ ପହଞ୍ଚିଥିଲା। ଏହି ସମୟରେ ସମଗ୍ର ଅଞ୍ଚଳ ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ବିଭିନ୍ନ ପୌରାଣିକ କଥାବସ୍ତୁକୁ ନେଇ ଦେବଦେବୀଙ୍କ ଚରିତ୍ରଙ୍କ ସହ ପାରମ୍ପରିକ ନୃତ୍ୟ ସଙ୍ଗୀତରେ ସନାତନୀ ହିନ୍ଦୁ ଝୁମିଥିଲେ। କାର୍ଯ୍ୟକ୍ରମରେ ରମେଶ କୁମାର ଦାସ, ଉମାକାନ୍ତ ପଟ୍ଟନାୟକ, ଭାଜପା ନେତା ବିଶ୍ୱରଞ୍ଜନ ବଡ଼ଜେନା, ଭାଜପା ନେତ୍ରୀ ରଶ୍ମି ପଟନାୟକ, ଅନିଲ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

# ବୋଲଗଡ଼ରେ ଶ୍ରୀରାମ ଜନ୍ମୋତ୍ସବ

ବୋଲଗଡ଼,୨୭।୩(ଦେବବ୍ରତ ହୋତା)

ବୋଲଗଡ଼ ସଦର ମହକୁମା ଗୋପବନ୍ଧୁ ବିହାରସ୍ଥିତ ମହାବୀର ହନୁମାନ ଓ ମାତା ବୈଷ୍ଣଦେବୀ ମନ୍ଦିର ବାର୍ଷିକ ଉତ୍ସବ ଶୁକ୍ରବାର ରାମନବମୀରେ ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ବିକାଶ ପରିଷଦ ଆନୁକୁଲ୍ୟରେ ଆୟୋଜିତ ଏହି ଉତ୍ସବ ଅବସରରେ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ଅଷ୍ଟାଦଶ ବାର୍ଷିକ ଜନ୍ମୋତ୍ସବ ସହ ଶ୍ରୀମହାବୀର ଓ ମାତା ବୈଷ୍ଣଦେବୀ ମନ୍ଦିରର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏନେଇ ଆୟୋଜିତ ଯଜ୍ଞ ଅନୁଷ୍ଠାନ ପାଇଁ ଗୁରୁବାର ସନ୍ଧ୍ୟାରେ ଅଧିବାସ, ଅଙ୍କୁରାରୋପଣ ଓ ବେଦୀ ମଣ୍ଡନ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଶୁକ୍ରବାର ପ୍ରାତଃ ୬ଟାରେ କଳସଯାତ୍ରା ଓ ଘଟସ୍ଥାପନ କରାଯାଇଥିଲା। ପର୍ଶୁରାମ ଦାସ, ଲୁଲୁ ମିଶ୍ର ଓ ଅନ୍ୟମାନେ ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲାବେଳେ କର୍ତ୍ତା ଭାବେ ପରିଷଦ ସଭାପତି ବୈଦ୍ୟନାଥ ହୋତା ଉପବିଷ୍ଟ ଥିଲେ। ଯଜ୍ଞ ପୂର୍ଣ୍ଣାହୁତି ପରେ ପୁଷ୍ପାଞ୍ଜଳି ଅବସରରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ବିଭୁ କୃପାଲାଭ କରିଥିଲେ। ନାମ ସଙ୍କୀର୍ତ୍ତନ ଓ ଭାଗବତ ପରାୟଣ ଆଦି ଧାର୍ମିକ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଚାଲୁ ରହିଥିଲା। ଏଠାରେ ୪ଦିନ ଧରି ଉତ୍ସବ ପାଳନ ହେବାକୁ ଥିବା ବେଳେ ରବିବାର ବିସର୍ଜନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଗୋପବନ୍ଧୁ ବିକାଶ ପରିଷଦର କାର୍ଯ୍ୟକର୍ତ୍ତା କୃତ୍ତିବାସ ସାଥୁଆ, ଜନାର୍ଦ୍ଦନ ସାହୁ, ଅନ୍ନଦା ପ୍ରସାଦ ପଟ୍ଟନାୟକ, ଧନଞ୍ଜୟ ମାଝୀ, ତପନ ଜେନା,ଜିତେନ୍ଦ୍ରସାହୁ, ଶୁଭ୍ରାଂଶୁ ସାହୁ,ବିଭୂତି ଭୂଷଣ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ବୋଲଗଡ଼ ବ୍ଲକର ବିଭିନ୍ନ ଗ୍ରାମ ଓ ପାହାଡ ଉପରେ ଥିବା ପ୍ରଭୁ ଶ୍ରୀରାମ ଓ ହନୁମାନ ମନ୍ଦିରରେ ଶ୍ରୀରାମ ନବମୀ ଆନନ୍ଦଉଲ୍ଲାସରେ ପାଳିତ ହୋଇଯାଇଛି।


ବଜରଙ୍ଗ ଦଳ ଏବଂ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ କର୍ମୀମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

**ନାବାଳିକା ଉଦ୍ଧାର**

ପୁରୀ,(ଅଜିତ୍ କୁମାର ମହାନ୍ତି)- କୁମାରପଡ଼ା ପୋଲିସ ଜଣେ ନାବାଳିକାଙ୍କୁ କୋଣାର୍କ ଅଞ୍ଚଳରୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ଉଦ୍ଧାର ପରେ ନାବାଳିକାଙ୍କ ଆବଶ୍ୟକ ମେଡିକାଲ୍ ପରୀକ୍ଷା କରାଯାଇଥିବା ବେଳେ ତାଙ୍କର ବୟାନ ରେକର୍ଡ କରାଯାଇଛି। ତାଙ୍କୁ ଆବଶ୍ୟକ ଆଇନ ଏବଂ ପରାମର୍ଶ ସହାୟତା ଯୋଗାଇ ଦିଆଯାଉଛି। ପୁରୀ ପୋଲିସ ସଦାସର୍ବଦା ନାଗରିକଙ୍କ ସୁରକ୍ଷା ପ୍ରତି ପ୍ରତିବଦ୍ଧ ରହିଛି ଏବଂ ଏପରି ମାମଲାରେ ତୁରନ୍ତ କାର୍ଯ୍ୟକଳାପ ଜାରି ରଖିବ ବୋଲି ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ବେଆଇନ ମାଟି ଚାଲାଣ ଅଭିଯୋଗ, ଜେସିବି ଜବତ

ପୁରୀ,୨୭।୩(ଅଜିତ୍ କୁମାର ମହାନ୍ତି)

ଚନ୍ଦନପୁର ଥାନା ଅଧୀନ ମାଳତୀପାଟପୁର ନିକଟରେ ବେଆଇନ ଭାବେ ମାଟିଚାଲାଣ ଅଭିଯୋଗରେ କନିଷ୍ଠ ଖଣି ଅଧିକାରୀ ଗୋଟିଏ ଜେସିବିକୁ ଜବତ କରିଥିବା ନେଇ ସୂଚନା ମିଳିଛି। ପୋଲିସ ସହଯୋଗରେ କନିଷ୍ଠ ଖଣି ଅଧିକାରୀ ଗୋଟିଏ ଜେସିବି ଉପରେ ୪ଲକ୍ଷ ଟଙ୍କା ଜରିମାନା କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଚନ୍ଦନପୁର ଥାନା ଅଧୀନ ବାଲିପଡ଼ା ଅଞ୍ଚଳରେ ବେଆଇନ ଭାବେ ଜେସିବି ଦ୍ୱାରା ମାଟି ଖୋଳାଯାଉଥିବା ସୂଚନା ମିଳିଥିଲା। ଜିଲ୍ଲା କନିଷ୍ଠ ଖଣି ଅଧିକାରୀ ଚନ୍ଦନପୁର ପୋଲିସ ସହଯୋଗରେ ଜେସିବିକୁ ଅଟକାଇ ମାଟି ଖୋଳିବା ସମ୍ପର୍କରେ ଖଣି ଅଧିକାରୀ ବିଭିନ୍ନ କାଗଜପତ୍ର ମାଗିଥିଲେ। କିନ୍ତୁ ଜେସିବି ଚାଳକ କାଗଜପତ୍ର ଦେଖାଇ ନ ପାରି ସେଠାରୁ ଫେରାର ହୋଇଥିଲେ। ଫଳରେ ଖଣି ଅଧିକାରୀ ମାଟି ଖୋଳୁଥିବା ଜେସିବକୁ ଜବତ କରିବା ସହ ଚାଳକ ବିରୋଧରେ ଥାନାରେ ଅଭିଯୋଗ ପରେ ମାମଲା ରୁଜୁ ହୋଇଛି। ବେଆଇନଭାବେ ମାଟି ଖୋଳୁଥିବା ଜେସିବି ଉପରେ ଖଣି ଅଧିକାରୀ ୪ଲକ୍ଷ ଜରିମାନା କରିଥିବା ସୂଚନା ମିଳିଛି।

### ୧୪୦ ସ୍କୁଲରେ ୭୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ନାମ ଲେଖାଇବେ

ସାକ୍ଷୀଗୋପାଳ, ୨୭।୩(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକର ପ୍ରାୟ ୧୪୦ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ନିମନ୍ତ୍ରଣପତ୍ର ବଣ୍ଟନ କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇଯାଇଛି। ଏହି ଅବସରରେ ବିଶ୍ୱନାଥପୁର କ୍ଲଷ୍ଟର ବୀରଗୋବିନ୍ଦପୁର ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ, ସିଆର୍‌ସିସି ଅଜୟ କୁମାର ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ମିଶ୍ର ପ୍ରମୁଖ ନିକଟସ୍ଥ ଗ୍ରାମରେ ନୂତନ ଭାବେ ନାମ ଲେଖାଇବାକୁ ଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ଭେଟି ନିମନ୍ତ୍ରଣପତ୍ର ଦେଇଛନ୍ତି। ସତ୍ୟବାଦୀ ହାଇସ୍କୁଲରେ ନାମ ଲେଖାଇବାକୁ ଥିବା ୮ଜଣ ଅଭିଭାବକଙ୍କୁ ଭେଟି ଆଲୁମ୍‌ନି କମିଟି ସଭାପତି କିଶୋର ମହାପାତ୍ର, ଶିକ୍ଷୟିତ୍ରୀ ବୈଜୟନ୍ତୀ ମିଶ୍ର, ଗୀତାଞ୍ଜଳି ବେହେରା, ସୌଦାମିନୀ ନାୟକ, ତପସ୍ୱିନୀ ତ୍ରିପାଠୀ ଓ ୱାର୍ଡସଭ୍ୟ ପ୍ରକାଶ ମହାନ୍ତି ପ୍ରମୁଖ ନିମନ୍ତ୍ରଣପତ୍ର ଦେଇଥିଲେ। ଚଳିତ ବର୍ଷ ବ୍ଲକରେ ହାରାହାରି ୭୦୦ରୁ ଅଧିକ ଛାତ୍ରୀଛାତ୍ର ନାମ ଲେଖାଇବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଶିକ୍ଷା ଅଧିକାରୀ ପାଢ଼ୀ କହିଛନ୍ତି। ଏପ୍ରିଲ୍ ୨ରୁ ନାମଲେଖା କାର୍ଯ୍ୟକ୍ରମ ଆରମ୍ଭ ହେବ।

### ୨୦୦୭ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ

ସାକ୍ଷୀଗୋପାଳ,୨୭।୩(ଭରତ ରାଉତ)

ସତ୍ୟବାଦୀ ଅଧୀନ ନୂଆସୋମେଶ୍ୱରପୁର ଉଚ୍ଚ ବିଦ୍ୟାଳୟର ୨୦୦୭ ମସିହା ମାଟ୍ରିକ୍ ବ୍ୟାଚ ଛାତ୍ରୀଛାତ୍ର ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଛାତ୍ରୀଛାତ୍ର ସେମାନଙ୍କ ପରିବାର ସହ ଯୋଗଦେଇ ଏହି ଉତ୍ସବରେ 'ବୃକ୍ଷ ହିଁ ଜୀବନ, ବୃକ୍ଷ ରୋପଣ କରି ପରିବେଶକୁ ସୁରକ୍ଷା ଦେବା' ଅନୁଚିନ୍ତା ସହିତ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ଏକତ୍ରିତ ହୋଇଥିଲେ। କାର୍ଯ୍ୟକ୍ରମରେ ଛାତ୍ର ଜୀବନର ସ୍ମୃତି ସହିତ ପରିବେଶ ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ନିଆରା କାର୍ଯ୍ୟକ୍ରମ ସତ୍ୟବାଦୀ ବକୁଳବନରେ ଅନୁଷ୍ଠିତ ହୋଇଥିଲା। ଛାତ୍ର ଜୀବନ ପରେ ବିଭିନ୍ନ ପେଷାରେ କର୍ମକ୍ଷେତ୍ରରେ ନିୟୋଜିତ ଥିବା ୪୦ରୁ ଊର୍ଦ୍ଧ୍ୱ ବନ୍ଧୁଗଣ ଏକାଠି ହୋଇ ପରିବେଶ ସୁରକ୍ଷା ପାଇଁ ଶପଥ ନେବା ସହିତ ବୃକ୍ଷ ଚାରା ବଣ୍ଟନ କରାଯାଇଥିଲା। ଶେଷରେ ଭୋଜିଭାତ ପରେ ବୃକ୍ଷଟିଏ ଲଗାଇବା ପାଇଁ ସମସ୍ତେ ଶପଥ ନେଇଥିଲେ।

### ନାବାଳିକା ଅପହରଣ ଅଭିଯୋଗ

ଯୋଗେଶ୍ୱରପୁର,୨୭।୩ (ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ପରେ ଗୋପ ଥାନା କେସ୍ ନମ୍ବର ୯୧/୨୬ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଇଷାଣପୁର ପଞ୍ଚାୟତ ଅଞ୍ଚଳର ଜଣେ ଯୁବକ ଗୁରୁବାର ନାବାଳିକାଙ୍କୁ ଅପହରଣ କରିଥିବା ନେଇ ବିଶେଷ ସୂତ୍ରରୁ ସୂଚନା ମିଳିଛି। ପୋଲିସ ଚଢ଼ାଉ ଜାରି ରଖିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇପାରିନି। ଯୁବକଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଛି।

# ଶ୍ରୀରାମ ଜନ୍ମ ମହୋତ୍ସବ ଉଦ୍‌ଯାପିତ

ସାକ୍ଷୀଗୋପାଳ,୨୭।୩(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)



ଶ୍ରୀରାମଙ୍କ ପୂଜାର୍ଚ୍ଚନା କରାଯାଉଛି ।

ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖସ୍ଥ ଶ୍ରୀରାମ ମନ୍ଦିରରେ ଶ୍ରୀରାମ ଜନ୍ମବିଧି ପାରମ୍ପରିକ ରୀତିନୀତିରେ ଶୁକ୍ରବାର ପାଳିତ ହୋଇଛି। ମଙ୍ଗଳଆଳତି, ଅବକାଶ, ରାମାଭିଷେକ ବେଶରେ ଶ୍ରୀରାମ, ସୀତା ଓ ଲକ୍ଷ୍ମଣଙ୍କୁ ସଜ୍ଜିତ କରାଯାଇଥିଲା। ମନ୍ଦିର ପୁରୋହିତ, ପୁରାଣ ପଣ୍ଡିତ, ଶ୍ରୀରାମ ମନ୍ଦିର ପୂଜକ ଠାକୁରଙ୍କ ସମ୍ମୁଖରେ ଯଜ୍ଞ କରିଥିଲେ। ଠାକୁରଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଦିନସାରା ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ସେହିପରି ଶ୍ରୀରାମ ଜନ୍ମ ମହୋତ୍ସବ କମିଟି ପକ୍ଷରୁ ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଆୟୋଜିତ ୨ଦିନିଆ ଶ୍ରୀରାମ ଜନ୍ମ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଶ୍ରୀରାମ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଏକ ଆଧ୍ୟାତ୍ମିକ ସାଂସ୍କୃତିକ ଶୋଭାଯାତ୍ରା ସ୍ଥାନୀୟ ବାଟମହାବୀର ମନ୍ଦିର ନିକଟରୁ ଅପରାହ୍ଣରେ ବାହାରି ସାକ୍ଷୀଗୋପାଳ ବଜାର ପରିକ୍ରମା କରିଥିଲା। ସୁସଜ୍ଜିତ ରଥରେ ଶ୍ରୀରାମ, ସୀତା, ଲକ୍ଷ୍ମଣ, ହନୁମାନ ଓ ବାନରସେନା ବେଶରେ କଳାକାରମାନେ ସାମିଲ ହୋଇଥିବା ବେଳେ ଗୋଟିପୁଅ ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ଗୈରିକ ପତାକା ଧରି ହରିରାମ କୀର୍ତ୍ତନ ସହ ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରାରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳ, ତ୍ରିଲୋଚନ ରଥ, ସୁରେନ୍ଦ୍ର ପ୍ରଧାନ, ଦୀପକ ଶତପଥୀ, ଉମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

**ଆଧ୍ୟାତ୍ମିକ, ସାଂସ୍କୃତିକ ଶୋଭାଯାତ୍ରା**

ସେହିପରି ଗୀତା ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ଭଗବତ ଗୀତା ପାଠ କରିଥିଲେ। ମୁଖ୍ୟ ଅତିଥି ଭାବରେ ଆଇନଜୀବୀ ଉମାବଲ୍ଲଭ ମହାପାତ୍ର, ସମ୍ମାନିତ ଅତିଥି ଭାବେ ପ୍ରିୟଦର୍ଶୀ ଦାଶ, ଶିକ୍ଷାବିତ୍ ମୁକୁନ୍ଦ ମହାନ୍ତି ଯୋଗଦେଇଥିଲେ। କମିଟିର ସଭାପତି ସତ୍ୟବାଦୀ ଦାସ ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ବାଳକୃଷ୍ଣ ମହାପାତ୍ର, କୋଷାଧ୍ୟକ୍ଷ ଲୋକନାଥ ବାରିକ, ବିଶ୍ୱନାଥ ମହାପାତ୍ର, ଜିତେନ୍ ମହାପାତ୍ର, ରାମଚନ୍ଦ୍ର ନନ୍ଦ, ରବୀନ୍ଦ୍ରନାଥ ଷଡ଼ଙ୍ଗୀ, ସୁଶାନ୍ତ ରଥ ଓ ଅମିୟ କୁମାର ବରାଳ ଉପସ୍ଥିତ ରହି ସହଯୋଗ କରିଥିଲେ। ଆଲୋକ ଖୁଣ୍ଟିଆ ସଂଯୋଜନା କରିଥିବା ବେଳେ ଡ. ତପସ୍ୱିନୀ ଦାଶ ଧନ୍ୟବାଦ ଦେଇଥିଲେ।

## ଧୁମ୍‌ଧାମରେ ପାଳିତ ହେଲା ରାମନବମୀ

କାକଟପୁର/ଅସ୍ତରଙ୍ଗ,୨୭।୩ (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଜୟ ଶ୍ରୀରାମ, ଭଜମନ ରାମନାମ ଧ୍ୱନିରେ ଶୁକ୍ରବାର କମ୍ପିଲା ମଠ, ମନ୍ଦିର ଓ ସାରା ଅସ୍ତରଙ୍ଗ, କାକଟପୁର ଅଞ୍ଚଳ। ରାମନବମୀ ଅବସରରେ ଅସ୍ତରଙ୍ଗ, କାକଟପୁର ବ୍ଲକର ବିଭିନ୍ନ ମନ୍ଦିର ହେଉ ଅବା ରାମମନ୍ଦିରଗୁଡ଼ିକରେ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିଲା। ତୁଣ୍ଡରେ ଥିଲା ରାମ ନାମ, ମନରେ ଥିଲା ଭକ୍ତି ଭାବ। ରାମଚରିତ ମାନସର ନବାହ୍ନ ପାରାୟଣର ଗୁଞ୍ଜରିତ ପଂକ୍ତି ମନରେ ଭରି ଦେଉଥିଲା ପୁଲକ। ଅସ୍ତରଙ୍ଗ ବ୍ଲକର ରଘୁନାଥପୁର, ରଘୁନାଥଜୀଉ ମଠ ସହ ହରିଣହୁଲାରେ ରାମନବମୀ ପୂଜା ପାଇ ବେଶ୍ ଚଳଚଞ୍ଚଳ ହୋଇଥିଲା। ନିର୍ଦ୍ଧାରିତ ନୀତିକାନ୍ତି ଅନୁଯାୟୀ, ପ୍ରାତଃ ସାଢ଼େ ୫ଟାରେ ମଙ୍ଗଳଆଳତି ପରେ ଠାକୁରଙ୍କୁ ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ଏହାସହ ଜଗତ୍‌ସିଂହପୁର ଏମ୍‌ପିଙ୍କ ପୁରୀ ଜିଲ୍ଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ଏମ୍‌ପିଙ୍କ ପୁରୀ ସ୍ୱାସ୍ଥ୍ୟ ବିଭାଗ ପ୍ରତିନିଧି ରାକେଶ ବିଶ୍ୱାଳ ପ୍ରମୁଖ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଶାଳ ବାଇକ୍ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ସମସ୍ତଙ୍କ ପାଇଁ ଭାଇଚାରାର ପ୍ରତୀକ ହେଉ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ। ଅସ୍ତରଙ୍ଗ ବ୍ଲକସ୍ଥିତ ହୀରାଦେଇପୁରସ୍ଥିତ ରଘୁନାଥଜୀଉ ମଠ ନିକଟରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ବାହାରି ଅସ୍ତରଙ୍ଗ ବଜାର ପରିକ୍ରମା କରିବା ସହ ହରିଣହୁଲା ନିକଟରେ ପହଞ୍ଚି ଥିଲେ। ପରେ କାକଟପୁର ବିଶାମିତ୍ର ଆଶ୍ରମରୁ ମିହିର ରଞ୍ଜନ ଦୀକ୍ଷିତଙ୍କ ନେତୃତ୍ୱରେ ଶତାଧିକ ରାମଭକ୍ତଙ୍କ ଦ୍ୱାରା ବିଶାଳ ବାଇକ୍ ରାଲି ସହ ପାରମ୍ପରିକ ବାଦ୍ୟ ଯେପରି କି ସମ୍ବଲପୁରୀ ବାଦ୍ୟ, ଘଣ୍ଟ ପାଟୁଆ, ଘୋଡ଼ାନାଚ ସହ କାକଟପୁର ବଜାର ପରିକ୍ରମା କରିଥିଲେ। ଅସ୍ତରଙ୍ଗ ନିକଟସ୍ଥ ହରିଣହୁଲା (ଅଣଚମ୍ପା) ନିକଟରେ ଶ୍ରୀରାମ ନବମୀ ପୂଜା ଅବସରରେ ଫୁଲ ଓ ରଙ୍ଗିନ ଆଲୋକରେ ସଜେଇ ହୋଇଥିଲା। ସନ୍ଧ୍ୟାରେ ଭଜନ କୀର୍ତ୍ତନ ସହ ଠାକୁରଙ୍କୁ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଜମିଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି ସଚ୍ଚିନ ପଟେଲ, କାକଟପୁର ଥାନା ଅଧିକାରୀ ବସନ୍ତ ସାହୁ ନିଜେ ଉପସ୍ଥିତ ରହି ଶୋଭାଯାତ୍ରା ଶୃଙ୍ଖଳା ସହ ପରିଚାଳନା କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା

ପିପିଲି,୨୭।୩(ଦୁର୍ଗାମାଧବ ମିଶ୍ର)

ଅଷ୍ଟଶମ୍ଭୁ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଅଭିମନ୍ୟୁ ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାତ୍ତ୍ୱିକା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବିଶ୍ୱନାଥ ବେହେରା, ପିପିଲି ବିଇଓ ପୀତବାସ ସେଠୀ ମୁଖ୍ୟବକ୍ତା ଓ ପୂର୍ବତନ ପ୍ରଧାନଶିକ୍ଷକ ଅର୍ଜୁନ ଘଡ଼େଇ, ଅର୍ଜୁନ ପରମ୍‌ଗୁରୁ, ଉଦ୍ଧବ ଚନ୍ଦ୍ର ଦାଶ, ରଘୁନାଥ ପ୍ରଧାନ, ବନମାଳୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉମେଶ ଚନ୍ଦ୍ର ପଣ୍ଡା ସଭା ପରିଚାଳନା କରିଥିଲେ। ସଞ୍ଜୟ କୁମାର ଭୋଇ ଧନ୍ୟବାଦ ଦେଇଥିଲେ।

## ତେନ୍ତୁଲିଗୁଆଁ ରାସ୍ତା କାମ ନିମ୍ନମାନର ଅଭିଯୋଗ

ଚାରିଛକ,୨୭।୩(ଶିଶିର କୁମାର ସ୍ୱାଇଁ)

ଫୁଲନଖରା- ମାଧବ ପୂର୍ବ ରାସ୍ତାଠାରୁ ସଂଯୋଗ ହୋଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ତେନ୍ତୁଲିଗୁଆଁ ଗ୍ରାମ ରାସ୍ତା ମରାମତି କାମ ଆରମ୍ଭ ହୋଇଛି। ଉକ୍ତ ରାସ୍ତା ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୫ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ରାସ୍ତା ପିଚୁ କରାଯାଇ ମରାମତି ହେବାକୁ ଥିବାବେଳେ ସମ୍ପୃକ୍ତ ଠିକାଦାର ନିମ୍ନମାନର କାମ କରିବାକୁ ଉଦ୍ୟମ ଚଳାଇଥିବା ଅଭିଯୋଗ ହେଉଛି। ଆବଶ୍ୟକ ପରିମାଣର କୋଲ୍ଡ ପିଚୁ ଏବଂ ଗୋଡ଼ି ଭାଗ କମ୍ ପରିମାଣର ବ୍ୟବହାର କରି ରାସ୍ତା କାମ କରାଯାଉଥିବା ଜଣାପଡ଼ିଛି। ଫଳରେ ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠୁଛି। କାମ ସମୟରେ ନିମାପଡ଼ା ଗ୍ରାମ୍ୟଉନ୍ନୟନ ବିଭାଗର ଯନ୍ତ୍ରୀ କିମ୍ବା କର୍ମଚାରୀ ଉପସ୍ଥିତ ରହୁ ନ ଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନିମ୍ନମାନର ରାସ୍ତା କାମ ଅଭିଯୋଗ ପରେ କେତେଜଣ ଗଣମାଧ୍ୟମ ପ୍ରତିନିଧି ଘଟଣାସ୍ଥଳକୁ ଯାଇଥିବା ବେଳେ ଠିକାଦାରଙ୍କ କର୍ମଚାରୀ ଓ ସମର୍ଥକ ସେମାନଙ୍କୁ ଧମକଚମକ ଦେଇଥିଲେ। ସମ୍ପୃକ୍ତ ଠିକାଦାର ତରବରିଆ ଭାବେ ରାସ୍ତା କାମ ନିମ୍ନମାନର କରୁଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ରଞ୍ଜିତ ସ୍ୱାଇଁ କହିଛନ୍ତି, ଉକ୍ତ ରାସ୍ତା କାର୍ଯ୍ୟ ଠିକ୍ ଭାବେ କରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶଶିକାନ୍ତ



@ ସରୋଜ



@ ବିଷ୍ଣୁପ୍ରିୟା



@ ଲିଟୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗାଁରେ ପହଞ୍ଚିବ ସରକାରଙ୍କ ବିକାଶର ଚିତ୍ର

ଗୋପ,୨୭।୩ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକର ପ୍ରତ୍ୟେକ ପଞ୍ଚାୟତର ସମସ୍ତ ଗାଁରେ ସରକାରଙ୍କ ବିକାଶର ଚିତ୍ର ସବୁବେଳେ ପହଞ୍ଚିବା ସହିତ ସାଧାରଣ ଲୋକମାନେ ଏହାର ସୁବିଧା ନେବେ ବୋଲି ଶୁକ୍ରବାର ମଧ୍ୟାହ୍ନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ୧୧୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନା ସମୟରେ ଏପରି ବକ୍ତବ୍ୟ ରଖିଥିଲେ। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଥିବା ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଓ ବିଧାୟକ ପାଣ୍ଠିରୁ ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତର ୧୧୨ଟି ପ୍ରକଳ୍ପର



ପ୍ରକଳ୍ପଗୁଡିକର ଶିଳାନ୍ୟାସ କରୁଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ।

**ବ୍ଲକ୍ ପରିସରରେ ୬.୮୬ କୋଟି ବ୍ୟୟରେ ୧୧୨ ପ୍ରକଳ୍ପର ଭିତ୍ତିସ୍ଥାପନ**

ଭିତ୍ତିପ୍ରସ୍ତର ସ୍ଥାପନକୁ ଉପମୁଖ୍ୟମନ୍ତ୍ରୀ ଫିତା କାଟି ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ଲାଗି ୬ କୋଟି ୮୬ ଲକ୍ଷ ୪୫୬ ଟଙ୍କା ଖର୍ଚ୍ଚ ହେବ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମରେ ଗୋପ ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ସୂର୍ଯ୍ୟଶଙ୍କର ଦାଶ ଯୋଗଦେଇ ଏହିସବୁ କାର୍ଯ୍ୟ ତ୍ୱରିତ୍ ବେଗରେ କରାଯିବ ବୋଲି କହିଥିବା ବେଳେ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ପୃଷ୍ଟି, କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ପୋଥାଳ, ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ମହାପାତ୍ର, କନିଷ୍ଠ ଯନ୍ତ୍ରୀ ସୁରେଶ ପୁଷ୍ପାଳକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ନୟାହାଟ ଉଚ୍ଚ ବାଳିକା ବିଦ୍ୟାଳୟରେ ଶିକ୍ଷକ ଅଭାବ

ଯୋଗେଶ୍ୱରପୁର,୨୭।୩(ରଶ୍ମିରଞ୍ଜନ ସାହୁ)

ନୟାହାଟ ଉଚ୍ଚ ବାଳିକା ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟା ଯୋଗୁ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ରାଜ୍ୟ ସରକାର ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି କରୁ ନ ଥିବାରୁ ପିଲାମାନେ ଅଧାରୁ ପାଠପଢା ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ବିଶେଷକରି ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ଅଭିଭାବକମାନେ ତାଙ୍କ ପିଲାଙ୍କ ପାଠପଢା ନେଇ ଚିନ୍ତାରେ ଅଛନ୍ତି। ଏହି ବିଦ୍ୟାଳୟରେ ୯ଜଣ ଶିକ୍ଷକଙ୍କ ପରିବର୍ତ୍ତେ ମାତ୍ର ୨ଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ଗୋଟିଏ କିରାଣି ଓ ଗୋଟିଏ ଚତୁର୍ଥଶ୍ରେଣୀ କର୍ମଚାରୀ ପଦବୀ ଖାଲିପଡ଼ିଛି। ଏଭଳି ସମସ୍ୟା ସମ୍ପର୍କରେ ମହେଶ୍ୱର ମିଶ୍ର, ଦେବେନ୍ଦ୍ର ମହାନ୍ତି ଓ କୈଳାସ ପ୍ରଧାନଙ୍କ ସମେତ ୮୦ରୁ ଊର୍ଦ୍ଧ୍ୱ ଅଭିଭାବକ ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବାର ୬ମାସ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇନାହିଁ। ପ୍ରକାଶ ଥାଉକି, ଉକ୍ତ ବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀ ୪ବର୍ଷ ହେଲା ନିଯୁକ୍ତି ପାଇଥିଲେ ମଧ୍ୟ ନିୟମିତ ଭାବେ ଆସୁନାହାନ୍ତି। ଜଣେ ବିଜ୍ଞାନ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲେ ମଧ୍ୟ ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ। ମାତ୍ର ୨ଜଣ ଶିକ୍ଷକଙ୍କୁ ନେଇ ଉକ୍ତ ବିଦ୍ୟାଳୟ ଚାଲିଥିବାରୁ ଏହା ଆଗକୁ ବନ୍ଦ ହୋଇଯିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଶିକ୍ଷା ମନ୍ତ୍ରୀ, ଶିକ୍ଷା ସଚିବ ଓ ପୁରୀ ଜିଲ୍ଲାପାଳଙ୍କୁ ପଦକ୍ଷେପ ନେବାକୁ ଅଭିଭାବକମାନେ ନିବେଦନ କରିଛନ୍ତି।

## କମାକନ୍ତିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ

ବଳଙ୍ଗା,୨୭।୩(କେଦାରେଶ୍ୱର ନନ୍ଦ)

ବଳଙ୍ଗା ନିକଟସ୍ଥ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ କମାକନ୍ତିଆ, ପିପିଲି ଏହାର ଦ୍ୱିତୀୟ ବାର୍ଷିକୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ପିପିଲି-ଡେଲାଙ୍ଗ ବିଧାୟକ ଆଶ୍ରିତ କୁମାର ପଟ୍ଟନାୟକ, ଶିକ୍ଷକ କୈଳାସ ଚନ୍ଦ୍ର ସେଠୀ, ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠୀ, ନୋଡାଲ୍ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ମହାନ୍ତି, ଅବସରପ୍ରାପ୍ତ ଏବିଇଓ ପ୍ରମୋଦା କୁମାରୀ ଦାଶ, ସିଆର୍‌ସିସି ବୈକୁଣ୍ଠ ବିଶ୍ୱାଳ, ଚନ୍ଦ୍ରାଦେଇପୁର ସରପଞ୍ଚ ସୁରେନ୍ଦ୍ର ବେହେରା, ସମିତି ସଭ୍ୟ ବାବନ ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଙ୍ଗାଧର ପ୍ରଧାନ, ପଞ୍ଚସଖା ଶିକ୍ଷାସେତୁ ସଭାପତି ଦେବନାରାୟଣ ବଡ଼େଇ ପ୍ରମୁଖଙ୍କ ଉପସ୍ଥିତିରେ ସ୍ୱାଗତ ସଙ୍ଗୀତ ଗାନ ତଥା ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଏବଂ ଅନ୍ୟ ମଞ୍ଚାସୀନ ଅତିଥିଗଣ ଛାତ୍ରୀଛାତ୍ରଙ୍କ ଦକ୍ଷତାର ଭୂୟସୀ ପ୍ରଶଂସା କରିଥିଲେ।

## ଜମି ଦଲାଲ ସକ୍ରିୟ: କ୍ରେତା, ବିକ୍ରେତା ଶୋଷଣର ଶିକାର

ନିମାପଡ଼ା,୨୭।୩(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅଞ୍ଚଳରେ ଏବେ ଜମି ଦଲାଲ ଓ ମାଫିଆମାନେ ବେଶ୍ ସକ୍ରିୟ ହୋଇଉଠିଛନ୍ତି। ଜମି କ୍ରେତା ଓ ବିକ୍ରେତାମାନେ ଏହି ଦଲାଲଙ୍କ ହାବୁଡ଼ରେ ପଡ଼ି ବହୁ ଶୋଷଣର ଶିକାର ହେଉଥିବା ଦେଖାଯାଉଛି। ଭଲ ମୂଲ୍ୟ ଓ ସୁବିଧାରେ ଜମି ବିକ୍ରୟ କରିଦେବାକୁ କହି ଦଲାଲମାନେ ଜମିର ମାଲିକ ତଥା ବିକ୍ରେତାଙ୍କୁ ମନଭୁଲାଣିଆ କଥା କହି ତାଙ୍କଠାରୁ ବେଶ୍ ମୋଟାଅଙ୍କର ଅର୍ଥ ନେଇ ମାଲାମାଲ ହେଉଛନ୍ତି।

ସେହିପରି ଦଲାଲମାନେ ଅନୁରୂପ ଭାବେ ଜମିର କ୍ରେତାଙ୍କୁ ଭୁଲାଇ କମ୍ ଦରରେ କିଣାଇଦେବାକୁ କହି ସେମାନଙ୍କଠାରୁ ମଧ୍ୟ ମୋଟାଅଙ୍କର ପାଉଣା ନେଉଥିବା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଏହିସବୁ କାର୍ଯ୍ୟ କରିବାକୁ ଜମି ଦଲାଲମାନେ ସ୍ଥାନୀୟ ସବ୍‌ରେଜିଷ୍ଟ୍ରି ଅଫିସ୍ ଓ ଚକବନ୍ଦୀ ଅଫିସ୍‌ଠାରେ ଦୈନିକ ଡେରା ପକାଉଥିବା ଦେଖାଯାଉଛି। ଏହି ଜମି ଦଲାଲଙ୍କ ଯୋଗୁ ବାହାର ଅଞ୍ଚଳରୁ ନିମାପଡ଼ାକୁ ଜମି କ୍ରୟ, ବିକ୍ରୟ କରିବାକୁ ଆସୁଥିବା ସାଧାରଣ ଲୋକ ଦଲାଲଙ୍କ ହାବୁଡ଼ରେ ପଡ଼ି ଶୋଷଣର ଶିକାର ହୋଇ ହଟହଟା ହେଉଛନ୍ତି। ଜମି କ୍ରେତା ଓ ବିକ୍ରେତାମାନେ ଦଲାଲଙ୍କଠାରୁ ଦୂରେଇ ରହି ସେମାନଙ୍କ କଥାରେ ଭାସି ନ ଯାଇ ଜମି କ୍ରୟବିକ୍ରୟ ପାଇଁ ନିଜ ନିଜ ମଧ୍ୟରେ ଆଲୋଚନା ବିଚାରବିମର୍ଶ କରି ସହମତି ଭିତ୍ତିରେ ଜମି କ୍ରୟବିକ୍ରୟ କରିବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ନିମାପଡ଼ା ତହସିଲ ଅନ୍ତର୍ଗତ ଅଣ୍ଡିଆ ସର୍କଲର ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ର କୁମାର ସାହୁ ଏବଂ ପାଟପୁର ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ ନିର୍ଝରିଣୀ ଭୋଇ କହିଛନ୍ତି, ଏ ସମ୍ପର୍କରେ ଆମେ କିଛି ଜାଣିନାହୁଁ କି ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ।

## ଶ୍ରୀରାମ ନବମୀ ମହୋତ୍ସବ, ବିଶାଳ ଶୋଭାଯାତ୍ରା

ନିମାପଡ଼ା,୨୭।୩(ବିଚିତ୍ରାନନ୍ଦ ସାହୁ)

ସମାରୋହରେ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ଅତିଥିବୃନ୍ଦ।

ବିଶ୍ୱ ହିନ୍ଦୁ ପରିଷଦ ଓ ଶ୍ରୀରାମ ନବମୀ ମହୋତ୍ସବ ସମିତି ପକ୍ଷରୁ ଶ୍ରୀରାମ ନବମୀ ମହୋତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ସ୍ଥାନୀୟ ପୂର୍ଣ୍ଣେଶ୍ୱରୀ ମନ୍ଦିର ପଡ଼ିଆରେ ମହାସମାରୋହରେ ଅନୁଷ୍ଠିତ ହୋଇଛି। ସମାରୋହରେ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତୀୟ ସହସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ମଣ୍ଡଳ ସଭାପତି ସୀମାନ୍ତ ଶେଖର ରଥ, ସମନ୍ୱୟ ସମିତିର ସଭାପତି ଶିକ୍ଷାବିତ୍ ଶ୍ରୀକାନ୍ତ ସାମନ୍ତରାୟ, ସାଂସଦଙ୍କ ପ୍ରତିନିଧି ମିନଲତା ମହାନ୍ତି, ବରିଷ୍ଠ ଯୁବନେତା ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ସମାଜସେବୀ ମହେନ୍ଦ୍ରସିଂ ଭାଟିଆ, ଲୋକନାଥ ସାହୁଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତିମାନେ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ଗାଥା, ଭକ୍ତି, ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜୟ ଶ୍ରୀରାମ ଧ୍ୱନିରେ ସଭାସ୍ଥଳୀ ଓ ସାରା ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ଏହିଅବସରରେ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ସମାରୋହରେ ମଞ୍ଚାସୀନ ଅତିଥି, ଗଣମାଧ୍ୟମ ପ୍ରତିନିଧି, ବହୁ ବରିଷ୍ଠ ନାଗରିକ, ସାଧୁସନ୍ଥ, ମଠମନ୍ଦିର ପୂଜକ, ସ୍ୱେଚ୍ଛାସେବୀ, କର ସେବକ, ନ୍ୟାସବେରା ଯୁଥ୍ ଟ୍ରଷ୍ଟ ସଂଗଠନର କର୍ମକର୍ତ୍ତା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ପୋଲିସ ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀଙ୍କ ସମେତ ୧୧୦ଜଣ କୃତୀ ପ୍ରତିଭାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଟ୍ରକ୍ ଧକ୍କାରେ ଗାଈ ମୃତ

**ବାରଙ୍ଗ,(ଲିଙ୍ଗରାଜ ରାଉତ):** ତ୍ରିଶୂଳିଆ-ବାଙ୍କୀ ମୁଖ୍ୟରାସ୍ତାର ଷଣ୍ଡପୁର ବଜାର ଉପରେ ଏକ ଟ୍ରକ ଧକ୍କାରେ ଏକ ଗାଈର ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଶୁକ୍ରବାର ପୂର୍ବାହ୍ନରେ ଗୋଡିସାହି ପଟୁ ଏକ ଟ୍ରକ (ନଂ. ଓଆର୍ ୦୨ଏଜି ୯୧୧୭) ମାଙ୍କଡ଼ା ପଥର ବୋଝେଇ କରି ଦ୍ରୁତଗତିରେ ତ୍ରିଶୂଳିଆ ଅଭିମୁଖେ ଆସୁଥିଲା। ଷଣ୍ଡପୁର ବଜାର ଉପରେ ମୁଖ୍ୟରାସ୍ତା ଉପରେ ଛିଡ଼ା ହୋଇଥିବା ଏକ ଗାଈଟିକୁ ଧକ୍କା ଦେଇ ଟ୍ରକଟି ପଳାଉଥିଲା। ସ୍ଥାନୀୟ ଲୋକେ ଏହା ଦେଖି ଟ୍ରକକୁ ଧରି ବାରଙ୍ଗ ଥାନା ଜିମା ଦେଇଥିଲେ।





ରାମ ନବମୀ ଅବସରରେ ଶୁକ୍ରବାର ଭୁବନେଶ୍ୱର ଶ୍ରୀରାମ ମନ୍ଦିରରେ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରୁଛନ୍ତି। ବାହାରେ ହନୁମାନ ବେଶଧାରୀ ଶ୍ରଦ୍ଧାଳୁଙ୍କ ମନରେ ଭକ୍ତି ଭାବ ସୃଷ୍ଟି କରୁଛନ୍ତି। (ଫଟୋ: ବିକାଶ ନାୟକ ଓ ମନୋରଞ୍ଜନ ମିଶ୍ର)

# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ରାଜଧାନୀ



ବିଶ୍ୱହିନ୍ଦୁ ପରିଷଦ ବାଲିପାଟଣା ଏବଂ ବଜରଙ୍ଗ ଦଳ ବାଲିଅନ୍ତା ଶାଖା ତରଫରୁ ଶ୍ରୀରାମ ନବମୀରେ ଶୁକ୍ରବାର ଆୟୋଜିତ ବିଶାଳ ଶୋଭାଯାତ୍ରା। (ଫଟୋ-ଅଭିମନ୍ୟୁ ନାୟକ)

**ଭୁବନେଶ୍ୱର,୨୭।୩(ସୌମ୍ୟରଞ୍ଜନ ରାଉତ)**

ରାଜଧାନୀ ଭୁବନେଶ୍ୱରରେ ସବୁଠୁ ଶ୍ରୀରାମ ନବମୀ ଉତ୍ସବ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ସକାଳୁ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଜୟଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ପୂରା ସହର। ଶ୍ରୀରାମ ଓ ହନୁମାନ ମନ୍ଦିର ସମେତ ବିଭିନ୍ନ ଦେବାଳୟରେ ପ୍ରାତଃରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିବାବେଳେ ରାମ ଚରିତ ମାନସ, ହନୁମାନ ଚାଳିଶା ପାଠ, ଭଜନ, ଜଣାଣ, ରାମନାମ ଜପ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଶାନ୍ତିଶୃଙ୍ଖଳା ସହ ପ୍ରଭୁ ଶ୍ରୀରାମ, ମା' ସୀତା ଓ ଲକ୍ଷ୍ମଣଙ୍କ ଦିବ୍ୟ ଦର୍ଶନ କରିଥିଲେ ଭକ୍ତ। ୟୁନିଟ-୩ ରାମ ମନ୍ଦିର ସମେତ ଅନ୍ୟ ସ୍ଥାନରେ ଥିବା ମନ୍ଦିରଗୁଡ଼ିକରେ ଆକର୍ଷଣୀୟ ସାଜସଜ୍ଜା ସହ ରାସ୍ତାରେ ଦୁଇପଟରେ ଗେରୁଆ ପତାକାର ସଜ୍ଜିକରଣ ଏକ ସୁଶୋଭିତ ଆକର୍ଷଣ ସାଜିଥିଲା। ମନ୍ଦିର ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରସାଦ ସେବନ, ଦହି ପାଣି, ପଣା ବଣ୍ଟନ କାର୍ଯ୍ୟକ୍ରମ ରାମ ନବମୀକୁ ଉତ୍ସବମୁଖର କରିଦେଇଥିଲା। ବିଶ୍ୱ ହିନ୍ଦୁ ପରିଷଦର ଯୁବ ସଙ୍ଗଠନ ବଜରଙ୍ଗ ଦଳ ପକ୍ଷରୁ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଶ୍ରୀରାମ ମହୋତ୍ସବ ଶୋଭାଯାତ୍ରା ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ହାତରେ ଗେରୁଆ ପତାକା ଧରି ଜୟ ଶ୍ରୀରାମ ଧ୍ୱନି ସହ ସ୍ଥାନୀୟ ବାଣୀବିହାରଠାରୁ ମାଷ୍ଟର କ୍ୟାଣ୍ଟିନ୍ ପର୍ଯ୍ୟନ୍ତ ବିରାଟ ଶୋଭାଯାତ୍ରା ପ୍ରଦର୍ଶନ କରିଥିଲେ। ଏଥିରେ ବିଭିନ୍ନ ସ୍ଥାନରୁ ଆସିଥିବା ଶୋଭାଯାତ୍ରା ମଧ୍ୟ ସାମିଲ ହୋଇଥିଲା। ବିଶ୍ୱହିନ୍ଦୁ ପରିଷଦର ମାର୍ଗ ଦର୍ଶନରେ ବଜରଙ୍ଗ ଦଳର ଜିଲା ସଭାପତି ପ୍ରଦୀପ ମହାନ୍ତି, ଜିଲା ସମ୍ପାଦକ ଶୁଭ୍ରାଂଶୁ ଶତପଥି, ପ୍ରାନ୍ତ ସେବା ପ୍ରମୁଖ ଜଗନ୍ନାଥ ପଟ୍ଟନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ।






ଶ୍ରୀରାମ ମହୋତ୍ସବ ଶୋଭାଯାତ୍ରାରେ ସାମିଲ ଜଣେ ମହିଳା। ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଭୁବନେଶ୍ୱର ପରିକ୍ରମା କରୁଥିବା ଶ୍ରୀରାମ ମହୋତ୍ସବ ଶୋଭାଯାତ୍ରା।



ରସୁଲଗଡ଼ ଗ୍ରାମରେ ରାମନବମୀ ମହୋତ୍ସବ ଶୋଭାଯାତ୍ରା (ଉପର) ଓ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବେଶରେ ଶିଶୁମାନେ।

## ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ, ପ୍ରବଚନ

**ଭୁବନେଶ୍ୱର, ୨୭।୩ (ବନ୍ଦନା ସେଠୀ)**

ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଓ ମା' ଶାନ୍ତାନାରାୟଣୀ ମନ୍ଦିର ପରିଚାଳନା ନ୍ୟାସ ମଣ୍ଡଳୀ ଭିଏସଏସ ନଗର ପକ୍ଷରୁ ୯ଦିନ ଧରି ଚାଲିଥିବା ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପାରାୟଣ ପଣ୍ଡିତ ଅମୂଲ୍ୟ କୁମାର ତ୍ରିପାଠୀ ଓ ପ୍ରବଚକ ନବୀନ ପଟ୍ଟନାୟକ ପାରାୟଣ ପ୍ରବଚନ ଦେଇଥିଲେ। ଶ୍ରୀରାମଙ୍କ ଜନ୍ମଠାରୁ ଆରମ୍ଭ କରି ରାବଣ ବଧ ପର୍ଯ୍ୟନ୍ତ ଭକ୍ତ ବୃନ୍ଦଙ୍କୁ ଶ୍ରୀରାମ ଚରିତ ମାନସର ସାରମର୍ମ ତଥ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ପୂର୍ବତନ ସଭାପତି ସ୍ୱର୍ଗତ ଦେବବ୍ରତ ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ମୁନିନ୍ଦ୍ର ଚନ୍ଦ୍ର ମିଶ୍ର, ସମ୍ପାଦକ କୈଳାସ ଚନ୍ଦ୍ର ମିଶ୍ର, ସନାତନ ନାୟକ, ଇଂ. ଶିବ ପ୍ରସାଦ ମିଶ୍ର, ଜେନାମଣୀ ଦିଲ୍ଲୀପ କୁମାର ରାୟ, ବିଜୟ ଦେ, ମହେଶ୍ୱର ହୋତା, ପ୍ରଶାନ୍ତ କୁମାର ସାହୁ, ଜୟକୃଷ୍ଣ ପଟ୍ଟନାୟକ, ଦେବେନ୍ଦ୍ର ବିଶାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ପୂଜକ ରମେଶ ରଥ, ଶରତ ଦିକ୍ଷୀତ, ଭାଗ୍ୟ ମହାପାତ୍ର, ସନ୍ତୋଷ ମିଶ୍ର ସହଯୋଗ କରିଥିଲେ। କୈଳାସ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।



ଭିଏସ୍ଏସ୍ ନଗରଠାରେ ଅନୁଷ୍ଠିତ ଶ୍ରୀରାମ ଚରିତ ମାନସ ପାରାୟଣ କାର୍ଯ୍ୟକ୍ରମ।

## ୭୪ ବର୍ଷରେ ପାଦ ଥାପିଲା ମରିଚିଆ ବାଦିପାଲା

**ବାରଙ୍ଗ,୨୭।୩(ଲିଙ୍ଗରାଜ ରାଉତ)**

ମରିଚିଆ ଗ୍ରାମର ବିଜୁ ପାଲା ମଣ୍ଡପରେ ଗୁରୁବାର ୭୪ତମ ମରିଚିଆ ବାଦୀପାଲା ମହୋତ୍ସବ ଉଦଯାପିତ ହୋଇଯାଇଛି। ସର୍ବପୁରାତନ ବାଦୀପାଲା ମହୋତ୍ସବରେ କଟକ ଜିଲା ନରସିଂହପୁରର ଗାୟକ ଜ୍ଞାନ ଆଦିତ୍ୟ କୁମାର ସ୍ୱାଇଁ ଓ ନୟାଗଡ଼ ଜିଲା ବଙ୍କଇ ଗାୟକ ସାରସ ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତରାୟଙ୍କ ଦ୍ୱାରା ପୌରାଣିକ କଥାବସ୍ତୁ ଉପରେ ବାଦିପାଲା ପରିବେଷଣ କରାଯାଇଥିଲା। ପାଞ୍ଚଦିନ ବ୍ୟାପି ଏହି ପାଲା ମହୋତ୍ସବକୁ ଦେଖିବା ପାଇଁ ଭୁବନେଶ୍ୱର ଉପକଣ୍ଠ ଅଞ୍ଚଳର ଅନେକ ପାଲାପ୍ରେମୀ ଯୋଗଦେଇଥିଲେ।



ମାର୍ଚ୍ଚ ୨୨ରୁ ଏହା ଆରମ୍ଭ ହୋଇ ୨୬ ତାରିଖରେ ସରିଥିଲା। ଉଦଯାପନୀ ରାତିରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବିଜେଡି ନେତା ସୁବାସ ଚନ୍ଦ୍ର ପାତ୍ର, ଯୁବନେତା ନିର୍ମଳ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପାଲା କାଳାକାରମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## କମର୍ସିଆଲ ଏଲ୍‌ପିଜି: ରାଜ୍ୟ ପାଇଁ ଆବଣ୍ଟନ ୭୦%କୁ ବୃଦ୍ଧି

ଭୁବନେଶ୍ୱର,୨୭।୩ (ରବି ନାରାୟଣ ଜେନା): ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ ଦେଶରେ କମର୍ସିଆଲ ଏଲ୍‌ପିଜି ସଙ୍କଟକୁ ଏଡ଼ାଇବା ପାଇଁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ ପାଇଁ ଆବଣ୍ଟନକୁ ୫୦%ରୁ ୭୦%କୁ ବୃଦ୍ଧି କରିଛନ୍ତି। ହର୍ମୁଜ୍ ପ୍ରଣାଳୀରେ ଇରାନ୍‌ର ପ୍ରତିବନ୍ଧକ ଯୋଗୁ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଥିବାବେଳେ ଏହି ପଦକ୍ଷେପ ନିଆଯାଇଛି ବୋଲି ଶୁକ୍ରବାର ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ସୂଚନା ଦେଇଛି। ଏନେଇ ପ୍ରେଟୋଲିୟମ୍ ସେକ୍ରେଟାରି ନୀରଜ ମିତ୍ତଲ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବମାନଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

## ଯଶୁଆପୁର ମହୋତ୍ସବ ଉଦ୍‌ଘାଟିତ

**ବାଳକାଟୀ,୨୭।୩(ମନୋଜ ମଣ୍ଡଳ)**

ଯଶୁଆପୁର ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ନବମ ଯଶୁଆପୁର ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ପରିଷଦର ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢ଼ାଲି ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ରଶ୍ମି ମହାପାତ୍ର, ବିଧୁଭୂଷଣ ପଟ୍ଟନାୟକ, ସୁବ୍ରତ ମହାନ୍ତି, ସତ୍ୟନାରାୟଣ ଛାଟୋଇ, ବ୍ରହ୍ମାନନ୍ଦ ସ୍ୱାଇଁ, ଦୀନବନ୍ଧୁ ଭୋଇ, ଜୟକୃଷ୍ଣ ମହାପାତ୍ର ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ଚଢେଇବର ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଏବଂ ଏକାମ୍ର ନାଟ୍ୟ ସଂସଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ତପନ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିବାବେଳେ ଆନିଶତପଥି ମଞ୍ଚ ପରିଚାଳନା କରିଥିଲେ।

## ୧୦ ଲକ୍ଷ ଟଙ୍କାର ସୁନା ଗହଣା ଲୁଟ୍

**ଭୁବନେଶ୍ୱର,୨୭।୩(ତ୍ରିନାଥ ମହାନ୍ତି)**

ଏୟାରପୋର୍ଟ ଥାନା ପୋଖରୀପୁଟ ଫ୍ଲାଟ୍ ନଂ୧୯/୩ ଘରୁ କଳାକନା ବୁଲାଇଛନ୍ତି ଚୋର। ଶୋଇବା ରୁମ୍‌ରୁ ଆଲମାରି ତାଡ଼ି ୧୦ ଲକ୍ଷ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି। ଏନେଇ ଘର ମାଲିକ ମୌନିକା ବିବେକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ମୌନିକ କୌଣସି କାମରେ ଦୁଇ ଦିନ ତଳେ ବାହାରକୁ ଯାଇଥିଲେ। ଘର କାମ କରିବା ପାଇଁ ଘୋରାଇ ସହାୟିକା ସବୁ କିଛି ବୁଝୁଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ଘରୋଇ ସହାୟିକା ଘରୁ ସୁନାଗହଣା ଲୁଟି ନେଇଥିବା ସେ ପୋଲସକୁ କହିଛନ୍ତି। ପୋଲିସ ଘରୋଇ ସହାୟିକାଙ୍କୁ ଘରିବାକୁ ବିଭିନ୍ନ ସ୍ଥାନରେ ଚଢଉ କରିଥିବା ଜଣାପଡ଼ିଛି।

## ମହାବୀରଙ୍କ ପୀଠ ଉତ୍ସବମୁଖର

ବାଲିପାଟଣା,୨୭।୩(ଅଭିମନ୍ୟୁ ନାୟକ):ରାମନବମୀରେ ଶୁକ୍ରବାର ସ୍ଥାନୀୟ ମହାବୀରଙ୍କ ପୀଠ ଉତ୍ସବମୁଖର ହୋଇଉଠିଥିଲା। ସକାଳୁ ଶ୍ରଦ୍ଧାଳୁମାନେ ମହାବୀରଙ୍କ ପୂଜାର୍ଚ୍ଚନା କରି ପ୍ରସାଦ ଓ ପଣା ଭୋଗ ଲାଗିକରିଥିଲେ। ସରାଟ ଶାସନ ସଙ୍କଟ ମୋଚନ ମହାବୀରଙ୍କ ପୀଠରେ ସ୍ୱତନ୍ତ୍ର ପୂଜା ରୀତିନୀତି ସହ ବେଶ, ହୋମ, ଖେଚୁଡ଼ି ପ୍ରସାଦ ପୂଜା ହୋଇଥିଲା। ଶ୍ରଦ୍ଧାଳୁମାନେ ମହାବୀରଙ୍କ ନିକଟରେ ରାଶିତେଲ, ଘିଅଦୀପ ଜାଳିଥିଲେ। ପୂଜକ ବଟକୃଷ୍ଣ ମିଶ୍ର ପୂଜା କାର୍ଯ୍ୟ ନିର୍ବାହ କରିଥିଲେ। ସେହିପରି ବାଲିପାଟଣାସ୍ଥିତ ଶିଶୁ ଅନନ୍ତ ମହାବିଦ୍ୟାଳୟ ନିକଟ ବାଟ ମହାବୀରଙ୍କ ମନ୍ଦିରର ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଛି। ପୂଜକ ଉମେଶ ରଥ ପୂଜା ଦାୟିତ୍ୱ ତୁଲାଇଥିଲେ। ବନମାଳୀପୁର ପୋଲାଙ୍ଗ ତୋଟା ମହାବୀରଙ୍କ ପୀଠ ସହ ଅନ୍ୟ ମନ୍ଦିରରେ ପୂଜା ବିଧିମୁତାବକ ହୋଇଛି। ଏହି ଅବସରରେ ହନୁମାନ ଚାଳିଶା ଓ ନାମ ସଂକୀର୍ତ୍ତନ ହୋଇଥିଲା।

# ଓଡିଶା ନାଟ୍ୟ ସଂଘର ସାଂସ୍କୃତିକ ପଦଯାତ୍ରା

**ଭୁବନେଶ୍ୱର,୨୭।୩ (ସୌମ୍ୟରଞ୍ଜନ ରାଉତ)**

ଓଡିଶା ନାଟ୍ୟ ସଂଘ ଆନୁକୂଲ୍ୟରେ ଶୁକ୍ରବାର ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୮ଟାରୁ ଏକ ସାଂସ୍କୃତିକ ପଦଯାତ୍ରା ବୁଦ୍ଧ ମନ୍ଦିର ଠାରୁ ବାହାରି ରବୀନ୍ଦ୍ର ମଣ୍ଡପ ଠାରେ ପହଞ୍ଚି ଥିଲା। ଉପେନ୍ଦ୍ର ପତି, ଅବିନାଶ ଦଣ୍ଡପାଟ, ବିପ୍ଳବ କେଶରୀ ଶତପଥୀ ଓ ଶୁଭକାନ୍ତ ପାଢୀଙ୍କ ସୁପରିଚାଳନାରେ ସଂକୀର୍ତ୍ତନ ମଣ୍ଡଳୀ ଓ ବିଭିନ୍ନ ରଙ୍ଗ ବେରଙ୍ଗର ବେଶ ପୋଷାକ ସହିତ ସଙ୍ଘର ଶତାଧିକ ସଦସ୍ୟ ଅତ୍ୟନ୍ତ ଆନନ୍ଦ ଉଲ୍ଲାସର ସହ ଅଂଶ ଗ୍ରହଣ କରିଥିଲେ। ସଙ୍ଘ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସରେ ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ସଙ୍ଘର ସଭାପତି ମିହିର କୁମାର ମେହେରଙ୍କ ସଭାପତିତ୍ୱରେ 'ନାଟ୍ୟ ମାଧ୍ୟମର ଦିଗନ୍ତ' ଶୀର୍ଷକ ଏକ



ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନାଟ୍ୟକାର ଡ. ରମେଶ ପ୍ରସାଦ ପାଣିଗ୍ରାହୀ, ନାଟ୍ୟ ନିର୍ଦ୍ଦେଶକ ଦୋଳ ଗୋବିନ୍ଦ ରଥ, ନାଟ୍ୟକାର ପୂର୍ଣ୍ଣ ମଲ୍ଲିକ ଓ ନାଟ୍ୟକାର ଫକୀର ସିଂ ପ୍ରମୁଖ ଅଂଶ ଗ୍ରହଣ କରି ନାଟକର ଦିଗନ୍ତ କିପରି ଅନନ୍ତ ସେ ବିଷୟରେ ସାରଗର୍ଭକ ଆଲୋଚନା କରିଥିଲେ। ସଙ୍ଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ପ୍ରାରମ୍ଭିକ ସୂଚନା ଦେଲାପରେ ଅଧ୍ୟାପକ ଦେବୁ ପଟ୍ଟନାୟକ ୨୦୨୬ ପାଇଁ ବିଶ୍ୱ ନାଟ୍ୟ ଦିବସର ବାର୍ତ୍ତା ପାଠ କରିଥିଲେ। ସଙ୍ଘର ଯୁଗ୍ମ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

## କାର କାଚ ଭାଙ୍ଗି ଆଇଫୋନ୍, ୨୫ ହଜାର ଲୁଟ୍

**ମୋବାଇଲ ବିକ୍ରି ବେଳେ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ**

**ଭୁବନେଶ୍ୱର,୨୭।୩(ତ୍ରିନାଥ ମହାନ୍ତି)**

କ୍ୟାପିଟାଲ ହସ୍ପିଟାଲ ପରିସରରୁ କାର କାଚ ଭାଙ୍ଗି ଦୁର୍ବୃତ୍ତମାନେ ଏକ ଆଇଫୋନ୍ ଓ ୨୫ହଜାର ଟଙ୍କା ଲୁଟି ନେଇଛନ୍ତି। ଅଭିଯୋଗ ପରେ କ୍ୟାପିଟାଲ ଥାନା ପୋଲିସ ତଦନ୍ତ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦାର ରାକେଶ ଖୁଣ୍ଟିଆ। ସେ ଚୋରି ଟଙ୍କାକୁ ମଦ ଓ ଖାଦ୍ୟରେ ଖର୍ଚ୍ଚ କରିଦେଇଥିବାବେଳେ ତାଙ୍କ ନିକଟରୁ ଚୋରି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ପୋଲିସ ସୂଚନାନୁସାରେ, ଗତ ୨୫ ତାରିଖ ରାତି ପ୍ରାୟ ସାଢ଼େ ଗୋଟାଏରେ ଅଭିଯୋଗକାରୀ ରଞ୍ଜିତ ବିଶାଳ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ଯାଇଥିବାବେଳେ କ୍ୟାମ୍ପସ ଭିତରେ ନିଜ କାର ପାର୍କ କରିଥିଲେ। ଡାକ୍ତରୀ ପରାମର୍ଶ ସାରି ଫେରିବା ପରେ କାର୍‌ର ଡାହାଣ ପାର୍ଶ୍ୱ କାଚ ଭଙ୍ଗାଯାଇ ଭିତରୁ ଆଇଫୋନ ମୋବାଇଲ ସହିତ ନଗଦ ୨୫ ହଜାର ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଥାନାରେ ରଞ୍ଜିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ହସ୍ପିଟାଲ ପରିସରର ସିସିଟିଭି ଫୁଟେଜ ଯାଞ୍ଚ କରାଯାଇ ଅଭିଯୁକ୍ତ ୟୁନିଟ-୬ କାଳୀମନ୍ଦିର ବସ୍ତିର ରାକେଶ ଖୁଣ୍ଟିଆ ବୋଲି ଚିହ୍ନଟ କରାଯାଇ ତାଙ୍କ ଉପରେ ନଜର ରଖାଯାଇଥିଲା। ସେ ବାପୁଜୀ ନଗରରେ ଚୋରି ମୋବାଇଲ ଫୋନ ବିକ୍ରି କରିବାକୁ ଚେଷ୍ଟା କରୁଥିବା ସମୟରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ରାକେଶ ଜଣେ ଅଭ୍ୟାସଗତ ଅପରାଧୀ। ତାଙ୍କ ନାମରେ ୧୭ଟି ମାମଲା ରହିଛି।

## ସଂକ୍ଷେପରେ

### ମା' ଜଗଦମ୍ବାଙ୍କ ଚୈତ୍ର ନବରାତ୍ରି ଉଦ୍‌ଯାପିତ

ଜଟଣୀ,୨୭।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାମଚନ୍ଦ୍ରପୁର ବଜାରସ୍ଥ ଶ୍ରୀଶ୍ରୀ ଗୋପୀନାଥ ଦେବଙ୍କ ମନ୍ଦିର ପରିସରରେ ଥିବା ମା'ଜଗଦମ୍ବାଙ୍କ ମନ୍ଦିରରେ ଅନୁଷ୍ଠିତ ଚେତ୍ର ନବରାତ୍ରୀ ଉତ୍ସବ ଶୁକ୍ରବାର ଆନନ୍ଦ ଉଲ୍ଲାସରେ ଉଦଯାପିତ ହୋଇଯାଇଛି। ଗତ ୧୯ ତାରିଖରୁ ଅନୁଷ୍ଠିତ ହୋଇଆସୁଥିବା ପୂଜାର୍ଚ୍ଚନା ପ୍ରତିଦିନ ସମସ୍ତ ରୀତିନୀତିରେ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ହୋମ ଯଜ୍ଞ ଓ ପୂର୍ଣ୍ଣାହୁତି ସହ ସମ୍ପନ୍ନ ହୋଇଛି। ଶେଷ ଦିବସରେ କନ୍ୟା ପୂଜା, ବ୍ରାହ୍ମଣ ପୂଜା ପରେ ଶ୍ରଦ୍ଧାଳୁଙ୍କ ପାଇଁ ଝାଡ଼ଖଣ୍ଡରୁ ଆସିଥିବା ଭଜନ ଗାୟିକା ଶ୍ରୁତି ଅଗ୍ରୱାଲ ମା'ଦୁର୍ଗାଙ୍କ ଭଜନ ପରିବେଷଣ କରିଥିଲେ।

### ଶ୍ରୀରାମ ଚରିତ ମାନସ, ନବାହ୍ନ ପାରାୟଣ ସମାରୋହ

ବେଗୁନିଆ,୨୭।୩(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଅନ୍ତର୍ଗତ ପାଟଣାହାଟ ପରିସରରେ ଶ୍ରୀରାମ ଚରିତ ମାନସ ଓ ନବାହ୍ନ ପାରାୟଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ୩୪ତମ ଏହି ଆଧ୍ୟାତ୍ମିକ ସମାରୋହ ଆସନ୍ତା ଏପ୍ରିଲ ୪ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକ ରାମକୃପା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ସନ୍ଥ ଶ୍ରୀପରମବ୍ରହ୍ମ ଦାସଜୀ ମହାରାଜ ବ୍ୟାସ ଭାବେ, ବିନାୟକ ରଥ ଆଚାର୍ଯ୍ୟ ଏବଂ ରବିନାରାୟଣ ଦାଶ ଉପାଚାର୍ଯ୍ୟ ଦାୟିତ୍ୱ ନିର୍ବାହ କରୁଛନ୍ତି।

### ଠଣପଲ୍ଲୀରେ ରାମନବମୀ

କଳାପଥର, ୨୭।୩(ଗଙ୍ଗାଧର ସାହୁ)

ଧଳାପଥର ପଞ୍ଚାୟତ ଅଧୀନ ଠଣପଲ୍ଲୀ ଗ୍ରାମର ଆରାଧ୍ୟ ଠାକୁର ଶ୍ରୀରଘୁନାଥ ଦେବଙ୍କ ପୀଠରେ ଶୁକ୍ରବାର ରାମନବମୀ ପାଳିତ ହୋଇ ଯାଇଛି। ସକାଳୁ ଶ୍ରଦ୍ଧାଳୁଙ୍କ ସମାଗମରେ ଠାକୁରଙ୍କ ନୂତନ ବସ୍ତ୍ର ଆଭୂଷଣ ସାଜସଜ୍ଜା ପରେ ହନୁମାନ ଶୁଭଖୁଣ୍ଟି ସ୍ଥାପନ, ନୈବେଦ୍ୟ ଲାଗିପରେ ପୂଜା ଓ ହୋମ ଅନୁଷ୍ଠିତ ହୋଇଥିଲା। ରାମକଥା ଉପରେ ସଂକୀର୍ତ୍ତନ ପରେ ଅନଙ୍ଗ ନରେନ୍ଦ୍ର କୃତ ରାମାୟଣ ପାଠ କରାଯାଇଥିଲା। ପୂଜକ ତୋଫାନ ମହାପାତ୍ର, ପ୍ରଭାକର ତ୍ରିପାଠୀ ହୋମ କାର୍ଯ୍ୟ ସମ୍ପାଦନ କରିଥିବାବେଳେ ସର୍ବେଶ୍ୱର ମହାପାତ୍ର, ଧ୍ରୁବ ମହାପାତ୍ର, ନିମାଇଁ ଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଆଦି ସଂକୀର୍ତ୍ତନ ଆୟୋଜନ କରିଥିଲେ। କର୍ତ୍ତା ଦାଶରଥି ସାହୁ, ଦୁର୍ଯ୍ୟୋଧନ ସାହୁ, ସହଯୋଗୀ ରାଜ କିଶୋର ସାହୁ, ନିରଞ୍ଜନ ଦାଶ,ରମେଶ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ବଡ଼ବେରେଣାରେ ଶ୍ରୀରାମ ନବମୀ ଉତ୍ସବ

ବେଗୁନିଆ, ୨୭।୩(ସନ୍ଧ୍ୟାରାଣୀ ମିଶ୍ର)

ଶ୍ରୀରାମ ନବମୀ ଉପଲକ୍ଷେ ବଡବେରେଣା ଗ୍ରାମ ସଡ଼କ ସାହିର ରାମଲୀଳା ମଣ୍ଡପରେ ଅନଙ୍ଗ ନରେନ୍ଦ୍ରଙ୍କ ରଚିତ ଓ ସ୍ୱର୍ଗତ କାହ୍ନୁ ଚରଣ ମାଝିଙ୍କ ଦ୍ୱାରା ଲିଖିତ ରାମଲୀଳା ପ୍ରସଙ୍ଗ ତାଳପୋଥି ପଠନ ଶୁଭାରମ୍ଭ ହୋଇଥିଲା। ପ୍ରଭୁ ଶ୍ରୀ ରଘୁନାଥ, ଲକ୍ଷ୍ମଣ ଲାଲ ଏବଂ ସୀତା ଠାକୁରାଣୀଙ୍କ ନିକଟରେ ପୋଥି ପୂଜନ କରାଯାଇଥିଲା। ପୁରୋହିତ ବସନ୍ତ କୁମାର ଷଡ଼ଙ୍ଗୀ, ନୀଳମଣି ମାଝୀ, ଭଗବାନ ପଣ୍ଡା, ଓମ ପ୍ରକାଶ ମହାପାତ୍ର, ଅଂଶୁମାନ ପଣ୍ଡା, ତନ୍ମୟ କୁମାର ପଣ୍ଡା, ଉମାକାନ୍ତ ରଣା, ଜଗନ୍ନାଥ ପ୍ରହରାଜ ଏବଂ ଜିତେନ୍ଦ୍ର କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ରାଜ୍ୟସ୍ତରୀୟ ପଶାପାଲି ପ୍ରତିଯୋଗିତା

ଖୋର୍ଦ୍ଧା,୨୭।୩(ପ୍ରଭାତ ପାଣିଗ୍ରାହୀ)

ବେଗୁନିଆ ବ୍ଲକର ବଡବେରେଣାରେ ଗୁରୁବାର ବାପାଙ୍କ ସ୍ମୃତି ଉଦ୍ଦେଶ୍ୟରେ ପୁତ୍ରଙ୍କ ଦ୍ୱାରା ରାଜ୍ୟସ୍ତରୀୟ ପଶାପାଲି ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ରବିନ୍ଦ୍ରନାଥ ମହାପାତ୍ରଙ୍କ ସ୍ମୃତିରେ ଆୟୋଜିତ ଏହି ପ୍ରତିଯୋଗିତାକୁ ରାଜ୍ୟ ଉତ୍କଳ ପଶା ସଂଘର ସଭାପତି ପ୍ରଫୁଲ୍ଲ କୁମାର ଜେନା ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ୩୨ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତି ଖେଳାଳି ୫ ରାଉଣ୍ଡ ଖେଳିଥିଲେ। ରାଜ୍ୟ ପଶା ସଂଘ ସଭାପତି ଜେନା କହିଛନ୍ତି ଆଗାମୀ ପିଢି ପର୍ଯ୍ୟନ୍ତ ଏହାକୁ କିପରି ଉଜ୍ଜିବୀତ କରି ରଖାଯିବ ସେ ନେଇ ବାରମ୍ବାର ଉଦ୍ୟମ କରୁଛୁ। ସେହିଭଳି ଭୁବନେଶ୍ୱରରୁ ଆସିଥିବା ଜଣେ ପଶା ଖେଳାଳି କହିଛନ୍ତି, ଆମେ ପଶାଖେଳକୁ ସରକାରୀ ପୋତ୍ସାହନ ପାଇଁ ଦାବି କରୁଛୁ। ସେହିପରି ଯୁବ ସାମାଜିକ କର୍ମୀ ମାନସ ରଞ୍ଜନ ପଣ୍ଡା କହିଛନ୍ତି, ଏ ଖେଳର ପ୍ରଚାର ପ୍ରସାର ହେବା ଆବଶ୍ୟକ।

# ବିଶାଳ ଶୋଭାଯାତ୍ରାରେ ଶ୍ରୀରାମଙ୍କ ଜୟ ଜୟକାର



ଖୋର୍ଦ୍ଧା,୨୭।୩(ପ୍ରଭାତ ପାଣିଗ୍ରାହୀ)

ପ୍ରଭୁ ଶ୍ରୀରାମଙ୍କ ଜୟନ୍ତୀ ଅବସରରେ ଶୁକ୍ରବାର ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଏବଂ ଶ୍ରୀରାମ ନବମୀ ସମନ୍ୱୟ ସମିତି ପକ୍ଷରୁ ପୃଥକ ଭାବେ ଯଥାକ୍ରମେ ଶ୍ରୀରାମ ରଥ ପରିକ୍ରମା ଓ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଖୋର୍ଦ୍ଧା ସହର ଗୈରିକ ରଙ୍ଗରେ ଛାଇଯିବା ସହ ଶ୍ରୀରାମଙ୍କ ଜୟକାର ଧ୍ୱନୀରେ ପ୍ରକମ୍ପିତ ହୋଇଉଠିଥିଲା। ଖୋର୍ଦ୍ଧାର ବିଭିନ୍ନ ଅଞ୍ଚଳରୁ କର୍ମକର୍ତ୍ତାମାନେ ବାଇକ ଶୋଭାଯାତ୍ରାରେ ବାହାରି ମୁକୁନ୍ଦପ୍ରସାଦ ମେଲଣ ପଡ଼ିଆରେ ଏକାଠି ହୋଇଥିଲେ। ସେଠାରୁ ଜରିପୁଟସ୍ଥିତ ଶ୍ରୀସଙ୍କଟମୋଚନ ହନୁମାନ ମନ୍ଦିର ଅଭିମୁଖେ ଆରମ୍ଭ ହୋଇଥିଲା ଶୋଭାଯାତ୍ରା। ଏକ ସୁସଜ୍ଜିତ ରଥରେ ଶ୍ରୀରାମଙ୍କ ପ୍ରତିମୂର୍ତ୍ତି, ପଛରେ ଅନ୍ୟ ଏକ ରଥରେ ଶ୍ରୀରାମ, ଭ୍ରାତା ଲକ୍ଷ୍ମଣ, ଦେବୀ ସୀତା ଏବଂ ଶ୍ରୀହନୁମାନ ବେଶଧାରୀ ବିଜେ କରିଥିଲେ।

ଶୋଭାଯାତ୍ରାରେ ୧୦ହଜାରରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଏକ କିମି ବ୍ୟାପୀ ବାଇକ ଶୋଭାଯାତ୍ରା କରିଥିଲେ। ନାମ ସଂକୀର୍ତ୍ତନ, ଘଣ୍ଟାଘଣ୍ଟା, ମୃଦଙ୍ଗ ବାଦ୍ୟର ତାଳରେ କମ୍ପିଥିଲା ସହର। ସବୁଠି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଭିଏଚ୍‌ପି ପକ୍ଷରୁ ଶ୍ରୀରାମ ରଥ ମୁକୁନ୍ଦପ୍ରସାଦ ମେଲଣ ପଡ଼ିଆରେ ପହଞ୍ଚିବା ପରେ ପୂର୍ବାହ୍ନ ୧୧ଟାରେ ଶ୍ରୀରାମ ରଥ ପରିକ୍ରମା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ଶତାଧିକ କର୍ମକର୍ତ୍ତା ଯୋଗଦେଇ ମୁକୁନ୍ଦପ୍ରସାଦ, ଗୋଡିପୋଖରୀ ଛକ,ମାରୱାଡିପଟି, ଟ୍ରାଫିକ ଛକ, ସମବାୟ ଛକ, ଏସବିଆଇ ଛକ, ନୂଆବସଷ୍ଟାଣ୍ଡ ପଲ୍ଲା ଛକ ଦେଇ ୧୬ ନମ୍ବର ଜାତୀୟ ରାଜପଥକୁ ଉଠିଥିଲେ। ସେଠାରୁ ଶୋଭାଯାତ୍ରାରେ ତୋଟାପଡା ଦେଇ ଜରିପୁଟ ସଙ୍କଟମୋଚନ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ହୋମଯଜ୍ଞ କରାଯାଇଥିଲା। ଭିଏଚ୍‌ପି ସହସମ୍ପାଦକ ସନ୍ତୋଷ ଶ୍ରୀଚନ୍ଦନ, ଜିଲା କୋଷାଧ୍ୟକ୍ଷ ଅଭିମନ୍ୟୁ ଘଟୁଆଳ, ବିଶେଷ ପ୍ରମୁଖ ମିହିର ବିଧାର, ବଜରଙ୍ଗ ଦଳ ଜିଲା ସଂଯୋଜକ ଉଦିତ ପ୍ରହରାଜ, ସହଜିଲା ସଂଯୋଜକ ଏସ୍‌ଏମ୍ ଦିବ୍ୟ ପ୍ରକାଶ, ଗୋଭକ୍ତ ରାଧାମୋହନ ପ୍ରଧାନ ପ୍ରମୁଖ ସାମିଲ ଥିଲେ। ସେହିପରି ଅପରାହ୍ନ ୩ଟାରେ ଶ୍ରୀରାମ ନବମୀ ସମନ୍ୱୟ ସମିତି ପକ୍ଷରୁ ଶତାଧିକ କର୍ମୀ ଉକ୍ତ ମେଲଣ ପଡିଆରେ ପହଞ୍ଚିଥିଲେ। ଆଗରେ ଶ୍ରୀରାମ,ଲକ୍ଷ୍ମଣ, ସୀତା, ଶ୍ରୀ ହନୁମାନ ବେଶଧାରୀଙ୍କ ସମେତ ସୁସଜ୍ଜିତ ରଥରେ ଶ୍ରୀରାମଙ୍କ ଭବ୍ୟ ଫଟୋ ଚିତ୍ର ସହ ବିଶାଳ ବାଇକ ଶୋଭାଯାତ୍ରାରେ ନଗର ପରିକ୍ରମା କରି ସନ୍ଧ୍ୟାରେ ଜରିପୁଟ ହନୁମାନ ମନ୍ଦିରରେ ପହଞ୍ଚିବା ପରେ ପୂଜାର୍ଚ୍ଚନା ସହ ଶୋଭାଯାତ୍ରା ସମାପ୍ତ ହୋଇଥିଲା। ଏହି ଶୋଭାଯାତ୍ରାରେ ଆରଏସଏସ ସମେତ ଅନ୍ୟ ହିନ୍ଦୁ ସଙ୍ଗଠନ ସାମିଲ ହୋଇଥିଲେ। ସମନ୍ୱୟ ସମିତି ଅଧ୍ୟକ୍ଷ ବେଲେଶ୍ୱର ସାହୁ, ପ୍ରଶାନ୍ତ ବେହେରା, ବରିଷ୍ଠ ଆଇନଜିବୀ ଅଜିତ ପଟ୍ଟନାୟକ, ହିନ୍ଦୁ ଜାଗରଣ ମଞ୍ଚ ପ୍ରାନ୍ତ ସହସଂଯୋଜକ ଆଶିଷ ବିଦୁରେନ୍ଦ୍ର ପ୍ରମୁଖ ପରିଚାଳନା କରିଥିଲେ।



ନିରାକାରପୁର: ବାସନ୍ତିକ ନବରାତ୍ରର ନବମ ଦିନରେ ସିଦ୍ଧିଦାତ୍ରୀ ବେଶରେ ମା' ବନଦୁର୍ଗା।

## ହଟିଲା ୩୫ ମୌଜା ୪ ପଡ଼ା ବିବାଦ

### ୨ୟ ବାଲିଯାତ୍ରା ପାଇଁ ସଜବାଜ

କୃଷ୍ଣପ୍ରସାଦ,୨୭।୩(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଆରାଧ୍ୟ ଠାକୁର ବାବା କମଳେଶ୍ୱର ଦେବଙ୍କୁ ନେଇ କିଛିଦିନ ହେବ ବିବାଦ ଲାଗିରହିଥିଲା। ଗତ ଦୋଳପୂର୍ଣ୍ଣିମା ଠାରୁ ବିବାଦ କୁହୁଳି ୧୦ ଦୋଳରେ ଉଗ୍ରରୂପ ଧାରଣ କରିଥିଲା। ଏହାକୁ ନେଇ ମାମଲା ଉଚ୍ଚ ନ୍ୟାୟାଳୟ ଏବଂ ଦେବୋତ୍ତର କମିଶନଙ୍କ ବିଚାରାଧୀନ ରହିଛି। ୧୦ ଦୋଳରେ ପରିସ୍ଥିତି ଅଣାୟତ୍ତ ହେବାରୁ ପ୍ରଶାସନ ୧୪୪ ଧାରା ଲାଗୁ କରି ଠାକୁରଙ୍କୁ ନେଇ ପରମ୍ପରା ତୁଲାଇଥିଲା। ଯାତ୍ରା ପରେ କିଛିଦିନ ଠାକୁରଙ୍କ ପୂଜାବିଧି ବନ୍ଦ ଥିବା ବେଳେ ଏହାର ସମାଧାନ ପାଇଁ ସାମାଜିକ କର୍ମୀ ତଥା ଶିକ୍ଷାବିତ କେଳୁ ଚରଣ ଜେନା ଏବଂ ବାଘମୁଣ୍ଡା ଗ୍ରାମ୍ୟ କମିଟି ଅଣ୍ଟା ଭିଡ଼ିଥିଲେ। ଏମାନଙ୍କ ଆହ୍ୱାନରେ ୩୫ ମୌଜା ପରିଚାଳନା କମିଟି ଏବଂ ୪ ପଡ଼ା ମଧ୍ୟରେ ଉପୁଜିଥିବା ବିବାଦ ସମାଧାନ ପାଇଁ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ବିଡିଓ, ତହସିଲଦାର, କୃଷ୍ଣପ୍ରସାଦ ଆରକ୍ଷୀ ନିରୀକ୍ଷକଙ୍କ ସମେତ ଉଭୟ ପକ୍ଷ ଆଲୋଚନା କରିଥିଲେ। ଆଗାମୀ ୧୪ ତାରିଖରେ ପ୍ରସିଦ୍ଧ ୨ୟ ବାଲିଯାତ୍ରା ଭାବେ ପରିଚିତ ପଣାଯାତ୍ରାରେ ସମସ୍ତେ ସହଯୋଗ କରିବେ ବୋଲି ମତ ପ୍ରକାଶ କରିଥିଲେ। ପଣାଯାତ୍ରାରେ ସମସ୍ତେ ମିଳିମିଶି ସହଯୋଗ କରିବେ ଓ କୌଣସି ବିବାଦ ପରିସ୍ଥିତି ସୃଷ୍ଟି କରିବେ ନାହିଁ ବୋଲି ଲିଖିତ ଭାବେ ଦେଇଥିବା ଜଣାଯାଇଛି। ବିଭିନ୍ନ ବିଭାଗର ଦାୟିତ୍ୱ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦିଆଯାଇଥିବା ଜଣାଯାଇଛି।

## ମନ ମୋହିଲା ଗୋଟିପୁଅ, ପୁରୁଲିଆ ଛଉନୃତ୍ୟ

### ମଲ୍ଲିପଦର 'ଆମ ଗାଁ ମହୋତ୍ସବ'ର ତୃତୀୟ ସନ୍ଧ୍ୟା

ବେଗୁନିଆ,୨୭।୩
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିପଦର ଗ୍ରାମସ୍ଥିତ ମହୋତ୍ସବ ପଡ଼ିଆରେ ଚାଲିଥିବା 'ଆମ ଗାଁ ମହୋତ୍ସବ'ର ଶୁକ୍ରବାର ତୃତୀୟ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି କୁଞ୍ଜବିହାରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭାଜପା ନେତା ପ୍ରକାଶ ଚନ୍ଦ୍ର ରଣବିଜୁଳି, ଜିଲା ଭାଜପା ଉପସଭାପତି ବାସୁଦେବ ସାହୁ, ସାମାଜିକ କର୍ମୀ ବ୍ରଜବନ୍ଧୁ ସୁବୁଦ୍ଧି, ମାନସ ମହାପାତ୍ର, ଲକ୍ଷ୍ମୀପ୍ରିୟା ପଣ୍ଡା, ସୁବାସ ଚନ୍ଦ୍ର ମହାନ୍ତି, ଅଭିନେତା ଦୁର୍ଗା ମାଧବ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ରାଜ୍ୟ ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଇଷ୍ଟର୍ଣ୍ଣ ଜୋନାଲ କଲଚରାଲ କମିଟି କୋଲକାତାର ମିଳିତ ସହଯୋଗରେ ଆୟୋଜିତ ଆମ ଗାଁ ମହୋତ୍ସବ ସମାରୋହରେ କଳା, ସାହିତ୍ୟ,ସଂସ୍କୃତି ଓ ପରମ୍ପରାକୁ ନେଇ ମଞ୍ଚ ଦୁଲୁକି ଥିଲା। ମୂର୍ଚ୍ଛନାର ଗୋଟିପୁଅ ନୃତ୍ୟ ଏବଂ ନର୍ତ୍ତକୀ ଡ୍ୟାନ୍ସ ଏକାଡେମୀର କଳାକାରମାନେ ସୁନ୍ଦର କଳା ପ୍ରଦର୍ଶନ କରିଥିଲେ। କୋଲକାତାରୁ ଆସିଥିବା ପୁରୁଲିଆ ଛଉ ନୃତ୍ୟ ଦର୍ଶକଙ୍କ ମନ ଜିଣିଥିଲା। କାର୍ଯ୍ୟକ୍ରମକୁ ଚିତ୍ତରଞ୍ଜନ ହୋତା, ମନୋରଞ୍ଜନ ପଣ୍ଡା, ଉଦ୍ଧବ ବାରିକ, ରବୀନ୍ଦ୍ର ବାରିକ, ନିତ୍ୟାନନ୍ଦ ସେନାପତି, ମୃତ୍ୟୁଞ୍ଜୟ ପଣ୍ଡା, ଦିବାକର ପଣ୍ଡା, ଭଗବାନ ଦାଶ, ହରିବନ୍ଧୁ ଦାଶ, ପ୍ରେମାନନ୍ଦ ସେଠୀ, ସ୍ୱାଧୀନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷ ଅମୀୟ ଭୂଷଣ ପଣ୍ଡା ଧନ୍ୟବାଦ ଦେଇଥିଲେ।





ତୃତୀୟ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ପଶ୍ଚିମବଙ୍ଗର ନିଖୋଜ ବୃଦ୍ଧ ଧଳାପଥରରୁ ଉଦ୍ଧାର

କଳାପଥର, ୨୭।୩(ଗଙ୍ଗାଧର ସାହୁ)

ପଶ୍ଚିମବଙ୍ଗରୁ ନିଖୋଜ ଜଣେ ବୃଦ୍ଧଙ୍କୁ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଧଳାପଥର ଅଞ୍ଚଳରୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗ ପୁରୁଲିଆ ଜିଲା ନିତୁରିଆ ଥାନା ଗୁନିୟାରା ଗ୍ରାମର ବରଦାକାନ୍ତ ମଣ୍ଡଳ (୬୮) ଏକ ମାସ ତଳୁ ତାଙ୍କ କର୍ମସ୍ଥଳୀ ରୁ ନିଜ ଗାଁ କୁ ଆସିବା ପାଇଁ ସ୍ଥାନୀୟ ଷ୍ଟେଶନରୁ ହଠାତ ନିରୁଦ୍ଦିଷ୍ଟ ହୋଇଯାଇଥିଲେ। ତାଙ୍କ ପୁଅ ବବୁଲ ମଣ୍ଡଳ ନିଜ ବନ୍ଧୁବାନ୍ଧବ ଓ ସମ୍ପର୍କୀୟଙ୍କ ଘର ଖୋଜାଖୋଜି କରିବା ପରେ ଗତ ୧୪ ତାରିଖରେ ପଶ୍ଚିମ ମେଦିନପୁର ଜିଲା ସଦତପୁର ଖଡ଼ଗପୁର ଲୋକାଲ ଥାନାରେ ତାଙ୍କ ବାପାଙ୍କ ନିରୁଦ୍ଦିଷ୍ଟ ସମ୍ପର୍କରେ ଏକ ଏତଲା ଦେଇଥିଲେ। ଗୁରୁବାର ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଧଳାପଥର ଫାଣ୍ଡି ଅନ୍ତର୍ଗତ କୋଦୁଅବେରେଣିଠାରେ ଶ୍ରୀରାମପୁର ଗ୍ରାମର ପ୍ରତୀକ ସିଦ୍ଧାର୍ଥ ଶଙ୍କର ଓ ତାଙ୍କ ସାଙ୍ଗ ପ୍ରାତଃ ଭ୍ରମଣ କରୁଥିବାବେଳେ ସେହି ବୃଦ୍ଧି ପିଲାଙ୍କ ପାଖକୁ ଆସି କାନ୍ଦି କାନ୍ଦି ସହାୟତା ପାଇଁ ଅନୁରୋଧ କରିଥିଲେ। ଉକ୍ତ ଯୁବକ ଦ୍ୱୟ ବେଗୁନିଆ ପୋଲିସ ଓ ସ୍ଥାନୀୟ ସରପଞ୍ଚ ନାରାୟଣ ସାହୁଙ୍କୁ ଯୋଗାଯୋଗ କରି ନିକଟସ୍ଥ ମାଣିବନ୍ଧ ମହାବୀର ଆଶ୍ରମ ଦ୍ୱାରା ପରିଚାଳିତ ସେବାଶ୍ରମରେ ତାଙ୍କ ଖାଇବା ଓ ରହିବା ବ୍ୟବସ୍ଥା କରାଇଥିଲେ। ବେଗୁନିଆ ଥାନାର ଭାରପ୍ରାପ୍ତ ଅଧିକାରୀ ଜଗନ୍ନାଥ ସେଠୀ, ଅନୁ ନିରୀକ୍ଷକ ଅନନ୍ତ ବିଶ୍ୱାଳ, କନଷ୍ଟେବଳ ପ୍ରଦୀପ କୁମାର ବେହେରାଙ୍କ ପ୍ରଚେଷ୍ଟା ଓ ଧଳାପଥର ସରପଞ୍ଚଙ୍କ ସହଯୋଗରେ ପଶ୍ଚିମବଙ୍ଗର ସମ୍ପୃକ୍ତ ଥାନାକୁ ଯୋଗାଯୋଗ କରାଯାଇଥିଲା। ଶୁକ୍ରବାର ତାଙ୍କ ପୁଅ ବବୁଲୁ ଧଳାପଥର ଫାଣ୍ଡିରେ ପହଞ୍ଚି ଉପଯୁକ୍ତ ପ୍ରମାଣପତ୍ର ଦେଇ ତାଙ୍କୁ ଘରକୁ ଫେରାଇ ନେଇଛନ୍ତି। ଦୀର୍ଘ ଏକ ମାସ ପରେ ବାପ ପୁଅଙ୍କ ମିଳନ ଧଳାପଥର ଫାଣ୍ଡିରେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା।

## ଶ୍ରୀରାମ ନବମୀ ପାଳିତ

ଟାଙ୍ଗୀ,୨୭।୩(ରଘୁନାଥ ସାହୁ)

ଟାଙ୍ଗୀସ୍ଥିତ ଶ୍ରୀରଘୁନାଥ ମନ୍ଦିରରେ ଶୁକ୍ରବାର ଶ୍ରୀରାମ ନବମୀ ପାଳିତ ହୋଇଛି। ଭୋରରେ ମନ୍ଦିର ଦ୍ୱାର ଫିଟା ନୀତି ପରେ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତାଙ୍କ ପ୍ରତିମୂର୍ତ୍ତିକୁ ପାଞ୍ଚଗବ୍ୟ ଜଳରେ ମହାସ୍ନାନ କରାଯିବା ସହ ଠାକୁରଙ୍କୁ ନୂତନ ଅଙ୍ଗବସ୍ତ୍ର ଲାଗି କରାଯାଇଥିଲା। ବାଳ ଭୋଗ, ଖେଚୁଡ଼ି ଭୋଗ ସମର୍ପଣ କରାଯାଇଥିଲା। ପରେ ପ୍ରଭୁ ଶ୍ରୀରାମ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହି ଅବସରରେ ମନ୍ଦିର ପରିସରରେ ମହାଯଜ୍ଞ ଆୟୋଜନ କରାଯାଇଥିଲା। ଦିନ ସାରା ମନ୍ଦିର ପରିସରରେ ଭଜନ କୀର୍ତ୍ତନ ଲାଗି ରହିଥିଲା। ସନ୍ଧ୍ୟାରେ ଭକ୍ତଙ୍କ ପ୍ରବଳ ଭିଡ଼କୁ ନଜରରେ ରଖି ଆୟୋଜକ କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।



## ମହିଷମର୍ଦ୍ଦିନୀ ବେଶରେ ଦର୍ଶନ ଦେଲେ ମା' ଜାଗୁଲେଇ

ଜଟଣୀ,୨୭।୩(ରବୀନ୍ଦ୍ରନାଥ ମହାକୁଡ଼)

କୁଦିଆରି ଗ୍ରାମର ଗ୍ରାମଦେବୀ ମା' ଜାଗୁଲାଇଙ୍କ ଶକ୍ତିପୀଠରେ ଚାଲିଥିବା ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ଶୁକ୍ରବାର ଉଦଯାପିତ ହୋଇଯାଇଛି। ବିଜୟାଦଶମୀରେ ସକାଳୁ ସାଲାମଣ୍ଡନ, ସୂର୍ଯ୍ୟ ପୂଜା, ଅଗ୍ନିସ୍ଥାପନା କାରାଯାଇ ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଉଦଯାପନୀ ଦିବସରେ ମା' ଜାଗୁଲେଇ ମହିଷମର୍ଦ୍ଦିନୀ ବେଶରେ ଦର୍ଶନ ଦେଇଛନ୍ତି। ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ଲାଗିଥିଲା। ପ୍ରସାଦ ବିତରଣ କାର୍ଯ୍ୟକ୍ରମକୁ ବିଦ୍ରୋହୀ କ୍ରିକେଟ କ୍ଲବ ସଦସ୍ୟ, ବଜରଙ୍ଗୀ ସେବା ସଂଘ, ମା ଜାଗୁଲେଇ କ୍ୟାରୋଟିଂ ସର୍ଭିସ ଓ ଗ୍ରାମର ବିଭିନ୍ନ କ୍ଲବ ପରିଚାଳନା କରିଥିଲେ। ଶେଷ ଦିବସରେ ରାଜନୈତିକ ଦଳର ବିଶିଷ୍ଟ ନେତୃବୃନ୍ଦ ମା'ଙ୍କ ଦର୍ଶନ କରିଥିଲେ। ଚିତ୍ରକର ବିଜୟ ପଣ୍ଡା ପ୍ରତ୍ୟେକ ସନ୍ଧ୍ୟାରେ ବେଶ କରୁଥିବା ବେଳେ ହରେକୃଷ୍ଣ ମଙ୍ଗରାଜ ଓ ତାଙ୍କ ସହଧର୍ମିଣୀ ରାନୁବାଳା ମଙ୍ଗରାଜ କର୍ତ୍ତା କର୍ତ୍ତୀ ଭାବେ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡା, ସମ୍ପାଦକ ଏଲ୍.ଡି. ମହାନ୍ତି, ସଭାପତି ରାଧାମୋହନ ପଟ୍ଟନାୟକ, ଅଶୋକ ଦାଶ, ପବିତ୍ର ମୋହନ ରଣସିଂହ, ନିତ୍ୟସେବକ ଚଟୁ କର, ଗଣେଶ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସାହାଣୀ, ବିନୋଦ ଦାସ, ରାମଚନ୍ଦ୍ର ସାହୁ, ଜିତେନ୍ଦ୍ର ଜେନା, ଶଶିକାନ୍ତ ମହାପାତ୍ର, ସୁନୀଲ ମହାନ୍ତି, ସତୀଶ ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀରାମ ନବମୀ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ

ନିରାକାରପୁର,୨୭।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ଶ୍ରୀରାମ ନବମୀ ଅବସରରେ ଶୁକ୍ରବାର ମନ୍ଦିର ପରିବେଶ ଉତ୍ସବ ମୁଖର ହୋଇପଡିଥିଲା। ପ୍ରତ୍ୟୁଷରୁ ଶ୍ରୀଜୀଉଙ୍କୁ ସ୍ନାନପରେ ପୂଜାର୍ଚ୍ଚନା କରାଯାଇଥିଲା। ଦିନତମାମ ହନୁମାନ ଚାଳିଶା ଓ ଶ୍ରୀରାମ ଧୁନରେ ଶ୍ରୀଜୀଉଙ୍କ ପୀଠରେ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ସେହିପରି ହୋମ ଯଜ୍ଞର ଆୟୋଜନ କରାଯାଇ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଘୃତ ଆହୁତି ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ସ୍ଥାନୀୟ ସାଇ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ବିଭିନ୍ନ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଙ୍ଗୀତ ଗୁରୁ ପ୍ରଭାକର ଶ୍ରୀଚନ୍ଦନ, ରାମଦୟା ପରିଷଦର ସମ୍ପାଦକ ଗଙ୍ଗାଧର ତ୍ରିପାଠୀ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ ରିସ୍ମା ମାନ୍ଧାତା, ଶ୍ରୀ ସାଇ ଡ୍ୟାନ୍ସ ଏକାଡେମୀର ନୃତ୍ୟ ନିର୍ଦ୍ଦେଶିକା ସଂଯୁକ୍ତା ରାଣୀ ରାଉତରାୟ ଓ କେଶବ ଚନ୍ଦ୍ର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଆଙ୍କୁଲେଇଶ୍ୱରୀ ଦେବୀଙ୍କ ଅଶୋକାଷ୍ଟମୀ ଯାତ୍ରା



ବାଣପୁର,୨୭।୩(ଦିଲ୍ଲୀପ କୁମାର ସ୍ୱାଇଁ)

ବାଣପୁର ବ୍ଲକ ଅଧୀନ ଗମ୍ଭାରୀମୁଣ୍ଡା ବଜାରରେ ମା' ଆଙ୍କୁଲେଇଶ୍ୱରୀଙ୍କ ଅଶୋକାଷ୍ଟମୀ ଯାତ୍ରା ଗୁରବାର ଠାରୁ ଆରମ୍ଭହୋଇ ଦୁଇଦିନଧରି ଯାତ୍ରା ଚାଲିଥିଲା। ସ୍ଥାନାଧିପତି ମା' ଆଙ୍କୁଲେଇଶ୍ୱରୀଙ୍କ ନିମନ୍ତ୍ରଣକ୍ରମେ ଶ୍ରୀ ଶ୍ରୀ ବାବା ଗାଦିଶ୍ୱର ଦେବ, ଶ୍ରୀ ଶ୍ରୀ ପତିତପାବନ ମା' ବ୍ରାହ୍ମଣୀ ଦେବୀଙ୍କୁ ସାଙ୍ଗରେ ଧରି ପଡ଼ିଆରେ ଆସନ ଗ୍ରହଣ କରିଥିଲେ। ଗମ୍ଭାରୀମୁଣ୍ଡା ଗ୍ରାମରୁ ବାହାରି ଗମ୍ଭାରୀମୁଣ୍ଡା ବଜାର ଶେଷପର୍ଯ୍ୟନ୍ତ ପାଟ ପଟୁଆରରେ ଆସିଥିଲେ। ଗୁରୁବାର ରାତ୍ରରୁ ଭକ୍ତଙ୍କ ଭିଡ଼ ଲାଗିରହିଥିବାବେଳେ ଗମ୍ଭାରୀମୁଣ୍ଡା ଗ୍ରାମର ଯୁବକଳାକାରଙ୍କୁ ନେଇ ସାମାଜିକ ନାଟକ 'ସିଂହଦ୍ୱାର ମନା ମୋତେ ସ୍ୱର୍ଗଦ୍ୱାର ମନା' ପରିବେଷଣ ସହିତ ଶୁକ୍ରବାର ସାଂସ୍କୃତିକ କାର୍ଯ୍ୟକ୍ରମର ଆସର ଜମିଥିଲା। ସନ୍ଧ୍ୟାରେ ଗମ୍ଭାରୀମୁଣ୍ଡା ଗ୍ରାମବାସୀ ତଥା ଯୁବଗୋଷ୍ଠୀଙ୍କ ଦ୍ୱାରା ମେଳନ ଯାତ୍ରା ସମାପନ ହୋଇଥିଲା। ଗମ୍ଭାରୀମୁଣ୍ଡା ପୋଲିସ ବିଟ ହାଉସ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ, ନାରୁଣୀ ଥାନା ଏଏସ୍‌ଆଇ ଅକ୍ଷୟ କୁମାର ସେଠୀ, ବିରଞ୍ଚି ମଲ୍ଲିକ ସୁରକ୍ଷା ବ୍ୟବସ୍ଥା ଦାୟିତ୍ୱରେ ରହିଥିଲେ।

## ଗାଁ ଠୁ ସହର ସବୁଠି ଭକ୍ତିମୟ ପରିବେଶ

ଖୋର୍ଦ୍ଧା,୨୭।୩(ପ୍ରଭାତ ପାଣିଗ୍ରାହୀ)

ଶ୍ରୀରାମ ନବମୀ ଅବସରରେ ଶୁକ୍ରବାର ଗାଁ ଠୁ ସହର ସବୁଠି ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି। ରାମ ମନ୍ଦିର, ରଘୁନାଥ ମନ୍ଦିର ଗୁଡିକରେ ଭକ୍ତଙ୍କ ପ୍ରବଳ ଜନସମାଗମ ହୋଇଥିଲା। ଖୋର୍ଦ୍ଧା ସହର ଗଡଖୋର୍ଦ୍ଧା ସ୍ଥିତ ଶ୍ରୀରଘୁନାଥ, ଗୁରୁଜଙ୍ଗ ସ୍ଥିତ ଶ୍ରୀରାମ ଓ ହନୁମାନ ମନ୍ଦିର, ଶ୍ରୀରାମ ନଗର ସ୍ଥିତ ଶ୍ରୀରାମ ମନ୍ଦିର, ଖୋର୍ଦ୍ଧା ସବ୍‌ଜେଲ ସ୍ଥିତ ହନୁମାନ ମନ୍ଦିରରେ, ଜରିପୁଟ ସଙ୍କଟମୋଚନ ମନ୍ଦିରରେ ସ୍ୱତନ୍ତ୍ର ପୂଜାନୀତି ଅନୁଷ୍ଠିତ ହୋଇଥିଲା। ସବୁଠି ଚାଲିଥିଲା ହୋମଯଜ୍ଞ, ପାରାୟଣ ପାଠ। ଶ୍ରୀରାମ ନଗର ରାମମନ୍ଦିର ଉନ୍ନୟନ ପରିଷଦ ଓ ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ଶ୍ରୀରାମଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାପାଠର ଆୟୋଜନ କରାଯାଇଛି। ୨୮ତାରିଖରୁ ଏପ୍ରିଲ ୫ ପର୍ଯ୍ୟନ୍ତ ୩୫ତମ ସାମ୍ବତ୍ସରିକ ଉତ୍ସବ, ଶ୍ରୀରାମ ଚରିତ ମାନସ, ନବାହ୍ନ ପାରାୟଣ ଓ ସାନ୍ଧ୍ୟ ପ୍ରବଚନ ଜ୍ଞାନଯଜ୍ଞ ଆୟୋଜନ କରାଯାଇଛି ବୋଲି ସମ୍ପାଦକ ସର୍ବେଶ୍ୱର ଦାସ କହିଛନ୍ତି। ଶୁକ୍ରବାର ଶ୍ରୀରାମଙ୍କ ଜନ୍ମୋତ୍ସବ ଓ ଶୁଭାଧିବାସ ଅନୁଷ୍ଠିତ ହୋଇଥିଲା। ସେହିଭଳି ଜରିପୁଟ ସଙ୍କଟମୋଚନ ମନ୍ଦିରରେ ଭୋରରୁ ଦ୍ୱାରଫିଟା ନୀତି, ମଙ୍ଗଳ ଆଳତୀ ପରେ ଅନ୍ୟାନ୍ୟ ନୀତି ବଢି ସକାଳ ୭ଟା ଠାରୁ ସର୍ବଦର୍ଶନ ଆରମ୍ଭ ହୋଇଥିଲା। ମଧ୍ୟାହ୍ନରେ ଭୋଗଲାଗି ପରେ ପହୁଡ ନୀତି ହୋଇ ପୁଣି ଅପରାହ୍ନ ୩ଟାରେ ଠାକୁରଙ୍କ ସନ୍ଧ୍ୟା ଆଳତି ଦର୍ଶନ ପରେ ପାରାୟଣ, ପ୍ରବଚନ କାର୍ଯ୍ୟକ୍ରମ ହୋଇଥିବା ମନ୍ଦିର ପରିଚାଳନା କମିଟି ସମ୍ପାଦକ ଦୟାନିଧି ରାଉତରାୟ କହିଛନ୍ତି। ଗୁରୁଜଙ୍ଗ ଶ୍ରୀରାମ ମନ୍ଦିରରେ ସପ୍ତଦିନ ବ୍ୟାପୀ ଚାଲିଥିବା ପାରାୟଣ ସମାପ୍ତ ହୋଇଥିବାବେଳେ ଜନ୍ମୋତ୍ସବ ପାଳନ କରାଯାଇଛି। ଗଡଖୋର୍ଦ୍ଧାସ୍ଥିତ ଶ୍ରୀରଘୁନାଥ ଦେବ ପରିଚାଳନା ସମିତି ଆନୁକୂଲ୍ୟରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞ ଶ୍ରୀରାମ ନବମୀରେ ସମାପ୍ତ ହୋଇଛି। ଶ୍ରୀରଘୁନାଥଙ୍କ ମନ୍ଦିର ସ୍ୱତନ୍ତ୍ର ପୂଜାବିଧି ଆୟୋଜିତ ହୋଇଥିଲା। ଶ୍ରୀରାମ ନଗର କୀର୍ତନ ବେହେରା କୁହନ୍ତି ପରିବାର ସୁଖଶାନ୍ତି ସହ ବିଶ୍ୱର କଲ୍ୟାଣ କାମନା କରିଛି। ବରିଷ୍ଠ ନାଗରିକ ଦଳେଇପୁଟର ଭରତ ସୁବୁଦ୍ଧି କୁହନ୍ତି ଭାରତୀୟଙ୍କ ଆରାଧ୍ୟ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଜନ୍ମ। ସକାଳୁ ମନ୍ଦି ଯାଇ ପ୍ରଭୁଙ୍କ ଦର୍ଶନ କୃପାଲାଭ କରିଛି। ଶୁଶାନ୍ତ ମୋହନ ପଟ୍ଟନାୟକ କହିଛନ୍ତି, ପ୍ରଭୁଙ୍କ ଶ୍ରୀରାମଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହୁଅନ୍ତୁ। ସମସ୍ତଙ୍କ ମଧ୍ୟରେ ଭାଇଚାରା, ସ୍ନେହ,ଶ୍ରଦ୍ଧାଭାବ ରହୁ। ଶ୍ରୀରାମଙ୍କ ଆର୍ଶୀବାଦ କୃପା ସମସ୍ତଙ୍କ ଉପରେ ବର୍ଷା ହେଉ।



ରାମନବମୀ ଉପଲକ୍ଷେ ପୂଜାର୍ଚ୍ଚନା ଚାଲିଛି।

**ପୁରୀରେ କାଳବୈଶାଖୀ**

ପୁରୀ,(ଅଜିତ୍ କୁମାର ମହାନ୍ତି)- ପୁରୀରେ ଶୁକ୍ରବାର କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ଫଳରେ କିଛି ଗଛର ଡାଳ ଭାଙ୍ଗିଥିବା ସୂଚନା ମିଳିଛି। ଶୁକ୍ରବାର ରାତି ୧୦ଟା ୩୦ରେ ହଠାତ୍ ପୁରୀରେ ଧୂଳିଝଡ଼ ଆରମ୍ଭ ହୋଇଥିଲା। ଫଳରେ ବଡ଼ଦାଣ୍ଡ ସମେତ ସହରର ବିଭିନ୍ନ ସ୍ଥାନରେ ପ୍ରବଳ ବେଗରେ ପବନ ବୋହିବା ସହ ଧୂଳି ଉଡ଼ିଥିଲା। ଧୂଳିଝଡ଼ ଫଳରେ ବଡ଼ଦାଣ୍ଡରେ ଥିବା ବ୍ୟାରିକେଡ୍‌ଗୁଡ଼ିକ ପଡ଼ିଯିବା ସହ କିଛି ବାଟ ଘୁଞ୍ଚି ଯାଇଥିଲା। ଲୋକମାନେ ଯାତାୟାତରେ ସମସ୍ୟା ଭୋଗିଥିଲେ। କିଛି ସମୟ ଧରି ଧୂଳିଝଡ ହେବା ପରେ ବର୍ଷା ଆରମ୍ଭ ହୋଇଥିଲା। ୧୦ରୁ ୧୫ ମିନିଟ୍ ବର୍ଷା ହେବା ପରେ ଛାଡ଼ି ଯାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୩।୨୦୨୬

| ୪,୭୨,୩୬୮ ଟଙ୍କା | |
|---|---|
| ସୁନା | ୯୦ ଗ୍ରାମ୍ |
| ରୁପା | ୯ ଗ୍ରାମ୍ |

**ସଂକ୍ଷେପରେ**

## ସମୁଦ୍ରରେ ଭାସି ଯୁବକ ନିଖୋଜ

ପୁରୀ,୨୭।୩(ଅଜିତ୍ କୁମାର ମହାନ୍ତି)

ଦିନକୁ ଦିନ ପୁରୀ ସମୁଦ୍ରରେ ଛୋଟବଡ଼ ଅଘଟଣ ଦେଖିବାକୁ ମିଳିଛି। ଶୁକ୍ରବାର ଜଣେ ପର୍ଯ୍ୟଟକ ସମୁଦ୍ରରେ ଗାଧୋଉଥିବା ବେଳେ ଭାସି ନିଖୋଜ ହୋଇଥିବା ନେଇ ସୂଚନା ମିଳିଛି। ନିଖୋଜ ଯୁବକ ଜଣକ ଯାଜପୁର ଜିଲାର ଶୁଭେନ୍ଦୁ ପ୍ରଧାନ(୧୮)। ସୂଚନାଯୋଗ୍ୟ, ଶୁଭେନ୍ଦୁ ତାଙ୍କ ସାଙ୍ଗମାନଙ୍କ ସହ ପୁରୀ ବୁଲିବାକୁ ଆସିଥିଲେ। ସାଙ୍ଗମାନେ ମିଶି ପୁରୀ ହୋଟେଲ ସମ୍ମୁଖ ବେଳାଭୂମିରେ ଗାଧୋଉଥିବା ବେଳେ ଡିପ୍ କରେଣ୍ଟ ଯୋଗୁ ଶୁଭେନ୍ଦୁ ସମୁଦ୍ରକୁ ଭାସି ଯାଇଥିଲେ। ତାଙ୍କ ସାଙ୍ଗମାନେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇ ନ ଥିଲେ। ଏନେଇ ସେଠାରେ ଉପସ୍ଥିତ ଥିବା ଲାଇଫ୍‌ଗାର୍ଡ ଖୋଜାଖୋଜି କରିଥିଲେ ମଧ୍ୟ ଯୁବକଙ୍କୁ ପାଇ ନ ଥିଲେ। ଏନେଇ ସମୁଦ୍ରକୂଳ ଥାନାକୁ ଖବର ଦିଆଯିବା ପରେ ଥାନା ପକ୍ଷରୁ ତାଙ୍କ ପରିବାର ଲୋକଙ୍କୁ ଏନେଇ ସୂଚନା ଦିଆଯାଇଛି। ତେବେ ଏପରି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସେପରି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଫଳରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ପ୍ରଶାସନ ପର୍ଯ୍ୟଟକଙ୍କୁ ସଚେତନତା କରିବା ପାଇଁ କିଛି ବ୍ୟବସ୍ଥା ଗ୍ରହଣ କରିବା ସହ ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଭିନ୍ନ ମହଲରେ ଦାବି କରାଯାଇଛି।

## ୫ ଦିନିଆ ଚାରୁକଳା କର୍ମଶାଳା ସମ୍ପନ୍ନ

ପୁରୀ,୨୭।୩(ଅଜିତ୍ କୁମାର ମହାନ୍ତି)

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସର ପକ୍ଷରୁ 'ସମର୍ଥ ନାରୀ: ସମୃଦ୍ଧ ଭାରତ' ଯୋଜନା ଅନ୍ତର୍ଗତ ଆୟୋଜିତ ୫ଦିନିଆ ଚାରୁକଳା କର୍ମଶାଳା ସମ୍ପନ୍ନ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡ଼ିଙ୍କ ସଂରକ୍ଷଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଜୟଦେବ ସଭାଗାରଠାରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ପୁରୀ ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେହେରା ଯୋଗଦେଇଥିଲେ। ସେହିପରି ସହଯୋଗୀ ଆଚାର୍ଯ୍ୟା ଡ. ନିବେଦିତା କର ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଡ. ବିକାସିନୀ ଗୁମାନସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହଯୋଗୀ ଆଚାର୍ଯ୍ୟା ଡ. ସାଗରିକା ନନ୍ଦ ଏକ ଭିଡିଓ ପ୍ରେଜେଣ୍ଟେଶନ ମାଧ୍ୟମରେ କର୍ମଶାଳାର ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ କୃତୀ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା। ଡକ୍ଟର ଶର୍ମିଷ୍ଠା ରାଉତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଡ. ରଶ୍ମି ମିଶ୍ର ଓ ଡ. ରାଜଶ୍ରୀ ପାଢ଼ୀ ବିଭିନ୍ନ ପର୍ଯ୍ୟାୟରେ ସହଯୋଗ କରିଥିଲେ। ଶେଷରେ ଡ. ମୌ ଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ।

# ଶ୍ରୀକ୍ଷେତ୍ରରେ ସାହିଯାତ ଆରମ୍ଭ

ପୁରୀ,୨୭।୩(ଅଜିତ୍ କୁମାର ମହାନ୍ତି)

ପବିତ୍ର ରାମନବମୀଠାରୁ ଶ୍ରୀମନ୍ଦିର ତଥା ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଛି ସାହିଯାତ। ଏଥିପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର। ଶ୍ରୀମନ୍ଦିର ରୀତିନୀତି ସହ ସମ୍ପୃକ୍ତ ଏହି ସାହିଯାତରେ ରାମାୟଣ କଥାବସ୍ତୁ ଉପରେ ଆଧାରିତ ଶ୍ରୀରାମ ଜନ୍ମଠାରୁ ଆରମ୍ଭକରି ରାମାଭିଷେକ ପର୍ଯ୍ୟନ୍ତ ନୀତିକାନ୍ତି ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ନୀତି ସହ ଅଙ୍ଗାଙ୍ଗୀ ଭାବେ ସାହିଯାତ ଜଡ଼ିତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପାସନାର ଏକ ଅଙ୍ଗ ଭାବେ ଶ୍ରୀରାମଲୀଳାକୁ ବିବେଚନା କରଯାଏ। ସାହିଯାତରେ ପାରମ୍ପରିକ ସାମରିକ କଳା, ଲୋକକଳା, ଲୋକନୃତ୍ୟ ଓ ସାଂସ୍କୃତିକ ପରମ୍ପରା ଦେଖିବାକୁ ମିଳିଥାଏ। ପୁରୀର ୮ ସାହି ଆଖଡ଼ା ପକ୍ଷରୁ ଏହି ଯାତ ଅନୁଷ୍ଠିତ ହୋଇଥାଏ। ଯାତ୍ରା ମଧ୍ୟରେ ରାମ ଜନ୍ମ, ଯଜ୍ଞରକ୍ଷା, ସୀତା ବିବାହ, ପର୍ଶୁରାମଙ୍କ କଳା ହରଣ, ଶ୍ରୀରାମଙ୍କ ବନବାସ, ଲଙ୍କାପୋଡ଼ି, ସେତୁବନ୍ଧ, ରାବଣବଧ ଏବଂ ରାମାଭିଷେକ ଲୀଳା ସମ୍ପନ୍ନ ହୋଇଥାଏ।

ସାହିଯାତର ପ୍ରଥମ ଦିବସରେ କାଳିକାଦେବୀ ଆଖଡ଼ା ପକ୍ଷରୁ ରାମ ଜନ୍ମନୀତି ପ୍ରସ୍ତାବ ଆଗତ କରାଯିବା ସହ ଶ୍ରୀରାମ ଜନ୍ମନୀତି ସମ୍ପନ୍ନ ହୋଇଛି। ପରମ୍ପରା ଅନୁଯାୟୀ, ପ୍ରଥମେ ଶ୍ରୀମନ୍ଦିରରୁ ଶ୍ରୀରାମ ଜନ୍ମନୀତି ନିମନ୍ତେ କାଳିକାଦେବୀ ସାହି ଆଖଡ଼ାକୁ ନିମନ୍ତ୍ରଣ ଆସିଥିଲା। ନିମନ୍ତ୍ରଣ ପତ୍ରକୁ ଆଖଡ଼ାର ସମ୍ପାଦକ ପ୍ରଫୁଲ୍ଲ କୁମାର ଖୁଣ୍ଟିଆ ଗ୍ରହଣ କରିଥିଲେ। ପରେ କାଳିକାଦେବୀ ସାହି ଆଖଡ଼ା ପକ୍ଷରୁ ରାମ ଜନ୍ମନୀତି ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଏହି ଅବସରରେ ଶ୍ରୀରାମ ଭୂମିକାରେ ଆଦିତ୍ୟ ପଣ୍ଡା, ଲକ୍ଷ୍ମଣ ଭୂମିକାରେ ଦେବରାଜ ମହାନ୍ତି, ଭରତ ଭୂମିକାରେ ଦେବାଂଶ ଦୀକ୍ଷିତ୍, ଶତ୍ରୁଘ୍ନ ଭୂମିକାରେ ଜଗନ୍ନାଥ ମିଶ୍ର ଏବଂ ଋଷିଶୃଙ୍ଗ ଭୂମିକାରେ ମାନସ କୁମାର ଦାଶ ଛୋଟ ଛୋଟ ବାଳକ ବେଶ ହୋଇ ସାହିରୁ ବାହାରି ପ୍ରଥମେ ମା' ଦକ୍ଷିଣକାଳୀଙ୍କୁ ଦର୍ଶନ କରିବା ସହ ଆଜ୍ଞାମାଳ ପ୍ରାପ୍ତ ହୋଇଥିଲେ। ପରେ ଏହି ଚରିତ୍ରମାନେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଶ୍ରୀରାମ ଜନ୍ମ ନୀତିରେ ସାମିଲ ହୋଇଥିଲେ। ସେଠାରୁ ଚରୁଅନ୍ନ ଆଣି ମା' ଦକ୍ଷିଣକାଳୀଙ୍କୁ ଅର୍ପଣ କରାଯିବା ପରେ ରାମ, ଲକ୍ଷ୍ମଣ ଚରିତ୍ରମାନେ ବନ୍ଧୁସାହି ମାଟିମଣ୍ଡପ ସାହି ପରିକ୍ରମା କରିଥିଲେ। ଏଥିସହ ନାଗାମେଢ଼ର ପାରମ୍ପରିକ ନୃତ୍ୟ ଦେଖିବାକୁ ମିଳିଛି। ନାଗା, ନବସିରା ସହିତ ବିଭିନ୍ନ ମେଢ଼ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲା। ୮ ସାହି ଆଖଡ଼ାର ମୁରବିମାନେ ଏହି ସାହିଯାତରେ ସାମିଲ ଥିଲେ। ସାହିଯାତକୁ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ସାତସାହି ମୁରବି, ଜିଲା ଓ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ସାହିଯାତ ବୀରବାଦ୍ୟରେ କମ୍ପିଥିଲା ଶ୍ରୀକ୍ଷେତ୍ର। ବୀରଦର୍ପ ଚାଲି, କଥାକୁହା ଆଖି ଓ ମନମତାଣିଆ ବେଶରେ ବିଭୋର ହେବା ସହ ମଲ୍ଲିଫୁଲ ମାଳର ବାସ୍ନାରେ ମହକିଛି ପୁରୁଷୋତ୍ତମ କ୍ଷେତ୍ର। ସାହିଯାତକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ସେହିପରି ସାହିକୁ ଉଜ୍ଜ୍ୱଳ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା।



ଶ୍ରୀମନ୍ଦିରରୁ ଆସିଥିବା ନିମନ୍ତ୍ରଣକୁ କାଳିକା ଦେବୀ ସାହି ଆଖଡ଼ାର ସମ୍ପାଦକ ପ୍ରଫୁଲ୍ଲ ଖୁଣ୍ଟିଆ ଗ୍ରହଣ କରୁଛନ୍ତି।

## ଭକ୍ତଙ୍କୁ ଆନନ୍ଦବଜାରକୁ ଛାଡ଼ିଲେନି

**ବଳିପଡ଼ିଲା ଅବଢ଼ା, ସୁଆର ସେବକ ଅସନ୍ତୋଷ**

ପୁରୀ,୨୭।୩(ଅଜିତ୍ କୁମାର ମହାନ୍ତି)

ଶୁକ୍ରବାର ଆନନ୍ଦବଜାରରେ ବଳିପଡ଼ିଲା ବହୁ ପରିମାଣର ଅବଢ଼ା। ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛି ସୁଆରମହାସୁଆର ନିୟୋଗ। ଶ୍ରୀମନ୍ଦିର ପ୍ରଶାସନର ମନମାନୀ ପାଇଁ ସେମାନଙ୍କର ପ୍ରାୟ ୪/୫ ଲକ୍ଷ ଟଙ୍କା କ୍ଷତି ହେଲା ବୋଲି କହିଛନ୍ତି ସୁଆର ମହାସୁଆର ନିୟୋଗର ସାଧାରଣ ସମ୍ପାଦକ ନାରାୟଣ ମହାସୁଆର।

ସେ କହିଛନ୍ତି, ଶୁକ୍ରବାର ଥିଲା ରାମନବମୀ। ଲଗାତାର ୩ଦିନିଆ ଛୁଟି ପଡ଼ିଥିବାରୁ ବହୁସଂଖ୍ୟାରେ ଭକ୍ତ ପୁରୀକୁ ଆସିଥିଲେ। ଏହାକୁ ନଜରରେ ରଖି ସୁଆର ସେବକମାନେ ମଧ୍ୟ ଅଧିକ ପରିମାଣରେ ଅବଢ଼ା ପ୍ରସ୍ତୁତ କରିଥିଲେ। ହେଲେ ଶ୍ରୀରାମଙ୍କ ଜନ୍ମନୀତି ପାଇଁ ପ୍ରଶାସନ ୫ ଘଣ୍ଟା ଦର୍ଶନ ବନ୍ଦ ରହିବ ବୋଲି କହିଥିଲା। କିନ୍ତୁ ଭକ୍ତଙ୍କୁ ଆଦୌ ମନ୍ଦିର ପରିସର ଏପରିକି ଆନନ୍ଦବଜାରକୁ ଛଡ଼ାଯିବ ନାହିଁ କୁହାଯାଇ ନ ଥିଲା। ହେଲେ ଶୁକ୍ରବାର ରାମଙ୍କ ଜନ୍ମ ନୀତି ପାଇଁ ଭକ୍ତଙ୍କୁ ଛଡ଼ାଯାଇ ନ ଥିଲା। ଫଳରେ ହଜାର ହଜାର ଭକ୍ତଙ୍କ ପାଇଁ ପ୍ରସ୍ତୁତ ଅବଢ଼ା ବିକ୍ରି ହୋଇପାରି ନ ଥିଲା। ସୁଆର ସେବକଙ୍କ ପ୍ରାୟ ୪/୫ଲକ୍ଷ ଟଙ୍କା କ୍ଷତି ହୋଇଛି ବୋଲି ନାରାୟଣ କହିଛନ୍ତି।

## ଅଳଙ୍କାର ଗଣତି ସୁରୁଖୁରୁରେ ସରିଥିବାରୁ ମୁଖ୍ୟ ପ୍ରଶାସକଙ୍କ କୃତଜ୍ଞତା ଜ୍ଞାପନ

ପୁରୀ,୨୭।୩(ଅଜିତ୍ କୁମାର ମହାନ୍ତି)

ପ୍ରଥମ ଦିନରେ ଶ୍ରୀମନ୍ଦିର ଚଳନ୍ତି ଭଣ୍ଡାର ଅଳଙ୍କାର ଗଣତି ସୁରୁଖୁରୁରେ ସମାପିତ ହୋଇଥିବାରୁ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ସମସ୍ତଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜଣାଇଛନ୍ତି। ମହାପ୍ରଭୁଙ୍କ ଅଶେଷ କରୁଣାରୁ ରତ୍ନଭଣ୍ଡାର ଗଣତିପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ଚଳନ୍ତି ଭଣ୍ଡାର ଅଳଙ୍କାର ଗଣତି ସୁରୁଖୁରୁରେ ସମାପିତ ହୋଇଛି। ପରବର୍ତ୍ତୀ ସମୟରେ ବାହାର ତଥା ଭିତର ଭଣ୍ଡାରର ଅଳଙ୍କାରାଦିର ଗଣତି ଅନୁଷ୍ଠିତ ହେବ। ଏହି ଦିବ୍ୟ ସେବାରେ ସୁଯୋଗ ପ୍ରଦାନ ପାଇଁ ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଦପଦ୍ମରେ ପ୍ରଣିପାତ ଜଣାଇବା ସହ ଅକୁଣ୍ଠ ସହଯୋଗ ଓ ପରାମର୍ଶ ପାଇଁ ରାଜ୍ୟ ସରକାର, ଶ୍ରୀମନ୍ଦିର ପରିଚାଳନା କମିଟି ତଥା ଅଧ୍ୟକ୍ଷ ଗଜପତି ମହାରାଜା, ଉଚ୍ଚ ସ୍ତରୀୟ କମିଟିର ଅଧ୍ୟକ୍ଷ ତଥା ସମସ୍ତ ସଦସ୍ୟ, ସମସ୍ତ ନିୟୋଗର ସେବକ, ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ସମସ୍ତ ଅଧିକାରୀ କର୍ମଚାରୀ, ଶ୍ରୀମନ୍ଦିର, ଜିଲା ଏବଂ ପୋଲିସ ପ୍ରଶାସନର ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି ଏବଂ ଅଗଣିତ ଭକ୍ତଙ୍କୁ କୃତଜ୍ଞତା ଜଣାଉଛି ବୋଲି ପାଢୀ କହିଛନ୍ତି।

## କଟକ କରତକଳକୁ ଗଲା ଶ୍ରୀମନ୍ଦିରରୁ ମାଳ, ମହାପ୍ରସାଦ



ରଥକାଠ ଚିରଟର ଶୁଭାରମ୍ଭ ପାଇଁ ମହାପ୍ରଭୁଙ୍କ ମାଳ, ମହାପ୍ରସାଦ ସହ ଖପୁରିଆ ସ୍ଥିତ କରତକଳକୁ ଯାଉଛନ୍ତି ରଥ ଅମିନ ଓ ଅନ୍ୟମାନେ।

ପୁରୀ,୨୭।୩(ଅଜିତ୍ କୁମାର ମହାନ୍ତି)

ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରାରମ୍ଭିକ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଚୈତ୍ରମାସ ଶୁକ୍ଳପକ୍ଷ ନବମୀ ବା ରାମନବମୀ ଶୁକ୍ରବାର ଅବସରରେ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ମାଳ, ମହାପ୍ରସାଦ କଟକ ଖପୁରିଆସ୍ଥିତ ସ' ମିଲ୍‌କୁ ପଠାଯାଇଛି। ଏଥିପାଇଁ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଲାଗି ମାଳ, ମହାପ୍ରସାଦ ନେଇ ଏକ ଟିମ୍ କଟକ ଅଭିମୁଖେ ଯାତ୍ରା କରିଛନ୍ତି। ଶ୍ରୀମନ୍ଦିର ତତ୍ତ୍ୱାବଧାରକ ଚିତ୍ତରଞ୍ଜନ ମହାପାତ୍ର, ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇଙ୍କ ସମେତ ତିନିରଥର ମୁଖ୍ୟ ବିଶ୍ୱକର୍ମା ମହାରଣା ସେବକଙ୍କ ସହ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଯାତ୍ରା କରିଥିଲେ। କଟକ ଖପୁରିଆସ୍ଥିତ ସ' ମିଲ୍‌ରେ ରାମନବମୀ ତିଥିରେ ମାଳ, ମହାପ୍ରସାଦ ଲାଗି ପରେ ରଥକାଠ ଚିରଟ କାର୍ଯ୍ୟ ଆରମ୍ଭ କରାଯାଇଛି। ଅକ୍ଷୟ ତୃତୀୟାଠାରୁ ପରମ୍ପରା ଅନୁଯାୟୀ, ଶ୍ରୀନହରସ୍ଥିତ ରଥଖଳାରେ ରଥ କାର୍ଯ୍ୟ ଅନୁକୂଳ ହେବ।

## ଶ୍ରୀଜଗନ୍ନାଥଙ୍କୁ ଦର୍ଶନକଲେ ମୁକ୍ତି ମିଳେ

ପୁରୀ,୨୭।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ, ପୁରୀ ଆନୁକୂଲ୍ୟରେ ରାୟଗଡ଼ା ଜିଲା କାଶୀପୁର ବ୍ଲକ ମାଣ୍ଡିବିଶି ପଞ୍ଚାୟତ ଭିତରପଦା ମାଝୀ ଗ୍ରାମର ଶତାଧିକ ଲୋକେ ସନ୍ନ୍ୟାସୀ ମାଝିଙ୍କ ନେତୃତ୍ୱରେ ଶ୍ରୀକ୍ଷେତ୍ର ଆସି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବା ସହିତ ଭାବ ଭକ୍ତିର କଥା ବଖାଣିଛନ୍ତି। ସେ କହିଛନ୍ତି, ଆମେ କାଶୀପୁରର ନିପଟ ଗ୍ରାମରେ ଜନ୍ମଲାଭ କରି ପୁରୀ ଆସି ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆନନ୍ଦ ବିଭୋର ହେଲୁ। ଟ୍ରଷ୍ଟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାସଙ୍କ ପ୍ରେରଣା ତଥା ବିଶେଷ ଭାବେ ଶ୍ରୀକ୍ଷେତ୍ର ଗୋଶାଳା କଟକ ଆନୁକୂଲ୍ୟରେ ଭକ୍ତମାନେ ପୁରୀ ଆସି ଜୟଶ୍ରୀ ଦାମୋଦର ଗୌଡ଼ୀୟ ମଠଠାରେ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଭକ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବରିଷ୍ଠ ଦଇତାପତି ସେବକ ରଘୁନାଥ ଦାସ ମହାପାତ୍ର ଅତିଥିଭାବେ ଯୋଗଦେଇ କହିଛନ୍ତି, ଶ୍ରୀଜଗନ୍ନାଥ ହେଉଛନ୍ତି ଭକ୍ତ ଓ ଭାବର ଠାକୁର। ତାଙ୍କୁ ସମର୍ପଣ ଭାବଦ୍ୱାରା ପାଇହୁଏ। ସେ ଯୁଗେ ଯୁଗେ ଭକ୍ତର ଅଧୀନ। ଭକ୍ତଦାସିଆ ବାଉରୀ ଠାରୁ ଆରମ୍ଭ କରି ଭକ୍ତ ସାଲବେଗ ଆଦି ଜ୍ୱଳନ୍ତ ଉଦାହରଣ। ଅନ୍ୟମାନଙ୍କ ମଧ୍ୟରେ କ୍ରିଷ୍ଣା ମହାପାତ୍ର, କୈଳାସ ଚନ୍ଦ୍ର ସାହୁ, ପଣ୍ଡିତ ଦୟାନିଧି ତ୍ରିପାଠୀ, ବିନୟ ନୃସିଂହ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ଭକ୍ତମାନଙ୍କୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗ ଲାଗି ସିରିକପଡ଼ା, ନୀଳଚକ୍ର ବାନା ଓ ଶୁଖିଲା ମହାପ୍ରସାଦ ପ୍ରଦାନ କରାଯାଇଥିଲା। ଶେଷରେ ସର୍ବାଣି ଦାସ ଧନ୍ୟବାଦ ଦେଇଥିଲେ।

## ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମନୀତି ସମ୍ପନ୍ନ



ରାମଜନ୍ମ ନୀତି ପାଇଁ ରାମ, ଲକ୍ଷ୍ମଣ ଓ ଭରତ ଓ ଶତ୍ରୁଘ୍ନ ଋଷିଙ୍କ ସହ ଶ୍ରୀମନ୍ଦିରକୁ ନୀତି ପାଇଁ ଯାଉଛନ୍ତି।

ପୁରୀ,୨୭।୩(ଅଜିତ୍ କୁମାର ମହାନ୍ତି)

ଚୈତ୍ରମାସ ଶୁକ୍ଳପକ୍ଷ ନବମୀ ବା ରାମ ନବମୀ ତିଥି ଶୁକ୍ରବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମନୀତି ଅନୁଷ୍ଠିତ ହେବା ସହ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ପାରମ୍ପରିକ ସାହିଯାତର ଶୁଭାରମ୍ଭ ହୋଇଛି। ରାମ ନବମୀ ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ରାମନବମୀ ଉପଲକ୍ଷେ ଶ୍ରୀମନ୍ଦିର ଦ୍ୱାର ଫିଟାଯାଇ ଭିତରଶୋଧ, ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଅବକାଶ, ସକାଳଧୂପ ସହ ବିଭିନ୍ନ ନୀତି ବଢ଼ି ଯାତ୍ରାଙ୍ଗୀ ମହାସ୍ନାନ କରାଯାଇଥିଲା। ପରେ ମହାପ୍ରଭୁଙ୍କୁ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ କରାଯାଇଥିଲା। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ସମ୍ପନ୍ନ ହୋଇ ଧୋପଖାଳ ହୋଇଥିଲା। ଏହା ପରେ ଶ୍ରୀରାମ ଜନ୍ମ ନୀତି ଆରମ୍ଭ ହୋଇଥିଲା। ଜନ୍ମନୀତି ଏକ ଗୁପ୍ତ ନୀତି ହୋଇଥିବାରୁ ନୀତି ସମୟରେ ଜୟବିଜୟ ଦ୍ୱାର ବନ୍ଦ ରହିଥିଲା। ଜୟବିଜୟ ଦ୍ୱାର ବନ୍ଦ ହେବା ପରେ ଶୁଦ୍ଧ ସୁଆର ଭଣ୍ଡାର ଘର ଆଗରେ ପୋଛା ମାରିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚ ମୁରୁଜରେ ଜନ୍ମମଣ୍ଡଳ କାଟିଥିଲେ। ଏହାପରେ ବନ୍ଦାପନା କରାଯାଇ ବରୁଣ ପୂଜା କରାଯାଇଥିଲା। ଦକ୍ଷିଣ ଘର ଭୋଗ ଶେଷ ହେବା ପରେ ଶ୍ରୀରାମଚନ୍ଦ୍ର ପ୍ରତିମାଙ୍କୁ ମହାଜନସେବକ ରତ୍ନସିଂହାସନକୁ ବିଜେ କରାଇଥିଲେ। ମୁଦିରସ୍ତ ଧଣ୍ଡି ପ୍ରସାଦ ଲାଗି କରିବା ପରେ ପ୍ରସାଦ ଉଲାଗି ହୋଇ ରାମଚନ୍ଦ୍ରଙ୍କୁ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ଆଜ୍ଞାମାଳ ପ୍ରଦାନ କରାଯିବା ପରେ ମହାଜନସେବକମାନେ ରାମଚନ୍ଦ୍ରଙ୍କ ପ୍ରତିମାକୁ ଉକ୍ତ ଜନ୍ମମଣ୍ଡଳ ଉପରେ ବିଜେ କରାଇଥିଲେ। ପରେ ମହାଜନ ସେବାୟତଙ୍କ ମଧ୍ୟରୁ ଜଣେ ଦଶରଥ ଓ ଜଣେ କୌଶଲ୍ୟା ଭାବେ ଖଣ୍ଡୁଆ ଘୋଡ଼ାଇ ହୋଇ ଜନ୍ମବିଧି ନୀତି ସମ୍ପନ୍ନ କରିଥିଲେ। ପରେ ମହାସୁଆର ସେବକ ଠାକୁରଙ୍କୁ ଗଣ୍ଡୁଷ ମସଲା ଓ କ୍ଷୀର ମଣୋହି କରାଇଥିଲେ। ଏହାପରେ ପାଳିଆ ପୂଜାପଣ୍ଡା ସାମନ୍ତ ଜନ୍ମବିଧି, ଶୀତଳ ଭୋଗ ମଣୋହି ନୀତି କରିଥିଲେ। ମହାସୁଆର ସେବାୟତ ଜୟବିଜୟ ଦ୍ୱାର ନିକଟରେ ଠାକୁରଙ୍କୁ ଚରୁଭାତ ମଣୋହି କରିବା ପରେ ଠାକୁର ଦକ୍ଷିଣ ଘରକୁ ବାହୁଡ଼ା ବିଜେ କରିଥିଲେ। ଏହାପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା।

## ଏମାର ମଠ ପାର୍ଶ୍ୱ ବାହାର ପରିକ୍ରମା ମାର୍ଗ ସଫେଇ

ପୁରୀ,୨୭।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀରାମ ଜନ୍ମ ଲୀଳା ତଥା ପ୍ରସିଦ୍ଧ ସାହି ଯାତ ଆରମ୍ଭ ପୂର୍ବରୁ ଶ୍ରୀମନ୍ଦିର ସମ୍ମୁଖରେ ପବିତ୍ରତା ରକ୍ଷା ପାଇଁ ଶ୍ରୀଜଗନ୍ନାଥ ଅନୁରାଗୀ ଟ୍ରଷ୍ଟ ପକ୍ଷରୁ ଏମାର ମଠ ପାର୍ଶ୍ୱ ବାହାର ପରିକ୍ରମା ମାର୍ଗ ଶୁକ୍ରବାର ସଫେଇ କରାଯାଇଛି। ୨ ମାସ ପୂର୍ବେ ସ୍ୱେଚ୍ଛାସେବୀମାନେ ଦୁର୍ଗନ୍ଧ ଛାଡୁଥିବା ଉକ୍ତ ଅଞ୍ଚଳ ସଫା କରି କନା ବାଡ଼ ଘେରାଇଥିଲେ। ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ସମାଧାନ କରା ନ ଯିବାରେ ଦିଅଁ ବିଜେ ପୂର୍ବରୁ ପୁନଃ ଏହି ପୂତି ଗନ୍ଧମୟ ଅଞ୍ଚଳରେ ବ୍ଲିଚିଂ ପକାଇ ସଫା କରାଯିବା ସହ କନାବାଡ଼ ଦେବା ଆରମ୍ଭ ହୋଇଛି। ଏହି କାର୍ଯ୍ୟରେ କେତକ ସ୍ଥାନୀୟ ଯୁବକ ସ୍ୱତଃ ଯୋଡ଼ି ହୋଇ ଏହାର ସ୍ଥାୟୀ ସମାଧାନ ପାଇଁ ଦାବି କରିବା ସହ ସୋସିଆଲ ମିଡିଆରେ ସଚେତନତା ସୃଷ୍ଟି ପାଇଁ ଚେଷ୍ଟା କରିଥିଲେ। ସେଠାରେ ପୋଷ୍ଟର ଲଗାଇ 'କି ଭକ୍ତ ତୁମେ' ବୋଲି ପରିସ୍ରା କରିବାକୁ ଆସୁଥିବା ଲୋକଙ୍କୁ ପ୍ରଶ୍ନ କରିଥିଲେ। ପରିକ୍ରମା ମାର୍ଗରେ ନିୟୋଜିତ ସଫେଇ କର୍ମଚାରୀ ମଧ୍ୟ ଏଥିରେ ସହଯୋଗ କରିଥିଲେ। ପର୍ଯ୍ୟାପ୍ତ ଶୌଚାଳୟ ନ ଥିବାରେ ଶ୍ରୀମନ୍ଦିର ସମ୍ମୁଖରେ ପ୍ରତିଦିନ ହଜାର ହଜାର ଲୋକ ପରିସ୍ରା ଓ ମଳ ତ୍ୟାଗ କରୁଛନ୍ତି। ପତିତପାବନଙ୍କୁ ଦର୍ଶନ ସମୟରେ ଶ୍ରଦ୍ଧାଳୁମାନେ ଅତିଷ୍ଠ ହେଉଛନ୍ତି। ଉକ୍ତ ରାସ୍ତା ଦେଇ ଶ୍ରୀମନ୍ଦିର ପାର୍ଶ୍ୱ ପାର କଲାବେଳେ ପରିସ୍ରା ଗନ୍ଧରେ ନାକ ଫାଟିଯାଉଛି। ମାସ ମାସ ହେଲା ଏଭଳି ସ୍ଥିତି ଜାରି ରହିଥିଲେ ସୁଦ୍ଧା ପ୍ରଶାସନ କୌଣସି ପ୍ରତିକାର ନ କରିବାରୁ ସାଧାରଣ ଲୋକଙ୍କ ମନରେ ଗଭୀର ଅସନ୍ତୋଷ ପ୍ରକାଶ ପାଉଛି। ସୁପ୍ରିମକୋର୍ଟ ନିୟମ ଅନୁସାରେ କାର୍ଯ୍ୟରେ ଖିଲାପ କରୁଥିବା ଅଧିକାରୀଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ ହେବା ଆବଶ୍ୟକ ବୋଲି ମତ ଦେଇଛନ୍ତି। ଶ୍ରୀମନ୍ଦିର ନିକଟରେ ଅଧିକ ଶୌଚାଳୟ ଦାବି ସହ ସେଠାରେ ଜଗୁଆଳି ରଖି ଶ୍ରୀମନ୍ଦିର ପରିବେଶର ସ୍ୱଚ୍ଛତା ରକ୍ଷା ପାଇଁ ଦାବି କରିଛନ୍ତି।

**ଶ୍ରୀରାମ ନବମୀରେ ଅଘଟଣ**

## ସମୁଦ୍ର ସ୍ନାନବେଳେ ପ୍ରାଣ ହରାଇଲେ ଯୁବକ

କୋଣାର୍କ,୨୭।୩(ଜ୍ୟୋତିରାଜ ମହାନ୍ତି)

ପବିତ୍ର ଶ୍ରୀରାମ ନବମୀ ଅବସରରେ ଇକୋ ରିଟ୍ରିଟ୍ ସନ୍ନିକଟ ସମୁଦ୍ରରେ ଗାଧୋଉଥିବା ବେଳେ ଇକୋ ରିଟ୍ରିଟ୍ କ୍ୟାମ୍ପସ୍‌ରେ କାମ କରୁଥିବା ଉତ୍ତର ପ୍ରଦେଶ ଫରିଦାବାଦ୍‌ର ଜଣେ ଯୁବକ ବୁଡ଼ି ପ୍ରାଣ ହରାଇଛନ୍ତି।

ପ୍ରକାଶ ଯେ, କୋଣାର୍କ-ପୁରୀ ଜାତୀୟ ରାଜପଥ ରାସ୍ତା ସାହୁଖଣତା ବେଳାଭୂମି କୂଳରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଚାଲିଥିବା ଇକୋ ରିଟ୍ରିଟ୍ କ୍ୟାମ୍ପସ୍‌ରେ ଉତ୍ତରପ୍ରଦେଶ ଫରିଦାବାଦ୍ ଅଞ୍ଚଳର ମନୁ କୁମାର(୨୨) ଗତ ଡିସେମ୍ବରଠାରୁ ଏଠାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ପୂର୍ବାହ୍ନରେ ଇକୋ ରିଟ୍ରିଟ୍ ସନ୍ନିକଟ ସମୁଦ୍ରରେ ଗାଧୋଉଥିବା ବେଳେ ଗୋଡ଼ି ଖସିଯିବାରୁ ସେ ସମୁଦ୍ରରେ ଭାସିଯାଇ ପ୍ରାଣ ହରାଇଥିଲେ। ସେଠାରେ ଥିବା ଲୋକମାନେ ତାଙ୍କୁ ଉଦ୍ଧାରକରି ଚିକିତ୍ସା ନିମନ୍ତେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶ୍ରମିକଙ୍କ ପରିବାର ସଦସ୍ୟ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଚନ୍ଦ୍ରଭାଗା ସାମୁଦ୍ରିକ ଥାନାଧିକାରୀ ସରସ୍ୱତୀ ସାହୁ ପ୍ରକାଶ କରିଛନ୍ତି।

## ଏନ୍ଏସ୍ଏସ୍ ଓରିଏଣ୍ଟେଶନ କାର୍ଯ୍ୟକ୍ରମ

ପୁରୀ,୨୭।୩( ଅଜିତ୍ କୁମାର ମହାନ୍ତି)

ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପକ୍ଷରୁ ଏନ୍ଏସ୍ଏସ୍ ସେବକଙ୍କ ପାଇଁ କଲେଜ ପ୍ରାଙ୍ଗଣର ସିଦ୍ଧାନ୍ତ ଦର୍ପଣ ହଲ୍‌ରେ ଏକ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଲେଜର ଅତିଥି ଭାବେ ଅଧ୍ୟକ୍ଷ ଡା. ଚିତ୍ତରଞ୍ଜନ ଦ୍ୱିବେଦୀ ଏବଂ ଅତିଥି ଭାବେ କଲେଜର ପୂର୍ବତନ ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର ସୁକାନ୍ତ କୁମାର ମହାନ୍ତି , ବର୍ତ୍ତମାନର ପ୍ରୋଗ୍ରାମ ଅଫିସର ଡା. ପାନିଶା ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରାୟ ୬୦ ଜଣ ନୂଆ ସେବକ/ସେବିକା ଏହି କାର୍ଯ୍ୟକ୍ରମରେ ସହଭାଗୀ ହୋଇଥିଲେ। ଅଧ୍ୟକ୍ଷ ତାଙ୍କର ପ୍ରେରଣାଦାୟକ କଥା ମାଧ୍ୟମରେ ସେବକଙ୍କୁ ଉତ୍ସାହିତ କରିଥିଲେ।

**ଫଟୋରେ ଖବର**



ପୁରୀ ଷ୍ଟେଶନ ଛକ ରାମ ମନ୍ଦିରରେ ଭକ୍ତମାନେ ରାମଲାଲାଙ୍କ ପୂଜାର୍ଚ୍ଚନା।




'ଆର୍ଥ ଆୱାର' ସଚେତନତା ବାର୍ତ୍ତା ନେଇ ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।



ଶ୍ରୀମନ୍ଦିର ନିକଟସ୍ଥ ଶ୍ରୀରାମଦୟା ପରିଷଦରେ ଶ୍ରୀରାମ ଜନ୍ମନୀତି ପାଳନ କରାଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

**ସମୀର ଦେ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଜଳଛତ୍ର ଶୁଭାରମ୍ଭ**

କଟକ,(ଶିକ୍ଷା ପ୍ରିୟଦର୍ଶିନୀ): ସିଡିଏ ସେକ୍ଟର-୬ସ୍ଥିତ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସମୀର ଦେଙ୍କ ବାସଭବନ ସମ୍ମୁଖରେ ସମୀର ଦେ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଜଳଛତ୍ର ଶୁଭାରମ୍ଭ କରାଯାଇଛି। ଗ୍ରୀଷ୍ମ ପ୍ରବାହରେ ବାଟୋଇମାନଙ୍କ ପାଇଁ ଦହି ପାଣିର ବ୍ୟବସ୍ଥା କରାଯାଇଥିବାବେଳେ ଏହା ୨ ମାସ ଯାଏ ଚାଲିବ। ଏହାସହ ଟ୍ରଷ୍ଟ ପକ୍ଷରୁ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମ ମଧ୍ୟରେ ନବମ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ସ୍କଲାରସିପ୍ ପ୍ରଦାନ, ବୃକ୍ଷରୋପଣ ଆଦି ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଜଳଛତ୍ରର ଉଦ୍ଘାଟନୀ କାର୍ଯ୍ୟକ୍ରମରେ ସ୍ୱର୍ଗତ ଦେଙ୍କ ପତ୍ନୀ ଦୀପିକା ଦତ୍ତ ରାୟ, ମ୍ୟାନେଜିଂ ଟ୍ରଷ୍ଟି ଦୁର୍ଯ୍ୟୋଧନ ଲେଙ୍କା, ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ, ଜ୍ୟୋତିପ୍ରକାଶ ଘୋଷ, ଦେବାଶିଷ ରାୟ, ରଜନୀକାନ୍ତ ଦାସ, ସତ୍ୟବ୍ରତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ନୟନଯୋରୀରୁ ମୋଟର ସାଇକେଲ ମିଳିଲା

ଫୁଲନଖରା,୨୭।୩(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ବାଲିକୁଦା ତ୍ରିଶୂଳିଆ ରାସ୍ତା ଗୋଲେଇ ଛକ ନିକଟ ନୟନ ଯୋରି ମଧ୍ୟରେ ପଡ଼ିଥିବା ଏକ ବାଇକ୍‌କୁ ଜବତ କରାଯାଇଛି। ବାଇକ୍ (ନଂ.ଓଆର୍‌୦୨ୱାଇ୩୩୯୬) ବୋଲି ଏକ ନମ୍ବରପ୍ଲେଟ ଲେଖା ଅଛି। ଗାଡ଼ି ପଡ଼ିଥିବା ସ୍ଥାନରୁ ଜଣାପଡୁଛି ଯେ କେହି ଜଣେ ଲୋକ ଗୁରୁବାର ବିଳମ୍ବିତ ରାତିରେ ଅତ୍ୟଧିକ ମଦ୍ୟପାନ କରି ନୟନ ଯୋରିକୁ ଗଳି ପଡ଼ିଥିଲେ। ପ୍ରାୟ ୩୦ ଫୁଟ ତଳେ ବାଇକ୍ ଗଳି ପଡ଼ିଥିବାରୁ ତାହାକୁ ସେ ଉଠାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ସେହିଠାରେ ହିଁ ବାଇକ୍‌କୁ ମେନଷ୍ଟାଣ୍ଡ ମାରି ଚାବିନେଇ ଯାଇଥିଲେ। ଶୁକ୍ରବାର ଭୋର ସମୟରେ ସ୍ଥାନୀୟ ଲୋକେ ଦେଖି ସଦର ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ବାଇକ୍‌କୁ ନୟନ ଯୋରିରୁ ଉପରକୁ କାଢି ଥାନାକୁ ନେଇ ତଦନ୍ତ ଚଳାଇଛି।

### ଓଡ଼ିଶା ଦିବସ ପାଇଁ ପ୍ରସ୍ତୁତି ବୈଠକ

କଟକ ସଦର,୨୭।୩(ସୁଶାନ୍ତ କୁମାର ଜେନା)

କଟକ ସଦର ୪୨ମୌଜାସ୍ଥିତ ରେକୀ ମିଶନ ବିଦ୍ୟାଳୟରେ ଓଡ଼ିଶା ଦିବସ ନିମନ୍ତେ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପିଲାମାନେ କିପରି ଶାନ୍ତିଶୃଙ୍ଖଳା ସହିତ ପାଳନ କରିବେ ସେ ନେଇ ଆଲୋଚନା କରାଯାଇଥିଲା। ଉପାଧ୍ୟକ୍ଷା ସରସ୍ୱତୀ ସାମନ୍ତରାୟଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହିଥିଲେ। ଶେଷରେ ରେକୀ ମିଶନ ବିଦ୍ୟାଳୟରେ ୫ ଦିନିଆ ଶିକ୍ଷାଭିତ୍ତିକ ବିଜ୍ଞାନ ପ୍ରଦର୍ଶନୀର ଉଦ୍‌ଯାପନୀ ଉତ୍ସବକୁ ସଂଯୋଜକ ଭାରତ ଭୂଷଣ ରାୟଙ୍କ ତତ୍ତ୍ୱାବଧାନରେ ସଫଳ କରିଥିବାରୁ ତାଙ୍କୁ ବିଦ୍ୟାଳୟ କମିଟି ପକ୍ଷରୁ ଶୁଭେଚ୍ଛା ଜଣାଇବା ସହିତ ସମ୍ମାନିତ କରାଯାଇଥିଲା।

### ସ୍ପୋର୍ଟ୍ସ କ୍ଲବ୍ ନୂତନ ଗୃହ ପ୍ରବେଶ କାର୍ଯ୍ୟକ୍ରମ

ଚୌଦ୍ୱାର,୨୭।୩(ଆଶୁତୋଷ ଦାସ)

ସ୍ଥାନୀୟ ଇମ୍ଫା କାରଖାନା ପକ୍ଷରୁ ଚୌଦ୍ୱାର ପୌରପାଳିକା ୧୬ ନଂ. ୱାର୍ଡ ଟିପିଏମ୍ ଖେଳପଡ଼ିଆ ନିକଟରେ ନିର୍ମିତ ସାଇ ସ୍ପୋର୍ଟ୍ସ ୟୁଥ କ୍ଲବ୍‌ର ନୂତନ ଗୃହର ଉଦ୍‌ଘାଟନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ସୌଭିକ ବିଶ୍ୱାଳ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଅତିଥି ଭାବେ ଯୋଗଦେଇ ନୂତନ ଗୃହକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାଉନସିଲର ଅଜୟ ବେହେରା, ଅଜିନୀ ବେହେରା, ଦିଲୀପ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଦୀପକ ନାୟକ, ସୁରଜ ଭୂୟାଁ, ମନମୋହନ ଦାସ, ମନୋଜ ନାୟକ, ଅମିତାଭ ଭଦ୍ର, ଅଜୟ ଭୂୟାଁ, ବାବୁନା ବେହେରା, ଦିଲୀପ ମହାପାତ୍ର ପ୍ରମୁଖ କ୍ଲବ୍ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଧାକୁଲେଇ ପୀଠରୁ ମହନ୍ତଙ୍କୁ ନିମନ୍ତ୍ରଣ



ଫୁଲନଖରା,୨୭।୩(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅଧୀନ ପ୍ରତାପନଗରୀ ମା'ଧାକୁଲେଇଙ୍କ ବାଣ ଯାତ୍ରା ୨ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ୩ ତାରିଖରୁ ତିନିଦିନ ଧରି ଦିନରେ ମା'ଙ୍କ ନିକଟରେ ସଂକୀର୍ତ୍ତନ କରାଯିବ। ଏହି ଉପଲକ୍ଷେ ମା'ଧାକୁଲେଇଙ୍କ ନିକଟରୁ ପୀଠ ମହନ୍ତ ବାଦଲ କୁମାର ଜେନା, ରାଜା ନାରାୟଣ ରାଉତ, ବିକ୍ରମ ଜେନା, ପ୍ରଦୀପ କୁମାର ସାହୁଙ୍କ ସମେତ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ, ସୁଭଦ୍ରାପୁରସ୍ଥିତ ୪୮ ସଂକୀର୍ତ୍ତନ ମଣ୍ଡଳୀ ମହନ୍ତ ବନମାଳୀ ଦାସଙ୍କୁ ମା'ଙ୍କ ନିକଟରେ ସଂକୀର୍ତ୍ତନ ପରିବେଷଣ କରିବା ପାଇଁ ନିମନ୍ତ୍ରଣ କରିଥିଲେ। ଏହା ସହିତ କଟକ ଛତ୍ରବାଜର ନିକଟ ବଳଭଦ୍ରପୁରରେ ରହୁଥିବା ୭୨ ସଂକୀର୍ତ୍ତନ ମଣ୍ଡଳୀର ମୁଖ୍ୟ ଦେବେନ୍ଦ୍ର ନାଥ ସାହୁଙ୍କୁ ନିମନ୍ତ୍ରଣ କରିଥିଲେ।



ଚହଟାସ୍ଥିତ ଶ୍ରୀରାମ ନିଗମେଶ୍ୱର ମନ୍ଦିରରେ ଶ୍ରୀରାମନବମୀରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି।



ନିଗମେଶ୍ୱର ମନ୍ଦିରରେ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ସୀତାଙ୍କୁ ସଜିତ କରାଯାଇଛି।



ଚୌଧୁରୀ ବଜାରଠାରେ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ସୀତା ପୂଜା ପାଉଛନ୍ତି।

# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ସହର

- ବିଶାଳ ଶୋଭାଯାତ୍ରାରେ ସାମିଲ ହେଲେ ଲକ୍ଷାଧିକ ଶ୍ରଦ୍ଧାଳୁ
- ପୋଲିସର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

କଟକ,୨୭।୩(ଶିକ୍ଷା ପ୍ରିୟଦର୍ଶିନୀ)

ରାମ ନବମୀରେ ଶୁକ୍ରବାର କଟକରେ ଏକ ଭବ୍ୟ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସକାଳୁ ଶଙ୍ଖ ନାଦ ଓ ମନ୍ତ୍ରପାଠରେ ସହର ଗଳିକନ୍ଦି ପ୍ରକମ୍ପିତ ହୋଇଉଠିଥିଲା। ଅପରାହ୍ନରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଆୟୋଜିତ ବିଶାଳ ଶୋଭାଯାତ୍ରା ଭକ୍ତିର ଏକ ଅପୂର୍ବ ଜୁଆର ଖେଳାଇ ଦେଇଥିଲା। ଶ୍ରୀରାମଙ୍କ ପତାକାରେ ସଜ୍ଜିତ ହୋଇ ଚୌଧୁରୀବଜାର ମାରୁତି ମଣ୍ଡପରୁ ବାହାରିଥିବା ଏହି ଭବ୍ୟ ଯାତ୍ରା ନୟାସଡ଼କ, ନିମଚୌଡ଼ି, ଚାନ୍ଦିନୀଚୌକ, ଡଗରପଡ଼ା, କାଫଲା ବଜାର, କନିକା ଛକ, ଚଣ୍ଡିଛକ, ବକ୍ସିବଜାର ଓ ଦରଘାବଜାର ଦେଇ ସହର ପରିକ୍ରମା କରିଥିଲା। ସହରର ବିଭିନ୍ନ ବଜାର କମିଟି ଓ ସାହି ବାସିନ୍ଦାଙ୍କ ପକ୍ଷରୁ ଶୋଭାଯାତ୍ରାକୁ ସ୍ୱାଗତ କରାଯାଇଥିଲା। ଜୟ ଶ୍ରୀରାମ ଧ୍ୱନିରେ କଟକ ସହ ପ୍ରକମ୍ପିତ ହୋଇ ଉଠିଥିଲା। କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୨ ପ୍ଲାଟୁନ୍ ଫୋର୍ସ ଏବଂ ୪ ଅତିରିକ୍ତ ଡିସିପିଙ୍କ ସମେତ ୧୮୦ରୁ ଅଧିକ ପୋଲିସ ଅଫିସର ନିୟୋଜିତ ରହିଥିଲେ। ଶୋଭାଯାତ୍ରା ଯାଉଥିବା ରୁଟ୍‌ରେ ସାଧାରଣ ଯାନବାହନ ଚଳାଚଳ ଉପରେ କଟକଣା ଲଗାଯାଇଥିଲା। ଅନ୍ୟପଟେ ସହରର ପ୍ରମୁଖ ରାମ ମନ୍ଦିରଗୁଡ଼ିକରେ ହୋମ-ଯଜ୍ଞ ଓ ସଙ୍କୀର୍ତ୍ତନ ଆୟୋଜନ ହୋଇଥିଲା। ଭକ୍ତମାନେ ଶୃଙ୍ଖଳିତ ଭାବେ ଧାଡ଼ି ବାନ୍ଧି ପ୍ରଭୁଙ୍କ ଦର୍ଶନ କରିଥିଲେ। ରାମନବମୀ ଅବସରରେ କଟକର ପ୍ରାଚୀନ ପାରମ୍ପରିକ ଶୈଳୀ ଓ ସହରର ଭାଇଚାରାକୁ ଆହୁରି ସୁଦୃଢ଼ କରିଥିଲା।



କଟକ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ବାହାରିଥିବା ଶୋଭାଯାତ୍ରା।

## ରାମ ନବମୀରେ ବିଶାଳ ଶୋଭାଯାତ୍ରା



ମଙ୍ଗୁଳି-ଜଗତପୁର,୨୭।୩(ମାନସ ସାମଲ)

କଟକ ଜିଲା ଟାଙ୍ଗୀ ଅଞ୍ଚଳରେ ପ୍ରଥମ କରି ରାମ ନବମୀରେ ଶୁକ୍ରବାର ବିରାଟ ବାଇକ୍ ଶୋଭାଯାତ୍ରା କରାଯାଇଛି। ଶ୍ରୀରାମ ସେନା ଆବାହକ, ଟାଙ୍ଗୀସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ତଥା ଶିକ୍ଷାବିତ ଡ. ତ୍ରିଦେବ ବେହେରାଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ୨ ହଜାରରୁ ଊର୍ଦ୍ଧ୍ୱ ବାଇକ୍‌ରେ ୪ ହଜାରରୁ ଊର୍ଦ୍ଧ୍ୱ ଯୁବକ ସାମିଲ ହୋଇଥିଲେ। ଜୟ ଶ୍ରୀରାମ ଧ୍ୱନିରେ ଉକ୍ତ ଅଞ୍ଚଳ କମ୍ପି ଉଠିଥିଲା। ପ୍ରଥମ ଥର ପାଇଁ ଟାଙ୍ଗୀରେ ବିଶାଳ ବାଇକ ଶୋଭାଯାତ୍ରା ଦେଖିବା ପାଇଁ ବିଭିନ୍ନ ଛକରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଯାହା ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ଚେତନା, ଭକ୍ତି ଓ ଆସ୍ଥାର ଏକ ବଳିଷ୍ଠ ପରିଚୟ ସୃଷ୍ଟି କରୁଛି ବୋଲି ବେହେରା କହିଥିଲେ। ସନ୍ଧ୍ୟାରେ ହିନ୍ଦୁ ଧର୍ମର ପ୍ରଚାରକ ମାନସ ବାବାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଧର୍ମଜାଗରଣ ସଭାରେ ଅତିଥି ଭାବେ ବାବାଜି ବିଶ୍ୱନାଥ ଦାସ ମହାରାଜ ଓ ଦର୍ଶନ ବିଦ୍ୟାର୍ଥୀ ବାବାଜି କବିନ୍ଦ୍ର ମହାରାଜଙ୍କ ସମେତ ବହୁ ସାଧୁସନ୍ଥ ଯୋଗଦେଇଥିଲେ। ଶୋଭାଯାତ୍ରାରେ ଅମନ ବେଉରା, ଆକାଶ ପାତ୍ର, ହୃଷୀକେଶ ସାମଲ, ଦେବାଶିଷ ପ୍ରଧାନ, ମାନସ ସାହୁ ଓ ପ୍ରଭାତ ତରାଇଙ୍କ ସମେତ ବିଭିନ୍ନ ପଞ୍ଚାୟତର ରାମ ଭକ୍ତ ସହଯୋଗ କରିଥିଲେ। ସୁରକ୍ଷା ଦୃଷ୍ଟିରୁ ଟାଙ୍ଗୀ ପୋଲିସ ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା।

## ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବିଶାଳ ବାଇକ୍ ରାଲି



ଫୁଲନଖରା,୨୭।୩(ସତ୍ୟରଞ୍ଜନ ଦାସ ମହାପାତ୍ର)

ପାହାଳ ଥାନା ଅନ୍ତର୍ଗତ ନଖରା ଗ୍ରାମର ଲକ୍ଷେଶ୍ୱର ମନ୍ଦିରରୁ ଶୁକ୍ରବାର ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଶ୍ରୀରାମ ନବମୀ ଉପଲକ୍ଷେ ଏକ ବିଶାଳ ବାଇକ୍ ରାଲି ବାହାରି ନିଆଳି ଅଭିମୁଖେ ଯାଇଥିଲା। ସାମାଜିକ କର୍ମୀ ସ୍ୱାଧୀନଚେତା ମହାନ୍ତି ନଡ଼ିଆ ବାଡେଇ ରାଲିର ଶୁଭାରମ୍ଭ କରିଥିଲେ। ଏହି ରାଲିରେ ବିଶ୍ୱ ହିନ୍ଦୁ ପରିଷଦର ୧୦୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ବାଇକ୍‌ଗୁଡ଼ିକରେ ବ୍ୟାନର ଲଗାଇ ଜୟ ଶ୍ରୀରାମ ନାରା ଦେଇ ନିଆଳି ଅଭିମୁଖେ ଯାଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ କଟକ ସଦର ଥାନା ପୋଲିସ ପକ୍ଷରୁ ଆଇଆଇସି ତୁଷାରକାନ୍ତ ସେଠୀଙ୍କ ସମେତ ବହୁ ପୋଲିସ କର୍ମଚାରୀ ନିୟୋଜିତ ହୋଇଥିଲେ। କାର୍ଯ୍ୟକ୍ରମ ବିଶ୍ୱ ହିନ୍ଦୁ ପରିଷଦର କଟକ ସଦର ଜିଲା ସଭାପତି ମାନସ ରଞ୍ଜନ ପଣ୍ଡା, ପରିଚାଳନା କରିଥିବା ବେଳେ ବହୁ ସଦସ୍ୟ ଯୋଗଦେଇଥିଲେ।

## ହାଟସାହିରେ ରାମ ନବମୀ ପାଳନ

କଟକ ସଦର,୨୭।୩(ସୁଶାନ୍ତ କୁମାର ଜେନା)



କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ହାଟସାହି ଗ୍ରାମରେ ଶୁକ୍ରବାର ଶ୍ରୀରାମ ନବମୀ ପାଳନ କରାଯାଇଛି। ସକାଳେ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କୁ ପାରମ୍ପରିକ ନୀତିରେ ପ୍ରାଣପ୍ରତିଷ୍ଠା ସହ ପୂଜା ଅର୍ଚ୍ଚନା କରାଯାଇଥିଲା। ପରେ ହନୁମାନ ଚାଳିଶା ଓ ରାମାୟଣ ପାଠ କରାଯାଇଥିଲା। କାର୍ଯ୍ୟକ୍ରମ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ଲୋକମାନେ ଏକତ୍ର ହୋଇଥିଲେ। ପରେ ପ୍ରସାଦ ସେବନ କରାଯାଇଥିଲା। କାର୍ଯ୍ୟକ୍ରମ ୧୦ ଦିନ ବ୍ୟାପୀ ଚାଲିବ ବୋଲି ହାଟସାହି ଗ୍ରାମବାସୀ ଓ ବିଜୟ କୁମାର ପଣ୍ଡା ଜଣାଇଛନ୍ତି।

## 'ସ୍ନେହୀ, ଧର୍ମପରାୟଣା ଥିଲେ ଇଚ୍ଛାବତୀ'



ଇଚ୍ଛାବତୀ ରଥଙ୍କ ଜୟନ୍ତୀ ଅବସରରେ ଉପସ୍ଥିତ ଅତିଥି।

କଟକ,୨୭।୩(କାର୍ତ୍ତିକ ସାହୁ)

'ଡ୍ରିମ୍‌ସ ପରିବାର' ପକ୍ଷରୁ ଧନେଶ୍ୱର ରଥଙ୍କ ସହଧର୍ମିଣୀ ଇଚ୍ଛାବତୀ ରଥଙ୍କ ୯୭ତମ ଜୟନ୍ତୀ ଅଶୋକାଷ୍ଟମୀ ଅବସରରେ ପାଳିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଜୟଶ୍ରୀ ଅଡିଟୋରିୟମ୍‌ରେ ଆୟୋଜିତ ଜୟନ୍ତୀ ଉତ୍ସବରେ ଇଚ୍ଛାବତୀଙ୍କ ସୁପୁତ୍ର ତଥା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ପୌରୋହିତ୍ୟ କରି କହିଲେ, ପିଲାମାନେ ଭଲ ମଣିଷ ହୋଇ ସମାଜରେ ପ୍ରତିଷ୍ଠା ଲାଭ କରନ୍ତୁ ଏହା ସବୁ ମାତାପିତା ଚାହିଁଥାନ୍ତି। ଇଚ୍ଛାବତୀ ଖୁବ୍ ସ୍ନେହୀ ଓ ଧର୍ମପରାୟଣା ଥିଲେ। ଆଜି ସେ ଯେଉଁଠି ପହଞ୍ଚିଛନ୍ତି ତା' ପଛରେ ମା'ଙ୍କ ପ୍ରେରଣା ଓ ଆଶୀର୍ବାଦ ରହିଛି ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଇଚ୍ଛାବତୀଙ୍କୁ ସର୍ବଗୁଣା ସମ୍ପନ୍ନା ଭାବରେ ବର୍ଣ୍ଣନା କରିଥିଲେ। ନିର୍ଦ୍ଦେଶକ ( ଛାତ୍ର ସମ୍ପର୍କ) ଲୋକନାଥ ବେହେରା ଏବଂ ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ଇଚ୍ଛାବତୀଙ୍କ ଉଦ୍ଦେଶ୍ୟରେ କବିତା ଆବୃତ୍ତି କରିଥିଲେ। ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରାଧ୍ୟାପକ ଡ. ଆଲୋକ ରଞ୍ଜନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଇଂରେଜଙ୍କ ଉଦ୍ୟମକୁ ବିଫଳ କରିଥିଲେ ମଧୁସୂଦନ

କଟକ,୨୭।୩(କାର୍ତ୍ତିକ ସାହୁ)




ପୁରୀ ଶ୍ରୀମନ୍ଦିର ପରିଚାଳନା ହାତକୁ ନେବା ପାଇଁ ଇଂରେଜ ସରକାରଙ୍କ ଉଦ୍ୟମକୁ ଉତ୍କଳ ଗୌରବ ମଧୁସୂଦନ ଦାସ ବିଫଳ କରିଦେଇଥିଲେ। ଓକିଲାତି ମାଧ୍ୟମରେ ସେ ଶ୍ରୀମନ୍ଦିରକୁ ଇଂରେଜମାନଙ୍କ କବଳରୁ ରକ୍ଷା କରିବାର ଘଟଣା ଅତ୍ୟନ୍ତ ରୋଚକ ଢଙ୍ଗରେ ପ୍ରଦର୍ଶିତ ହୋଇଛି କଳାବିକାଶ କେନ୍ଦ୍ରରେ। ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ରଙ୍କ ରଚିତ ଉପନ୍ୟାସକୁ ନାଟ୍ୟକାର ଡ. ବୈଜୟନ୍ତୀ ମିଶ୍ର ନାଟ୍ୟ ରୂପାନ୍ତର କରି 'ବିପଣୌ ମଧୁସୂଦନ' ନାଟକର ସୃଷ୍ଟି କରିଛନ୍ତି। ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ପରିବେଷିତ ନାଟକଟି ଉମେଶ ଚନ୍ଦ୍ର ଦାସଙ୍କ ନିର୍ଦ୍ଦେଶନାରେ ଜୀବନ୍ତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ବିଚାରପତି ସାବିତ୍ରୀ ରଥ, ବିଚାରପତି ଆର.କେ. ପଟ୍ଟନାୟକ, ବିଚାରପତି ଶଶିକାନ୍ତ ମିଶ୍ର, ବିଚାରପତି ଆଦିତ୍ୟ ମହାପାତ୍ର ଓ ବିଚାରପତି ସଞ୍ଜୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ରଙ୍କ ପରିକଳ୍ପନାରେ ଅନୁଷ୍ଠିତ ନାଟକର ସହନିର୍ଦ୍ଦେଶନା ଦିଲୀପ ଚୌବେ ଦେଇଥିଲେ। ଆସୋସିଏଶନ ସମ୍ପାଦକ ଆଇନଜୀବୀ ଅଭିଜିତ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପାଠାଗାର ସମ୍ପାଦକ ଆଇନଜୀବୀ ସପନ କୁମାର ପାଲ ସହଯୋଗ କରିଥିଲେ।

## ଶିକ୍ଷା, ଆର୍ଥିକ ସ୍ୱାଧୀନତା ଦ୍ୱାରା ପ୍ରକୃତ ସଶକ୍ତୀକରଣ ସମ୍ଭବ

କଟକ,୨୭।୩(କୁମାରଶ୍ରୀ)

ସାମାଜିକ ସୁରକ୍ଷା ବ୍ୟବସ୍ଥା ଏବଂ ଆଇନଗତ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା ପାଇଁ 'ମହିଳା ସଶକ୍ତୀକରଣ' ଏବଂ 'ମାନବ ଚାଲାଣ' ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଏକ ରେଞ୍ଜସ୍ତରୀୟ କର୍ମଶାଳା ସ୍ଥାନୀୟ ଶହୀଦ ଭବନରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାଞ୍ଚଳ ପୋଲିସ ଆଇଜି ଡ. ସତ୍ୟଜିତ ନାଏକ, କଟକ ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସମାବେଶକୁ ସମ୍ବୋଧିତ କରି ଡ. ନାଏକ କହିଥିଲେ, ମହିଳା ସଶକ୍ତୀକରଣ ଏବଂ ମାନବ ଚାଲାଣର ନିରାକରଣ ପରସ୍ପର ସହ ଗଭୀର ଭାବେ ଜଡ଼ିତ। ମହିଳାମାନେ ଦେଶର ସାମାଜିକ ଓ ଅର୍ଥନୈତିକ ବିକାଶର ମେରୁଦଣ୍ଡ ହୋଇଥିବାବେଳେ ସେମାନେ ଏବେ ମଧ୍ୟ ଅସମାନତା, ଶିକ୍ଷାର ଅଭାବ ଏବଂ ଶାରୀରିକ ହିଂସା ଭଳି ଆହ୍ୱାନର ସମ୍ମୁଖୀନ ହେଉଛନ୍ତି ବୋଲି ମତ ଦେଇଥିଲେ। ଓଡ଼ିଶା ପୋଲିସ ପକ୍ଷରୁ ଭାରତୀୟ ନ୍ୟାୟ ସଂହିତା, ଅନୈତିକ ମାନବ ଚାଲାଣ, ଅଧିନିୟମ ଏବଂ ପୋକ୍‌ସୋ ଆଇନର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। କେବଳ ଆଇନଗତ କାର୍ଯ୍ୟାନୁଷ୍ଠାନ ଯଥେଷ୍ଟ ନୁହେଁ, ଏଥିପାଇଁ ସାମାଜିକ ସହଭାଗିତା ମଧ୍ୟ ଅପରିହାର୍ଯ୍ୟ। ଶିକ୍ଷା ଏବଂ ଆର୍ଥିକ ସ୍ୱାଧୀନତା ଦ୍ୱାରା ହିଁ ପ୍ରକୃତ ସଶକ୍ତୀକରଣ ସମ୍ଭବ, ଯାହା ମାନବ ଚାଲାଣ ରୋକିବାରେ ଏକ ବଡ଼ ଅସ୍ତ୍ର ସାଜିବ ବୋଲି ମତପ୍ରକାଶ ପାଇଥିଲା।

## ଜିଲାରେ ରନ୍ଧନ ଗ୍ୟାସ୍ ଯୋଗାଣ ସ୍ୱାଭାବିକ ରହିଛି

**ବୁକିଂରେ କୌଣସି ସମସ୍ୟା ନାହିଁ: ଜିଲା ପ୍ରଶାସନ**

କଟକ,୨୭।୩(କାର୍ତ୍ତିକ ସାହୁ)

କଟକ ଜିଲାରେ ଘରୋଇ ଏବଂ ବାଣିଜ୍ୟିକ ଉପଭୋକ୍ତାଙ୍କ ପାଇଁ ରନ୍ଧନ ଗ୍ୟାସ (ଏଲପିଜି) ଯୋଗାଣ ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ ରହିଛି ଏବଂ କୌଣସି ପ୍ରକାରର ଅଭାବ ନାହିଁ ବୋଲି ଜିଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଗ୍ୟାସ ଅଭାବ ନେଇ ଚାଲିଥିବା ଗୁଜବକୁ ବିଶ୍ୱାସ ନ କରିବାକୁ କୁହାଯାଇଛି। ସମସ୍ତ ଗ୍ରାହକଙ୍କୁ ସମୟ ଅନୁସାରେ ଗ୍ୟାସ ସିଲିଣ୍ଡର ଯୋଗାଇ ଦିଆଯାଉଛି। ସହରାଞ୍ଚଳରେ ଗ୍ରାହକମାନେ ଗୋଟିଏ ସିଲିଣ୍ଡର ପାଇବା ପରେ ୨୫ ଦିନ ଅତିକ୍ରମ ହେଲେ ପୁନର୍ବାର ବୁକିଂ କରିପାରୁଛନ୍ତି। ସେହିପରି ଗ୍ରାମାଞ୍ଚଳରେ ଏହି ସମୟସୀମା ୪୫ ଦିନ ଧରାଯାଇଛି। ଏହାଦ୍ୱାରା ସମସ୍ତ ଉପଭୋକ୍ତାଙ୍କ ମଧ୍ୟରେ ବଣ୍ଟନ ପ୍ରକ୍ରିୟା ଯଥାର୍ଥ ହେଉଛି। ଘରୋଇ ବ୍ୟବହାର ସହିତ ହୋଟେଲ, ରେଷ୍ଟୁରାଣ୍ଟ ଓ ଅନ୍ୟାନ୍ୟ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ମଧ୍ୟ ଆବଶ୍ୟକ ପରିମାଣରେ ଗ୍ୟାସ ଯୋଗାଣ ହେଉଛି। ବିଶେଷ କରି ହସ୍ପିଟାଲ, ଛାତ୍ରାବାସ, ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ ଖାଦ୍ୟ ପ୍ରସ୍ତୁତି/ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଛି। ଗ୍ୟାସ ଅଭାବ ଯୋଗୁ କୌଣସି ବାଧା ସୃଷ୍ଟି ହୋଇନାହିଁ। ଆବଶ୍ୟକତା ଅନୁଯାୟୀ ସମସ୍ତ ସଂସ୍ଥାକୁ ଠିକ ସମୟରେ ଗ୍ୟାସ ଯୋଗାଇ ଦିଆଯାଉଛି। ପ୍ରଶାସନ ଗ୍ୟାସ ବିତରଣ ବ୍ୟବସ୍ଥା ଉପରେ କଡ଼ା ନଜର ରଖିଛି। କେହି ଯେପରି ଅତିରିକ୍ତ ସିଲିଣ୍ଡର ମହଜୁଦ କରି କୃତ୍ରିମ ଅଭାବ ସୃଷ୍ଟି ନ କରନ୍ତି ସେଥିପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଅଧିକାରୀମାନଙ୍କ ସହ ସମୟ ସମୟରେ ବୈଠକ କରାଯାଇ ପରିସ୍ଥିତିର ଆଲୋଚନା କରାଯାଉଛି। ଗ୍ୟାସ୍ କଳାବଜାରୀ ଓ ଅବୈଧ ଭାବେ ରିଫିଂକେଲିଙ୍ଗ କରି ବିକ୍ରୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଏପରି କାର୍ଯ୍ୟକଳାପ ଉପରେ ବିଶେଷ ନଜର ରଖାଯାଉଛି ଏବଂ ଦୋଷୀ ସାବ୍ୟସ୍ତ ହେଲେ ଆଇନ ଅନୁସାରେ କଠୋର ପଦକ୍ଷେପ ନିଆଯିବ। ଜିଲା ପ୍ରଶାସନ ଗ୍ରାହକମାନଙ୍କୁ ଅନାବଶ୍ୟକ ଭାବେ ଗ୍ୟାସ ସିଲିଣ୍ଡର ସଂଗ୍ରହ ନ କରିବାକୁ ଓ ଯୋଗାଣ ତଥା ବୁକିଂ ବାବଦରେ କୌଣସି ଗୁଜବରେ ବିଶ୍ୱାସ ନ କରିବାକୁ ଅନୁରୋଧ କରିଛି।

# ଜେଲ ଗଲେ ଏସ୍‌ଡିଓ

## ଆୟଠାରୁ ୩୩୪ ପ୍ରତିଶତ ଅଧିକ ସମ୍ପତ୍ତି ଠାବ

ବ୍ରହ୍ମପୁର/ଭଞ୍ଜନଗର,୨୭।୩ (ସୁବାସ ଚନ୍ଦ୍ର ପାଢ଼ୀ/ବାବୁଲା ପ୍ରଧାନ)



ଗିରଫ ଏସ୍‌ଡିଓ ପଞ୍ଚୁ ବେହେରା

ଗଞ୍ଜାମ ଜିଲା ଭଞ୍ଜନଗର ଡହ ମଧ୍ୟମ ଜଳସେଚନ ପ୍ରକଳ୍ପ ଏସ୍‌ଡିଓ ପଞ୍ଚୁ ବେହେରାଙ୍କୁ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ଗିରଫ କରିଛି। ତାଙ୍କର ଠାବ ହୋଇଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଆୟଠାରୁ ଶତକଡା ୩୩୪ ପ୍ରତିଶତ ଅଧିକ ବୋଲି ଶୁକ୍ରବାର ଭିଜିଲାନ୍ସ ଏସ୍‌ପି ପ୍ରଦୀପ କୁମାର ପ୍ରଧାନ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅଭିଯୁକ୍ତ ଏସ୍‌ଡିଓ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ନଂ.୩/୨୬ରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ ହୋଇଛି। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆସନ୍ତା ୨ ତାରିଖରେ ଉକ୍ତ ମାମଲାର ସିଡି ଦାଖଲ ପାଇଁ କୋର୍ଟ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଛନ୍ତି।

ଘର ତଲାସି ବେଳେ ଏସ୍‌ଡିଓ ପଞ୍ଚୁ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ କୋଟି କୋଟି ଟଙ୍କା ମୂଲ୍ୟର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଥିବା ଠାବ କରାଯାଇଥିଲା। ବ୍ରହ୍ମପୁର ବସନ୍ତ ବିହାରରେ ୩ ମହଲା କୋଠା, ବ୍ରହ୍ମପୁର ସହର ଏବଂ ଏହାର ଆଖପାଖରେ ୫ଟି ମୂଲ୍ୟବାନ ପ୍ଲଟ୍, ନଗଦ ୧୮ ଲକ୍ଷ ୯୦ ହଜାର ୮୦୦ଟଙ୍କା (ବ୍ରହ୍ମପୁରର ଆବାସିକ ଘରୁ ୧୫.୧୩ ଲକ୍ଷ ଏବଂ ଭଞ୍ଜନଗରର ସରକାରୀ କ୍ୱାର୍ଟର୍ସରୁ ୩ ଲକ୍ଷ ୭୨ହଜାର ୮୦୦), ୧୭୮ ଗ୍ରାମ୍‌ର ସୁନା କଏନ୍ ସମେତ ୫୬୮ ଗ୍ରାମ ଓଜନର ସୁନା ଅଳଙ୍କାର, ପ୍ରାୟ ୯୦ ଲକ୍ଷ ଟଙ୍କା ମୂଲ୍ୟର ବ୍ୟାଙ୍କ, ଡାକ ଏବଂ ବୀମା ଜମା, ୨୦୨୪ରେ ୫୭ ଲକ୍ଷ ଟଙ୍କାରେ କିଣାଯାଇଥିବା ଗୋଟିଏ ଆଜାକ୍ସ ଏଗ୍ରୋ ୪୩୦୦ କଂକ୍ରିଟ ମିକ୍ସର ମେଶିନ, ୨୦୨୫ରେ ୩୭ ଲକ୍ଷ ଟଙ୍କାରେ କିଣାଯାଇଥିବା ଗୋଟିଏ ହୁଣ୍ଡାଇ ଏକ୍ସକାଭେଟର ମେଶିନ, ଗୋଟିଏ କାର୍ (ହୁଣ୍ଡାଇ ଆଇ-୨୦) ଏବଂ ୩ଟି ବାଇକ୍, ପ୍ରାୟ ୮.୫୭ ଲକ୍ଷ ଟଙ୍କାର ଘରୋଇ ଜିନିଷପତ୍ର ରହିଥିବା ଆକଳନ କରାଯାଇଥିଲା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୁରୁବାର ଭୋର୍ ୫ଟାରେ ଭିଜିଲାନ୍ସ ଟିମ୍ ପଞ୍ଚୁଙ୍କ ସରକାରୀ କ୍ୱାର୍ଟର୍ସ ଓ ଚାମ୍ବରରେ ପଶିଥିଲା। ସମାନ ସମୟରେ ବ୍ରହ୍ମପୁର ବସନ୍ତବିହାର ଚତୁର୍ଥ ଗଳିରେ ଥିବା ତାଙ୍କ ଘରେ ଆଉ ଗୋଟିଏ ଟିମ୍ ଚଢ଼ାଉ କରିଥିଲା । ଏହାବାଦ ପୋଲସରାର ପୈତୃକ ଘର ଓ ବ୍ରହ୍ମପୁର ବୀମାନଗରରେ ଥିବା ସମ୍ପର୍କୀୟଙ୍କ ଘରେ ମଧ୍ୟ ଯାଞ୍ଚ ହୋଇଥିଲା। ପଞ୍ଚୁ କ୍ୱାର୍ଟର୍ସରେ ଥିଲା ବେଳେ ବ୍ରହ୍ମପୁର ଘରେ ତାଙ୍କ ସ୍ତ୍ରୀ ଓ ଅନ୍ୟ ସଦସ୍ୟ ଥିଲେ। ୩ ଡିଏସପି ଓ ୭ ଇନ୍ସପେକ୍ଟରଙ୍କ ସହ ଅନ୍ୟ ଅଧିକାରୀ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଅଭିଯୁକ୍ତ ପଞ୍ଚୁ ୨୦୧୧ ସେପ୍ଟେମ୍ବର ୨୭ ତାରିଖରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ସହକାରୀ ଯନ୍ତ୍ରୀ ଭାବେ ବିଭିନ୍ନ ଜିଲାରେ କାମ କରିବା ପରେ ସେ ୨୦୨୨ ଏପ୍ରିଲରେ ଜଳସେଚନ ବିଭାଗକୁ ବଦଳି ହୋଇ ଏସ୍‌ଡିଓ ଭାବେ ନିଯୁକ୍ତ ହୋଇଥିଲେ। ମାତ୍ର ୯୩୦୦ ଟଙ୍କା ଦରମାରେ ଚାକିରି ଆରମ୍ଭ କରିଥିବା ପଞ୍ଚୁ ଏତେ ସମ୍ପତ୍ତି କେମିତି ଠୁଳ କଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

# ଢାବା ମାଲିକ, କର୍ମଚାରୀ ଗିରଫ

ବାଲୁଗାଁ,୨୭।୩(ସଂଗ୍ରାମ ପାଇକରାୟ)

**ଦିବ୍ୟାଙ୍ଗ କର୍ମଚାରୀଙ୍କୁ ହତ୍ୟା ମାମଲା**

**ମୋବାଇଲ ଦେଖା ହେଲା କାଳ**



ଗିରଫ ୨ ଅଭିଯୁକ୍ତ।

ଖୋର୍ଦ୍ଧା ଜିଲା ବାଲୁଗାଁ ବାଇପାସ୍ ରାସ୍ତାର ସୁବୁଦ୍ଧିପାଟଣା ଛକ ନିକଟ ପଣ୍ଡା ଢାବାର ଦିବ୍ୟାଙ୍ଗ କର୍ମଚାରୀ ପପୁ ଦଳବେହେରା(୨୨)ଙ୍କ ହତ୍ୟା ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ତଥା ପପୁଙ୍କ ସାଥୀ କର୍ମଚାରୀ ଶାନ୍ତନୁ ପ୍ରଧାନ ଏବଂ ଅନ୍ୟତମ ଅଭିଯୁକ୍ତ ଢାବା ମାଲିକ ମନୋରଞ୍ଜନ ବେହେରା। ଏଥିସହ ହତ୍ୟାରେ ବ୍ୟବହୃତ ଛୁରି ଓ ଗୋଟିଏ ଗାମୁଛାକୁ ଢାବା ପାର୍ଶ୍ୱସ୍ଥ ଏକ ବୁଦାମୂଳରୁ ପୋଲିସ ଜବତ କରିଛି। ମୋବାଇଲ ଫୋନ୍ ଦେଖାକୁ ନେଇ ପପୁଙ୍କ ସହ ବଚସା ହେବା ପରେ ଏହି ହତ୍ୟାକାଣ୍ଡ ଘଟାଇଥିବା ଅଭିଯୁକ୍ତ ଶାନ୍ତନୁ ସ୍ୱୀକାର କରିଛନ୍ତି। ସେହିପରି ଘଟଣାକୁ ଭିନ୍ନମୋଡ଼ ଦେବା ପାଇଁ ମନୋରଞ୍ଜନ ପ୍ରମାଣ ନଷ୍ଟ ଉଦ୍ୟମ କରିଥିଲେ ବୋଲି ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ଶୁକ୍ରବାର ପୂର୍ବାହ୍ନରେ ପୋଲିସ ଶାନ୍ତନୁଙ୍କୁ ଘଟଣାସ୍ଥଳକୁ ଆଣି କ୍ରାଇମ ସିନ୍ ରିକ୍ରିଏଶନ କରିଥିଲା। ସେ କିପରି ହତ୍ୟାକାଣ୍ଡ ଘଟାଇଥିଲେ ସବୁ ଗୋଟି ଗୋଟି କରି ବଖାଣିଥିଲେ।

ସୂଚନା ମୁତାବକ, ସ୍ଥାନୀୟ ବିଧାରପୁର ଗ୍ରାମର ମନୋରଞ୍ଜନଙ୍କ ଢାବାରେ ବାଣପୁର ଥାନା ଅଧୀନ ଏକଡାଳିଆ ଗ୍ରାମର ପପୁ ଏବଂ ମଙ୍ଗରାଜପୁର ଗ୍ରାମର ଶାନ୍ତନୁ ତିନିମାସ ହେଲା କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଦୁଇଦିନ ତଳେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଘଟଣା ଦିନ ବିଳମ୍ବିତ ରାତ୍ରିରେ ଶାନ୍ତନୁ ଶୋଇପଡ଼ିବା ପରେ ତାଙ୍କ ମୋବାଇଲ ଆଣି ପପୁ ଦେଖୁଥିଲେ। ଶାନ୍ତନୁ ଏହା ଜାଣିବା ପରେ ତାଙ୍କୁ ବାରଣ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରଥମେ ବଚସା ଓ ପରେ ହାତାହାତି ହୋଇଥିଲା। ଉତ୍ତକ୍ଷିପ୍ତ ହୋଇ ଶାନ୍ତନୁ ଏକ ଭଙ୍ଗାକାଚରେ ପପୁଙ୍କ ବେକକୁ ଆକ୍ରମଣ କରିଥିଲେ। ପପୁ ରକ୍ତାକ୍ତ ଅବସ୍ଥାରେ ବାହାରକୁ ଦୌଡ଼ିଥିଲେ। ଶାନ୍ତନୁ ତାଙ୍କ ପଛରେ ଗୋଡ଼ାଇ ଏକ ଧାରୁଆ ଛୁରିରେ ବିଲ ଭିତରେ ତାଙ୍କ ବେକକୁ ଅତି ନୃଶଂସ ଭାବେ କାଟିଦେଇଥିଲେ। ଘଟଣାସ୍ଥଳରେ ପପୁଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଅଭିଯୁକ୍ତ ରାତି ପ୍ରାୟ ୪ଟାରେ ଢାବା ମାଲିକଙ୍କୁ ଫୋନ କରି ପପୁ କୁଆଡ଼େ ପଳାଇଥିବା କହିଥିଲେ। ମାଲିକ ମନୋରଞ୍ଜନ ଢାବାରେ ପହଞ୍ଚି ଏକାଧିକ ସ୍ଥାନରେ ରକ୍ତଛିଟା ପଡ଼ିଥିବା ଦେଖିବା ପରେ ଶାନ୍ତନୁ ସବୁ କଥା ମାନିଯାଇଥିଲେ। ତେବେ ଢାବା ବଦ୍‌ନାମ ନ ହେବା ପାଇଁ ସେ ଘଟଣାକୁ ଭିନ୍ନମୋଡ଼ ଦେବା ଉଦ୍ଦେଶ୍ୟରେ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ। ପରଦିନ ସକାଳେ ସେ ପପୁଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାଲୁଗାଁ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ପପୁଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଅଭିଯୋଗ ଭିତ୍ତିରେ ବାଲୁଗାଁ ପୋଲିସ ଏକ ହତ୍ୟା ମାମଲା (ନଂ. ୧୧୬/୨୬) ରୁଜୁ କରିଥିଲା। ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ ଏବଂ ଥାନା ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯାଇ ଏହି ହତ୍ୟାକାଣ୍ଡର ପର୍ଦ୍ଦାଫାଶ୍ କରାଯାଇଛି।

# ଯୁବକଙ୍କୁ ପିଟି ହତ୍ୟା ପରେ ପୋଡ଼ିଦେବାକୁ ଉଦ୍ୟମ

ଭୁବନ,୨୭।୩ (ବିପିନ ବିହାରୀ ସେଠୀ)

**ଅଭିଯୁକ୍ତଙ୍କୁ ପୋଲିସର ଜିମା ଦେଲେ ଗ୍ରାମବାସୀ**

ଢେଙ୍କାନାଳ ଜିଲା ଭୁବନ ଥାନା କୁସ୍ତପୁର ଗ୍ରାମ ନୂଆସାହିର ତରୁଣ ମହାନ୍ତଙ୍କ ପୁଅ ମଣ୍ଟୁ ମହାନ୍ତ (୩୨)ଙ୍କୁ ସେହି ଗ୍ରାମର ତ୍ରିଲୋଚନ ମହାନ୍ତ (୪୧)ଙ୍କ ସମେତ କେତେଜଣ ଯୁବକ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶୁକ୍ରବାର ସନ୍ଧ୍ୟାରେ ପିଟି ହତ୍ୟା କରିଛନ୍ତି। ପରେ ମଣ୍ଟୁଙ୍କ ମୃତଦେହକୁ ତ୍ରିଲୋଚନ ଘୋଷାରି ନେଇ ଘରଠାରୁ କିଛି ଦୂରରେ ନିଆଁ ଲଗାଇ ପୋଡ଼ିଦେବାକୁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ ତ୍ରିଲୋଚନଙ୍କୁ କାବୁ କରି ମାଡ଼ ମାରିଥିବା ଜଣାପଡ଼ିଛି। ଏ ନେଇ ଭୁବନ ପୋଲିସ୍‌କୁ ଖବର ଦେବା ପରେ ଥାନା ଅଧିକାରିଣୀ ରେଣୁବାଳା ସାହୁ ଓ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୁଖ୍ୟ ଅଭିଯୁକ୍ତ ତ୍ରିଲୋଚନଙ୍କୁ ନିଜ ହେପାଜତକୁ ନେଇଥିଲେ। ତ୍ରିଲୋଚନଙ୍କ ଦେହ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ଭୁବନ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ ଡାକ୍ତରଖାନାରେ ପହଞ୍ଚି ଅଭିଯୁକ୍ତଙ୍କୁ ପଚରାଉଚରା କରିଥିଲେ। ପରେ ଅଧିକ ଚିକିତ୍ସା ପାଇଁ ତ୍ରିଲୋଚନଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଶନିବାର ସାଇଣ୍ଟିଫିକ୍ ଟିମ୍ ଆସିବା ପରେ ଅଧିକ ତଦନ୍ତ କରାଯିବ ବୋଲି ଥାନା ଅଧିକାରିଣୀ କହିଛନ୍ତି।

# ପାରିବାରିକ କଳହରୁ ଆତ୍ମାହୁତି ଉଦ୍ୟମ

ଭୁବନେଶ୍ୱର,୨୭।୩(ତ୍ରିନାଥ ମହାନ୍ତି)

- **ପେଟ୍ରୋଲ ଢାଳି ଦେହରେ ନିଆଁ ଲଗାଇଦେଲେ**
- **ଗୁରୁତର ଅବସ୍ଥାରେ ଏମ୍‌ସକୁ ସ୍ଥାନାନ୍ତର**

ପାରିବାରିକ କଳହକୁ କେନ୍ଦ୍ର କରି କ୍ୟାପିଟାଲ ଥାନା ଅନ୍ତର୍ଗତ ରାଜମହଲ ଛକସ୍ଥିତ କଟକ ସୁଇଟ୍ସ ଦୋକାନ ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ବ୍ୟକ୍ତି ଆତ୍ମାହୂତି ଉଦ୍ୟମ କରିଛନ୍ତି। ନିଜ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ଆହତ ବ୍ୟକ୍ତି ହେଲେ କେଦାରପଲ୍ଲୀ ବସ୍ତିର ସୁଶାନ୍ତ ନାୟକ(୫୦)। କେଉଁ ପରିସ୍ଥିତିରେ ସେ ନିଜ ଦେହରେ ନିଆଁ ଲଗାଇଲେ ସେନେଇ ପୋଲିସ ତଦନ୍ତ କରୁଛି। ତାଙ୍କ ପରିବାର ଲୋକଙ୍କୁ ପୋଲିସ ଥାନାକୁ ଡାକି ପଚରାଉଚରା କରୁଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ସୁଶାନ୍ତ ସ୍ୱେରେଜ କାମ କରିବା ସହ କେଦାରପଲ୍ଲୀ ବସ୍ତିରେ ପରିବାର ସହ ରହୁଛନ୍ତି। ତାଙ୍କର ଦୁଇଟି ପୁଅ ଏବଂ ଦୁଇଟି ଝିଅ ଅଛନ୍ତି। କୌଣସି କାରଣକୁ ନେଇ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଫଳରେ ସ୍ତ୍ରୀ ତାଙ୍କୁ ଛାଡ଼ି ପଳାଇଥିଲେ। ଏହାକୁ ନେଇ ସେ ମାନସିକ ଦୁଶ୍ଚିନ୍ତାରେ ରହିଥିଲେ। ଶୁକ୍ରବାର ସନ୍ଧ୍ୟାରେ ସୁଶାନ୍ତ ନିଶାଗ୍ରସ୍ତ ଅବସ୍ଥାରେ ପେଟ୍ରୋଲ ଧରି ରାଜମହଲ ଛକ ନିକଟକୁ ଆସିଥିଲେ। କଟକ ସୁଇଟ୍ସ ମିଠା ଦୋକାନ ଆଗରେ ନିଜ ଦେହରେ ପେଟ୍ରୋଲ ଢ଼ାଳିବା ପରେ ଲାଇଟରରେ ନିଆଁ ଲଗାଇ ଦେଇଥିଲେ। ନିଆଁ ଲାଗିଯିବା ପରେ ହୁତୁହୁତୁ ଜଳୁଥିବା ସୁଶାନ୍ତ ଚିତ୍କାର କରି ଜୀବନ ବଞ୍ଚାଇବାକୁ ଏଣେତେଣେ ଦୌଡ଼ିଥିଲେ। ସେଠାରେ ଉପସ୍ଥିତ ଥିବା ଲୋକେ କପଡ଼ା ଘୋଡାଇ ନିଆଁକୁ ଆୟତ କରିଥିଲେ। ସେତେବେଳକୁ ତାଙ୍କ ଶରୀର ଅଧିକଂଶ ଅଙ୍ଗ ପୋଡିଯାଇଥିଲା। ଗୁରୁତର ଅବସ୍ଥାରେ ତଳେ ପଡ଼ିଥିବା ବେଳେ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲା।

### ୭ଦିନ ତଳେ ସମାନ ଘଟଣା ଘଟିଥିଲା

ପାରିବାରିକ କଳହକୁ କେନ୍ଦ୍ରକରି ୭ଦିନ ତଳେ ଲକ୍ଷ୍ମୀସାଗର ଥାନା ମଣ୍ଡପସାହିରେ ସମାନ ଘଟଣା ଘଟିଥିଲା। ୨୦ ତାରିଖ ରାତିରେ ସୁନା ଦାଶ ନିଜ ଦେହରେ ପେଟ୍ରୋଲ ପକାଇ ନଆଁ ଲଗାଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ଏବେ ମଧ୍ୟ ଚିକିତ୍ସାଧୀନ ଅଛନ୍ତି। ପାରିବାରିକ କଳହ ଏବେ ଉଗ୍ରରୂପ ନେଉଛି। ଯେଉଁଥିପାଇଁ ଅନେକ ଲୋକ ଜୀବନ ହାରିବାକୁ ମଧ୍ୟ ପଛାଉନାହାନ୍ତି। କୋର୍ଟରେ ବିବାହ ବିଚ୍ଛେଦ ମାମଲା ସହ ଆତ୍ମହତ୍ୟା ବା ଆତ୍ମାହୁତି ଘଟଣା ବଢ଼ି ଚାଲିଛି। ସ୍ୱାମୀସ୍ତ୍ରୀ ଉଭୟ ପରସ୍ପରକୁ ସମୟ ଦେବା ସହ ଉତ୍ତମ ବୁଝାବଣା ରହିଲେ ସବୁ ଠିକ୍‌ଠାକ ଚାଲିବ ବୋଲି ପୋଲିସ ପରାମର୍ଶ ଦେଇଛି।

## ରାଜ୍ୟ ଖବର

# ତାଲିକାରୁ ଯୋଗ୍ୟ ପ୍ରାର୍ଥୀଙ୍କ ନାମ ଗାଏବ

ଛତ୍ରପୁର,୨୭।୩(ଦିଲୀପ ସାମଲ)

**ଗଞ୍ଜାମ ହୋମଗାର୍ଡ ଚୟନରେ ଅନିୟମିତତା ଅଭିଯୋଗ**

**କ୍ରମିକ ସଂଖ୍ୟା ୭୨ରେ ରମେଶଙ୍କ ସ୍ଥାନରେ ରହିଛି ଆଉ ଜଣକ ନାମ**



| | | | | |
|---|---|---|---|---|
| | | GOUDA, AT-RAJPUR, PO/PS-CHATRAPUR | M | COMPUTER |
| 66 | 3335 | SUSANTA KUMAR SAHU S/O- HARISH CHANDRA SAHU, AT-PURUSHOTTAMNAGAR, PO/PS- CHATRAPUR | | |
| 67 | 2780 | B.KARISMA REDDY D/O- SUSHANTA KUMAR MISHRA, AT-RAMAHARI NAGAR, CHATRAPUR, PS- CHATRAPUR | F | COMPUTER |
| 68 | 3060 | NARMADA BEHERA D/O- LAXMAN BEHERA, AT- DHOBA SAHI, PURUNA CHATRAPUR, PO/PS- CHATRAPUR | F | COMPUTER |
| 69 | 3813 | KRUSHNA CHANDRA DAKUA S/O- SANTOSH DAKUA, AT- BADA SADARA PO/PS- GANGAPUR | M | COMPUTER |
| 70 | 3918 | SONALI SWAIN D/O- KANGRESS SWAIN AT-BADASADAR PO/PS- GANGAPUR | F | COMPUTER |
| 71 | 4149 | MANOJ KUMAR BEHERA S/O- GURUNATH BEHERA, AT- TELUGU NUAGAON PO- NUA GAON PS- GANJAM | M | COMPUTER |
| 72 | 4379 | RAMESH BEHERA S/O- HARI BEHERA, AT-PURUNABANDA PO- PALIBANDA PS- GANJAM | M | COMPUTER |
| 73 | 4500 | RAMAKRISHANA SAHU S/O- NARAYAN SAHU, AT- MOHAN COLONY PO/PS- HINJILI | M | COMPUTER |
| 74 | 4576 | GANESH DAKUA S/O- BIDESI DAKUA, AT-NIMIGAON DARUBHADRA PO- SASANA AMBAGAON PS- HINJILI | M | COMPUTER |
| 75 | 4664 | MANASMITA BEHERA D/O-SUBASH CH.BEHERA, AT/PO/PS- J.N PRASAD | F | COMPUTER |
| 76 | 5044 | SUMANTA RAUTA S/O- NARUSU RAUTA, | M | COMPUTER |

ପ୍ରକାଶିତ ମେଧା ତାଲିକାରେ କ୍ରମିକ ସଂଖ୍ୟା ୭୨ରେ ରହିଥିବା ରମେଶଙ୍କ ନାମ।

ଗଞ୍ଜାମ ଜିଲା ହୋମଗାର୍ଡ ନାମଲେଖା ପ୍ରକ୍ରିୟାରେ ଏକ ସାଂଘାତିକ ତ୍ରୁଟି ସାମ୍ନାକୁ ଆସିଛି, ଯାହା ଚୟନ ପ୍ରକ୍ରିୟାର ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲା କମାଣ୍ଡାଣ୍ଟଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ଚିଠି ସଂଖ୍ୟା ୧୬୫/ଏଚଜିଏସ୍, ତାରିଖ ୨୬।୩।୨୦୨୬ ଅନୁଯାୟୀ, ରାଜ୍ୟ ହୋମଗାର୍ଡ ନିର୍ଦ୍ଦେଶାଳୟର ଅନୁମୋଦନକ୍ରମେ ୧୩୫ ଜଣଙ୍କୁ ୩ ବର୍ଷ ପାଇଁ ଅସ୍ଥାୟୀ ଭାବେ ହୋମଗାର୍ଡ ରୂପେ ଚୟନ କରାଯାଇଥିବା ସମ୍ପର୍କିତ ତାଲିକାର ଏକ ପିଡିଏଫ୍ ମୋବାଇଲରୁ ମୋବାଇଲ ଘୁରି ବୁଲୁଥିଲା। ଏହି ପିଡିଏଫ୍ କିପରି ପ୍ରାର୍ଥୀଙ୍କ ମୋବାଇଲକୁ ଆସିଲା ତାହା ଆଲୋଚନାର ବିଷୟ ହୋଇଥିବା ବେଳେ ଉକ୍ତ ମେଧା ତାଲିକାର କ୍ରମିକ ସଂଖ୍ୟା ୭୨ରେ ଗଞ୍ଜାମ ଥାନା ଅନ୍ତର୍ଗତ ପାଲିବନ୍ଧ ପଞ୍ଚାୟତର ପୁରୁଣାବନ୍ଧ ଗ୍ରାମର ହରି ବେହେରାଙ୍କ ପୁଅ ରମେଶ ବେହେରାଙ୍କ ନାମ ଉଲ୍ଲେଖ ଥିଲା। ରମେଶ ଜଣେ ଉଚ୍ଚଶିକ୍ଷିତ ଏବଂ ସେ ଲିଖିତ, ଶାରୀରିକ ଓ ଦକ୍ଷତା ପରୀକ୍ଷାରେ ସଫଳତା ହାସଲ କରିଥିଲେ।

ମାତ୍ର ଶୁକ୍ରବାର ରମେଶ ଯେତେବେଳେ ଆବଶ୍ୟକ ଦଲିଲ ଯାଞ୍ଚ ପାଇଁ କାର୍ଯ୍ୟାଳୟରେ ପହଞ୍ଚିଲେ ସେଠାରେ ଅଧିକାରୀମାନେ ତାଙ୍କ ନାମ ତାଲିକାରେ ନ ଥିବା କହିଥିଲେ। ସେ ନିଜେ ଯାଞ୍ଚ କରି ଜାଣିବାକୁ ପାଇଲେ ଯେ, ପୂର୍ବରୁ ତାଙ୍କ ନାମ ଥିବା ୭୨ ନମ୍ବର ସ୍ଥାନରେ ଏବେ ଅନ୍ୟ ଜଣେ ପ୍ରାର୍ଥୀଙ୍କ ନାମ ରହିଛି। ଏ ସମ୍ପର୍କରେ ରମେଶ ଅଧିକାରୀମାନଙ୍କୁ ପଚାରିବାରୁ ସେମାନେ ଏହାକୁ ଏକ 'ଟାଇପିଂ ମିଷ୍ଟେକ୍' ବୋଲି କହି ନିଜ ଦୋଷ ଛଡ଼ାଇବାକୁ ଚେଷ୍ଟା କରିଥିଲେ। ନ୍ୟାୟ ଆଶାରେ ସେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇଥିଲେ ମଧ୍ୟ ଏସ୍‌ପି ଅନୁପସ୍ଥିତ ଥିବାରୁ ଡିଏସ୍‌ପିଙ୍କୁ ଭେଟିଥିଲେ। ମାତ୍ର ଡିଏସ୍‌ପି ରମେଶଙ୍କ ଅଭିଯୋଗ ପତ୍ରକୁ ଗ୍ରହଣ କରି ନ ଥିଲେ। ଆସନ୍ତା ସୋମବାର ଏସ୍‌ପିଙ୍କୁ ସାକ୍ଷାତ କରିବାକୁ ସେ କହିଥିଲେ। ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯଦି ତାଙ୍କୁ ନ୍ୟାୟ ନ ମିଳେ, ତେବେ ସେ ମୁଖ୍ୟମନ୍ତ୍ରୀ ଓ ଡିଜିପିଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

# ବିଲରେ ଟଳିପଡ଼ିଲେ ଚାଷୀ

**ମନୋରଞ୍ଜନଙ୍କ ଚକ୍ଷୁ ଦାନ କଲେ ପରିବାର ଲୋକେ**

ବାଲିପାଟଣା,୨୭।୩(ଅଭିମନ୍ୟୁ ନାୟକ)

ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ଥାନା ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଛି। ଶୁକ୍ରବାର ସକାଳେ ଗାରେଡ଼ିପାଞ୍ଚଣ ଗ୍ରାମର ଜଣେ ଚାଷୀ କ୍ଷେତରେ କାମ କରୁଥିବାବେଳେ ହଠାତ୍ ଟଳିପଡ଼ିଛନ୍ତି। ମୃତକ ହେଲେ ମନୋରଞ୍ଜନ ବାରିକ ଓରଫ ବିଜୟ (୫୨)। ଆସନ୍ତା ଏପ୍ରିଲରେ ତାଙ୍କ ଝିଅ ବାହାଘର ହେବାକୁ ଦିନଧାର୍ଯ୍ୟ ହୋଇଥିଲା। ତାଙ୍କ ମୃତ୍ୟୁ ଯୋଗୁ ପରିବାର ସଦସ୍ୟମାନେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ଅନ୍ୟପକ୍ଷରେ ପରିବାର ଲୋକେ ମନୋରଞ୍ଜନଙ୍କ ଚକ୍ଷୁ ଦାନ କରିଛନ୍ତି।

ସୂଚନା ଅନୁଯାୟୀ, ମନୋରଞ୍ଜନ ପ୍ରତିଦିନ ଭଳି ଶୁକ୍ରବାର ସକାଳେ କ୍ଷେତକୁ କାମ କରିବା ପାଇଁ ଯାଇଥିଲେ। କିଛି ସମୟ କାମ କରିବା ପରେ ସେ ହଠାତ୍ ଅସୁସ୍ଥ ଅନୁଭବ କରି ଟଳିପଡ଼ିଥିଲେ। ସ୍ଥାନୀୟ ଲୋକେ ଦେଖି ତାଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ରାଜ୍ୟ ସରକାରଙ୍କ ଚକ୍ଷୁ ବ୍ୟାଙ୍କକୁ ପରିବାର ଲୋକେ ତାଙ୍କ ଚକ୍ଷୁ ଦାନ କରିଛନ୍ତି। ବାଲିପାଟଣା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ତଦନ୍ତ ଜାରି ରଖିଛି। ପ୍ରାଥମିକ ତଦନ୍ତରୁ ହୃଦ୍‌ରୋଗ କିମ୍ବା ଅତ୍ୟଧିକ କ୍ଲାନ୍ତି ଯୋଗୁ ଅଂଶୁଘାତରେ ମନୋରଞ୍ଜନଙ୍କ ଅକସ୍ମାତ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଏହି ଘଟଣାକୁ ନେଇ ଗାଁରେ ଶୋକର ଛାୟା ଖେଳିଯାଇଛି। ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଆନ୍ଦୋଳନରତ ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ

କାମାକ୍ଷାନଗର,୨୭।୩ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ମଣ୍ଡିରେ ଧାନ କିଣାରେ ଅବ୍ୟବସ୍ଥା ଅଭିଯୋଗ କରି ଚାଷୀମାନେ ଶୁକ୍ରବାର ଆନ୍ଦୋଳନ କରିଛନ୍ତି। ଶତାଧିକ ଚାଷୀ ଧାନବିକ୍ରିରୁ ବଞ୍ଚିତ ହୋଇଥିବାରୁ ସେବା ସମବାୟ ସମିତି ଆଗରେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ର ରଖି ଧାରଣାରେ ବସିଛନ୍ତି। କେତେଜଣ ଚାଷୀ ସାଙ୍ଗରେ ଆଣିଥିବା ଡିଜେଲ ଧରି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିବା ଜଣାପଡ଼ିଛି। ତେବେ ସେମାନଙ୍କଠାରୁ ପୋଲିସ ଡିଜେଲ୍ ଛଡ଼ାଇ ନେଇଥିବା ଜଣାପଡ଼ିଛି।

କଙ୍କଡାହାଡ଼ ସେବା ସମବାୟ ସମିତିରେ ୧୨୫୦ ଚାଷୀ ପଞ୍ଜୀକରଣ କରିଥିଲେ। ୮୦୨ ଜଣ ଚାଷୀ ୩୫ ହଜାର କୁଇଣ୍ଟାଲ ଧାନ ବିକ୍ରି କରିଥିଲା ବେଳେ ୪୪୮ ଜଣ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କୁ ଟୋକନ ମିଳିଥିଲା ବେଳେ ସେମାନଙ୍କ ଧାନ କିଣାଯାଉନାହିଁ। ପଞ୍ଜୀକୃତ ହୋଇଥିବା ୧୨୫୦ ଚାଷୀଙ୍କଠାରୁ ୪୪ ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ଟୋକନ ଦିଆଯାଇଥିଲା। ଧାନ ବିକ୍ରିରୁ ବଞ୍ଚିତ ୪୪୮ ଚାଷୀଙ୍କ ପାଇଁ ୯୦୦୦ କୁଇଣ୍ଟାଲ ଧାନ କିଣିବାକୁ ଥିବା ବେଳେ ମିଲରଙ୍କ ଅବହେଳାରୁ ଧାନ କିଣା ଯାଉ ନ ଥିବା ସେବା ସମବାୟ ସମିତି ପକ୍ଷରୁ କୁହାଯାଇଛି। ଚାଷୀମାନେ ଅଭିଯୋଗ କରିଛନ୍ତି, ଫେବୃଆରୀ ୧୭ରେ ଟୋକନ ଆସିଥିବା ବେଳେ ଆଜି ପର୍ଯ୍ୟନ୍ତ ଧାନ ବିକ୍ରି ହେଇପାରୁ ନାହିଁ। ଟୋକନ ଅବଧିର ଶେଷ ତାରିଖ ମାର୍ଚ୍ଚ ୩୧ ଥିବା ବେଳେ ଏପର୍ଯ୍ୟନ୍ତ ଧାନ କିଣାଯାଇପାରି ନାହିଁ। ତେଣୁ ଶୁକ୍ରବାର ଶତାଧିକ ଚାଷୀ ଏକତ୍ରିତ ହୋଇ ସେବା ସମବାୟ ସମିତି ସମ୍ମୁଖରେ ଆନ୍ଦୋଳନ କରିଥିଲେ। କେତେଜଣ ଚାଷୀ ସାଙ୍ଗରେ ଆଣିଥିବା ଡିଜେଲ ଧରି ଆତ୍ମହତ୍ୟା କରିବା ପାଇଁ ଉଦ୍ୟମ କରିଥିଲେ। କଙ୍କଡାହାଡ଼ ପୋଲିସ ପହଞ୍ଚି ଚାଷୀଙ୍କୁ ଆନ୍ଦୋଳନରୁ ହଟିବା ପାଇଁ ବୁଝାଶୁଝା କରିଥିଲେ। ତହସିଲଦାର ସୌଦାମିନୀ ନାୟକ, ଥାନା ଅଧିକାରୀ କଳ୍ପନା ବେହେରା ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଛନ୍ତି। ତହସିଲଦାର, ଥାନା ଅଧିକାରୀଙ୍କ ଉପସ୍ଥିତିରେ ଚାଷୀମାନଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇ ଧାନ ବିକ୍ରି କରିବା ପାଇଁ ଆଲୋଚନା ହୋଇଥିଲା। ଧାନ ବିକ୍ରିରୁ ବଞ୍ଚିତ ଚାଷୀମାନେ ୩୦ ପ୍ରତିଶତ ଧାନ ବିକ୍ରି କରିବା ପାଇଁ ଆଲୋଚନା ହୋଇଥିଲା ବେଳେ ଚାଷୀମାନେ ସମ୍ପୂର୍ଣ୍ଣ ଧାନ ବିକ୍ରି ଜିଦ୍‌ରେ ଅଟଳ ରହିଥିଲେ। ମଣ୍ଡିରେ ଧାନ ବିକ୍ରି ନ ହେଲେ ଆଗକୁ ଆନ୍ଦୋଳନ ତୀବ୍ରତର କରାଯିବ।

# ଏସ୍‌ସିବିରେ ସରିଲା ୫ ସ୍ୱତନ୍ତ୍ର ଟିମ୍‌ର ଯାଞ୍ଚ

କଟକ,୨୭।୩(ଶିକ୍ଷା ପ୍ରିୟଦର୍ଶିନୀ)

**ଅଗ୍ନିକାଣ୍ଡଜନିତ ମୃତ୍ୟୁ ଘଟଣା**

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣା ପରେ ମେଡିକାଲର ସମସ୍ତ କୋଠାର ଯାଞ୍ଚ ପାଇଁ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ୫ଟି ସ୍ୱତନ୍ତ୍ର ଟିମ୍ ଗତ ସୋମବାରଠାରୁ ଆରମ୍ଭ କରି ମେଡିକାଲ, କଲେଜ ଓ ହଷ୍ଟେଲରେ ଥିବା ୮୫ଟି କୋଠାର ଯାଞ୍ଚ ପ୍ରକ୍ରିୟା ଶେଷ କରିଛନ୍ତି। ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଟିମ୍‌ରେ ଥିବା ବିଭାଗୀୟ ଅଧିକାରୀମାନେ କୋଠାର ସମସ୍ୟା ସମ୍ପର୍କରେ ଏକ ବୈଠକରେ ଆଲୋଚନା କରିଛନ୍ତି। ପରେ ଏହାର ରିପୋର୍ଟ କଟକ ଜିଲାପାଳଙ୍କୁ ପ୍ରଦାନ କରାଯିବ। ଜିଲାପାଳ ରାଜ୍ୟ ସରକାରଙ୍କୁ ଏହି ରିପୋର୍ଟ ପ୍ରଦାନ କରିବେ ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି। ସେହିପରି ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାରେ ୨ ଗୁରୁତରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି। ଉଭୟଙ୍କୁ ଭେଣ୍ଟିଲେଟରୁ ବାହାର କରାଯାଇ ନ୍ୟୁରୋ ସର୍ଜରି ଆଇସିୟୁରେ ଅଧିକ ଚିକିତ୍ସା ପାଇଁ ରଖାଯାଇଛି।

ପ୍ରକାଶ ଯୋଗ୍ୟ, ଗତ ୧୫ ତାରିଖ ବିଳମ୍ବିତ ରାତିରେ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡରେ ୧୩ଜଣଙ୍କ ମୃତ୍ୟୁ ହୋଇଥିଲା। ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବାବେଳେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଚିଠି କରାଯାଇଛି। ସେହିପରି ସରକାରଙ୍କ ନିର୍ଦ୍ଦେଶକ୍ରମେ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପ୍ରତ୍ୟେକ କୋଠାରେ ଅଗ୍ନି ନିରାପତ୍ତା, ବିଦ୍ୟୁତ୍ ଓ ଅନ୍ୟାନ୍ୟ ସମସ୍ୟାର ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଦେଶ ପରେ କଟକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ତହସିଲଦାରଙ୍କ ତତ୍ତ୍ୱାବଧାନରେ ୫ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଗତ ସୋମବାରଠାରୁ ମେଡିକାଲ, କଲେଜ ଓ ହଷ୍ଟେଲର ପ୍ରତ୍ୟେକ କୋଣଅନୁକୋଣ ଯାଞ୍ଚ କରାଯାଇଥିଲା। ଏହି ଟିମ୍ ଯାଞ୍ଚ ସମୟରେ ପ୍ରତ୍ୟେକ କୋଠାରେ ବିଦ୍ୟୁତ୍ ମିଳି ପାରୁଛି ନା ନାହିଁ, ଯନ୍ତ୍ରାଂଶଗୁଡ଼ିକ ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ। ବିଶେଷ କରି ବିଦ୍ୟୁତ୍ ପ୍ୟାନେଲ ବୋର୍ଡଗୁଡ଼ିକୁ ଭଲ ଭାବେ ଯାଞ୍ଚ କରିବା ସହ ଯେଉଁଠି ଯେଉଁ ସମସ୍ୟା ରହିଛି ତାହାକୁ ନୋଟ୍ କରିଥିଲା। ଯାଞ୍ଚ ରିପୋର୍ଟ ପ୍ରଦାନ କରିବା ପରେ ଏହାର କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି।

# ପେଟ୍ରୋଲ, ଡିଜେଲ ଉପରୁ ଭାଟ୍ ହ୍ରାସ କରନ୍ତୁ ରାଜ୍ୟ ସରକାର: ବିଜେଡି

ଭୁବନେଶ୍ୱର,୨୭।୩(ସୁନିତ୍ ମିଶ୍ର)

କେନ୍ଦ୍ର ସରକାରଙ୍କ ଦ୍ୱାରା ପେଟ୍ରୋଲ ଓ ଡିଜେଲର ଏକ୍ସସାଇଜ୍ ଡ୍ୟୁଟି ବା ଉତ୍ପାଦ ଶୁଳ୍କ ଲିଟର ପ୍ରତି ୧୦ ଟଙ୍କା ହ୍ରାସ କରିବା ପରେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ତେଣୁ କେନ୍ଦ୍ର ପରେ ଏବେ ରାଜ୍ୟ ସରକାର ପେଟ୍ରୋଲ, ଡିଜେଲ ଉପରୁ ଭାଟ୍ ହ୍ରାସ କରନ୍ତୁ ବୋଲି ବିଜେଡି ପକ୍ଷରୁ ଦାବି କରାଯାଇଛି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ସମ୍ପ୍ରତି ଇରାନ୍ ସହ ଇସ୍ରାଏଲ ଓ ଆମେରିକାର ଯୁଦ୍ଧ ଲାଗିଥିବାବେଳେ ସମଗ୍ର ବିଶ୍ୱରେ ଇନ୍ଧନ ସଙ୍କଟ ଦେଖାଦେଇଛି। ଯଦି ଏନେଇ ରାଜ୍ୟ ସରକାର ଚିନ୍ତିତ ଅଛନ୍ତି ତେବେ ଭାଟ୍ ହ୍ରାସ କରାଯାଉ ବୋଲି ଲେନିନ୍ କହିଛନ୍ତି।

# ସାମାଜିକ କର୍ମୀ ଲିଙ୍ଗରାଜ ଆଜାଦ, ସୁରେଶ ସଂଗ୍ରାମ ଗିରଫ

ଭବାନୀପାଟଣା,୨୭।୩(ଉତ୍ତମ କୁମାର ଦାଶ)

ଦଳିତ ଆଦିବାସୀଙ୍କ ହକ୍ ଓ ଜଙ୍ଗଲ ଜମି ପାଇଁ ଲଢୁଥିବା ସାମାଜିକ କର୍ମୀ ଲିଙ୍ଗରାଜ ଆଜାଦ ଓ ସୁରେଶ ସଂଗ୍ରାମଙ୍କୁ ଗତ ୨୫ ତାରିଖରେ କଳାହାଣ୍ଡି ଜିଲା କର୍ଲାପାଟ ପୋଲିସ ଗିରଫ କରିଛି। ୨୦୨୫ ବିର୍ସା ମୁଣ୍ଡା ଜୟନ୍ତୀରେ ଥୁଆମୂଳ ରାମପୁର ବ୍ଲକର ତଳାମପଦରରେ ୨ ଗୋଷ୍ଠୀ ମାରପିଟ ଘଟଣାରେ ଉଭୟେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ଉଭୟଙ୍କ ନାମରେ ହତ୍ୟା ଉଦ୍ୟମ ଭଳି ସଙ୍ଗିନ ଅଭିଯୋଗରେ କର୍ଲାପାଟ ପୋଲିସ ଏକ ମାମଲା (ନଂ.୩୩/୨୫) ରୁଜୁ କରିଥିଲା। ପରେ ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ଯିବାକୁ ପଡ଼ିଛି। ପ୍ରକାଶ ଯେ, କଳାହାଣ୍ଡି ଜିଲା ସୀମାନ୍ତ ନିୟମଗିରି ସହ ସିଜିମାଳି ଓ କୁତ୍ରୁମାଳି ପାହାଡରୁ ବକ୍ସାଇଟ ଖନନକୁ ଲିଙ୍ଗରାଜ ଓ ସୁରେଶ ବିରୋଧ କରିଆସୁଥିଲେ। ବିଭିନ୍ନ ସମୟରେ ସେମାନେ ତଳାମପଦର ଓ ପ୍ରଭାବିତ ଅଞ୍ଚଳରେ ଆନ୍ଦୋଳନ କରୁଥିବାରୁ ସେମାନଙ୍କୁ ଦମନ ପାଇଁ ପୋଲିସକୁ ଏପରି ଢାଲ କରାଯାଇଥିବା ଶୁଣିବାକୁ ମିଳୁଛି। ଅନ୍ୟପକ୍ଷରେ, ଉଭୟଙ୍କ ଗିରଫ ପ୍ରତିବାଦରେ ଶୁକ୍ରବାର ଜୁନାଗଡ଼ରେ ଦଳିତ ମଞ୍ଚ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଜଳ ଜମି ଜଙ୍ଗଲ ସୁରକ୍ଷା ପାଇଁ ଅହରହ ଆନ୍ଦୋଳନ କରୁଥିବା ଲିଙ୍ଗରାଜ ଓ ସୁରେଶଙ୍କୁ ମିଥ୍ୟା ଆରୋପ ଲଗାଇ କଳାହାଣ୍ଡି ପୋଲିସ ପକ୍ଷରୁ ଗିରଫ କରାଯାଇଥିବା ଅଭିଯୋଗ ଆଣିଛି ଦଳିତ ଅଧିକାର ମଞ୍ଚ। ତୁରନ୍ତ ଉଭୟଙ୍କୁ ନିଃସର୍ତ୍ତ ଖଲାସ କରିବା ପାଇଁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ନଚେତ ଆଗାମୀ ଦିନରେ ଦଳିତ ମଞ୍ଚ ପ୍ରଶାସନକୁ ଉଚିତ ଜବାବ ଦେବ ବୋଲି ମଞ୍ଚର ଆବାହକ ତଥା ବରିଷ୍ଠ ସିପିଆଇ ନେତା ଦାମୋଦର ବେହେରା, ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ନିଆଲ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦଳିତ ମଞ୍ଚର ରାଜାରାମ ଡଙ୍ଗରି, ନବୀନ ଟାକ୍ରି, ସୁନ୍ଦର ଲାଲ କୁମାର, ଶରତ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ୬ ମାସ ପାଇଁ ୮.୨ ଲକ୍ଷ କୋଟିର ଋଣ କରିବ କେନ୍ଦ୍ର

## ରାଜକୋଷ ନିଅଣ୍ଟ ଭରଣା

ନୂଆଦିଲ୍ଲୀ, ୨୭।୩ (ପି.ଟି.)



ରାଜକୋଷ ନିଅଣ୍ଟ ଭରଣା କରିବା ପାଇଁ କେନ୍ଦ୍ର ସରକାର ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ୬ ମାସ (ଏପ୍ରିଲ-ସେପ୍ଟେମ୍ବର) ମଧ୍ୟରେ ବଜାରରୁ ୮.୨ ଲକ୍ଷ କୋଟି ଟଙ୍କାର ଋଣ ସଂଗ୍ରହ କରିବାକୁ ଯୋଜନା କରିଛନ୍ତି। ଶୁକ୍ରବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି।

୨୦୨୬-୨୭ ବଜେଟ ଅନୁଯାୟୀ, ମୋଟ ବଜାର ଋଣ ପରିମାଣ ୧୭.୨୦ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା। ତେବେ ଗଭର୍ନମେଣ୍ଟ ସିକ୍ୟୁରିଟି (ଜି-ସେକ୍) ସୁଇଚ୍ ପ୍ରକ୍ରିୟା ପରେ ଏହି ମୋଟ ଋଣ ପରିମାଣ ୧୬.୦୯ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି। ଜି-ସେକ୍ ହେଉଛି ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଏକ ଋଣ ପତ୍ର। ଯେତେବେଳେ ସରକାରଙ୍କୁ ନିଜର ଖର୍ଚ୍ଚ, ଯେପରିକି ରାସ୍ତା, ବ୍ରିଜ ଓ ଅନ୍ୟାନ୍ୟ ଜନହିତକର କାର୍ଯ୍ୟ ପାଇଁ ଟଙ୍କାର ଆବଶ୍ୟକତା ପଡ଼େ, ସେତେବେଳେ ସେ ଜନସାଧାରଣ ବା ବଡ଼ ବଡ଼ ସଂସ୍ଥାରୁ ଋଣ ନିଅନ୍ତି ଏବଂ ବଦଳରେ ଏକ ପ୍ରମାଣପତ୍ର ଦିଅନ୍ତି, ତାହାକୁ ଜି-ସେକ୍ କୁହାଯାଏ। ଅର୍ଥ ମନ୍ତ୍ରଣାଳୟ କହିଛି ଯେ, ଏହି ୧୬.୦୯ ଲକ୍ଷ କୋଟି ଟଙ୍କା ମଧ୍ୟରୁ ୫୧ ପ୍ରତିଶତ ଅର୍ଥାତ୍ ୮.୨୦ ଲକ୍ଷ କୋଟି ଟଙ୍କା ପ୍ରଥମାର୍ଦ୍ଧ (ଏଚ୍୧)ରେ ସରକାରୀ ସିକ୍ୟୁରିଟିଜ୍ ଜରିଆରେ ସଂଗ୍ରହ କରାଯିବ। ଏଥିମଧ୍ୟରେ ୧୫,୦୦୦ କୋଟି ଟଙ୍କାର ସୋଭେରିନ ଗ୍ରୀନ୍ ବଣ୍ଡ (ଏସ୍‌ଜିଆର୍‌ବିଏସ୍) ମଧ୍ୟ ସାମିଲ ରହିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟରେ ୨୦୨୬-୨୭ ପାଇଁ ରାଜକୋଷୀୟ ନିଅଣ୍ଟକୁ ଜିଡିପିର ୪.୩ ପ୍ରତିଶତ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ପରିମାଣ ଦୃଷ୍ଟିରୁ ଏହି ନିଅଣ୍ଟ ପ୍ରାୟ ୧୬.୯ ଲକ୍ଷ କୋଟି ଟଙ୍କା। ଏହି ନିଅଣ୍ଟକୁ ଭରଣା କରିବା ପାଇଁ ବଜାରରୁ ମୋଟ ଋଣ ପ୍ରାୟ ୧୧.୭ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ବାକି ଅର୍ଥ କ୍ଷୁଦ୍ର ସଞ୍ଚୟ ଏବଂ ଅନ୍ୟାନ୍ୟ ଉତ୍ସରୁ ମିଳିବ।

ସରକାରୀ ବିବୃତି ଅନୁଯାୟୀ, ୨୬ଟି ସାପ୍ତାହିକ ନିଲାମ ଜରିଆରେ ଏହି ୮.୨ ଲକ୍ଷ କୋଟି ଟଙ୍କାର ଋଣ ପ୍ରକ୍ରିୟା ଶେଷ ହେବ। ଏଥିପାଇଁ ୩, ୫, ୭, ୧୦, ୧୫, ୩୦, ୪୦ ଏବଂ ୫୦ ବର୍ଷିଆ ସିକ୍ୟୁରିଟିଜ୍ ବ୍ୟବହାର କରାଯିବ। ସେଥିମଧ୍ୟରୁ ୧୦ ବର୍ଷିଆ ସିକ୍ୟୁରିଟିଜ୍‌ର ଅଂଶ ସବୁଠାରୁ ଅଧିକ (୨୯%) ରହିବ। ସରକାରୀ ବଣ୍ଡ ବଜାରରେ ସ୍ୱଚ୍ଛତା ଏବଂ ସ୍ଥିରତା ବଜାୟ ରଖିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସହ ପରାମର୍ଶ କରି ସରକାର ପ୍ରତି ସପ୍ତାହରେ ୨୮,୦୦୦ ରୁ ୩୪,୦୦୦ କୋଟି ଟଙ୍କାର ଋଣ କରିବେ। ସାଧାରଣ ଖୁଚୁରା ନିବେଶକଙ୍କ ପାଇଁ ପ୍ରତି ନିଲାମରେ ୫ ପ୍ରତିଶତ ଅଂଶ ସଂରକ୍ଷିତ ରହିବ।

# ଓଡ଼ିଶା ଦିବସ ପାଇଁ ରିଲାଏନ୍ସ ଡିଜିଟାଲର ସ୍ୱତନ୍ତ୍ର ଅଫର

ଭୁବନେଶ୍ୱର,୨୭।୩(ଅନୁରାଧା ମହାରଣା)




ଓଡ଼ିଶା ଦିବସ ଅବସରରେ ରିଲାଏନ୍ସ ଡିଜିଟାଲ ପକ୍ଷରୁ ଓଡ଼ିଶାରେ ଏହାର ଷ୍ଟୋରଗୁଡ଼ିକରେ ସ୍ୱତନ୍ତ୍ର ଫେଷ୍ଟିଭ ଅଫରଗୁଡ଼ିକର ଶୁଭାରମ୍ଭ କରାଯାଇଛି । ଏହି ସ୍ୱତନ୍ତ୍ର କ୍ୟାମ୍ପେନରେ ଗ୍ରାହକଙ୍କ ପାଇଁ ନୂତନ ଇଲେକ୍‌ଟ୍ରୋନିକ୍ସ ଓ ଆପ୍ଲାଏନ୍ସ ସହ ଅପ୍‌ଗ୍ରେଡ୍ କରିବା ଲାଗି ଉପଯୁକ୍ତ ଅଫର ପ୍ରଦାନ କରୁଛି। ଏହି ଅବସରରେ ରିଲାଏନ୍ସ ଡିଜିଟାଲର ଭୁବନେଶ୍ୱରର ବାପୁଜୀନଗରସ୍ଥିତ ଷ୍ଟୋରରେ ଏହାର ଓଡ଼ିଶା କ୍ଲଷ୍ଟର ମ୍ୟାନେଜର ବିଶ୍ୱଜିତ ସାହୁ, ଓଡ଼ିଶା ମାର୍କେଟିଂ ମ୍ୟାନେଜର, ପଲକ କୁମାର ସାହୁ ଏବଂ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ତଥା ରିଲାଏନ୍ସ ଡିଜିଟାଲର ଏକ ନିୟମିତ ଗ୍ରାହକ, କ୍ରିଷ୍ଣା ରାଉତ ପ୍ରମୁଖ ଉପସ୍ଥିତ ରହି ଅଫରଗୁଡ଼ିକର ଘୋଷଣା କରିଥିଲେ। ଓଡ଼ିଶା ଦିବସ ଅବସରରେ ଗ୍ରାହକମାନେ ବିଭିନ୍ନ ବ୍ୟାଙ୍କ କାର୍ଡ ଉପରେ ୨୬,୦୦୦ ଟଙ୍କା ପର୍ଯ୍ୟନ୍ତ ଆକର୍ଷଣୀୟ ତତ୍କାଳ ରିହାତି ସହିତ ପେପର ଫାଇନାନ୍ସ ବିକଳ୍ପ ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ଲାଭ ପାଇପାରିବେ । ଏହି ଅଫର ଅବଧି ମାର୍ଚ୍ଚ ୨୮ ରୁ ଏପ୍ରିଲ ୧ ପର୍ଯ୍ୟନ୍ତ ଉପଲବ୍ଧ ହେବ। ସେହିପରି ରିଲାଏନ୍ସ ଡିଜିଟାଲ ନିର୍ଦ୍ଦିଷ୍ଟ ୧.୫ ଟନ-ଏୟାର କଣ୍ଡିସନର କ୍ରୟ ଉପରେ ମାଗଣା କ୍ୟୁଏଲ୍‌ଇଡି ଟିଭି ଏବଂ ନିର୍ଦ୍ଦିଷ୍ଟ ମଡେଲର ଫ୍ରଣ୍ଟ-ଲୋଡ୍ ୱାଶିଂ ମେସିନ କ୍ରୟ ଉପରେ ମାଗଣା ଟିଭି ସମେତ ଆକର୍ଷଣୀୟ ମେଗା କମ୍ବୋ ଡିଲ୍ ପ୍ରଦାନ କରୁଛି । ଏହି ପଦକ୍ଷେପ ସହଜ ଋଣ ବିକଳ୍ପ, ଆକର୍ଷଣୀୟ ଏକ୍ସଚେଞ୍ଜ ଅଫର, ଶୀଘ୍ର ଡେଲିଭରି ଓ ଇନ୍‌ଷ୍ଟଲେଶନ ସର୍ଭିସ ସହ ସାମଗ୍ରିକ ଗ୍ରାହକ ସୁବିଧାକୁ ଉନ୍ନତ କରିବା ଉପରେ ଧ୍ୟାନ ଦେଉଛି, ଯାହା ଏକ ବାଧାମୁକ୍ତ ଶପିଂ ଅନୁଭୂତି ନିଶ୍ଚିତ କରିଥାଏ। ଗ୍ରୀଷ୍ମଋତୁର ଆବଶ୍ୟକତା ପାଇଁ ନିର୍ମିତ ଏୟାର କଣ୍ଡିସନର, ରେଫ୍ରିଜରେଟର, ୱାଶିଂ ମେସିନ ଓ ସ୍ମାର୍ଟ ଟେଲିଭିଜନ ଭଳି ଇଲେକ୍‌ଟ୍ରୋନିକ୍ସ ପ୍ରଡକ୍ଟଗୁଡ଼ିକର ଏକ ବିସ୍ତୃତ ରେଞ୍ଜ୍ ସହିତ ରିଲାଏନ୍ସ ଡିଜିଟାଲ ଓଡ଼ିଶାରେ ଉପଭୋକ୍ତାଙ୍କ ବିକଶିତ ଜୀବନଶୈଳୀ ଆବଶ୍ୟକତାକୁ ପୂରଣ କରିବା ପାଇଁ ଲକ୍ଷ୍ୟ ରଖିଛି।

# ସ୍ଥିର ଗୁଣବତ୍ତା ବିଶ୍ୱସନୀୟତାକୁ ଦୃଢ଼ କରେ

**୧୬ ବର୍ଷରୁ ଅଧିକ ସମୟ ଧରି ଭୁବନେଶ୍ୱରରେ ପ୍ରତିଷ୍ଠିତ 'ଏକରରାଇଜ୍ ପ୍ରମୋଟର୍ସ ପ୍ରା. ଲି.' ଓଡ଼ିଶାର ଆବାସିକ ରିୟଲ ଇଷ୍ଟେଟ୍ ପରିଦୃଶ୍ୟକୁ ପରିବର୍ତ୍ତନ କରିବାରେ ଆଗରେ ରହିଛି। ଉଦ୍ୟୋଗୀ ଶଶିକାନ୍ତ ବାରିକ ଏବଂ ଶେଖ୍ ମୈରାଜୁଲ ହକ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ବ୍ରାଣ୍ଡ ଓଡ଼ିଶାରେ ବିଶ୍ୱସନୀୟତା, ଡିଜାଇନ୍‌ରେ ଉତ୍କୃଷ୍ଟତା, ଉତ୍କୃଷ୍ଟ ନିର୍ମାଣ ମାନଦଣ୍ଡ ଏବଂ ଚିନ୍ତାଶୀଳ ଯୋଜନା ସହିତ ନୂତନ ମାନଦଣ୍ଡ ସ୍ଥାପନ କରିଛି। ତେବେ ଏକରରାଇଜ୍‌ର ବର୍ତ୍ତମାନ ପର୍ଯ୍ୟନ୍ତ ଯାତ୍ରା ଏବଂ ଭବିଷ୍ୟତ ଯୋଜନା ସମ୍ପର୍କରେ ଏହାର ସହପ୍ରତିଷ୍ଠାତା ଶଶିକାନ୍ତ ବାରିକଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର...**


ଶଶିକାନ୍ତ ବାରିକ

**ପ୍ର. ଭୁବନେଶ୍ୱରର ରିୟଲ୍ ଇଷ୍ଟେଟ୍ ବଜାରର ପରିବର୍ତ୍ତନରେ ଏକରରାଇଜ୍‌ର କ'ଣ ଅବଦାନ ରହିଛି?**

ଉ- ଏକରରାଇଜ୍ ଭୁବନେଶ୍ୱରର ରିୟଲ ଇଷ୍ଟେଟ ଲ୍ୟାଣ୍ଡସ୍କେପ୍‌କୁ ଏକ ସ୍ୱଷ୍ଟ ଓ ଭବିଷ୍ୟତମୁଖୀ ଦୃଷ୍ଟିଭଙ୍ଗୀ ସହିତ ପୁନଃପରିଭାଷିତ କରୁଛି, ଯେଉଁଥିରେ ସ୍କେଲ୍, ଲାଇଫ୍‌ଷ୍ଟାଇଲ୍ ଏବଂ ସଷ୍ଟେନବିଲିଟି ନିଖୁଣ ସମନ୍ୱିତ ହୋଇଛି। ୱାନ୍ ୱାର୍ଲ୍ଡ ଅଭୂତପୂର୍ବ ସ୍କେଲ୍‌ରେ ଗ୍ଲୋବାଲ୍ ଷ୍ଟାଣ୍ଡାର୍ଡ ଓ ଅଭିଜ୍ଞତାଭିତ୍ତିକ ଜୀବନଯାପନ ପରିଚୟ କରାଉଛି। ଏକରରାଇଜ୍ ଆଜ୍ୟର ରିଭରଫ୍ରଣ୍ଟ ଲକ୍‌ଜୁରିର ଏକ ନୂତନ ଅଧ୍ୟାୟ ସ୍ଥାପନ କରିଛି। ଏକରରାଇଜ୍ ଅରା ପ୍ରକୃତି ଏବଂ ସଷ୍ଟେନବିଲିଟିକୁ ନିତିଦିନିଆ ଜୀବନରେ ସୁନ୍ଦର ଭାବେ ସମ୍ମିଳିତ କରୁଛି। ଏକରରାଇଜ୍ ଆମନ୍ତ୍ରଣ ମଧ୍ୟ ସ୍ମାର୍ଟ ଏବଂ ଉତ୍ତମ ଗୁଣବତ୍ତାଯୁକ୍ତ ସେବା ପ୍ରଦାନ କରୁଛି।

**ପ୍ର-ଗତ ଦଶନ୍ଧି ମଧ୍ୟରେ ରିୟଲ୍ ଇଷ୍ଟେଟ୍ କ୍ଷେତ୍ରରେ ପ୍ରତିଷ୍ଠିତ ହେବା ପାଇଁ ଏକରରାଇଜ୍ କେଉଁ ରଣନୀତି ବ୍ୟବହାର କରିଛି?**

ଉ- ଗତ ଦଶବର୍ଷରେ ଏକରରାଇଜ୍ ପାରମ୍ପରିକ ରିୟଲ ଇଷ୍ଟେଟ୍ ପରିବର୍ତ୍ତେ ବିଶ୍ୱାସ, ଦୂରଦୃଷ୍ଟି ଏବଂ ଗ୍ରାହକ-କୈନ୍ଦ୍ରିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ ପ୍ରତିଷ୍ଠା ଲାଭ କରିଛି। ଆରମ୍ଭରୁ ଏହି ବ୍ରାଣ୍ଡ୍ ଆଇନଗତ ସ୍ୱଚ୍ଛତା ଏବଂ ନିୟମ ପାଳନକୁ ପ୍ରାଥମିକତା ଦେଇ ଆସିଛି, ଯାହାର ପ୍ରତିଫଳନ ହେଉଛି ତା'ର ଶୂନ୍ୟ ରେରା ଅଭିଯୋଗ ରେକର୍ଡ। 'କିପିଂ ୟୁ ଆହେଡ୍' ଏହି ଦର୍ଶନ ସହିତ ଏକରରାଇଜ୍ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏପରି ପ୍ରୋଜେକ୍ଟ ତିଆରି କରୁଛି, ଯାହା ଗ୍ରାହକଙ୍କ ବଦଳୁଥିବା ଆବଶ୍ୟକତାକୁ ପୂରଣ କରେ ଏବଂ ଦୀର୍ଘକାଳୀନ ମୂଲ୍ୟ ପ୍ରଦାନ କରେ। କମ୍ପାନୀ ଭୁବନେଶ୍ୱର, ପୁରୀ, ତ୍ରିଶୂଳିଆ ଏବଂ ପାଣ୍ଡରା ଭଳି ଉଚ୍ଚ ସମ୍ଭାବନା ଥିବା ସୂକ୍ଷ୍ମ ବଜାରରେ ରଣନୈତିକ ଭାବେ ସମ୍ପ୍ରସାରଣ କରୁଛି।

**ପ୍ର- ଭୁବନେଶ୍ୱରର ଦ୍ରୁତ ଅଭିବୃଦ୍ଧିଶୀଳ ରିୟଲ ଇଷ୍ଟେଟ ବଜାରରେ କ'ଣ ଆହ୍ୱାନ ଏବଂ ସୁଯୋଗ ରହିଛି?**

ଉ- ଭୁବନେଶ୍ୱରରେ ନୂତନ ରାସ୍ତା, ପ୍ରସ୍ତାବିତ ମେଟ୍ରୋ ସଂଯୋଗ ଏବଂ ଆର୍ଥିକ କରିଡର ଯୋଗୁ ନୂତନ ମାଇକ୍ରୋ-ମାର୍କେଟ ଖୋଲିବା ସହିତ ଭିତ୍ତିଭୂମି ବିକାଶ ହେଉଛି। ଆଇଟି, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ପ୍ରଶାସନିକ କ୍ଷେତ୍ରରେ ଦ୍ରୁତ ପ୍ରସାର ହେଉଥିବା ଏହି ସହର ଏକ ଟାୟାର-୨ ହବ୍ ଭାବରେ ଉଭା ହେଉଛି। ଗତ ଦଶନ୍ଧି ଧରି ସମ୍ପତ୍ତି ମୂଲ୍ୟରେ ନିରନ୍ତର ବୃଦ୍ଧି ନିବେଶକଙ୍କ ବିଶ୍ୱାସକୁ ବୃଦ୍ଧି କରିଛି। ସୁଲଭ, ମଧ୍ୟମ ବର୍ଗ ଏବଂ ପ୍ରିମିୟମ ଗୃହ ପାଇଁ ଚାହିଦା ବୃଦ୍ଧି ପାଉଛି। ଅନ୍ୟପଟେ ଜମି ସମ୍ବନ୍ଧୀୟ ସମସ୍ୟା, ବିଳମ୍ବିତ ଅନୁମୋଦନ ଏବଂ ଏକକ-ୱିଣ୍ଡୋ କ୍ଲିୟରାନ୍ସ ସିଷ୍ଟମ୍‌ର ଅଭାବ, ଉଚ୍ଚ ଇନ୍‌ପୁଟ୍ ମୂଲ୍ୟ ଏବଂ ରିୟଲ ଇଷ୍ଟେଟ-ନିର୍ଦ୍ଧାରିତ ଟିକସ ନୀତି ନ ଥିବାରୁ ନିର୍ମାଣ ଖର୍ଚ୍ଚ ବୃଦ୍ଧି ଭଳି ଚ୍ୟାଲେଞ୍ଜ ରହିଛି।

**ପ୍ର-ଏକ ଭବିଷ୍ୟତ ଦୃଷ୍ଟିକୋଣ ଏବଂ ନିର୍ଭରଶୀଳତା କିପରି ରିୟଲ୍ ଇଷ୍ଟେଟ୍ କମ୍ପାନୀଗୁଡ଼ିକୁ କ୍ରେତା ଏବଂ ନିବେଶକଙ୍କ ଭରସା ହାସଲ କରିବାରେ ସାହାଯ୍ୟ କରେ?**

ଉ- ଗ୍ରାହକଙ୍କୁ ପ୍ରାଥମିକତା ଦେଇ କମ୍ପାନୀଗୁଡ଼ିକ ସ୍ମାର୍ଟ ଲେଆଉଟ୍ ପ୍ରସ୍ତୁତ କରିବା ଉଚିତ୍। ସମୟୋଚିତ ବିତରଣ ଏବଂ ସ୍ଥିର ଗୁଣବତ୍ତା ବିଶ୍ୱସନୀୟତାକୁ ଆହୁରି ସୁଦୃଢ଼ କରେ। ଡିଜାଇନ, ନିର୍ମାଣ ଓ ଗ୍ରାହକଙ୍କ ସମ୍ପୃକ୍ତିରେ ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରିବା ସ୍ୱଚ୍ଛତା ଏବଂ ଅଭିଜ୍ଞତାକୁ ବୃଦ୍ଧି କରେ। ପରିଶେଷରେ, ଦୃଷ୍ଟିକୋଣ, ନବସୃଜନ ଏବଂ ଭରସାଯୋଗ୍ୟ କାର୍ଯ୍ୟାନ୍ୱୟନର ଏହି ମିଶ୍ରଣ ବିଶ୍ୱାସ ସୃଷ୍ଟି କରିବା ସହ ଦୀର୍ଘକାଳୀନ ସମ୍ପର୍କ ଗଠନ କରେ।

**ପ୍ର-ଏହି ବ୍ୟବସାୟ କ୍ଷେତ୍ରରେ ପ୍ରବେଶ କରିବା ପାଇଁ କିପରି ପ୍ରେରିତ ହୋଇଥିଲେ ଏବଂ ଏହି କ୍ଷେତ୍ରରେ ପ୍ରବେଶ କରିବାକୁ ଚାହୁଁଥିବା ଉଦ୍ୟୋଗୀମାନଙ୍କୁ କ'ଣ ପରାମର୍ଶ ଦେବେ?**

ଉ- ଶିଳ୍ପରେ ବିଶ୍ୱାସର ଅଭାବ, ସ୍ୱଚ୍ଛତା ଏବଂ ଦୀର୍ଘକାଳୀନ ଚିନ୍ତାଧାରାର ସ୍ପଷ୍ଟ ଅଭାବକୁ ଦେଖି ରିୟଲ୍ ଇଷ୍ଟେଟ୍ କ୍ଷେତ୍ରରେ ପ୍ରବେଶ କରିବାର ପ୍ରେରଣା ମିଳିଥିଲା। ଆକାଂକ୍ଷୀ ଉଦ୍ୟୋଗୀମାନଙ୍କ ପାଇଁ କହିବାକୁ ଚାହେଁ, ରିୟଲ୍ ଇଷ୍ଟେଟ୍ ଏକ ବିଶ୍ୱାସ ଦ୍ୱାରା ଚାଳିତ ବ୍ୟବସାୟ। ପ୍ରଥମ ଦିନରୁ ଆଇନଗତ ସ୍ପଷ୍ଟତା, ଗୁଣବତ୍ତା ଏବଂ ଗ୍ରାହକ ଅଭିଜ୍ଞତା ଉପରେ ଧ୍ୟାନ ଦିଅନ୍ତୁ। ଦୀର୍ଘକାଳୀନ ଚିନ୍ତା କରନ୍ତୁ, ବୁଦ୍ଧିମତ୍ତାର ସହ ସ୍ଥାନ ବାଛନ୍ତୁ, ଶୃଙ୍ଖଳା ସହିତ କାର୍ଯ୍ୟ କରନ୍ତୁ ଏବଂ ସର୍ବଦା ସମୟସୀମା ପୂରଣ କରନ୍ତୁ। ପରିବର୍ତ୍ତନ ସହିତ ଖାପ ଖୁଆଇବା, ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରିବା ଏବଂ ନିରନ୍ତର ଭାବରେ ପ୍ରତିଶ୍ରୁତି ପାଳନ କରିବା ଦ୍ୱାରା ସଫଳତା ଆସିଥାଏ।

# ବନ୍ଧ୍ୟାପଣ ଦୂରକରୁଛି ବିର୍ଲା ଫର୍ଟିଲିଟି ଆଣ୍ଡ ଆଇଭିଏଫ୍




ଭୁବନେଶ୍ୱର,୨୭।୩(ଅନୁରାଧା ମହାରଣା)

ଓଡ଼ିଶାରେ ଦମ୍ପତିମାନଙ୍କଠାରେ ବଢ଼ୁଥିବା ବନ୍ଧ୍ୟାପଣ ସମସ୍ୟାର ସମାଧାନକରି ଭୁବନେଶ୍ୱର ରୂପାଲୀ ଛକସ୍ଥିତ ବିର୍ଲା ଫର୍ଟିଲିଟି ଆଣ୍ଡ ଆଇଭିଏଫ୍ ଅତ୍ୟାଧୁନିକ ରିପ୍ରଡକ୍ଟିଭ ଟେକ୍ନୋଲୋଜି ଓ ବ୍ୟକ୍ତିଗତ ଚିକିତ୍ସା ପଦ୍ଧତିଗୁଡ଼ିକ ଦ୍ୱାରା ସମର୍ଥିତ ୭୦ରୁ ୮୦%ର ଏକ ସଫଳତା ହାର ହାସଲ କରିଛି । ଏହି ସମସ୍ୟା ଉପରେ ମତବ୍ୟକ୍ତକରି ବିର୍ଲା ଫର୍ଟିଲିଟି ଆଣ୍ଡ ଆଇଭିଏଫ୍‌ର ସେଣ୍ଟର ହେଡ୍ ଡା. ଅମ୍ରିତା ନନ୍ଦ କହିଛନ୍ତି, ରାଜ୍ୟର ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବନ୍ଧ୍ୟାପଣ ଲୋକଙ୍କୁ ପ୍ରଭାବିତ କରୁଛି। ଓଡ଼ିଶାର ପ୍ରାୟ ୧୫% ଦମ୍ପତିଙ୍କୁ ବନ୍ଧ୍ୟାପଣ ପ୍ରଭାବିତ କରୁଥିବା ବେଳେ ଏହି ହାର ଉଭୟ ପୁରୁଷ ଓ ମହିଳାଙ୍କ ମଧ୍ୟରେ ସମାନ ରହିଛି । ଡା. ନନ୍ଦ କହିଛନ୍ତି, ଆଧୁନିକ ଜୀବନଶୈଳୀ କାରକଗୁଡ଼ିକ ଯୁବପିଢ଼ିଙ୍କ ମଧ୍ୟରେ ବନ୍ଧ୍ୟାପଣ ବୃଦ୍ଧିରେ ବହୁମାତ୍ରାରେ ଯୋଗଦାନ ଦେଉଛନ୍ତି । ଦ୍ରୁତ ଗତିଶୀଳ ଜୀବନ, କ୍ୟାରିୟର ଚାପ, କାର୍ଯ୍ୟ ଚାପ, ଲାପ୍‌ଟପ୍ ଓ ମୋବାଇଲ ଭଳି ଇଲେକ୍ଟ୍ରୋନିକ ଡିଭାଇସଗୁଡ଼ିକର ଅତ୍ୟଧିକ ବ୍ୟବହାର, ଅସ୍ୱାସ୍ଥ୍ୟକର ଖାଦ୍ୟ ଅଭ୍ୟାସ ଏହାର ପ୍ରମୁଖ କାରଣ ହୋଇଛି। ୧ ବର୍ଷରୁ ଅଧିକ ସମୟ ହେବ ଗର୍ଭଧାରଣ କରିବାକୁ ଚେଷ୍ଟା କରୁଥିବା ଦମ୍ପତିମାନେ ଡାକ୍ତରୀ ପରାମର୍ଶ ଗ୍ରହଣ କରିବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି। ଓଡ଼ିଶାରେ ବନ୍ଧ୍ୟାପଣର ସାଧାରଣ ସମସ୍ୟାଗୁଡ଼ିକୁ ହାଇଲାଇଟ କରି ଡା. ନନ୍ଦ ପିସିଓଏସ୍ (ପଲିସିଷ୍ଟିକ୍ ଓଭାରି ସିଣ୍ଡ୍ରୋମ), ପୁରୁଷ କାରକ ବନ୍ଧ୍ୟାତ୍ୱ, କମ୍ ଡିମ୍ବାଶୟ ସଂରକ୍ଷଣ ଓ ଅସ୍ପଷ୍ଟ ବନ୍ଧ୍ୟାପଣ ଭଳି ସ୍ଥିତିଗୁଡ଼ିକୁ ସୂଚିତ କରିଛନ୍ତି । ଏହି ସେଣ୍ଟର ଦମ୍ପତିମାନଙ୍କୁ ବିଭିନ୍ନ ପ୍ରଜନନ ସମ୍ପର୍କିତ ସମସ୍ୟାଗୁଡ଼ିକୁ ଭଲ ଭାବରେ ବୁଝିବା ଓ ପରିଚାଳନା କରିବାରେ ସାହାଯ୍ୟ କରିବା ପାଇଁ ସକ୍ରିୟ ଭାବେ କାଉନ୍‌ସେଲିଂ ସେବା ମଧ୍ୟ ପ୍ରଦାନ କରୁଛି ।

# ସ୍ୱାଇଲ୍ ଗୋଲ୍ଡ ଜୁଏଲର୍ସର ଅକ୍ଷୟ ତୃତୀୟା ଅଫର



ଭୁବନେଶ୍ୱର,୨୭।୩(ଅନୁରାଧା ମହାରଣା)

ଭୁବନେଶ୍ୱର ଶହୀଦନଗରସ୍ଥିତ ସ୍ୱାଇଲ୍ ଗୋଲ୍ଡ ଜୁଏଲର୍ସର ୫ମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ସ୍ୱାଇଲ୍ ଗୋଲ୍ଡ ଜୁଏଲର୍ସର ଏମ୍‌ଡି ବାବୁରାମ ସ୍ୱାଇଁ, ସାମାଜିକ କର୍ମୀ ଜାପାନ ରାଉତରାୟ ଓ ଜୀବନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିବାବେଳେ ରାମନବମୀ ଅବସରରେ ସ୍ୱତନ୍ତ୍ର ଅଫର ଘୋଷଣା କରାଯାଇଥିଲା। ସୁନାଗହଣା ଉପରେ ଫ୍ଲାଟ୍ ୫% ଗଢ଼ା ମଜୁରି ଏବଂ ବିପିଏଲ୍ କାର୍ଡଧାରୀଙ୍କ ପାଇଁ ୪.୫% ଗଢ଼ା ମଜୁରି ରହିଛି। ଏହି ଅଫର ଅକ୍ଷୟ ତୃତୀୟା ପର୍ଯ୍ୟନ୍ତ ଉପଲବ୍ଧ ହେବ। ଅନ୍ୟପଟେ ଭାଗ୍ୟଶାଳୀ ବିଜେତାଙ୍କ ପାଇଁ ଲକି ଡ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ବିଜେତାଙ୍କୁ ଟିଭିଏସ୍ ସ୍କୁଟର ପ୍ରଦାନ କରାଯିବାକୁ ଥିବାବେଳେ ୨ୟ ଓ ୩ୟ ବିଜେତାଙ୍କୁ ଏଲ୍‌ଇଡି ଏବଂ ଫ୍ରିଜ୍ ପ୍ରଦାନ କରାଯିବ। ସେହିପରି ୧୦ ଜଣ ଲେଖାଏ ଗ୍ରାହକଙ୍କୁ ମିକ୍ସର ଗ୍ରାଇଣ୍ଡର ଓ ହାତଘଣ୍ଟା ଉପହାର ଦିଆଯିବ।

# ଖୋର୍ଦ୍ଧାରେ ଖୋଲିଲା ନୂଆ ଏମ୍‌ଆର୍‌ଏଫ୍ ଟାୟାର ଶୋ'ରୁମ୍

ଭୁବନେଶ୍ୱର,୨୭।୩(ଅନୁରାଧା ମହାରଣା)



ବିଜୟଲକ୍ଷ୍ମୀ ଟାୟାର୍ସ ପକ୍ଷରୁ ଖୋର୍ଦ୍ଧାର ଦଧିମାଛ ଗାଡ଼ିଆଠାରେ ଏକ ନୂଆ ଏମ୍‌ଆର୍‌ଏଫ୍ ଟାୟାର ଶୋ'ରୁମ୍ ଖୋଲାଯାଇଛି। ଶୋ'ରୁମ୍‌ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶୋ'ରୁମ୍ ମାଲିକ ବୃନ୍ଦାବନ ଅରିସଲଙ୍କ ସହ ମୁଖ୍ୟ ଅତିଥି ଭାବେ ଏମ୍‌ଆରଏଫ୍‌ର ଡିଷ୍ଟ୍ରିକ୍ଟ ମ୍ୟାନେଜର ସୁମନ୍ତ କୁମାର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଆର୍‌ଏଫ୍ ଟିମ୍‌ର ଶୁଭମ୍ ଶାହ, ବିପୁଳ ବୋଷ, ଆଦିତ୍ୟ ଦାସ, ରିତେଶ ରୋଶନ ଏବଂ ଲୋକେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ବ୍ୟାପକ ରେଞ୍ଜର ଟାୟାର ଏବଂ ଟ୍ୟୁବ୍ ଉପଲବ୍ଧ ହେଉଥିବାବେଳେ ଗ୍ରାହକଙ୍କୁ ସ୍ୱତନ୍ତ୍ର ସେବା ପ୍ରଦାନ କରାଯିବ। ଏହାସହ ଅଟୋମେଟିକ୍ ଟାୟାର ଚେଞ୍ଜିଂ ସୁବିଧା ମଧ୍ୟ ମିଳିବ।

# କୋଇଲା ଖଣି ପରିଦର୍ଶନକଲେ କୋଲ୍ ଇଣ୍ଡିଆ ଅଧ୍ୟକ୍ଷ


ମା' ହିଙ୍ଗୁଳାଙ୍କ ଉଭାସ୍ଥଳରେ ଦର୍ଶନ କରୁଛନ୍ତି କୋଲ୍ ଇଣ୍ଡିଆ ଅଧ୍ୟକ୍ଷ।

ତାଳଚେର,୨୭।୩(ମନୋଜ ନନ୍ଦ)

ଓଡ଼ିଶା ଗସ୍ତରେ ଆସିଥିବା କୋଲ୍ ଇଣ୍ଡିଆ ଅଧ୍ୟକ୍ଷ ବି. ସାଇରାମ ଶୁକ୍ରବାର ଶିଳ୍ପାଞ୍ଚଳ ତାଳଚେରର ବିଭିନ୍ନ କୋଇଲା ଖଣି ପରିଦର୍ଶନ କରିଥିଲେ। ଏହି ଅବସରରେ ସେ କୋଇଲା ଉତ୍ପାଦନ ଓ ପରିବହନ ସମ୍ବନ୍ଧରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାସହ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ମଧ୍ୟ ଦର୍ଶନ ସହ ପୂଜାର୍ଚ୍ଚନା କରିଛନ୍ତି। ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ପୂର୍ବତନ ସଦସ୍ୟ ରାଜେନ୍ଦ୍ର କୁମାର ସିଂହ, ମୁରଲୀଧର ସାହୁ, ଅରୁଣ ପ୍ରଧାନ, ସଞ୍ଜୟ ସାହୁ, ସନ୍ତୋଷ ପ୍ରଧାନ, ଗଗନ ବିହାରୀ ସାହୁ ପ୍ରମୁଖ ଅଧ୍ୟକ୍ଷ ସାଇରାମଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏମ୍‌ସିଏଲ୍ ଅଧ୍ୟକ୍ଷ ଉଦୟ ଅନନ୍ତ କାଓଲେ, ବୈଷୟିକ ନିର୍ଦ୍ଦେଶକ ସଞ୍ଜୟ କୁମାର ଝା, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ନିର୍ଦ୍ଦେଶକ ଅଜୟ କୁମାର ବେଉରା, ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ଏ.କେ. ଧଳ, ଭୁବନେଶ୍ୱରୀ କ୍ଷେତ୍ର ମହାପ୍ରବନ୍ଧକ ଅଜୟ କୁମାର ସିଂହ, ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକ ଏସ୍.ଭି.ଜୋଷୀ, କେନ୍ଦ୍ରୀୟ କର୍ମଶାଳାର ମହାପ୍ରବନ୍ଧକ ଆର୍.ଆର୍. ନାୟକ, ଭରତପୁର କ୍ଷେତ୍ର ମହାପ୍ରବନ୍ଧକ ଦିବ୍ୟଜୀବନ ସି, ତାଳଚେର କ୍ଷେତ୍ର ମହାପ୍ରବନ୍ଧକ କେ.ବି. ଚୌଧୁରୀ, ହିଙ୍ଗୁଳା କୋଇଲା ଖଣି ପ୍ରକଳ୍ପ ଅଧିକାରୀ ପଦ୍ମନାଭ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ସିୟୁଓ ପରିଦର୍ଶନକଲେ ପିଆଇବି ଏଡିଜି

ଭୁବନେଶ୍ୱର, ୨୭।୩ (ଅନୁରାଧା ମହାରଣା)



ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଓ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି)ର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ୪ ଦିନିଆ କୋରାପୁଟ ଗସ୍ତ କରିଛନ୍ତି। ଏହି ଅବସରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ) ପରିସରରେ ଆୟୋଜିତ 'ଯୋଗାଯୋଗର ସମାଜ ଶାସ୍ତ୍ର' ଶୀର୍ଷକ ଆଲୋଚନାଚକ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମିଶ୍ର କହିଥିଲେ, ଡିଜିଟାଲ ଯୁଗରେ ନୀତି ପ୍ରଣୟନ ଏବଂ ଜନସଚେତନତା ମଧ୍ୟରେ ଥିବା ବ୍ୟବଧାନକୁ ଦୂରକରିବା ପାଇଁ ସୂଚନାର ସମୟୋଚିତ, ସ୍ୱଚ୍ଛ ଏବଂ ସୁଲଭ ପ୍ରସାରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ସମାବେଶୀ ଜାତୀୟ ବିକାଶରେ ଯୋଗଦାନ ଦେବା ପାଇଁ ସରକାରୀ ଯୋଜନା ଏବଂ କଲ୍ୟାଣକାରୀ ପଦକ୍ଷେପଗୁଡ଼ିକ ତୃଣମୂଳ ସ୍ତରରେ ପହଞ୍ଚାଇବା ଲାଗି ପ୍ରଭାବଶାଳୀ ଯୋଗାଯୋଗ ଉପକରଣ ଉପଯୋଗକରିବା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ନରସିଂହ ଚରଣ ପଣ୍ଡା, ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ଡ. କପିଳା ଖେମୁଣ୍ଡୋ, ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗର ମୁଖ୍ୟ ଡ. ନିଖିଳ ଗୌଡ଼ା ଏବଂ ସହାୟକ ପ୍ରଫେସର ଡକ୍ଟର ସୌରଭ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଇନ୍‌କମ୍ ଟାକ୍ସ ସମ୍ପର୍କିତ ଆଉଟରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୭।୩(ଅନୁରାଧା ମହାରଣା)

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏମ୍‌ଏଆଇ) ଏବଂ ଟ୍ୟାକ୍ସ ରିସର୍ଚ୍ଚ ଡିପାର୍ଟମେଣ୍ଟର ମିଳିତ ସହଯୋଗରେ ନୂତନ ଆୟକର ଆଇନ-୨୦୨୫ ସମ୍ପର୍କିତ ଏକ ଆଉଟରିଚ୍ କାର୍ଯ୍ୟକ୍ରମ ସିଏମ୍‌ଏ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟି ଡିରେକ୍ଟରେଟ୍ ଅଫ୍ ଟ୍ରେନିଂ ସହଯୋଗରେ ଡାଇରେକ୍ଟ ଟ୍ୟାକ୍ସେସନ କମିଟି ଓ ଇନ୍‌କମ୍ ଟ୍ୟାକ୍ସ ଆକ୍ଟ-୨୦୨୫ ଟାକ୍ସଫୋର୍ସଙ୍କ ମାର୍ଗଦର୍ଶନରେ ଟିଆର୍‌ଡି ଦ୍ୱାରା ପରିଚାଳିତ ଦେଶବ୍ୟାପୀ ପଦକ୍ଷେପର ଏକ ଅଂଶ ଥିଲା। ମୁଖ୍ୟ ଅତିଥି ଭାବେ ନାଲ୍‌କୋର ଅର୍ଥ ନିର୍ଦ୍ଦେଶକ ସିଏମ୍‌ଏ ଅଭୟ କୁମାର ବେହୁରିଆ, ସ୍ୱତନ୍ତ୍ର ଅତିଥି ଭାବେ ପ୍ରିନ୍ସିପାଲ କମିଶନର ଅଫ୍ ଇନକମ୍ ଟ୍ୟାକ୍ସ ସରୋଜ ମହାପାତ୍ର, ସିଏମ୍‌ଏ ଶ୍ରୀକାନ୍ତ କୁମାର ସାହୁ, ସିଏମ୍‌ଏ ଗଗନ ବିହାରୀ ସ୍ୱାଇଁ, ସିଏମ୍‌ଏ କ୍ଷୀରୋଦ ଚନ୍ଦ୍ର ନନ୍ଦ, ଆଇସିଏମ୍‌ଏଆଇର ପୂର୍ବତନ ସଭାପତି ସିଏମ୍‌ଏ ବିଭୂତି ଭୂଷଣ ନାୟକ ଏବଂ ଇଆଇଆର୍‌ସିର ଅଧ୍ୟକ୍ଷ ସିଏମ୍‌ଏ ଆରତି ଗାଙ୍ଗୁଲି, ଉପାଧ୍ୟକ୍ଷ ଦାମୋଦର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଭୁବନେଶ୍ୱର ଚାପ୍ଟର ଅଧ୍ୟକ୍ଷ ସିଏମ୍‌ଏ ଶରତ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ସିଏମ୍‌ଏ ସୁଧାଂଶୁ କୁମାର ସାହୁ ଓ ଅବିନାଶ କୋଟ୍‌ନି ଏହି ଟେକ୍ନିକାଲ ସେସନର ପରିଚାଳନା କରିଥିଲେ। ଭୁବନେଶ୍ୱର ଚାପ୍ଟରର ସେକ୍ରେଟାରି ସିଏମ୍‌ଏ ସୌମ୍ୟରଞ୍ଜନ ଜେନା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ସିଏମ୍‌ଏ ବରଦା ପ୍ରସନ୍ନ ନାୟକ ଏବଂ ସିଏମ୍‌ଏ ରମେଶ ଚନ୍ଦ୍ର ପାତ୍ର ସହଯୋଗ କରିଥିଲେ।

# ଷ୍ଟେଟ ବ୍ୟାଙ୍କ ପକ୍ଷରୁ ୫୦ ହ୍ୟାଣ୍ଡୱାଶ୍ ମେଶିନ ପ୍ରଦାନ


ଅତିଥି ହ୍ୟାଣ୍ଡ ୱାଶ ମେଶିନ ପ୍ରଦାନ କରୁଛନ୍ତି।

ମାଲକାନଗିରି,୨୭।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପକ୍ଷରୁ ସିଏସଆର୍ ଆକ୍ଟିଭିଟି ଦ୍ୱାରା ସିଡିପିଓ କାର୍ଯ୍ୟାଳୟରେ ୫୦ ହ୍ୟାଣ୍ଡ ୱାଶ ମେଶିନ ୫୦ ଅଙ୍ଗନୱାଡି କର୍ମୀଙ୍କୁ ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ମାଲକାନଗିରି ସିଡିଓ ଦାଶରଥୀ ସରାବୁ ପ୍ରଦାନ କରିଥିଲେ। ଯାନବାଇ ସ୍ୱାଭିମାନ ଅଞ୍ଚଳରେ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମାଲକାନଗିରି ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ବିନୋଦ କୁମାର ବିଷୋୟୀ, ସହ ଶାଖା ପରିଚାଳକ ଅଜିତ କୁମାର ଆଚାର୍ଯ୍ୟ ଆୟୋଜନ କରିଥିଲେ। ଏଲ୍‌ଡିଏମ୍ ଚକ୍ରଧର ନାୟକ, ଡିଏସ୍‌ଡବ୍ଲ୍ୟୁ ଓ ସିଡିପିଓ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ............................



ଦେଭ୍ୟାନ୍ସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।








ରାୟପୁରରେ ଚାଲିଥିବା ଖେଲୋ ଇଣ୍ଡିଆ ଟ୍ରାଇବାଲ୍ ଗେମ୍ସରେ ଶୁକ୍ରବାର ଭାରୋତ୍ତୋଳନ ଇଭେଣ୍ଟରେ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିବା ଓଡ଼ିଶାର ବିଦୁସ୍ମିତା ଭୋଇ,ମୀନା ସାନ୍ତା ଓ ମୀନା ସିଂ।

# ଫାଇନାଲରେ ଏଲ୍ଏଲ୍ସିସି

**ଭୁବନେଶ୍ୱର, ୨୭।୩ (ତପନ ସ୍ୱାଇଁ)**

ସ୍ଥାନୀୟ ଆଇଆର୍ସିରେ ଚାଲିଥିବା ୧୪ ବର୍ଷରୁ କମ୍ ୫ମ ଏଲ୍ଏଲ୍ସିସି କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହିଦ ସ୍ପୋର୍ଟିଂକୁ ୯୪ ରନରେ ହରାଇ ଆୟୋଜକ ଏଲ୍ଏଲ୍ସିସି ଫାଇନାଲରେ ପ୍ରବେଶ କରିଛି। ଫଳରେ ୨୦୨୪ ଓ ୨୦୨୫ରେ ଚାମ୍ପିୟନ ହୋଇଥିବା ଏଲ୍ଏଲ୍ସିସି ଏଥର ହ୍ୟାଟ୍ରିକ ଲକ୍ଷ୍ୟରେ ରହିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଏଲ୍ଏଲ୍ସିସି ରୋହିତ ବିଭାରଙ୍କ ବିସ୍ଫୋରକ ୭୭ (୫୭ ବଲରେ, ୧୯ ଚୌକା)ରନ ବଳରେ ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ ହରାଇ ୨୨୦ ରନ କରିଥିଲା।

ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ତେଜେଶ୍ୱର ପଣ୍ଡା ୨୮ ଓ ଆର୍ଯ୍ୟ ପାଟଶାଣୀ ୨୪ ରନ କରିଥିଲେ। ବିପକ୍ଷ ଦଳର ଆର୍ଯ୍ୟ ମୋରେ ୩ଟି ଓ ଏବି ଭିଜନ ୨ଟି ଉଇକେଟ ନେଇଥିଲେ। ୨୨୧ ରନ ବିଜୟ ଲକ୍ଷ୍ୟର ପିଛାକରି ସହିଦ ସ୍ପୋର୍ଟିଂ ୨୧.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୬ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଅଧିନାୟକ ସୂରଜ ଜେ. ଧଳ ସର୍ବାଧିକ ୩୨ ରନ କରିଥିଲେ। ବିଜୟୀ ଦଳର ମୋହିତ ପଙ୍କଜ ସାହୁ ଓ ଆର୍ଯ୍ୟ ପାଟଶାଣୀ ୩ଟି ଲେଖାଏ ଓ ଶ୍ରେୟାଂଶ ସଂକଳ୍ପ ପରିଡ଼ା ୨ଟି ଉଇକେଟ ନେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ରୋହିତ ବିଭାରଙ୍କୁ ଅତିଥି ଲିଙ୍ଗରାଜ ମିଶ୍ର ପୁରସ୍କୃତ କରିଥିଲେ। ଶନିବାର ଦ୍ୱିତୀୟ ସେମି ଫାଇନାଲରେ ପାରାମାଉଣ୍ଟ ସ୍ପୋର୍ଟିଂ ସହ ରେଡ୍ ଷ୍ଟାରର ମୁକାବିଲା ହେବ। ରବିବାର ଫାଇନାଲ ଅନୁଷ୍ଠିତ ହେବ।





ରୋହିତ ବିଭାରଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶେଷ

**ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ବାସ୍କେଟବଲ୍**

**ଭୁବନେଶ୍ୱର, ୨୭।୩ (ତପନ ସ୍ୱାଇଁ)**

ୟୁନିଟ-୧ସ୍ଥିତ ଜିଆଇଏଚ୍ କ୍ରୀଡ଼ା ପ୍ରାଙ୍ଗଣରେ ଚାଲିଥିବା ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ବାସ୍କେଟବଲ୍ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶୁକ୍ରବାର ଶେଷ ହୋଇଛି। ସଂଘର୍ଷପୂର୍ଣ୍ଣ ପ୍ରଥମ କ୍ୱାର୍ଟର ଫାଇନାଲରେ ଏଣ୍ଟରନେଟର ଦଳ କିଟ୍କୁ ୫୪-୫୩ ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ କ୍ୱାର୍ଟରରେ ସରକାରୀ ବାଳିକା ହାଇସ୍କୁଲ ଦଳ ୩୬-୨୦ରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ, ତୃତୀୟ କ୍ୱାର୍ଟର ଫାଇନାଲରେ କେଡିବିଏ ଦଳ ୪୮-୩୨ରେ ଏସ୍ବି ଓମେନ୍ସ କଲେଜକୁ ଏବଂ ଚତୁର୍ଥ କ୍ୱାର୍ଟରରେ ବିଏଏ ଦଳ ୨୪-୧୪ରେ ବିବିଏକୁ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଛି। ପୂର୍ବଦିନ ଅନୁଷ୍ଠିତ ମ୍ୟାଚ୍ରେ ଏଣ୍ଟରଟ୍ରେନର ଦଳ କିଟ୍-ବିକୁ ୫୪-୨୬ରେ ପରାସ୍ତ କରିଥିଲା। ଶନିବାର ସେମିଫାଇନାଲ୍ ଓ ଫାଇନାଲ୍ ଅନୁଷ୍ଠିତ ହେବ।


**Well wishes for the 12th Birthday on 18.03.2026**



**Ipsit Kumar (Devyansh)**

On the occasion of Happy Birthday of our lovely grandson/son, we pray the almighty god of the universe to shower His abundant blessings for Devyansh's brilliant & colourful bright future for all time to come.

With hearty blessings from:
Bapa/Maa, Daddy, Mummy, Baby didi/ Piusa, Kalyani Aii, Bablu Uncle/Aunty, Chanti Mausi/Mausa

D-3767


**ଏସିଆ କପ୍-ୱାର୍ଲ୍ଡ ର୍ୟାଙ୍କିଙ୍ଗ ଟୁର୍ନାମେଣ୍ଟ**

# ଭାରତୀୟ ତୀରନ୍ଦାଜଙ୍କୁ ୧୦ ପଦକ

**ବ୍ୟାଙ୍କକ୍, ୨୭।୩ (ପି.ଟି.)**

ଭାରତୀୟ କମ୍ପାଉଣ୍ଡ ତୀରନ୍ଦାଜମାନେ ଏଠାରେ ଚାଲିଥିବା ଏସିଆ କପ୍-ୱାର୍ଲ୍ଡ ର୍ୟାଙ୍କିଙ୍ଗ ଟୁର୍ନାମେଣ୍ଟ ଷ୍ଟେଜ୍-୧ରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସେମାନେ ମିକ୍ସଡ ଟିମ୍ରେ ସ୍ୱର୍ଣ୍ଣ ଓ ମହିଳା ଟିମ୍ରେ ରୌପ୍ୟ ଜିତିଥିବା ବେଳେ ପୁରୁଷ ବ୍ୟକ୍ତିଗତ ଇଭେଣ୍ଟରେ ସୁଇପ୍ କରିଛନ୍ତି। ଭାରତ ଆହୁରି ମଧ୍ୟ ଅପରାହ୍ନ ସେସନରେ ରିକର୍ଭ ବିଭାଗରେ ଦୁଇ ରୌପ୍ୟ ପଦକ ହାସଲ କରିଛି। ଫଳରେ ଭାରତର ପଦକ ସଂଖ୍ୟା ୧୦ (୨ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୪ ବ୍ରୋଞ୍ଜ)ରେ ପହଞ୍ଚିଛି। ଗତ ସଂସ୍କରଣରେ ଭାରତ ୮ ପଦକ ଜିତିବାରେ ସମର୍ଥ ହୋଇଥିଲା। ସ୍ୱର୍ଣ୍ଣ ପଦକ ଦୃଷ୍ଟିରୁ ଭାରତର ସଂଖ୍ୟା ଏଥର ହ୍ରାସ ପାଇଛି। ଗତଥର ଭାରତ ୫ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା। ଏହାର ମୁଖ୍ୟ କାରଣ ହେଲା ଏଥର ରିକର୍ଭ ବିଭାଗରେ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଜଣେ ହେଲେ ତୀରନ୍ଦାଜ ସ୍ୱର୍ଣ୍ଣ ଜିତିବାରେ ସଫଳ ହୋଇ ନାହାନ୍ତି। ସେମାନେ ପୁରୁଷ ବ୍ୟକ୍ତିଗତ ବିଭାଗ ଏବଂ ମିକ୍ସଡ ଟିମ୍ ଇଭେଣ୍ଟରେ ଗୋଟିଏ ହେଲେ ପଦକ ଜିତିବାରେ ସମର୍ଥ ହୋଇ ନାହାନ୍ତି। ୨୦୨୫ରେ ଭାରତ ପୁରୁଷ ବ୍ୟକ୍ତିଗତ ରିକର୍ଭରେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିବା ବେଳେ ମିକ୍ସଡ ଟିମ୍ ଏକ ରୌପ୍ୟ ପଦକ ପାଇଥିଲା। ଦିନର ଉଲ୍ଲେଖନୀୟ ଘଟଣା ହେଲା ଭାରତ ବ୍ୟକ୍ତିଗତ ପୁରୁଷ କମ୍ପାଉଣ୍ଡ ବିଭାଗରେ କ୍ଲିନ୍ ସୁଇପ୍ ହାସଲ କରିବା। ଏକ ରୋମାଞ୍ଚକ ଅଲ୍-ଇଣ୍ଡିଆନ ଫାଇନାଲରେ ଉଦୟ କାମ୍ବୋଜ ୧୪୫-୧୪୪ରେ ପ୍ରଥମେଶ ଜକରଙ୍କୁ ପଛରେ ପକାଇ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୁରୁଖା ଖେଳାଳି ରଜତ ଚୌହାନ ଏକ ବ୍ରୋଞ୍ଜ ପଦକ ପାଇଥିଲେ।

# ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ: ଦ୍ୱିତୀୟ ସ୍ଥାନରେ ଓଡ଼ିଶା

**ରାୟପୁର, ୨୭।୩ (ପି.ଟି)**

ଏଠାରେ ଚାଲିଥିବା ଖେଲୋ ଇଣ୍ଡିଆ ଟ୍ରାଇବାଲ୍ ଗେମ୍ସର ଶୁକ୍ରବାର ଥିଲା ତୃତୀୟ ଦିବସ। ସୁଇମିଂ ପୁଲ୍ରେ କର୍ଣ୍ଣାଟକ ପୁଣି ଆଧିପତ୍ୟ ବିସ୍ତାର କରିବା ସହ ପ୍ରଥମ ରାଜ୍ୟ ଭାବେ ୧୦ରୁ ଉର୍ଦ୍ଧ୍ୱ ସ୍ୱର୍ଣ୍ଣ ହାସଲ କରି ପଦକ ତାଲିକାର ଶୀର୍ଷରେ ରହିଛି। ମଣିକାନ୍ତ ଏଲ୍'ଙ୍କ ନେତୃତ୍ୱରେ କର୍ଣ୍ଣାଟକର ସନ୍ତରଣକାରୀମାନେ ପଦକ ତାଲିକାରେ ଦୁଇ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ଯୋଗ କରିଛନ୍ତି। ତୃତୀୟ ଦିବସ ସୁଦ୍ଧା କର୍ଣ୍ଣାଟକ ୧୩ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତିପାରିଛି। ଓଡ଼ିଶା ୬ ସ୍ୱର୍ଣ୍ଣ, ଦୁଇ ରୌପ୍ୟ ଓ ୯ ବ୍ରୋଞ୍ଜ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଆସାମ (୨ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ ବ୍ରୋଞ୍ଜ) ୮ ପଦକ ସହ ତୃତୀୟ ସ୍ଥାନରେ ରହିଛି। ଛତିଶଗଡ଼ ଓ ତ୍ରିପୁରା ପ୍ରତ୍ୟେକ ୩ ରୌପ୍ୟ ଏବଂ ସମାନ ସଂଖ୍ୟକ ବ୍ରୋଞ୍ଜ ସହ ମିଳିତ ୭ମ ସ୍ଥାନରେ ଅଛନ୍ତି। ଓଡ଼ିଶାର ଭାରୋତ୍ତୋଳିକା ବିଦୁସ୍ମିତା ଭୋଇ ୬୩ କେଜି ଓଜନରେ ଭାଗ ନେଇ ସ୍ନାଚ ଏବଂ କ୍ଲିନ୍ ଏଣ୍ଡ ଜର୍କରେ ମୋଟ୍ ୧୯୫ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେହିପରି ମୀନା ସାନ୍ତା ମହିଳା ୫୩ କେଜି ବର୍ଗରେ ରୌପ୍ୟ ଏବଂ ମୀନା ସିଂ ବ୍ରୋଞ୍ଜ ପଦକ ଜିତିଛନ୍ତି। ସୂଚନାଯୋଗ୍ୟ, ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସର ପ୍ରଥମ ସଂସ୍କରଣରେ ୩୨ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ପାଖାପାଖି ୩୮୦୦ ପ୍ରତିଯୋଗୀ ୯ଟି କ୍ରୀଡ଼ା ବିଭାଗରେ ଅଂଶଗ୍ରହଣ କରିଛନ୍ତି। ତୀରନ୍ଦାଜୀ, ଆଥ୍ଲେଟିକ୍ସ, ଫୁଟ୍ବଲ, ହକି ସୁଇମିଂ, ୱେଟ୍ଲିଫ୍ଟିଙ୍ଗ ଓ ରେସ୍ଲିଂ ଏବଂ ମାଲଖମ୍ବ ଓ କବାଡି ଭଳି ପ୍ରଦର୍ଶନ ଖେଳ ଭାବେ ସାମିଲ କରାଯାଇଛି।

# ଓଡ଼ିଶାକୁ ୧୦ ସ୍ୱର୍ଣ୍ଣ ସହ ୨୬ ପଦକ



ଜାତୀୟ ପାରା ଫେନ୍ସିଂରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀ।

**ଜାତୀୟ ପାରା ଫେନ୍ସିଂ**

**ଭୁବନେଶ୍ୱର, ୨୭।୩ (ତପନ ସ୍ୱାଇଁ)**

ରାଜସ୍ଥାନର ଜୟପୁରରେ ଅନୁଷ୍ଠିତ ୨ୟ ଜାତୀୟ ପାରା ଫେନ୍ସିଂ ଚାମ୍ପିୟନଶିପ୍ରେ ଓଡ଼ିଶା ଦଳ ୧୦ ସ୍ୱର୍ଣ୍ଣ ସହ ମୋଟ ୨୬ ପଦକ ହାସଲ କରିଛି। ଏହା ମଧ୍ୟରେ ୬ ରୌପ୍ୟ ଓ ୧୦ ବ୍ରୋଞ୍ଜ ପଦକ ସାମିଲ। ଅନ୍ତିମ ଦିବସରେ ଅନୁଷ୍ଠିତ ମହିଳା ଇପି 'ଏ' ବର୍ଗରେ ମାଳତି ପାନୁରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫାଇନାଲରେ ସେ ଅନ୍ୟତମ ଓଡ଼ିଶା ଫେନ୍ସର ଶୀଲା ମନ୍ତ୍ରୀଙ୍କୁ ୧୫-୩ରେ ପରାସ୍ତ କରିଛନ୍ତି। ଫଳରେ ଏହି ଇଭେଣ୍ଟରେ ଓଡ଼ିଶାକୁ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ମିଳିଛି। ମହିଳା ଇପି 'ବି' ବର୍ଗରେ ନିତୁ ପ୍ରଧାନ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେ ଫାଇନାଲରେ ଆଶା ସିଂଙ୍କୁ ୧୫-୧୨ରେ ହରାଇ ଦେଇଛନ୍ତି। ଏଥିରୁ ମଧ୍ୟ ଓଡ଼ିଶାକୁ ସ୍ୱର୍ଣ୍ଣ-ରୌପ୍ୟ ମିଳିଛି। ମହିଳା ଇପି ଟିମ୍ ଇଭେଣ୍ଟରେ ଓଡ଼ିଶା ଦଳକୁ ରୌପ୍ୟ ପଦକ ମିଳିଛି। ହରିୟାଣାଠାରୁ ୯-୧୪ରେ ହାରି ଓଡ଼ିଶା ରନରଅପ୍ ହୋଇଛି। ମହିଳା ସାବ୍ରେ 'ବି' ବର୍ଗରେ ଓଡ଼ିଶା ଦଳ ସେମିଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇ ବ୍ରୋଞ୍ଜ ପଦକ ହାସଲ କରିଛି। ମହିଳା ସାବ୍ରେ ଟିମ୍ ଇଭେଣ୍ଟରେ ଓଡ଼ିଶା ଦଳ ରୌପ୍ୟ ପଦକ ଜିତିଛି। ହରିୟାଣାଠାରୁ ଓଡ଼ିଶା ୯-୧୪ରେ ପରାଜିତ ହୋଇଛି। ପୁରୁଷ ଇପି 'ଏ' ବର୍ଗରେ ଭି. ରମେଶ ରାଓ ରୌପ୍ୟ ପଦକ ହାସଲ କରିଛନ୍ତି। ଫାଇନାଲରେ ସେ ହରିୟାଣାର ପ୍ରଭିନଙ୍କଠାରୁ ୧୩-୧୫ରେ ହାରି ଯାଇଛନ୍ତି। ପୁରୁଷ ଇପି ଟିମ୍ ଇଭେଣ୍ଟରେ ଓଡ଼ିଶା ୧୫-୯ରେ ହରିୟାଣାକୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଓମ୍ ପ୍ରକାଶ ବେହେରା, ପବିତ୍ର ସାହୁ, ରାଖାଲ କୁମାର ସେଠୀ ଓ ଭି. ରମେଶ ରାଓ ଓଡ଼ିଶା ଦଳର ସଦସ୍ୟ ଥିଲେ।

**ସର୍ବଭାରତୀୟ ୯ବଲ୍ ସ୍ନୁକର**

# ଆଶୁତୋଷଙ୍କ ପ୍ରଭାବୀ ପ୍ରଦର୍ଶନ

**ଭୁବନେଶ୍ୱର, ୨୭।୩ (ତପନ ସ୍ୱାଇଁ)**

ପଞ୍ଜାବର ଲୁଧିଆନାଠାରେ ଚାଲିଥିବା ସର୍ବଭାରତୀୟ ୯ ବଲ୍ ସ୍ନୁକର ଚାମ୍ପିୟନଶିପ୍ରେ ଓଡ଼ିଶାର ଆଶୁତୋଷ ପାଢ଼ୀ ପ୍ରଭାବୀ ପ୍ରଦର୍ଶନ କରି ଟପ୍-୩୨ରେ ପ୍ରବେଶ କରିଛନ୍ତି। ନିଜର ଏହି ଯାତ୍ରା ପଥରେ ଆଶୁତୋଷ ପୂର୍ବତନ ବିଶ୍ୱ ଚାମ୍ପିୟନ ଶ୍ରୀକ୍ରିଷ୍ଣା ସୂର୍ଯ୍ୟନାରାୟଣଙ୍କୁ ହରାଇ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସୂର୍ଯ୍ୟନାରାୟଣଙ୍କ ବିପକ୍ଷରେ ଆଶୁତୋଷ ଏକଦା ୩-୫ରେ ପଛୁଆ ରହିଥିଲେ। ମାତ୍ର ଚାପ ସ୍ଥିତିରେ ଶ୍ରେଷ୍ଠ ପ୍ରଦର୍ଶନ କରି ଆଶୁତୋଷ ୬-୫ରେ ବିଜୟୀ ହୋଇଥିଲେ। ରାଉଣ୍ଡ ଅଫ୍-୨୬୪ରେ ଆଶୁତୋଷ ଅତି ସହଜରେ ନୀରଜ ବାଗାଙ୍କୁ ୬-୦ରେ ହରାଇ ଦେଇଥିଲେ। ରାଉଣ୍ଡ ଅଫ୍-୧୨୮ରେ ମଧ୍ୟ ସେ ପ୍ରଭାବୀ ପ୍ରଦର୍ଶନ କରି ରେଳୱେର ନୀତେଶ ମଦନଙ୍କୁ ୬-୫ରେ ହରାଇ ଦେଇଥିଲେ। ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଫେଡେରେଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।


# Classified Everyday
**0674-2580101, 9692975378**



**REAL ESTATE SALE**

GA Colony ଭରତପୁରରେ Fully Developed Colony ମଝିରେ 2700 ବର୍ଗଫୁଟ ସ୍ଥିତିବାନ୍ Plot For sale. Owner- 8917622925. D-3763

Ready to move 3BHK Duplex Bungalow, BOTANDA, SUNDARPADA, BHUBANESWAR, near SBI, Ranging: 1.18Cr. Contact: 9861125539, 9040521173. D-301

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ **IIT**, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/**Duplex** ମିଳୁଛି। **8327785834.** D-3649

**Limited CDA and RERA (RP/07/2023/01069) Approved Plot available near K.V-3 & CISF Munduli with all Infrastructure Development. Contact- 7008513309.** D-3764

ଭୁବନେଶ୍ୱର ଜଟଣୀଗେଟ୍ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ। ରଙ୍ଗୀନ ଟ୪୨୦/- ରୋ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

I, BABBAN, S/o.- Late Kanhai Prasad, residing at Qrs. No. C/25, Sector-3, Rourkela- 769002, P.S.- Sector-3, Dist.- Sundargarh, Odisha declare vide No. A/43 dtd. 19.03.2026 that, my correct name is BABBAN, but in the Registration Certificate of my vehicle Regd. No. OD14F 5751 and in my Driving Licence No. OR 14 19880018201 my name has been mentioned as BABBAN PRASAD, S/o.- Kanhai. That, Babban and Babban Prasad is one and same person. Kanhai and Kanhai Prasad is one and same person i.e my father.
D-3761

By virtue of this affidavit sworn before the Executive Magistrate, Binjharpur/ Notary Public, Jajpur on dated 20th January 2026, I, Mr. Rajesh Jena, Address: At- Sayedpur, P.O.- Binjharpur, P.S.- Binjharpur, Dist.- Jajpur, Odisha, PIN- 755004 have changed my name from "Rajendra Jena" to "Rajesh Jena". Henceforth, I shall be known as "Rajesh Jena" for all purpose.
Rajesh Jena
D-3762

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଦିବାକର ନାୟକ**
ତିହିଡ଼ି, ଭଦ୍ରକ
ଆବିର୍ଭାବ: ୨୩।୦୪।୧୯୪୦
ତିରୋଧାନ: ୧୭।୦୩।୨୦୨୬

ଆପଣଙ୍କୁ ଏବେ ଆମେ ଖୁବ୍ ବେଶି ମନେ ପକାଉଛୁ। ଅନୁଭବ କରୁଛୁ ଆପଣଙ୍କ ସ୍ପର୍ଶ। ବାରି ପାରୁଛୁ ଆପଣଙ୍କ ମହକ। ଲାଗୁଛି ଆପଣ ଏଇଠି କୋଉଠି ଅଛନ୍ତି। ପବନରେ ଧୀରେ ଧୀରେ ପହଁରି ଯାଉଛି ଆପଣଙ୍କ ପାଦଶବ୍ଦ। ଆମେ ଦେଖିପାରୁଛୁ ଆପଣଙ୍କ ପାନଖିଆ ପାଟିର ହାଲକା ହସ। ଆପଣ ଯେଉଁ ନାଆ ଗଢ଼ି ଦେଇ ଯାଇଛନ୍ତି ଆମ ପାଇଁ, ଆମେ ନିଶ୍ଚେ ସେଥିରେ ସଂସାର ନଇ ପାରିହେବୁ। ଆପଣ ବିଶ୍ୱାସ ରଖିଥାନ୍ତୁ ବାପା। ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ ଆପଣ ଯେଉଁଠି ଅଛନ୍ତି ଶାନ୍ତିରେ ରୁହନ୍ତୁ।

ଆପଣଙ୍କ ଶ୍ରଦ୍ଧାନୁବଦ୍ଧ: ବାସନ୍ତୀ ପାଢ଼ୀ (ଝିଅ), ଶଶୀକାନ୍ତ ପାଢ଼ୀ (ଜ୍ୱାଇଁ), ବାପୁଜୀ ନାୟକ (ପୁଅ), କଳ୍ପନା ନାୟକ (ବୋହୂ), ଅଭୟ ନାୟକ (ପୁଅ), ଜାନକୀ ନାୟକ (ବୋହୂ), ନାତିନାତୁଣୀ ଓ ଆତ୍ମୀୟସ୍ୱଜନ

ଧ-୩୭୬୫


# ହକିରୁ ଗୁର୍ଜାନ୍ତଙ୍କ ଅବସର



ଗୁର୍ଜାନ୍ତ ସିଂ

**ନୂଆଦିଲ୍ଲୀ, ୨୭।୩ (ପି.ଟି.)**

ଭାରତର ଦୁଇଥର ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜେତା ଗୁର୍ଜାନ୍ତ ସିଂ ଶୁକ୍ରବାର ଅନ୍ତର୍ଜାତୀୟ ହକିରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଗତବର୍ଷ ପିଠିରେ ଆଘାତପ୍ରାପ୍ତ ପରେ ତାଙ୍କୁ ଜାତୀୟ ଦଳରେ ଆଉ ସ୍ଥାନ ମିଳି ନ ଥିଲା। ଗୁର୍ଜାନ୍ତ କହିଛନ୍ତି ଅବସର ପାଇଁ ତାଙ୍କ ଲାଗି ଏହା ଏକ ଉପଯୁକ୍ତ ସମୟ ବୋଲି ସେ ମନେ କରିଥିଲେ। ଗୁର୍ଜାନ୍ତ ସିନିୟର ସ୍ତରରେ ୧୩୦ ମ୍ୟାଚ ଖେଳିଛନ୍ତି। ଦଳକୁ ଚାଇନାରେ ୨୦୨୩ ରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଏକ ସ୍ୱର୍ଣ୍ଣ ପଦକ ଜିତାଇବାରେ ତାଙ୍କର ବିଶେଷ ଭୂମିକା ରହିଥିଲା। ଅମୃତସର ଖାଇଲାରା ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ୩୧ବର୍ଷୀୟ ଫରୱାର୍ଡ ଗୁର୍ଜାନ୍ତ ଟୋକିଓ ଓ ପ୍ୟାରିସ ଅଲିମ୍ପିକ୍ସରେ ପଛକୁ ପଛ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଦଳର ଜଣେ ସଦସ୍ୟ ଥିଲେ। ଶୁକ୍ରବାର ଏଠାରେ ୮ମ ହକି ଇଣ୍ଡିଆ ବାର୍ଷିକ ପୁରସ୍କାର ଉତ୍ସବ ବେଳେ ତାଙ୍କର ଅବସର ଘୋଷଣା କରିଛନ୍ତି। ପିଠିରେ ଇଞ୍ଜୁରୀ ଯୋଗୁ ସେ ଗତବର୍ଷ ଜୁନ୍ ପ୍ରୋ-ଲିଗ୍ ପରେ ସିନିୟର ଦଳରୁ ବାଦ ପଡ଼ିଥିଲେ। ପାଖାପାଖି ୭ରୁ ୮ମାସ ଧରି ତାଙ୍କୁ ଜାତୀୟ ଦଳରେ ସ୍ଥାନ ମିଳି ନ ଥିଲା। ଏହାପରେ ସେ ହକି ଇଣ୍ଡିଆ ଲିଗ୍ ଓ ଘରୋଇ ହକି ଖେଳିଥିଲେ ହେଁ ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲେ। ତେଣୁ ଅବସର ନେବା ସହ ଜୁନିୟର ଖେଳାଳିଙ୍କୁ ସୁଯୋଗ ଦେବା ପାଇଁ ଏହା ପ୍ରକୃଷ୍ଟ ସମୟ ବୋଲି ସେ ବିଚାର କରିଥିଲେ ବୋଲି ଗୁର୍ଜାନ୍ତ ପ୍ରକାଶ କରିଛନ୍ତି।

# ଓଡ଼ିଆର ସଂକଳ୍ପ

**ଡ. ଚନ୍ଦ୍ରକଳା ନାୟକ**

୧ ଏପ୍ରିଲ ୧୯୮୨ ମସିହାରେ ପ୍ରବାସୀ ଓଡ଼ିଆମାନେ ରବୀନ୍ଦ୍ର ସଦନରେ ଉତ୍କଳ ଦିବସ ପାଳନ କରୁଥା'ନ୍ତି। ପଶ୍ଚିମବଙ୍ଗର ଦିବଂଗତ ମୁଖ୍ୟମନ୍ତ୍ରୀ ଜ୍ୟୋତିବସୁ ସେହି ସଭାରେ ମୁଖ୍ୟ ଅତିଥି ଥାଆନ୍ତି। ମୁଖ୍ୟବକ୍ତା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କଥାକାର ମନୋଜ ଦାସ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ କହିଦେଲେ, ଓଡ଼ିଶାର ସ୍ୱତନ୍ତ୍ର ସଂସ୍କୃତି ବୋଲି କିଛି ନ ଥିଲା। ୧୯୩୬ ମସିହାରୁ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ପରେ ସଂସ୍କୃତିରେ ଯାହା କିଛି ପରିବର୍ତ୍ତନ ଆସିଛି। ମନୋଜ ବାବୁ ତାଙ୍କ ଭାଷଣ ଆରମ୍ଭ କଲେ ଓ କହିଲେ: ୧୯୩୬ ପରଠାରୁ ଓଡ଼ିଶାର ସଂସ୍କୃତି କଥା ତ କହିବି, କିନ୍ତୁ ଆଗ କହେ ଯେଉଁ ମାଟିରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇଥିଲେ ସେ ସଂସ୍କୃତିର କଥା। ଗଙ୍ଗାଠାରୁ ଗୋଦାବରୀ ଉତ୍କଳର ଆୟତନ ବୃଦ୍ଧି କରିଥିବା ଐର ଖାରବେଳଙ୍କ କଥା। ଗଙ୍ଗବଂଶର ମହାରାଜାମାନଙ୍କ ସଂସ୍କୃତି କଥା, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସଂସ୍କୃତିର କଥା ଓ ଜୟଦେବଙ୍କ ଗୀତଗୋବିନ୍ଦର କଥା। ଏହି କେତୋଟି ବାକ୍ୟରେ ପ୍ରବାସୀ ଓଡ଼ିଆମାନେ କରତାଳିରେ ରବୀନ୍ଦ୍ର ସଦନ ପ୍ରକମ୍ପିତ କରିଦେଲେ। ମନୋଜ ବାବୁଙ୍କ ବକ୍ତବ୍ୟର ଚୋଟ ଯାଇ ବାଜିଲା ଜ୍ୟୋତିବସୁଙ୍କ ଛାତିରେ। ତାଙ୍କ ମୁହଁ ଶୁଖିଗଲା।



କପିଳ ସଂହିତାରେ ଲେଖାଅଛି– ''ବର୍ଷାଣାଂ ଭାରତ ଶ୍ରେଷ୍ଠ, ଦେଶାନାଂ ଉତ୍କଳ ସ୍ମୃତ, ଉତ୍କଳସ୍ୟ ସମଦେଶ ଦେଶୋନାସ୍ତି ମହୀତଳେ।'' ଏଥିରେ ଭାରତର ଶ୍ରେଷ୍ଠ ରାଜ୍ୟ ରୂପେ ଉତ୍କଳକୁ ମାନ୍ୟତା ପ୍ରଦାନ କରାଯାଇଛି। ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅକ୍ତିଆର କରିବା ପୂର୍ବରୁ ଓ ପରେ ବହୁ ଉଠାଣି, ଗଡ଼ାଣି ଦେଇ ଓଡ଼ିଆ ଜାତି ଚାଲିଆସିଛି। କେଉଁଠି ଝୁଣ୍ଟିପଡ଼ିଲେ ବି ପୁଣି ଉଠି ଆଗେଇ ଚାଲିଛି। ଶେଷରେ ପୁରାତନର ଭସ୍ମ ଭିତରୁ ଫିନିକ୍ସ ପକ୍ଷୀ ପରି ନବ ତେଜରେ ଜନ୍ମ ନେଇଛି ନୂଆ ଓଡ଼ିଶା ୧୯୩୬ ମସିହା ଏପ୍ରିଲ ୧ ତାରିଖରେ। ଉତ୍କଳ ପ୍ରଦେଶ ଗଠନ ହେବା ପଛରେ ବହୁ ରାଜନୈତିକ ଘଟଣା ପ୍ରବାହ ଜଡ଼ିତ। ସବୁଠାରୁ ବଡ଼ ସମସ୍ୟା ଥିଲା, ଉପାନ୍ତ ଗଡ଼ଜାତଗୁଡ଼ିକର ମିଶ୍ରଣ। ସେତେବେଳର ବୁଦ୍ଧିଜୀବୀମାନେ କେନ୍ଦ୍ର ପ୍ରଶାସନ ଓ ଗଡ଼ଜାତର ରାଜାମାନଙ୍କୁ ଏକ ବୃହତ୍ତର ଓଡ଼ିଶା ଗଠନର ଭୂମିକା ନିର୍ବାହ ପାଇଁ ଉଭୟ ଆବେଗିକ, ଭାବଗତ ଓ ପ୍ରାଶାସନିକ ସ୍ତରରେ ପ୍ରଭାବିତ କରିବାକୁ ଉଦ୍ୟମ କରିଥିଲେ। ସେହିମାନଙ୍କର ଉଦ୍ୟମ ଶେଷରେ ସଫଳ ହୋଇଥିଲା।

ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସେତେବେଳେ ସମ୍ବଲପୁର ଅଞ୍ଚଳରେ ଓଡ଼ିଆ ସାହିତ୍ୟିକ, ପଣ୍ଡିତମାନେ ସ୍କୁଲଗୁଡ଼ିକରୁ ହିନ୍ଦୀ ଭାଷା ଉଠାଇ ଓଡ଼ିଆ ଭାଷାର ପୁନଃ ପ୍ରଚଳନ ପାଇଁ ଆନ୍ଦୋଳନକୁ ଓହ୍ଲାଇଥିଲେ। ବାମଣ୍ଡାର ରାଜା ବାସୁଦେବ ସୁଢଳଦେବ ଏବଂ ତାଙ୍କ ସୁଯୋଗ୍ୟ ଦାୟାଦ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ଓ ଅନ୍ୟାନ୍ୟ ରାଜବଂଶୀୟମାନେ ଏହି ଆନ୍ଦୋଳନର ନେତୃତ୍ୱ ନେଲେ। ୧୯୦୦ ମସିହାରେ ସମ୍ବଲପୁର ଅଞ୍ଚଳର ୮୨ଟି ପ୍ରାଇମେରୀ ସ୍କୁଲ ବନ୍ଦ କରାଯାଇ ସେଠାରେ ହିନ୍ଦୀ ଶିକ୍ଷାକୁ ବାଧ୍ୟତାମୂଳକ କରାଗଲା। ୧୯୦୧ ମସିହାରେ ସିମ୍ଲାଠାରେ ସର୍ବଭାରତୀୟ ଶିକ୍ଷା ସଂସ୍କାର ସମ୍ମିଳନୀରେ ସମ୍ବଲପୁର ଓଡ଼ିଆଙ୍କ ଦାବି ଉପସ୍ଥାପନ କରିବାକୁ ସର୍ବଶ୍ରୀ ମଦନ ମୋହନ ମିଶ୍ର, ବ୍ରଜ ମୋହନ ପଟ୍ଟନାୟକ, ଶ୍ରୀପତି ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ। ମଧ୍ୟପ୍ରଦେଶର ଚିଫ୍ କମିଶନର ସାର୍ ଆଣ୍ଡ୍ରୁ ଫ୍ରେଜର ସମ୍ବଲପୁର ଗସ୍ତ ସମୟରେ ଅନୁଭବ କଲେ, ସେଠାକାର ବାସିନ୍ଦା ଓଡ଼ିଆ ଭାଷା ସହିତ ହିଁ ଜଡ଼ିତ। ତାଙ୍କରି ଚେଷ୍ଟାରେ ୧୯୦୩ ମସିହାରେ ସମ୍ବଲପୁରରେ ଓଡ଼ିଆ ଭାଷା ପୁନଃ ପ୍ରଚଳିତ ହୋଇଥିଲା। ୧୯୦୨ ରେ ବାଲେଶ୍ୱରର ଜମିଦାର ତଥା ଓଡ଼ିଆ ଭାଷା ସାହିତ୍ୟର ପରମ ହିତୈଷୀ ରାଜା କର୍ଜନଙ୍କୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରିତ କରିବା ପାଇଁ ସ୍ମାରକପତ୍ର ଦେଇଥିଲେ।

୧୯୦୦ ଖ୍ରୀଷ୍ଟାବ୍ଦ ୧୬ ତାରିଖରେ ତତ୍କାଳୀନ ବଡ଼ଲାଟ୍ ଲର୍ଡ କର୍ଜନ ପୁରୀ, ଭୁବନେଶ୍ୱର, କଟକ ଆସିଥିଲେ। ଓଡ଼ିଶାର ପ୍ରାଚୀନ କୀର୍ତ୍ତିଗୁଡ଼ିକର ଅତୁଳନୀୟ ଭାସ୍କର୍ଯ୍ୟ ଓ ସେଗୁଡ଼ିକର ଦୁର୍ଦ୍ଦଶା ଦେଖି ଆଶ୍ଚର୍ଯ୍ୟ ଓ ଦୁଃଖିତ ହୋଇଥିଲେ। ବିଚ୍ଛିନ୍ନ ଭାଷାଭାଷୀ ଅଞ୍ଚଳର ମିଶ୍ରଣକୁ ସେ ଦୃଢ଼ ଭାବରେ ସମର୍ଥନ କରିଥିଲେ। ମଧ୍ୟପ୍ରଦେଶରୁ ସମ୍ବଲପୁର ଜିଲା, କଳାହାଣ୍ଡି, ପାଟଣା, ରେଢ଼ାଖୋଲ, ସୋନପୁର, ବାମଣ୍ଡା ଆଦି ଦେଶୀୟ ରାଜ୍ୟଗୁଡ଼ିକ ଏବଂ ଗାଙ୍ଗପୁର, ବଣାଇ ରାଜ୍ୟକୁ ଓଡ଼ିଶା ସହିତ ସଂଯୁକ୍ତ କରାଯାଇଥିଲା। ଗଞ୍ଜାମ ଓ ଜୟପୁର ଅଞ୍ଚଳର ଓଡ଼ିଆମାନଙ୍କ ମିଶ୍ରଣ ପ୍ରସ୍ତାବକୁ ମାନ୍ଦ୍ରାଜ ସରକାର ପ୍ରବଳ ବିରୋଧ କରିବାରୁ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଠିକ୍ ସେହି ସମୟରେ ୧୯୦୩ ଏପ୍ରିଲରେ ବ୍ରହ୍ମପୁରରେ ରାଜା ହରିହର ମର୍ଦ୍ଦରାଜ ଓ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରଚେଷ୍ଟାରେ ଗଞ୍ଜାମ ଜାତୀୟ ସମିତି ତରଫରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସେହିଠାରେ ପ୍ରତିବର୍ଷ ଏହି ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବାର ସ୍ଥିର ହେଲା। ଶେଷରେ ମଧୁସୂଦନ, ଗୌରୀଶଙ୍କର ରାୟ, ବିଶ୍ୱନାଥ କର, କନିକା ରାଜା ଓ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଉଦ୍ୟମରେ ୧୯୦୩ ଡିସେମ୍ବର ୩୦ ଓ ୩୧ରେ କଟକର ଇଦ୍‌ଗା ପଡ଼ିଆରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଅଧ୍ୟକ୍ଷତାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହେଲା। ଏଥିରେ କେବଳ ଭାଷାର ସୁରକ୍ଷା ପାଇଁ ନୁହେଁ, ବରଂ ଓଡ଼ିଶାର ଜନସାଧାରଣଙ୍କ ଏକତ୍ରୀକରଣ ପାଇଁ ଦୃଢ଼ ଦାବି ଉପସ୍ଥାପନ କରାଯାଇଥିଲା। ରାଜା, ପ୍ରଜା, ଜମିଦାର ସମସ୍ତେ ଏଥିରେ ସାମିଲ ଥିଲେ। ବହୁ ଘାତ ପ୍ରତିଘାତ ମଧ୍ୟରେ ଭାଷା ସୂତ୍ରରେ ୧୯୩୬ ମସିହା ଏପ୍ରିଲ ୧ରେ ଓଡ଼ିଶା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ମାନ୍ୟତା ହାସଲ କରିଥିଲା।

ଆମର ପରମ ସୌଭାଗ୍ୟ ଯେ, ଆମେ ଭାଷାଭିତ୍ତିକ ପ୍ରଦେଶ ପାଇଲୁ। ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ବି ପାଇଲା। ବ୍ୟକ୍ତି ହେଉ ବା ଜାତି, ତା'ର ଆତ୍ମପରିଚୟ ହିଁ ନିଜସ୍ୱ ଜୀବନର ମହାର୍ଘ ପୁଞ୍ଜି। ଆମ ଭାଷା, ସଂସ୍କୃତି, ପରମ୍ପରା, ଐତିହ୍ୟ, କଳା, ବାଣିଜ୍ୟ ହିଁ ଆମର ଅସଲ ପରିଚୟ। ଏହି ଭାଷା, ସଂସ୍କୃତିକୁ ରକ୍ଷା କରିବା ଆଜି ପ୍ରତ୍ୟେକ ଓଡ଼ିଆଙ୍କର ପ୍ରଥମ କର୍ତ୍ତବ୍ୟ।

– ଅଧ୍ୟାପିକା, ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର
ମୋ: ୯୪୩୭୯୫୭୬୧୭

**ଅବଲୋକନ**

## ପୁସ୍ତକ ପରିଚୟ

### ସେହି ଅପବାଦ ଲାଗିଥାଉ



**କବି:** ରାଜ କିଶୋର ଦାସ
**ପ୍ରକାଶକ:** ଏଥେନା ବୁକ୍‌ସ, ଭୁବନେଶ୍ୱର–୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୫୦/–

ମୋଟ ୩୨ଟି କବିତା ସ୍ଥାନିତ ଆଲୋଚ୍ୟ କବିତାଗ୍ରନ୍ଥରେ, ଯାହାର କଳେବର ଏକଶତ ପୃଷ୍ଠା ବିଶିଷ୍ଟ। ଗ୍ରନ୍ଥାରମ୍ଭରେ ଥିବା ଗଦ୍ୟଲେଖରେ କବି କହନ୍ତି: ''ମୁଁ ଦାବି କରିପାରିବିନି ଯେ ମୋ' କବିତା କାଳଜୟୀ। ତଥାପି ଯେ ଭିନ୍ନ ରୁଚିର, ଏହା ସୁନିଶ୍ଚିତ। ମୁଁ କେବେ କାହା ଅନୁକରଣରେ, ପ୍ରଭାବରେ ବା ଛାୟାରେ କବିତା ଲେଖେନି। ମୁଁ ଜୀବନକୁ ଯେମିତି ଜିଇଛି ସେମିତି ହିଁ କବିତା ଲେଖିଛି।'' ଏହି ଉକ୍ତି ସପକ୍ଷରେ ରାଜ କିଶୋରଙ୍କର ଅନେକ କବିତା ସାକ୍ଷ୍ୟ ହୋଇ ଛିଡ଼ା ହୁଅନ୍ତି। ଯଥା: ୧. ''ପୁଞ୍ଜିରେ ପୁଣି ଗୁଳି, କିଏ ଦାୟୀ?/ କିଏ କାହାକୁ ଫିଙ୍ଗୁଛି ବାରୁଦ?/ ଚାଲ ଆମେ ଏବେ ବୋମା ଭିଡ଼ିବା/ ଲଢ଼େଇ କରିବା।'' ('ନିଜ ନିଜସ୍ୱ ପୃଥ୍ୱୀ'– ପୃ:୧୧), ୨. ''ଆଷାଢ଼ ସରି ଆସିଲାଣି/ କୁଆଡ଼େ ଗଲ ତୁମେ/ ଏ କଥା ତ ଭଲ ଭାବେ ଜାଣ/ କେହି ଜଣେ ଅପେକ୍ଷାରତ ନିଶ୍ଚେ।'' ('ବର୍ଷା, ଆଷାଢ଼, ସ୍ୱପ୍ନ ଓ ତାରା'– ପୃ:୩୪), ୩. ''ଫେରିଗଲିଣି ଏବେ/ ପୁରସ୍ତମରୁ, ତମ ଯାତ୍ରାରୁ/ ତମ ପାଖରୁ/ ମୋ' ପାଖକୁ, ମୋ' ସଂସାରକୁ/ ଏକଲାପଣକୁ, କବିତା କବିତା ଘେରା/ ଜୀବନ–ପାନ୍ଥଶାଳାକୁ।'' ('ପୁରସ୍ତମ ଫେରନ୍ତା'– ପୃ:୬୦)। 'ଈଶ୍ୱରୀ' ଶୀର୍ଷକରେ ୧୬ଟି କବିତା ଗ୍ରନ୍ଥ ଶେଷରେ ସଂଯୋଜିତ। ପ୍ରେମ, ଜୀବନ ଓ ମୃତ୍ୟୁକୁ ଛୁଇଁ ଛୁଇଁ ଏହି ପର୍ଯ୍ୟାୟର କବିତାଗୁଡ଼ିକ ଗତିଶୀଳ। ଶୁଣିହୁଏ, ଦେଖିହୁଏ ଓ ଛୁଇଁହୁଏ ତହିଁରେ ସ୍ପନ୍ଦମାନ ଅନୁଭୂତିର ନିଆରାପଣକୁ। ଗୋଟିଏ ଉଦ୍ଧୃତି– ''କ'ଣ କାହିଁକି/ କାହାପାଇଁ ଏ ଜୀବନ?/ ଜିଇବାର ମାନେ କ'ଣ/ x x ତଥାଗତର ସତ୍ୟତାରେ ସନ୍ଦେହ/ ଭୀମଭୋଇର ଶୂନ୍ୟତାରେ ଅବିଶ୍ୱାସ/ ଚୈତନ୍ୟର କୀର୍ତ୍ତନରେ ବିରତି,/ ସରିନାହିଁ, ସରୁନାହିଁ/ ସରିବ ନାହିଁ ଆତ୍ମରତି?'' ('ଈଶ୍ୱରୀ: ତିନି'– ପୃ:୭୭)। ''ଅକ୍ଷରରେ ଚିତ୍ର ଆଙ୍କିବାର କଳାକୌଶଳ ରାଜ କିଶୋରଙ୍କୁ ଖୁବ୍ ଜଣା''– ଏହି ନିଷ୍କର୍ଷରେ ପହଞ୍ଚି ହୁଏ ଆଲୋଚ୍ୟ ପୁସ୍ତକଟି ପାଠକଲେ।

### ମାନବିକତାର ବିଶ୍ୱମୁକ୍ତି



**ସମ୍ପାଦକ:** ଶଶାଂକ ଚୂଡ଼ାମଣି
**ପ୍ରକାଶକ:** ବିଶ୍ୱମୁକ୍ତି ପବ୍ଲିକେଶନ, ଧଉଳି, ଭୁବନେଶ୍ୱର
**ପ୍ରକାଶକାଳ:** ୨୦୨୬, **ମୂଲ୍ୟ:** ଟ.୭୫/–

'ବିଶ୍ୱମୁକ୍ତି'ର ଫେବୃଆରୀ–ମାର୍ଚ୍ଚ, ୨୦୨୬ ସଂଖ୍ୟାଟି ପ୍ରକାଶ ପାଇଛି 'ଚିତ୍ରଶିଳ୍ପୀ ପଦ୍ମଶ୍ରୀ ଉପେନ୍ଦ୍ର ମହାରଥୀ ବିଶେଷାଙ୍କ' ଭାବେ। 'ସମ୍ପାଦକୀୟ'ରେ ଶଶାଂକ ଲେଖିଛନ୍ତି: ''ଉପେନ୍ଦ୍ର ମହାରଥୀ କିଏ? ଚିତ୍ରାଚାର୍ଯ୍ୟ ଉପେନ୍ଦ୍ର ମହାରଥୀ। ପଦ୍ମଶ୍ରୀ ଉପେନ୍ଦ୍ର ମହାରଥୀ। x x ରାଜଗିରିର ସ୍ତୂପ ନିର୍ମାଣରେ ତାଙ୍କର ଯୋଗଦାନ ରହିଛି। ଭୁବନେଶ୍ୱର ଧଉଳି ଶାନ୍ତିସ୍ତୂପ ନିର୍ମାଣର ସେ ଆଦି ରୂପକାର। ଏଥିରେ ନିବେଦିତ ମହାରଥୀଙ୍କ ଜୀବନ ଓ କୃତି ସମ୍ପର୍କରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କର ସ୍ୱ ସ୍ୱ ଆକଳନ, ଯେଉଁମାନଙ୍କ ମଧ୍ୟରେ ଅଛନ୍ତି– ରକ୍ଷକ ନାୟକ, ପୃଥ୍ୱୀରାଜ ହରିଚନ୍ଦନ, ନିତ୍ୟାନନ୍ଦ କାନୁନ୍‌ଗୋ, ରଘୁନାଥ ପଟ୍ଟନାୟକ, ନୀଳାଦ୍ରିଭୂଷଣ ହରିଚନ୍ଦନ, ଅଚ୍ୟୁତ ସାମନ୍ତ, ପ୍ରଶାନ୍ତ ପଟ୍ଟନାୟକ, ସଦାଶିବ ଦାଶ, ଦେବେନ୍ଦ୍ରନାଥ ମାନସିଂହ, ବିବୁଧେନ୍ଦୁ କେଶରୀ ଭୋଳ, ବିଜୟ ନାୟକ, ପ୍ରଫୁଲ୍ଲ କୁମାର ସାମନ୍ତସିଂହାର ଓ ଆଶୁତୋଷ ସାମନ୍ତସିଂହାର। କୃଷ୍ଣଚନ୍ଦ୍ର ତ୍ରିପାଠୀ, ତପନ ପଟ୍ଟନାୟକ, ପ୍ରସନ୍ନ ପାଟଶାଣୀ ଓ ତ୍ରିଲୋଚନ ଭୋଳ ଲେଖିଛନ୍ତି କବିତା। 'ଅନ୍ୟ ଦିଗନ୍ତ' ବିଭାଗରେ ଯେଉଁ କେତେଜଣ ଅଣଓଡ଼ିଆ ଲେଖକଙ୍କ ଲେଖା ପ୍ରକାଶିତ, ତାହା ଉଚ୍ଚକୋଟୀର। ଦିନନାଥ ପାଠୀ ମହାରଥୀଙ୍କ ସ୍ମୃତିଚାରଣ କରି କହନ୍ତି: ''ମହାରଥୀଙ୍କୁ ମନେପକାଇଲେ ମୋତେ ଓଡ଼ିଶାର ଝୋଟି, ମାଟିର ଦୀପ ଓ ବିନ୍ଧାଣି ସ୍ମରଣ ହୁଏ। ସେ ଚିଲିକା ପାଖରେ ଏକ କ୍ରାଫ୍‌ଟ ଗ୍ରାମ ସ୍ଥାପନାର ସ୍ୱପ୍ନ ଦେଖିଥିଲେ, କିନ୍ତୁ ସେହି ସ୍ୱପ୍ନ ପୂରଣ ହୋଇପାରିଲା ନାହିଁ।'' 'ବିଶେଷାଙ୍କ'ଟିରେ ସ୍ଥାନିତ ଲେଖାଗୁଡ଼ିକ ଓଡ଼ିଶା ଜନ୍ମିତ, କିନ୍ତୁ ଓଡ଼ିଶା ମାଟିରେ କ୍ୱଚିତ୍ ବିଦିତ ଜଣେ ଜାତୀୟସ୍ତରର ଚିତ୍ରଶିଳ୍ପୀଙ୍କୁ ଚିହ୍ନାଇବାରେ ପାଠିକାପାଠକଙ୍କୁ ସହାୟତା କରିବ ବୋଲି ଆଶା।

## କାଳକାଳକୁ



**''କଳା କ'ଣ, ଯଦି ତହିଁରେ ତମ ଅନ୍ତରାତ୍ମା ଅବ୍ୟକ୍ତ?''**
**– ଏମିଲ୍ ଜୋଲା**

**ଏମିଲ୍ ଜୋଲାଙ୍କ** ଜନ୍ମ ୨ ଏପ୍ରିଲ ୧୮୪୦ରେ ଓ ପରଲୋକ ୨୯ ସେପ୍ଟେମ୍ବର ୧୯୦୨ରେ, ଫ୍ରାନ୍ସରେ। ସେ ଏକାଧାରରେ ଔପନ୍ୟାସିକ, ନାଟ୍ୟକାର ଓ ବାର୍ତ୍ତାଜୀବୀ। ଫ୍ରାନ୍ସର ମୁକ୍ତ ରାଜନୀତିକୁ ତାଙ୍କର ଅବଦାନ ଅତୁଳନୀୟ। ଉଲ୍ଲେଖନୀୟ କୃତି ମଧ୍ୟରେ ଅନ୍ତର୍ଭୁକ୍ତ– 'ଲେସ୍ ରୋଗାନ୍ ମାକ୍ୱାର୍ଟ', 'ଥେରେସେ ରାକ୍ୱିନ୍', 'ମେଡେଲିନ୍ ଫେରାଟ୍' ଓ 'ଜର୍ମିନଲ୍'। ସେ କହନ୍ତି: ''ସତ୍ୟର ଜୟଯାତ୍ରା ଆଗେଇ ଚାଲିଛି, କୌଣସି ଶକ୍ତି ନାହିଁ ଯିଏ ତା'ର ପଥରୋଧ କରିବ।'' ପୁଣି କହନ୍ତି: ''କଳାକାର ଭିତରେ ଦୁଇଟି ବ୍ୟକ୍ତିତ୍ୱ ଥାଏ। ଗୋଟିଏ କବିର ଓ ଆଉ ଗୋଟିଏ ଶିଳ୍ପକାରର। କବିଟି ଜନ୍ମିଥାଏ, ଶିଳ୍ପକାରଟି ତିଆରି ହୁଏ।''

## କବିତା

### କହିବାକୁ ବାକି ଅଛି

**ଚନ୍ଦନ କୁମାର ଦାସ**

ଋତୁଟିଏ ଫେରିଗଲା ପରି
ଅଜାଣତେ ତୁମେ ଫେରିଗଲ ସିନା
ହେଲେ ଫେରିନାହିଁ
ତୁମ ଉପସ୍ଥିତିର ଉପବନରେ
ଏବେ ଏବେ ଫୁଟିଥିବା ସଜଳ ଫୁଲଙ୍କର ହସ
ଲିଭି ନାହିଁ ତୁମେ ଛୁଇଁଥିବା
ସମ୍ପର୍କର ପ୍ରତିଟି ସବୁଜ ପତ୍ରରୁ
ତୁମ ପ୍ରଣୟୀ ହାତର ସ୍ପର୍ଶ

ମୁଁ ତ ଏବେ ଅପେକ୍ଷାର କାନ୍ଥରୁ
ଓହଳିପଡ଼ିଥିବା
ଗୋଟିଏ ଅସମ୍ପୂର୍ଣ୍ଣ କବିତା
ଯା'ର ପ୍ରତିଟି ଶବ୍ଦରେ ଗୁଞ୍ଜରିତ
ତୁମ ଫେରିବାର ଲଳିତ ଆଶ୍ୱାସନା
ବର୍ଷି ନ ପାରିବାର ଅବସୋସରେ ଆର୍ଦ୍ର
ପ୍ରତୀକ୍ଷା ସବୁ ପାଲଟିଯାଇଛନ୍ତି ଏବେ
ତୁମ ନିରୁତା ପ୍ରେମର ନିଃସର୍ତ୍ତ ବିଭାବନା

ଆସ ସଖୀ!
ତୁମ ସହ ବିତିଥିବା ଅନକ୍ଷର ଅନୁଭୂତିରେ
ସଜାଇଦିଅ ଅସମ୍ପୂର୍ଣ୍ଣ କବିତାର ପଂକ୍ତିସବୁ
ପାଦରୁ ପଦ ପର୍ଯ୍ୟନ୍ତ ପିନ୍ଧାଇଦିଅ
ସମ୍ଭାବନାର ଈପ୍ସିତ ଅଳଙ୍କାର
ଆପାତତଃ ସ୍ୱଳ୍ପଲବ୍ଧ ସ୍ୱପ୍ନଟିଏ ଦେଖି
କଥା ଦେଇ ନ ଫେରିବାର ପ୍ରତାରଣାରୁ
ମୁକ୍ତି ପାଇଯିବ ପ୍ରେମିକଟିଏ

ତୁମକୁ ଯେତେଥର ଦେଖିଲେ
ତଥାପି କହିବାକୁ ଥାଏ ଅନେକ କଥା
ହେଲେ କଥା ତ ପ୍ରେମିକର ସରୁ ନ ଥିବା ସଞ୍ଜ
ଯା'ର ପ୍ରତୀକ୍ଷାରେ ରାତି ସରିଯାଏ ସିନା
ସରେ ନାହିଁ ସଳିତାରୁ ସ୍ୱପ୍ନ
ସେମିତି ଜଳି ଜଳି ପ୍ରତୀକ୍ଷାର ପାହାଚରେ
ଆଙ୍କୁଥାଏ ତୁମ କୁଆଁରୀ ଦେହର କଅଁଳ ସ୍ମୃତି।

ମୋ: ୮୧୧୪୩୪୫୯୮୮

### କାମନା

**ବସନ୍ତ ବେହେରା**

କବିତା ନୁହଁ
ବରଂ ଧାଡ଼ି ମଝିରେ ଉଙ୍କିମାରୁଥିବା
କିଛି କମା, ହାଇଫେନକୁ ସେ ପଢ଼ିଲା ଏଥର
ଖୋଜିଲା ସେମାନଙ୍କର ଦୀର୍ଘଶ୍ୱାସର କାରଣ

କାନ୍ଥରେ ଟଙ୍ଗାହେଇଥିବା
ସୁନାର ଘଣ୍ଟା ବି ଅଟକାଇପାରେନି
ଦ୍ରୁତ–କ୍ଷୟିଷ୍ଣୁ ଜୀବନକୁ ବୋଲି ବୁଝିଲା ପରେ
ତା' ନେପଥ୍ୟର ଟିକ୍‌ଟିକ୍ ହ୍ରସ୍ୱଧ୍ୱନିକୁ
ଶୁଣିଲା ଏଥର ଧ୍ୟାନପୂର୍ବକ

ସମ୍ପର୍କର ପ୍ରଶ୍ନଖାତାରେ
ଅନୁତ୍ତରିତ କ୍ଷୁଦ୍ର ଶୂନ୍ୟସ୍ଥାନଗୁଡ଼ିକୁ
ପୂରଣ କରିବାକୁ ଚେଷ୍ଟାକଲା ସତ୍ୟନିଷ୍ଠଭାବେ
ମହଲ କି ମନ୍ଦିର ନ ତୋଳି
ତୋଳିଲା ଗୋଟେ ପତ୍ରକୁଡ଼ିଆ
ଯେଉଁଠି ଅବାଧରେ ଚଳପ୍ରଚଳ କଲା ପବନ
ଓ ଶୋଇପଡ଼ିଲା ତା'ର ବିଭ୍ରାନ୍ତ ମନ
ଘଡ଼ିଏ ଶାନ୍ତିରେ

ପୁନରୁଦ୍ଧାର କଲା ଚିରିଯାଇଥିବା ଚିଠିର
ସେଇ ଅଣଦେଖା ଅକ୍ଷରଗୁଡ଼ିକୁ
ଓ ଅନ୍ୟମନସ୍କତାରେ ଭୁଲିଯାଇଥିବା
ନିରୀହ ଖୁସିର ଅଳ୍ପାୟୁ ମୁହୂର୍ତ୍ତମାନଙ୍କୁ

ମନେପକେଇଲା ସର୍ବୋଚ୍ଚ ଶିଖର ନୁହଁ,
ଯାତ୍ରାପଥରେ ସେଇ ଛୋଟ ପଥରଖଣ୍ଡକୁ
ଓ ସେମାନଙ୍କର ଆଘାତରେ
ପାଦରୁ ଝରିପଡ଼ିଥିବା ବୁନ୍ଦାବୁନ୍ଦା ରକ୍ତକ୍ଷରଣକୁ
ଛୋଟ ଗୋଟେ ବଗିଚା ଗଢ଼ିଲା
ଯେଉଁଠି ତ୍ୟାଗର ପରାଗରେଣୁରେ ଭରା
ପ୍ରୀତିର ଫୁଲରେ
ଉଡ଼ିବୁଲିଲେ ସ୍ନିଗ୍ଧ ସ୍ମୃତିର ଟିକି ପ୍ରଜାପତି

ଯେହେତୁ କବିତା ଲେଖିବା ତା'ର ନିହାତି ଥିଲା
ତେବେ କାଳିରେ ନୁହଁ
ଲେଖିଲା ଲୁହରେ ଲହୁରେ ମହୁରେ
ବ୍ରହ୍ମାଣ୍ଡର ସମସ୍ତ କାବ୍ୟତତ୍ତ୍ୱକୁ ସମାଧି ଦେଇ
ରୋପଣ କଲା ସେଇଠି
ସହିଷ୍ଣୁତାର ଚାରାଟିଏ
ନିରବରେ, ମୁଦ୍ରିତ ନୟନରେ।

ମୋ: ୮୧୧୭୮୩୭୮୭୯

### ଗୀତି–କବିତା

### ରହରେ ସମୟ ଯାଆନାରେ ଚାଲି

**ଶରତ କୁମାର ଦାସ**

ରହରେ ସମୟ ଯାଆନାରେ ଚାଲି
ନେହୁରା ହେଉଛି ତୋତେ,
ଆଗରେ ପଡ଼ିଛି ଅସରନ୍ତି ବାଟ
ଭାରି ମନଲୋଭା ଦୁନିଆର ହାଟ
ଦେଏନାରେ ଧୋକା ମୋତେ...।

ସୁନା ଚଢ଼େଇର ଡେଣା ଗଣିବାକୁ
ଆହୁରି ଅନେକ ବାକି
ବେଳ ସରିଗଲେ ଖେଳ ସରିଯିବ
ଚାଲୁଚାଲୁ ଯିବି ଥକି
କହରେ ତୁ ଥରେ ଏଡ଼େ ବେଗିବେଗି
କାହିଁକି ଧାଉଁଛୁ ଏତେ
ରହରେ ସମୟ ଯାଆନାରେ ଚାଲି
ନେହୁରା ହେଉଛି ତୋତେ।

ତୋ ସାଥିରେ ପାଦ କାଢ଼ି ଚାଲିବାକୁ
ବଳ ପାଉନାହିଁ ମୋର
ସଭିଏ ଜାଣନ୍ତି ବଳବାନ ତୁହି
ଲାଗୁଛି ମୋତେ ତ ଡର
ନିରାଶା ଅନ୍ଧାରେ ଆଶାର ଆଲୋକ
ଅଜାଡ଼ି ଦେ' ତୁ ଯେତେ
ରହରେ ସମୟ ଯାଆନାରେ ଚାଲି
ନେହୁରା ହେଉଛି ତୋତେ।

ମୋ: ୮୨୪୯୧୩୭୦୯୧

# ପ୍ରେମ ଅପରାଧୀ

**ଅନୁବାଦ ଗଳ୍ପ**

**ମୂଳ ହିନ୍ଦୀ–ଯୋଗୀ ରାମ**
**ଅନୁବାଦ–ମନୋଜ କୁମାର ବେହେରା**

ମୁଁ ସିଏ, ଯିଏ ପ୍ରତ୍ୟେକ ଥର ପଛକୁ ହଟିଯାଇଥିଲା...ମନୋଜ...ତୁମର ମୌନ ମୋତେ ଉଜାଗର କରିଥିଲା। ମନୋଜ! ତୁମେ କିଛି ତ ମାଗି ନଥିଲ, କେବଳ ଗୋଟିଏ ଭରସା ଥିଲା କି ତୁମ ସହିତ ସେହି ଜୀବନ ବିତେଇ ପାରିବି ତୁମେ କ୍ଷେତର ପାଦଚଲା ସରୁ ରାସ୍ତାରେ ଚାଲିକରି ତୁମେ ମୋ' ପରଛାଇ ହୋଇଯାଅ। କିନ୍ତୁ ମୁଁ ଡରିଲି କି ଲୋକେ କ'ଣ କହିବେ? କି ତୁମେ ଏତେ ପାଠ ପଢ଼ିଲ, କି ତୁମର ଚେହେରା ସେମିତି ନୁହେଁ ଯେମିତି ମୁଁ ନିଜ ମା'କୁ ଦେଖେଇ ପାରିବି। ମୁଁ ଦେଖିଲି ତୁମର ଚେହେରା ଯେତେବେଳେ ମା' ବାହାଘର ପାଇଁ ମନା କଲେ, ତୁମେ କିଛି କହିଲ ନାହିଁ। କିନ୍ତୁ ମୁଁ ପ୍ରଥମ ଥର କୌଣସି ସ୍ତ୍ରୀର ଆତ୍ମାକୁ ତୁରନ୍ତ ଆଉ ସାର୍ବଜନିକ ରୂପରେ ଚମକୁ ଥିବାର ଦେଖିଲି। ମୁଁ ତୁମକୁ କେବେ ବତେଇନି କି ସେଦିନ ରାତିରେ ଏକଲୟରେ ଲଣ୍ଠନକୁ ଦେଖି ଚାଲିଥିଲି ଯେମିତି ଏହାର ଲୁରେ ନିଜ ଭିତରର କାୟରତାକୁ ଜଳାଉଛି।

ସୀମା– ତୁମ ଆଖିରେ ଯେଉଁ ପ୍ରଶ୍ନ ଥିଲା ତାହା ଏବେ ମୋ ଆତ୍ମାର ଦର୍ପଣ। ତୁମେ ମୋ' କ୍ଲାସ୍‌ରେ ସବୁଠୁ ବୁଦ୍ଧିମାନ ଝିଅ ଥିଲ। କିନ୍ତୁ ତୁମେ ନିଜ ହୃଦୟ ଭିତରେ ମୋ' ଭଳି ଡରୁଆକୁ କାହିଁକି ସ୍ଥାନ ଦେଲ? ତୁମେ ଯେତେବେଳେ କହିଲ, ''କ'ଣ ତୁମେ ମୋତେ ବିବାହ କରିବ?'' ମୁଁ ତାହାକୁ ଥଟ୍ଟାରେ ଉଡ଼େଇ ଦେଇ କହିଲି, ''ତୁମ ଘର ଲୋକ ମାନିବେ ନାହିଁ'' କିନ୍ତୁ ସତ ଏହା ଥିଲା କି ମୁଁ ନିଜେ ହିଁ ନିଜ ମନର ମାଲିକ ନ ଥିଲି। ତୁମ ମୌନତାର ସେହି କ୍ଷଣ, ଯେତେବେଳେ ତୁମେ ନିଜର ପ୍ରଶ୍ନ ପୁଣିଥରେ ଗିଳିଦେଲ, ତାହା ମୋ' ଜୀବନର ସବୁଠୁ ବଡ଼ ଚାପୁଡ଼ା ଥିଲା। ଏବେ ଯେତେବେଳେ ମୁଁ ନିଜକୁ ପଚାରୁଛି, 'କାହିଁକି ନୁହେଁ' ଆଉ ମୋ' ଉତ୍ତର ହୋଇଥାଏ କାହିଁକି ନା ମୁଁ ସେହି ପ୍ରେମର ପାତ୍ର ହିଁ ନଥିଲି।



ମନ୍ଦାକିନୀ–ତୁମର ମୌନ ବଳିଦାନକୁ ମୁଁ ରାକ୍ଷୀରେ ବାନ୍ଧି ଦେଲି। ମନ୍ଦାକିନୀ... ତୁମେ କେବଳ ପ୍ରେମ ବ୍ୟକ୍ତ କରି ନ ଥିଲ। ମୋତେ ଜଣାଥିଲା ଯେବେ ମୋର ପୋଷାକ ତୁମେ ପ୍ରେସ୍ କରୁଥିଲ କିମ୍ବା ମୋ' ମା'ର ଔଷଧ ନ କହି ନେଇ ଆସୁଥିଲ, ତା'ହେଲେ ସେ ସବୁ ତ ପ୍ରେମ ଥିଲା। ସ୍ତ୍ରୀର ସେହି ପ୍ରେମ ଯାହା କେବେ କୁହାଯାଇ ପାରେନା, କିନ୍ତୁ ପ୍ରତ୍ୟେକ କାମ କହିଥାଏ। ମୁଁ ପ୍ରତ୍ୟେକ ରକ୍ଷାବନ୍ଧନରେ ତୁମ ଆଖିରେ ସେହି ପ୍ରଶ୍ନକୁ ଦେଖି ରହୁଥିଲି, ଯାହା ତୁମେ କେବେ ପଚାରିଲନି। ମୁଁ ତୁମ ପ୍ରେମକୁ ଗୋଟିଏ 'ଭଉଣୀ'ର ନାଁରେ ବାନ୍ଧିଦେଲି କାହିଁକି ମୁଁ ସମାଜରୁ ପଳେଇ ଯାଉଥିଲି।

ରାଜଶ୍ରୀ– ତୁମର ସ୍ୱର ମୋର ଚୁପ୍‌ର ହତ୍ୟା କରି ଦେଇଥିଲା। ରାଜଶ୍ରୀ! ତୁମେ ଯେତେବେଳେ କହିଲ, ''ମୋ' ପାଇଁ ବିବାହଠୁ ଅଧିକ ମୋର ସ୍ୱତନ୍ତ୍ରତା ଜରୁରୀ''। ଆଉ ମୋତେ ପ୍ରଥମ ଥର ଲାଗିଲା କି ମୁଁ ଗୋଟିଏ ସ୍ତ୍ରୀର ଆଖିରେ ନୁହେଁ, ତାହାର ଆତ୍ମାର ଉଚ୍ଚତାକୁ ଡରୁଛି। ମୁଁ ସାଙ୍ଗମାନଙ୍କ ଆଗରେ କହିଲି, 'ସେ ବହୁତ କଥା କହୁଛି'। କାହିଁକି ମୁଁ ଚାହୁଁ ନ ଥିଲି କି ଲୋକେ ଜାଣନ୍ତୁ ମୁଁ ତୁମ ସାମ୍ନାରେ ବହୁତ ଛୋଟ ହୋଇ ଯାଉଥିଲି। ମୁଁ ତୁମକୁ କେବେ ବତେଇନି ତୁମର ସ୍ୱର ଯେତେବେଳେ ମୋ' କାନରେ ଗୁଞ୍ଜନ କରେ, ତାହା ଗୋଟିଏ ଚାପୁଡ଼ା ହୋଇକରି।

ସନ୍ଧ୍ୟା– ତୁମର ନିର୍ଦ୍ଦୋଷପଣକୁ ମୋର ଜାତି ମାରିଦେଲା। ତୁମ ପ୍ରେମ ତାହାଥିଲା ଯେଉଁ ରଙ୍ଗରେ ଧୋଇ ହୋଇଥାଏ ହୋଲିର ଅବିର। ତୁମ ଚେହେରା ଲାଲ୍ ହୋଇଥିଲା, ଯେତେବେଳେ ତୁମେ ମୋ' ପିଠିରେ ରଙ୍ଗ ପକେଇଥିଲ, ଆଉ ମୋ' ହୃଦୟ ସେହିକ୍ଷଣି ତୁମର ହୋଇଯାଇଥିଲା। କିନ୍ତୁ ଯେତେବେଳେ ବାପା କହିଲେ, ''ସେ ଅନ୍ୟ ଜାତିର, ଆଉ ମୁଁ ମୁଣ୍ଡ ତଳକୁ କରି ଦେଇଥିଲି।'' ମୁଁ ତୁମଠାରୁ ଏମିତି ମୁହଁ ମୋଡ଼ିଲି ଯେମିତି ମୁଁ ତୁମକୁ ଆଦୌ ଜାଣିନି। ଏବେ ମୋତେ ରଙ୍ଗ ଦେଖିଲେ ଡର ଲାଗୁଛି।

ଇତିଶ୍ରୀ– ମୁଁ ତୁମ ସାବନା ଦ୍ୱତାରୁ ନୁହେଁ, ନିଜ ଖରାପ ଭାବନାରୁ ହାରିଯାଇଥିଲି। ଇତିଶ୍ରୀ! ତୁମ ପ୍ରେମ ସଚ୍ଚା ଥିଲା। ତୁମେ ମୋ' ମା'କୁ ଶାଶୁ ମାନୁଥିଲ ବିନା କୌଣସି ଔପଚାରିକତାରେ। ତୁମ ଆଖିରେ କୌଣସି ପ୍ରଶ୍ନ ନ ଥିଲା, ବାସ୍ ଗୋଟିଏ ମୌନତାର ଜ୍ୱାଳା ଥିଲା, ଯାହା କହୁଥିଲା କି, ''ତୁମେ ମୋର ହେଲ ନାହିଁ, ଆଉ ଅନ୍ୟ କାହାର ମଧ୍ୟ ହେବ ନାହିଁ।''

ମୋ: ୭୯୭୮୮୩୦୬୧୧

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୮/୨୦୨୬ Bhubaneswar, Saturday, March 28/ 2026

# ଆଜି ଆର୍‌ସିବି-ଏସ୍‌ଆର୍‌ଏଚ୍ ଟକ୍କର



ଅଭ୍ୟାସ ଅବସରରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଫିଲିପ ସଲ୍ଟ, ବିରାଟ କୋହଲି ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦର ହେନରିଚ୍ କ୍ଲାସେନ।

**ବେଙ୍ଗାଲୁରୁ, ୨୭।୩**

ଆରମ୍ଭ ହେବାକୁ ଯାଉଛି ଆଇପିଏଲ୍ (ଇଣ୍ଡିଆନ ପ୍ରିମିୟର ଲିଗ୍) ରୋମାଞ୍ଚ। ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଶନିବାର ସନ୍ ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍)କୁ ଭେଟିବ ଗତଥରର ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)। ଦୀର୍ଘ ୨ ମାସଧରି ଚାଲିବାକୁ ଥିବା ଏହି ହାଇପ୍ରୋଫାଇଲ ଲିଗ୍‌ରେ ମୋଟ ୭୪ଟି ମ୍ୟାଚ ଅନୁଷ୍ଠିତ ହେବ। ସନ୍‌ରାଇଜର୍ସ ଦଳ ୨୦୧୬ରେ ଚାମ୍ପିୟନ ହୋଇଥିବାବେଳେ ୨୦୧୮ ଓ ୨୦୨୪ରେ ରନରଅପ୍ ହୋଇଛି। ଅନ୍ୟପକ୍ଷରେ ଆରସିବି ୨୦୦୯, ୨୦୧୧ ଓ ୨୦୧୬ରେ ରନରଅପ୍ ହେବାପରେ ୨୦୨୫ରେ ଟାଇଟଲ ସ୍ୱାଦ ଚାଖିଛି। ମିନି ଅକ୍ସନରେ ୧୦ଟି ଯାକ ଦଳ ପୁନର୍ଗଠିତ ହୋଇଛି। ତେଣୁ ସିଜନ ଆରମ୍ଭ ମୁକାବିଲା ବେଶ୍ ରୋମାଞ୍ଚକ ହେବା ଆଶା କରାଯାଉଛି। କେତେକ ଖେଳାଳିଙ୍କ ଆହତ ସମସ୍ୟା ଉଭୟ ଦଳ ପାଇଁ ଚିନ୍ତାର କାରଣ ହୋଇଛି। ଅଷ୍ଟ୍ରେଲିଆର ଜୋଶ୍ ହାଜେଲଉଡ୍ ଓ ଶ୍ରୀଲଙ୍କାର ନୂଆନ ଥୁଶରା ଆର୍‌ସିବି ପାଇଁ ଉପଲବ୍ଧ ହେବେନାହିଁ। ସେହିପରି ଯଶ ଦୟାଲଙ୍କ ସେବାରୁ ମଧ୍ୟ ଦଳ ବଞ୍ଚିତ ହେବ। ଗତ ବର୍ଷ ଆର୍‌ସିବିର ଚାମ୍ପିୟନ ହେବା ପଛରେ ହାଜେଲଉଡ୍ ଓ ଦୟାଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେହିପରି ସନ୍‌ରାଇଜର୍ସ ଏହାର ଅଧିନାୟକ ପ୍ୟାଟ୍ କମିନ୍ସଙ୍କ ବିନା ପ୍ରଥମ କେତୋଟି ମ୍ୟାଚ ଖେଳିବ। ତାଙ୍କ ସ୍ଥାନରେ ଇଶାନ କିଶନଙ୍କୁ ଅଧିନାୟକ ମନୋନୀତ କରାଯାଇଛି।

## ଏସ୍‌ଆର୍‌ଏଚ୍ ୧୪, ଆର୍‌ସିବି ୧୧

ରେକର୍ଡ ଅନୁସାରେ ଉଭୟ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୨୬ଟି ଆଇପିଏଲ୍ ମ୍ୟାଚ ଅନୁଷ୍ଠିତ ହୋଇଛି। ସେଥିମଧ୍ୟରୁ ଏସ୍‌ଆର୍‌ଏଚ୍ ୧୪ଟି ଏବଂ ଆର୍‌ସିବି ୧୧ଟି ମ୍ୟାଚ ଜିତିଛି। ଅବଶିଷ୍ଟ ଗୋଟିଏ ମ୍ୟାଚରୁ ଫଳାଫଳ ମିଳିନାହିଁ। ଗତ ସଂସ୍କରଣରେ ଅନୁଷ୍ଠିତ ଏକମାତ୍ର ମୁକାବିଲାରେ ସନ୍‌ରାଇଜର୍ସ ୪୨ ରନରେ ବିଜୟୀ ହୋଇଥିଲା। ବେଙ୍ଗାଲୁରୁରେ ଉଭୟ ଦଳ ପରସ୍ପରକୁ ମୋଟ ୯ଟି ମ୍ୟାଚ୍‌ରେ ଭେଟିଛନ୍ତି। ଏଥିରୁ ଆର୍‌ସିବି ୫ଟି ଏବଂ ଏସ୍‌ଆର୍‌ଏଚ୍ ୩ଟିରେ ବିଜୟୀ ହୋଇଛି। ଓଭରଅଲ୍ ଶେଷ ୫ ମ୍ୟାଚ ମୁକାବିଲାରେ ଆର୍‌ସିବି ୩ଟି ଏବଂ ଏସ୍‌ଆର୍‌ଏଚ୍ ୨ଟି ଜିତିଛି।

**ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ:** ରଜତ ପଟିଦାର (ଅଧିନାୟକ), ବିରାଟ କୋହଲି, ଫିଲିପ ସଲ୍ଟ, ଦେବଦତ୍ତ ପଡିକାଲ, ଟିମ୍ ଡେଭିଡ, ଜୀତେଶ ଶର୍ମା, କ୍ରୁନାଲ ପାଣ୍ଡ୍ୟା, ରୋମାରିଓ ଶେଫର୍ଡ, ଭୁବନେଶ୍ୱର କୁମାର, ସୁୟାଶ ଶର୍ମା, ଜ୍ୟାକବ ଡୁଫି, ରଶିଖ ସଲାମ ଦର, ଭେଙ୍କଟେଶ ଆୟର, ମଙ୍ଗେଶ ଯାଦବ, ଭିହାନ ମାଲହୋତ୍ରା, ଭିକି ଓସ୍ୱାଲ, ଅଭିନନ୍ଦନ ସିଂ, ଜ୍ୟାକବ ବେଥେଲ, ଜୋର୍ଡାନ କକ୍ସ, ସ୍ୱପ୍ନିଲ ସିଂ, କନିଷ୍କ ଚୌହାନ, ସତଭିକ ଦେଶୱାଲ।

**ସନ୍‌ରାଇଜର୍ସ ହାଇଦ୍ରାବାଦ:** ଇଶାନ କିଶନ (ଅଧିନାୟକ), ଅଭିଷେକ ଶର୍ମା, ଟ୍ରାଭିସ ହେଡ୍, ଲିଆମ ଲିଭିଂଷ୍ଟୋନ, ହେନରିଚ୍ କ୍ଲାସେନ, ଅନିକେତ ବର୍ମା, ନୀତୀଶ କୁମାର ରେଡ୍ଡୀ, ହର୍ଷଲ ପଟେଲ, ଜୟଦେବ ଉନାଡକଟ, ହର୍ଷ ଦୁବେ, ଏସହାନ ମାଲିଙ୍ଗା, ଶିବମ୍ ମାଭି, ସ୍ମରନ ରବିଚନ୍ଦ୍ରନ, ଜୀଶାନ ଅନସାରି, ସଲିଲ ଆରୋରା, କାମିନ୍ଦୁ ମେଣ୍ଡିସ, ବ୍ରେଡନ କାର୍ସ, ଡେଭିଡ ପେନି, ପ୍ରଫୁଲ ହିଙ୍ଗେ, ସାକିବ ହାସନ, କ୍ରେନ୍ସ ଫୁଲେଟ୍ରା, ଅମିତ କୁମାର।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ବେଙ୍ଗାଲୁରୁ ବନାମ ହାଇଦ୍ରାବାଦ**

**ସ୍ଥାନ: ବେଙ୍ଗାଲୁରୁ**

**ସମୟ: ସନ୍ଧ୍ୟା ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**



ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆଇପିଏଲ୍ ମ୍ୟାଚ ଅବସରରେ ଫାଙ୍କା ରଖାଯିବାକୁ ଥିବା ୧୧ ସିଟ୍। ଗତବର୍ଷ ଆରସିବିର ବିଜୟ ଶୋଭାଯାତ୍ରା ଅବସରରେ ଦଳାଚକଟାରେ ୧୧ ପ୍ରଶଂସକଙ୍କ ଜୀବନ ଯାଇଥିବାରୁ ଏପରି ନିଷ୍ପତ୍ତି ନିଆଯାଇଛି।

# ଗ୍ରୁପ୍ ପର୍ଯ୍ୟାୟ ମୁକାବିଲା

**ବେଙ୍ଗାଲୁରୁ, ୨୭।୩**

| ଗ୍ରୁପ୍ 'ଏ' | ଗ୍ରୁପ୍ 'ବି' |
|---|---|
| ଚେନ୍ନାଇ ସୁପର କିଙ୍ଗ୍ସ | ମୁମ୍ବାଇ ଇଣ୍ଡିଆନ୍ସ |
| କୋଲକାତା ନାଇଟ ରାଇଡର୍ସ | ସନ୍‌ରାଇଜର୍ସ ହାଇଦ୍ରାବାଦ |
| ରାଜସ୍ଥାନ ରୟାଲ୍ସ | ଗୁଜରାଟ ଟାଇଟନ୍ସ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ଦିଲ୍ଲୀ କ୍ୟାପିଟାଲ୍ସ |
| ପଞ୍ଜାବ କିଙ୍ଗ୍ସ | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ |

୨୦୨୩ ଆଇପିଏଲ୍ ଫର୍ମାଟ ଅନୁସାରେ ପୂର୍ବ ସଂସ୍କରଣର ପ୍ରଦର୍ଶନ ଭିତ୍ତିରେ ଏଥର ମଧ୍ୟ ଆଇପିଏଲ୍‌ରେ ଅଂଶଗ୍ରହଣକାରୀ ୧୦ ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଦଳଗୁଡ଼ିକ ନିଜ ଗ୍ରୁପରେ ଥିବା ଅନ୍ୟ ଦଳଗୁଡ଼ିକ ସହିତ ଗୋଟିଏ ଲେଖାଏ ଏବଂ ଗ୍ରୁପ୍ 'ବି'ରେ ଥିବା ଦଳଗୁଡ଼ିକ ବିପକ୍ଷରେ ୨ଟି ଲେଖାଏ ମ୍ୟାଚ ଖେଳିବେ। ଅର୍ଥାତ୍ ଏଥର ଗତଥରର ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଲିଗ୍ ପର୍ଯ୍ୟାୟରେ ଚେନ୍ନାଇ ସୁପର କିଙ୍ଗ୍ସ, କୋଲକାତା ନାଇଟ ରାଇଡର୍ସ, ରାଜସ୍ଥାନ ରୟାଲ୍ସ ଏବଂ ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ଗୋଟିଏ ଲେଖାଏ ମ୍ୟାଚ ଖେଳିବ। ଅନ୍ୟପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସ, ସନ୍‌ରାଇଜର୍ସ ହାଇଦ୍ରାବାଦ, ଗୁଜରାଟ ଟାଇଟନ୍ସ, ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ୨ଟି ଲେଖାଏ ମ୍ୟାଚ ଖେଳିବ। ସେହିପରି ଅନ୍ୟ ଦଳଗୁଡ଼ିକର ମ୍ୟାଚ୍ ଅନୁଷ୍ଠିତ ହେବ। ଲିଗ୍ ପର୍ଯ୍ୟାୟ ଶେଷରେ ଶ୍ରେଷ୍ଠ ୪ ଦଳ ପ୍ଲେ-ଅଫ୍‌ରେ ପ୍ରବେଶ କରିବେ।

# ଫିଟ୍‌ନେସ୍ ଟେଷ୍ଟରେ ଥୁଶରା ବିଫଳ

**କଲମ୍ବୋ, ୨୭।୩**

ଶ୍ରୀଲଙ୍କାର ନୂଆନ ଥୁଶରା ଫିଟ୍‌ନେସ ଟେଷ୍ଟରେ ବିଫଳ ହୋଇଛନ୍ତି। ତେଣୁ ସେ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦଳରେ ଯୋଗଦେବାରେ ବିଳମ୍ବ ହେବ। ପୂର୍ବରୁ ଜୋଶ୍ ହାଜେଲଉଡ୍ ଓ ଯଶ ଦୟାଲଙ୍କ ବିନା ଆରସିବି ଖେଳିବାକୁ ଯାଉଥିବାବେଳେ ଏବେ ଥୁଶରାଙ୍କ ଫିଟ୍‌ନେସ ଫଳାଫଳ ଦଳୀୟ ଶିବିରରେ ନୈରାଶ୍ୟ ଆଣିଛି। ଶ୍ରୀଲଙ୍କା କ୍ରିକେଟ ବୋର୍ଡ ପକ୍ଷରୁ ଏନ୍‌ଓସି (ନୋ-ଅବ୍‌ଜେକ୍ସନ ସାର୍ଟିଫିକେଟ ପାଇଁ) ଫିଟ୍‌ନେସ ଟେଷ୍ଟକୁ ବାଧ୍ୟତାମୂଳକ କରାଯାଇଛି। ଏଥିରେ ବିଫଳ ହୋଇଥିବାରୁ ଥୁଶରାଙ୍କୁ ଏନ୍‌ଓସି ମିଳି ପାରିନାହିଁ।

# ଶତ୍ରୁ ରାଷ୍ଟ୍ରକୁ ଖେଳାଳିଙ୍କ ଗସ୍ତ ଉପରେ ଇରାନର କଟକଣା

**ତେହେରାନ, ୨୭।୩ (ଏପି)**

ଇରାନ ଶତ୍ରୁରାଷ୍ଟ୍ର ଭାବେ ବିବେଚିତ ଦେଶଗୁଡ଼ିକୁ ଏହାର ଖେଳାଳି ଦଳ ଗସ୍ତ ଉପରେ କଟକଣା ଜାରି କରିଛି। ସାଉଦି ଆରବରେ ଟ୍ରାକ୍ଟର ଏଫ୍‌ସି ବିପକ୍ଷ ଗେମ୍ ପୂର୍ବରୁ ଇରାନ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏହା ଘୋଷଣା କରାଯାଇଛି। ତେବେ ଜୁନ୍ ୧୧ରୁ ଯୁକ୍ତରାଷ୍ଟ୍ର ଆମେରିକା, କାନାଡା ଓ ମେକ୍ସିକୋରେ ଆରମ୍ଭ ହେବାକୁଥିବା ବିଶ୍ୱକପ୍‌ରେ ଇରାନର ଅଂଶଗ୍ରହଣ ଉପରେ କୌଣସି ସୂଚନା ଦିଆଯାଇ ନାହିଁ। ଦୁବାଇର ଶାବାବ ଅଲ୍ ଅହଲି ବିପକ୍ଷ ଟ୍ରାକ୍ଟର ଗେମ୍ ସାଉଦି ଆରବରେ ଖେଳାଯିବା କାର୍ଯ୍ୟକ୍ରମ ଥିଲା। ଏହା ଏସିଆନ ଚାମ୍ପିୟନ୍ସ ଲିଗ୍ ଏଲିଟ୍‌ର ଏକ ପ୍ଲେ-ଅଫ୍ ମ୍ୟାଚ। ପରବର୍ତ୍ତୀ ନିର୍ଦ୍ଦେଶନାମା ଜାରି କରା ନ ଯିବା ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ। ବର୍ତ୍ତମାନ ପରିସ୍ଥିତିରେ ଶତ୍ରୁ ରାଷ୍ଟ୍ରଗୁଡ଼ିକ ସେମାନଙ୍କ ଖେଳାଳିଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇ ଦେଇ ପାରିବେ ନାହିଁ ବୋଲି ଇରାନ କର୍ତ୍ତୃପକ୍ଷ ମନେ କରୁଛନ୍ତି। ଇରାନ ଯୁଦ୍ଧ ଯୋଗୁ ଏହି ଦେଶର ଆଖପାଖରେ ଥିବା ମଧ୍ୟ ପ୍ରାଚ୍ୟର ପ୍ରାୟ ପ୍ରତ୍ୟେକ ଦେଶ ପ୍ରଭାବିତ ହୋଇଛନ୍ତି। କ୍ଷେପଣାସ୍ତ୍ର ହେଉ କିମ୍ବା ଡ୍ରୋନ ଅବା ବୋମାମାଡ଼ ଯୋଗୁ କ୍ଷତିଗ୍ରସ୍ତ ହୋଇଛନ୍ତି। ବୁଧବାର ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ ଡ୍ର'ର ଫଳସ୍ୱରୂପ ସାଉଦିଆରବରେ ଟ୍ରାକ୍ଟର ବିପକ୍ଷ ପ୍ଲେଅଫ୍ ଗେମ୍ ଆୟୋଜନ କରାଯାଇଛି। ଏଥିରୁ କ୍ୱାର୍ଟରଫାଇନାଲ ଯୋଡ଼ି ନିର୍ଦ୍ଧାରିତ ହେବ। ପଶ୍ଚିମାଞ୍ଚଳ ପ୍ଲେ-ଅଫ ପାଇଁ ଦିନ ଘୋଷଣାର ଦିନକ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପାଇଁ ଏହାର ଏପ୍ରିଲ ୧୩-୧୪ରେ ଜେଦାହଠାରେ ଖେଳାଯିବ ବୋଲି ପୁନର୍ନିର୍ଦ୍ଧାରିତ ହୋଇଥିଲା। ସାଉଦି ସହରରେ ଏପ୍ରିଲ ୧୬ରୁ ୨୫ ମଧ୍ୟରେ କ୍ୱାର୍ଟରଫାଇନାଲ, ସେମିଫାଇନାଲ ଏବଂ ଫାଇନାଲ ଏପ୍ରିଲ ୧୬ରୁ ୨୫ କରିବା ଲାଗି ଦିନ ଧାର୍ଯ୍ୟ କରାଯାଇଛି। ସେତେବେଳକୁ ଅଞ୍ଚଳରେ ଶାନ୍ତି ଫେରିଥିବ ବୋଲି ଆଶା କରି ଅୟୋଜକଗଣ ଏହି ଦିନ ଧାର୍ଯ୍ୟ କରିଛନ୍ତି।

# ଫର୍ମୁଲା-୧ ଗ୍ରାଁପ୍ରିରେ ଇରାନ ଯୁଦ୍ଧର ପ୍ରଭାବ

**ସୁଜୁକା, ୨୭।୩ (ଏପି)**

ରବିବାର ଜାପାନିଜ ଫର୍ମୁଲା-୧ ଗ୍ରାଁ ପ୍ରି ପରେ ବାହାରିନ ଓ ସାଉଦି ଆରବ ରେସ୍‌କୁ ସ୍ଥଗିତ ରଖାଯାଇଛି। ଫଳରେ ୫ସପ୍ତାହ ମଧ୍ୟରେ ଏହା ଶେଷ ଗ୍ରାଁପ୍ରି ହେବ। ଚଳିତ ସିଜନରେ ଅଷ୍ଟ୍ରେଲିଆ ଓ ଚାଇନା ପରେ ଜାପାନିଜ ଗ୍ରାଁ ପ୍ରି ହେଉଛି ତୃତୀୟ ରେସ୍। ଜର୍ଜ ରସେଲ ଓ କିମି ଆଣ୍ଟୋନେଲି ଯଥାକ୍ରମେ ପ୍ରଥମ ଦୁଇଟି ରେସ୍‌ରେ ବିଜୟ ଲାଭ କରିଛନ୍ତି। ଜାପାନର କେନ୍ଦ୍ରାଞ୍ଚଳରେ ଥିବା ସୁଜୁକା ସର୍କିଟରେ ମର୍ସିଡିଜ ଓ ଫେରାରିକୁ ଫେଭରିଟ୍ ମନେ କରାଯାଉଛି।

# ହାର୍ଦ୍ଦିକ, ନବନୀତ ପ୍ଲେୟର ଅଫ୍ ଦି ଇୟର

**ନୂଆଦିଲ୍ଲୀ, ୨୭।୩ (ପି.ଟି.)**

**ହକି ଇଣ୍ଡିଆ ପୁରସ୍କାର**

ଷ୍ଟାର ମିଡ୍‌ଫିଲ୍ଡର ହାର୍ଦ୍ଦିକ ସିଂ ଓ ଷ୍ଟ୍ରାଇକର ନବନୀତ କୌର ଶୁକ୍ରବାର ଯଥାକ୍ରମେ ପୁରୁଷ ଓ ମହିଳା କାଟେଗୋରୀରେ ହକି ଇଣ୍ଡିଆ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଛନ୍ତି। ରାଜଧାନୀରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଗତବର୍ଷ ଚମତ୍କାର ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବତନ ଭାରତ ଅଧିନାୟକ ତଥା ୧୯୮୦ ମସ୍କୋ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଦଳର ଜଣେ ଅନ୍ୟତମ ସଦସ୍ୟ ଜାଫର ଇକ୍‌ବାଲଙ୍କୁ ମେଜର ଧ୍ୟାନଚାନ୍ଦ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୨୦୨୫ ବର୍ଷ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ହାର୍ଦ୍ଦିକ ଓ ନବନୀତ ପ୍ରତ୍ୟେକଙ୍କୁ ୨୦ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ବ୍ୟତୀତ ସମ୍ମାନଜନକ ବଲ୍‌ବୀର ସିଂ ସିନିୟର ପୁରସ୍କାର ସହ ସମ୍ମାନିତ କରାଯାଇଥିଲା। ଭାରତୀୟ ହକି ପ୍ରତି ଅବଦାନ ପାଇଁ ଇକ୍‌ବାଲଙ୍କୁ ୨୫ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ମିଳିଥିଲା। ସେ ୧୯୭୮ ଓ ୧୯୮୨ ଏସିଆନ ଗେମ୍ସରେ ଦୁଇ ରୌପ୍ୟ ଏବଂ ୧୯୮୨ଚାମ୍ପିୟନ୍ସ ଟ୍ରଫିରେ ସେ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ବର୍ଷର ଶ୍ରେଷ୍ଠ ମିଡ୍‌ଫିଲ୍ଡର ଭାବେ ସଞ୍ଜୟଙ୍କୁ ହକି ଇଣ୍ଡିଆ ଅଜିତ ପାଲ୍ ସିଂ ଆୱାର୍ଡ ଏବଂ ବର୍ଷର ଶ୍ରେଷ୍ଠ ଫରୱାର୍ଡ ଭାବେ ସୁଖଜିତ ସିଂ ଧନରାଜ ପିଲେ ଆୱାର୍ଡରେ ସମ୍ମାନିତ ହୋଇଛନ୍ତି। ଉଭୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ମିଳିଛି। ୨୧ ବର୍ଷରୁ କମ୍ ମହିଳା ବିଭାଗରେ ଅପ୍‌କମିଂ ପ୍ଲେୟର ଅଫ୍ ଦି ଇୟର ଭାବେ ସାକ୍ଷୀ ରାଣା ହକି ଇଣ୍ଡିଆ ଅସୁନ୍ତା ଲାକ୍ରା ପୁରସ୍କାର ଜିତିଛନ୍ତି। ଏହି କାଟେଗୋରି ପୁରୁଷ ବିଭାଗରେ ଯୁବ ଗୋଲ୍‌କିପର ପ୍ରିନ୍ସ ଦୀପ ସିଂ ଯୁଗରାଜ ସିଂ ଆୱାର୍ଡ ଜିତିଛନ୍ତି। ପ୍ରିନ୍ସ ଦୀପ ଗତବର୍ଷ ଜୁନିୟର ବିଶ୍ୱକପ୍ ବ୍ରୋଞ୍ଜ ବିଜେତା ଦଳର ଜଣେ ପ୍ରମୁଖ ସଦସ୍ୟ ଥିଲେ। ଉଭୟରେ ୧୦ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ଲାଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ତାଙ୍କ ଡେପୁଟି ରକ୍ଷା ଖଡ୍‌ସେ ଏବଂ ହକି ଇଣ୍ଡିଆ ଅଫିସିଆଲ ଉପସ୍ଥିତ ଥିଲେ।



ହକି ଇଣ୍ଡିଆ ପୁରସ୍କାର ଗ୍ରହଣ ଅବସରରେ ମିଡ୍‌ଫିଲ୍ଡର ହାର୍ଦ୍ଦିକ ସିଂ ଓ ଷ୍ଟ୍ରାଇକର ନବନୀତ କୌର।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ